# ଧରିତ୍ରୀ
DHARITRI

ପୃଷ୍ଠା–୧୪+୪

ଭୁବନେଶ୍ୱର, ମଙ୍ଗଳବାର, ମେ ୭/୨୦୨୪ (୧୪+୪=୧୮ ପୃଷ୍ଠା) | Bhubaneswar, Tuesday, May 7/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୧୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 162 | ମୂଲ୍ୟ ₹୭/-




**ଏନ୍‌ସୁବୁଗା ସବୁଠାରୁ ବୟସ୍କ ଖେଳାଳି**

ଟି୨୦ କ୍ରିକେଟ ବିଶ୍ୱକପ୍‌ର ସବୁଠାରୁ ବୟସ୍କ ଖେଳାଳି ହେଉଛନ୍ତି ଉଗାଣ୍ଡାର ଅଫ୍ ସ୍ପିନର ଫ୍ରାଙ୍କ୍ ଏନ୍‌ସୁବୁଗା।

୧୨

୦୨

**ରାଗିଲେ କରନ୍ ଜୋହର**

ଏକ ରିୟଲିଟି କମେଡି ଶୋ’ରେ ତାଙ୍କୁ ନେଇ ହୋଇଥିବା ମିମିକ୍ରିକୁ ଫିଲ୍ମ ନିର୍ମାତା କରନ୍ ଜୋହର ନାପସନ୍ଦ କରି ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଉଲ୍ଲେଖ କରିଛନ୍ତି।





ଦେଶରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ଥିବାବେଳେ ଗୁଆହାଟୀରେ ସୋମବାର ମହିଳା ପୋଲିଂ ଅଫିସରମାନେ ବୁଥ୍‌କୁ ଯାଉଛନ୍ତି।

### ଆଇସିଏସ୍‌ଇ ଦଶମ, ଆଇଏସ୍‌ସି ଦ୍ୱାଦଶ ଫଳ ପ୍ରକାଶ

# ଓଡ଼ିଶାର ପାସ୍‌ହାର ୯୯ ପ୍ରତିଶତ

ଭୁବନେଶ୍ୱର,୬।୫(ଅସମାପିକା ସାହୁ)

କାଉନ୍‌ସିଲ୍ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ଏବଂ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଦେଶରେ ଦଶମ ପାସ୍‌ହାର ୯୯.୪୭% ଥିବା ବେଳେ ଦ୍ୱାଦଶରେ ୯୮.୧୯% ରହିଛି। ତେବେ ଓଡ଼ିଶାରେ ଦଶମ ପାସ୍‌ହାର ୯୯.୦୮% ଓ ଦ୍ୱାଦଶରେ ୯୮.୯୦% ରହିଛି। ଚଳିତବର୍ଷ ସାରା ଦେଶରୁ ମୋଟ ୨.୪୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଦଶମ ଓ ୯୯,୯୦୧ଜଣ ଦ୍ୱାଦଶ ପରୀକ୍ଷା ଦେଇଥିଲେ। ଉଭୟ ପରୀକ୍ଷାରେ ଛାତ୍ରୀମାନେ ଆଗୁଆ ରହିଛନ୍ତି। ଦଶମରେ ଛାତ୍ରୀଙ୍କ ପାସ୍‌ହାର ୯୯.୬୫% ଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୯.୩୧% ରହିଛି। ସେହିଭଳି ଦ୍ୱାଦଶରେ ଛାତ୍ରୀଙ୍କ ପାସ୍‌ହାର ୯୮.୯୨% ଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୭.୫୩% ରହିଛି। ସେହିପରି ଦେଶରେ ମୋଟ ୨,୬୯୫ଟି ସ୍କୁଲ୍‌ର ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବାବେଳେ ୮୨.୪୮% (୨,୨୨୩) ସ୍କୁଲ ଶତପ୍ରତିଶତ ରେଜଲ୍ଟ କରିଛନ୍ତି। ସେହିଭଳି ଦ୍ୱାଦଶରେ ୧,୩୬୬ ସ୍କୁଲ ମଧ୍ୟରୁ ୯୦୪ ଅର୍ଥାତ୍ ୬୬.୧୮% ସ୍କୁଲ ଶତପ୍ରତିଶତ ରେଜଲ୍ଟ କରିଛନ୍ତି। ଦଶମରେ ପଶ୍ଚିମ ରିଜିୟନ୍‌ରେ ସର୍ବାଧିକ ୯୯.୯୧% ପାସ୍‌ହାର ରହିଥିବାବେଳେ ଦ୍ୱାଦଶରେ ଦକ୍ଷିଣ ରିଜିୟନରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

କାନାଡ଼ାରେ ଶିଖ୍


SIKSHA ‘O’ ANUSANDHAN

SAAT-2024

Empowering students for a brighter future

VETERINARY & AGRICULTURE UG PROGRAMMES
- Bachelor of Veterinary Science and Animal Husbandry (B.V.Sc. & A.H.)
- B.Sc. (H) Agriculture

APPROVAL & RECOGNITIONS
- Approved by UGC & VCI
- Re-accredited by NAAC with A++ Grade
- Accredited by ICAR
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 16th Best in Medical Category
- 09th Best in Dental Category

To apply for admission through SAAT, Please visit: www.soa.ac.in


# ଜୁନ୍ ୪ ବିଜେଡିର ଏକ୍ସପାଏରି ଡେଟ୍: ମୋଦି

ଭୁବନେଶ୍ୱର, ୬।୫(ସୁନିତ୍ ମିଶ୍ର)



୨୦୨୪ ଜୁନ୍ ୪ ହେଉଛି ବିଜେଡିର ଏକ୍ସପାଏରି ଡେଟ୍। ଓଡ଼ିଶାରେ ଭାଜପା ଏଥର ସରକାର ଗଠନ କରିବ। ଜୁନ୍ ୧୦ ତାରିଖରେ ଭାଜପା ମୁଖ୍ୟମନ୍ତ୍ରୀ ଏଠାରେ ଶପଥ ନେବେ। ଆଜି ହେଉଛି ମେ ୬ ତାରିଖ। ଜୁନ୍ ୬ରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ହେବ ବୋଲି ଦମ୍ଭୋକ୍ତି କରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରବିବାରଠାରୁ ୨ଦିନିଆ ଓଡ଼ିଶା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ସୋମବାର ବ୍ରହ୍ମପୁର ଏବଂ ନବରଙ୍ଗପୁର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ବିଜେଡି ସରକାରଙ୍କୁ ଟାର୍ଗେଟ କରି ଏଭଳି କହିଛନ୍ତି। ଓଡ଼ିଶାକୁ କେନ୍ଦ୍ର କେବଳ ଅର୍ଥ ଦେଲେ ଚଳିବ ନାହିଁ ବରଂ ଏଠାରେ ଭାଜପା ସରକାର ହେଲେ ରାଜ୍ୟର ବିକାଶ ଦ୍ରୁତ ଭାବେ ହେବ। ବିଜେଡି ସରକାର ସମୟରେ ରାଜ୍ୟରେ ଦୁର୍ନୀତି ବଢ଼ିଯାଇଛି। ☞ପୃଷ୍ଠା–୪

# ଭାଜପା ଦିନରେ ସ୍ୱପ୍ନ ଦେଖୁଛି: ନବୀନ

ଭୁବନେଶ୍ୱର, ୬।୫(ଅନିଲ ଦାସ)



ରାଜ୍ୟରେ ସରକାର ଗଢ଼ିବା ନେଇ ଭାଜପା ଓ ବିଜେଡି ମଧ୍ୟରେ ବୟାନବାଜି ଜୋରଦାର ହୋଇଛି। ଉଭୟ ଦଳ ସରକାର ଗଢ଼ିବା ନେଇ ତାରିଖ ମଧ୍ୟ ଘୋଷଣା କରିଛନ୍ତି। ଜୁନ୍ ୪ ତାରିଖରେ ବିଜେଡି ସରକାର ଏକ୍ସପାଏରି ହେବ ଓ ୧୦ ତାରିଖରେ ଭାଜପାର ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ ବୋଲି ସୋମବାର ବ୍ରହ୍ମପୁରର କନିଷ୍ଠିଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କଡ଼ା ଜବାବ ଦେଇଛନ୍ତି। ଭବାନୀପାଟଣା ସଭା ପରେ ବିମାନରେ ଖଡିଆଳ ଗସ୍ତ କରୁଥିବାବେଳେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ଯେ, ଭାଜପା ନେତୃମଣ୍ଡଳୀ ତାଙ୍କ ନିର୍ବାଚନୀ ଅଭିଭାଷଣରେ କହିଛନ୍ତି, ଓଡ଼ିଶାରେ ଜୁନ୍ ୧୦ରେ ଭାଜପା ସରକାର ଗଢ଼ିବ। ଏହାର ଜବାବରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବହୁ ଦିନ ହେଲା ଭାଜପା ଦିନରେ ସ୍ୱପ୍ନ ଦେଖୁଛି। ☞ପୃଷ୍ଠା–୪

# କେଜ୍‌ରିୱାଲଙ୍କ ବିରୋଧରେ ଏନ୍‌ଆଇଏ ତଦନ୍ତ ସୁପାରିସ

ନୂଆଦିଲ୍ଲୀ,୬।୫(ପି.ଟି.)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ‘ଶିଖ୍ସ ଫର୍ ଜଷ୍ଟିସ୍’ରୁ ରାଜନୈତିକ ଚାନ୍ଦା ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କେଜ୍‌ରିୱାଲଙ୍କ ବିରୋଧରେ ତଦନ୍ତ କରିବାକୁ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ସୁପାରିସ କରିଛନ୍ତି। ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲ ମାର୍ଚ୍ଚ ୨୧ରେ ଗିରଫ ହୋଇ ଜେଲରେ ଥିବାବେଳେ ସୁପ୍ରିମକୋର୍ଟରୁ ତାଙ୍କୁ ଜାମିନ ମିଳିବ ବୋଲି ଆଶା କରାଯାଉଥିଲା। ତେବେ ସର୍ବୋଚ୍ଚ ଅଦାଲତଙ୍କ ଶୁଣାଣି ପୂର୍ବରୁ ଏନ୍‌ଆଇଏ ତଦନ୍ତ ସୁପାରିସ ତାଙ୍କ ଅଡୁଆ ବଢ଼ାଇ ଦେଇଛି। ଲୋକ ସଭା ନିର୍ବାଚନ ଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ଆପ୍ ନେତାଙ୍କ ଅନ୍ତରୀଣ ଜାମିନ ପ୍ରଦାନ ଉପରେ ବିଚାର କରାଯିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ୭ ତାରିଖରେ ପରବର୍ତ୍ତୀ ଶୁଣାଣି ରହିଥିଲା। ଏନ୍‌ଆଇଏ ତଦନ୍ତ ସୁପାରିସ ଭାଜପା ତରଫରୁ ଆଉ ଏକ ଷଡ଼ଯନ୍ତ୍ର ବୋଲି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଅଭିଯୋଗ କରିଛି।



ଅରବିନ୍ଦ କେଜ୍‌ରିୱାଲ

ସ୍ୱରାଷ୍ଟ୍ର ସଚିବଙ୍କୁ ଲେଖିଥିବା ପତ୍ରରେ ସାକ୍ସେନା ଦର୍ଶାଇଛନ୍ତି, ଦେବେନ୍ଦ୍ର ପାଲ୍ ଭୁଲ୍ଲାରଙ୍କୁ ମୁକ୍ତ କରିଦେବାରେ ସହାୟତା ପାଇଁ କେଜ୍‌ରିୱାଲଙ୍କ ଦଳ ଖଲିସ୍ତାନୀ ସଂଗଠନଠାରୁ ୧୬ ନିୟୁତ ଡଲାର ପାଇଥିବା ନେଇ ସେ ଏକ ଅଭିଯୋଗ ପାଇଥିଲେ। ୧୯୯୩ରେ ଦିଲ୍ଲୀ ବୋମା ବିସ୍ଫୋରଣରେ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଦୋଷୀସାବ୍ୟସ୍ତ ଭୁଲ୍ଲାର ଏବେ ଅମୃତସର କେନ୍ଦ୍ରୀୟ ଜେଲରେ ରହିଛନ୍ତି। ୨୦୦୧ ଅଗଷ୍ଟ ୨୫ରେ ଟାଡା କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ପରେ ସୁପ୍ରିମକୋର୍ଟ ଏହାକୁ କୋହଳ କରି ଆଜୀବନ ଜେଲ ଦଣ୍ଡାଦେଶରେ ପରିବର୍ତ୍ତନ କରିଥିଲେ। ଅଭିଯୋଗ ସମ୍ପର୍କିତ ଇଲେକ୍ଟ୍ରୋନିକ୍ ତଥ୍ୟ ପ୍ରମାଣର ଫୋରେନ୍‌ସିକ ଯାଞ୍ଚ ସହ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାକ୍ସେନା ପତ୍ରରେ ଉଲ୍ଲେଖ କରିଥିବା ରାଜ ନିବାସ ସୂତ୍ରରୁ ଜଣାପଡ଼ିଛି। ଖଲିସ୍ତାନୀ ଆତଙ୍କବାଦୀ ଗୁରପଟୱନ୍ତ ସିଂ ପନ୍ନୁନ୍ ଛାଡ଼ିଥିବା ଏକ ଭିଡିଓକୁ ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ପ୍ରମାଣ ଭାବେ ଦର୍ଶାଇଛନ୍ତି। ଖଲିସ୍ତାନୀ ସଂଗଠନଠାରୁ ଆପ୍ ୨୦୧୪ରୁ ୨୦୨୨ ମଧ୍ୟରେ ୧୬ ନିୟୁତ ଡଲାର ଚାନ୍ଦା ଗ୍ରହଣ କରିଥିବା ଉକ୍ତ ☞ପୃଷ୍ଠା–୪

# ସହାୟକଙ୍କ ଘରୁ ୩୦ କୋଟି ଜବତ

## ଝାଡ଼ଖଣ୍ଡ ମନ୍ତ୍ରୀଙ୍କ ସଚିବଙ୍କ ଘରେ କାମ କରୁଥିଲେ

ରାଞ୍ଚି,୬।୫

ଝାଡ଼ଖଣ୍ଡର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀ ଆଲମଗିର ଆଲମଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବ ଲାଲ୍‌ଙ୍କ ଘରୋଇ ସହାୟକଙ୍କ ଘରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ନଗଦ ୩୦ କୋଟି ଟଙ୍କା ଜବତ କରିଛି। ୬ଟି କ୍ୟାଶ କାଉଣ୍ଟିଂ ମେସିନ୍‌ରେ ଟଙ୍କା ଗଣିବା ପାଇଁ ଇଡି କର୍ମଚାରୀମାନଙ୍କୁ ୧୨ ଘଣ୍ଟା ଲାଗିଥିଲା। ଘରୋଇ ସହାୟକ ଜାହାଙ୍ଗୀରଙ୍କ ଘରୁ ଟଙ୍କାର ପାହାଡ଼ ଠାବ ହୋଇଛି। ଗ୍ରାମାଞ୍ଚଳ ବିକାଶ ବିଭାଗର ପୂର୍ବତନ ମୁଖ୍ୟଯନ୍ତ୍ରୀ



ସଞ୍ଜୀବ ଲାଲ୍‌ଙ୍କ ଘରୋଇ ସହାୟକଙ୍କ ଘରୁ ସୋମବାର ଜବତ ନଗଦ ଟଙ୍କା।

ବୀରେନ୍ଦ୍ର ରାମଙ୍କ ୬ଟି ସ୍ଥାନରେ ଥିବା ଘର ଉପରେ ଇଡି ଚଢ଼ାଉ ଚଳାଇଥିବାବେଳେ ଜାହାଙ୍ଗୀରଙ୍କ ଘରେ ତଲାସି ନିଆଯାଇଥିଲା। ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ☞ପୃଷ୍ଠା–୪

# କାଳବୈଶାଖୀ: ଅଧଘଣ୍ଟା ଆକାଶରେ ଉଡ଼ିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

ଭୁବନେଶ୍ୱର,୬।୫(ଅନିଲଦାସ)

କାଳବୈଶାଖୀଜନିତ ପ୍ରବଳ ପବନ ଓ ବର୍ଷା ଯୋଗୁ ସୋମବାର ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହେଲିକପ୍ଟର ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିପାରି ନ ଥିଲା। ଭୁବନେଶ୍ୱର ଆକାଶରେ ଅଧଘଣ୍ଟା ଉଡ଼ିଥିଲା । ଏହା ପରେ ଝାରସୁଗୁଡ଼ା ବିମାନବନ୍ଦରରେ ହେଲିକପ୍ଟର ଜରୁରୀ ଅବତରଣ କରିଥିଲା। ମୁଖ୍ୟମନ୍ତ୍ରୀ ଓ କାର୍ତ୍ତିକ ପାଣ୍ଡିଆନ ସୁରକ୍ଷିତ ଅଛନ୍ତି।

ସୋମବାର ନିର୍ବାଚନୀ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଜିଲା ଖଡ଼ିଆଳ ଯାଇଥିଲେ। ପ୍ରଚାର ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଧାରିତ ସମୟରେ ଖଡ଼ିଆଳରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ଅପରାହ୍ଣ ପ୍ରାୟ ୩ଟାରୁ ସାଢ଼େ ୩ଟା ମଧ୍ୟରେ ହେଲିକପ୍ଟର ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ଆକାଶ ମାର୍ଗରେ ପହଞ୍ଚିଥିଲା। ଠିକ୍ ସେହି ସମୟରେ କାଳବୈଶାଖୀ ପବନ ଖୁବ୍ ଜୋରରେ ବହିଥିଲା। ଏଥିଯୋଗୁ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ବିମାନବନ୍ଦରରେ ଓହ୍ଲାଇ ପାରି ନ ଥିଲା। ଅଧଘଣ୍ଟାଏରୁ ଅଧିକ ସମୟ ହେଲିକପ୍ଟର ଭୁବନେଶ୍ୱରର ଆକାଶ ମାର୍ଗରେ ଚକ୍କର କାଟିଥିଲା। ପରେ ହେଲିକପ୍ଟରଟି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ☞ପୃଷ୍ଠା–୪




## ସଂକ୍ଷେପରେ

### ନଡ୍ଡା, ମାଲବ୍ୟଙ୍କ ନାଁରେ ମାମଲା

ବେଙ୍ଗାଲୁରୁ,୬।୫

ଭାଜପା ସାମ୍ପ୍ରଦାୟିକ ଘୃଣା ଏବଂ ଶତ୍ରୁତାକୁ ଉସୁକାଉଥିବା ନେଇ କର୍ନାଟକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ କଂଗ୍ରେସ ଅଭିଯୋଗ କରିବା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ଦଳର କର୍ନାଟକ ସଭାପତି ବି.ୱାଇ. ବିଜୟେନ୍ଦ୍ର ଏବଂ ଦଳର ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଛି। କର୍ନାଟକ ଭାଜପାର ଏକ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା, ଯେଉଁଥିରେ କଂଗ୍ରେସ ମୁସଲମାନମାନଙ୍କୁ ଅଧିକ ପାଣ୍ଠି ଦେଇଥିବା ଅଭିଯୋଗ ହୋଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟା ମୁସଲମାନଙ୍କୁ ଅଧିକ ପାଣ୍ଠି ଯୋଗାଇଦେଉଥିବା ଆନିମେଟେଡ୍ ଭିଡିଓରେ କୁହାଯାଇଥିଲା।

### ୬ ବର୍ଷର ପୁଅକୁ କୁମ୍ଭୀରଭର୍ତ୍ତି ନଦୀରେ ଫିଙ୍ଗିଦେଲେ ମା’

ବେଙ୍ଗାଲୁରୁ,୬।୫

ଉତ୍ତର କର୍ନାଟକରେ ଜଣେ ୨୬ ବର୍ଷୀୟା ମାଆ ତାଙ୍କର ୬ ବର୍ଷର ମୂକ ପୁଅକୁ କୁମ୍ଭୀର ଥିବା ନଦୀ ମଧ୍ୟକୁ ଫିଙ୍ଗିଦେବାରୁ ଶିଶୁଟିର ମୃତ୍ୟୁ ଘଟିଛି। ସ୍ୱାମୀଙ୍କ ସହ ଝଗଡ଼ାରୁ ଉତ୍ୟକ୍ତ ହୋଇ ସ୍ତ୍ରୀ ସାବିତ୍ରୀ ଏଭଳି କାର୍ଯ୍ୟ କରିଥିବା ପୋଲିସ କହିଛି। ୨ ବର୍ଷର ଆଉ ଏକ ପୁଅ ଥିବା ଏହି ଦମ୍ପତିଙ୍କର ବଡ଼ପୁଅର ମୂକ ଅବସ୍ଥାକୁ ନେଇ ବାରମ୍ବାର ଝଗଡ଼ା ହେଉଥିଲା। ଏଭଳି ଏକ ଭିନ୍ନକ୍ଷମ ପୁଅ ଜନ୍ମ ପାଇଁ ସାବିତ୍ରୀଙ୍କ ନିଷ୍ପତ୍ତି ଉପରେ ସ୍ୱାମୀ ରବିକୁମାର ପ୍ରଶ୍ନ ଉଠାଉଥିଲେ ଏବଂ ଛୁଆକୁ ଫିଙ୍ଗିଦିଅ ବୋଲି ଅନେକ ସମୟରେ କହୁଥିଲେ। ଶନିବାର ସନ୍ଧ୍ୟାରେ ସେମାନଙ୍କ ମଧ୍ୟରେ ପୁନର୍ବାର ଝଗଡ଼ା ହୋଇଥିଲା ଏବଂ ଉତ୍ୟକ୍ତ ହୋଇ ସାବିତ୍ରୀ ବଡ଼ପୁଅକୁ କୁମ୍ଭୀରଭର୍ତ୍ତି କାଳୀ ନଦୀକୁ ଫିଙ୍ଗିଦେଇଥିଲେ।

### ସମୁଦ୍ରରେ ବୁଡ଼ି ୫ ଡାକ୍ତରୀ ଛାତ୍ରୀଛାତ୍ର ମୃତ

ଚେନ୍ନାଇ , ୬।୫

ତାମିଲନାଡୁର କନ୍ୟାକୁମାରୀ ଉପକୂଳ ଲେମୁର ବେଳାଭୂମିରେ ସୋମବାର ୨ ଜଣ ଡାକ୍ତରୀ ଛାତ୍ରୀ ଓ ୩ ଜଣ ଡାକ୍ତରୀ ଛାତ୍ର ସମୁଦ୍ରରେ ବୁଡ଼ି ପ୍ରାଣ ହରାଇଛନ୍ତି। ଲେମୁର ବେଳାଭୂମିରେ ସମୁଦ୍ର ଅଶାନ୍ତ ଥିବାରୁ ଏହା ଏବେ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିଛି। ଏହାସତ୍ତ୍ୱେ ମଧ୍ୟ କିପରି ଏହି ଛାତ୍ରୀଛାତ୍ର ସେଠାରେ ପହଞ୍ଚିଲେ ସେନେଇ ତଦନ୍ତ ଚାଲିଥିବା କନ୍ୟାକୁମାରୀ ଏସ୍‌ପି ଇ ସୁନ୍ଦରୂଥାନମ ସୂଚନା ଦେଇଛନ୍ତି। ସମସ୍ତ ମୃତକ ଛାତ୍ରୀଛାତ୍ର ତିରୁଚିରାପଲ୍ଲୀସ୍ଥିତ ଏସ୍‌ଆରଏମ ମେଡିକାଲ କଲେଜରେ ଶେଷ ବର୍ଷରେ ଅଧ୍ୟୟନ କରୁଥିଲେ। ଜଣେ ଛାତ୍ରଙ୍କ ସମ୍ପର୍କୀୟଙ୍କ ବିବାହରେ ଯୋଗଦେବାକୁ ସେମାନେ କନ୍ୟାକୁମାରୀ ଆସିଥିଲେ। ତେବେ ମୃତକଙ୍କ ମଧ୍ୟରୁ ୪ ଜଣ ତାମିଲନାଡୁର ହୋଇଥିବା ବେଳେ ଜଣେ ଆନ୍ଧ୍ରପ୍ରଦେଶର ହୋଇଥିବା ସୂଚନା ମିଳିଛି।

## ବଡ଼ ଆକ୍ରମଣ ଯୋଜନା

# ରାଫାହ ଖାଲି କଲା ଇସ୍ରାଏଲ୍



ରାଫାହ ଖାଲି କରିବାକୁ ଇସ୍ରାଏଲ୍ ସେନାର ନିର୍ଦ୍ଦେଶ ପରେ ଲୋକେ ସେମାନଙ୍କ ଜିନିଷପତ୍ର ନେଇ ପଳାୟନ କରୁଛନ୍ତି।

ଜେରୁଜେଲମ୍,୬।୫

ଗାଜାର ଦକ୍ଷିଣ ଭାଗରେ ଥିବା ରାଫାହ ସହରରୁ ୧ ଲକ୍ଷ ପାଲେଷ୍ଟିନୀୟଙ୍କୁ ଖାଲି କରିବା ପାଇଁ ଇସ୍ରାଏଲୀ ସେନା ନିର୍ଦ୍ଦେଶ ଦେବା ପରେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଉକ୍ତ ଅଞ୍ଚଳରେ ଇସ୍ରାଏଲ ଦୀର୍ଘମିଆଦୀ ସ୍ଥଳଯୁଦ୍ଧ ଚଳାଇବାକୁ ଯାଉଥିବାର ସଙ୍କେତ ମିଳିଛି। ଫଳରେ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥ ଦେଶ ପକ୍ଷରୁ ଚାଲିଥିବା ଉଦ୍ୟମ ଫଳପ୍ରଦ ହେବା ନେଇ ଆଶଙ୍କା ଦେଇଦେଇଛି। ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ ଆରମ୍ଭ କରିବା ପରେ ରାଫାହରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଆଶ୍ରୟ ନେଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଯୁଦ୍ଧରେ ନିହତ ହୋଇଥିବା ଆଶଙ୍କା କରାଯାଉଛି। ପାଲେଷ୍ଟିନୀୟ ଶରଣାର୍ଥୀମାନଙ୍କୁ ସେବା ଯୋଗାଉଥିବା ଜାତିସଂଘ ସଂସ୍ଥା ଇସ୍ରାଏଲ୍‌ର ବିସ୍ଥାପନ ନିର୍ଦ୍ଦେଶକୁ ପାଳନ କରିବ ନାହିଁ ବୋଲି କହିଛି। ଅନ୍ୟପକ୍ଷରେ ଇସ୍ରାଏଲ୍‌ର କହିବା କଥା ହେଲା ୭ ମାସର ଆକ୍ରମଣ ପରେ ରାଫାହ ହମାସ ଆତଙ୍କବାଦୀଙ୍କ ନିରାପଦ ଆଡ୍ଡାରେ ପରିଣତ ହୋଇଛି। ଏହି ଆତଙ୍କବାଦୀ ଗୋଷ୍ଠୀକୁ ନିପାତ କରିବାକୁ ହେଲେ ସ୍ଥଳ ଆକ୍ରମଣ ଜରୁରୀ ବୋଲି ଇସ୍ରାଏଲୀ ସେନା କହିଛି। ଇଜିପ୍ଟ ସୀମାକୁ ଲାଗିଥିବା ରାଫାହରେ ଇସ୍ରାଏଲ୍‌ର ଆକ୍ରମଣକୁ ନେଇ ହମାସ ଏବଂ ଯୁଦ୍ଧବିରତି ଉଦ୍ୟମରେ ମୁଖ୍ୟ ମଧ୍ୟସ୍ଥ ଭୂମିକା ତୁଲାଉଥିବା କାତାର ପକ୍ଷରୁ ଚେତାବନୀ ଦିଆଯାଇଛି। ଅସ୍ତ୍ରବିରତି ଉଦ୍ୟମ ପାଇଁ ଅନ୍ତର୍ଜାତୀୟ ମଧ୍ୟସ୍ଥମାନଙ୍କ ଉଦ୍ୟମକୁ ଏଡ଼ାଇଯିବା ପାଇଁ ଇସ୍ରାଏଲ୍ ଆକ୍ରମଣକୁ ଜୋର୍‌ଦାର କରିବାକୁ ଯୋଜନା କରୁଥିବା କୁହାଯାଉଛି। ଏକ ସୀମିତ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚାଲିଥିବା ଇସ୍ରାଏଲ୍ ସେନା ମୁଖପାତ୍ର ଲ୍ୟୁଟ୍‌ନାଣ୍ଟ କନୋନେଲ ନାଡାଭ ଶୋଶାନି କହିଛନ୍ତି। ତେବେ କେତେବେଳେ ବଡ଼ ଆକ୍ରମଣ ଆରମ୍ଭ ହେବ କୁହାଯାଇପାରିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ରାଫାହରେ ଆକ୍ରମଣ ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଆମେରିକା ପ୍ରତିପକ୍ଷ ଲୟଡ୍ ଅଷ୍ଟିନ୍‌ଙ୍କୁ କହିଛନ୍ତି। ରବିବାର ରାଫାହରୁ ହମାସ୍ ଆତଙ୍କବାଦୀ ରକେଟ ଆକ୍ରମଣ କରିବାରୁ ଇସ୍ରାଏଲ୍‌ର ୪ ସୈନ୍ୟ ନିହତ ହୋଇଥିଲେ।

### ଇସ୍ରାଏଲ୍ ସେନା ଘାଟି ଉପରେ ହେଜବୁଲ୍ଲାର ଡ୍ରୋନ୍ ଆକ୍ରମଣ

ବିରୁଟ୍/ଜେରୁଜେଲମ୍,୬।୫

ଇସ୍ରାଏଲ୍‌ର ଉତ୍ତର ଭାଗରେ ଥିବା ମେଟୁଲା ସହର ଅନ୍ତର୍ଗତ ଏକ ସେନା ଘାଟି ଉପରେ ହେଜବୁଲ୍ଲା ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଛି। ଆକ୍ରମଣରେ କେହି ମୃତାହତ ହୋଇଥିବା କଥା ଇସ୍ରାଏଲ ସେନା ସ୍ପଷ୍ଟ କରିନାହିଁ। ଲେବାନନ ଅତିକ୍ରମ କରି ଏକ ଡ୍ରୋନ୍ ମେଟୁଲା ଅଞ୍ଚଳରେ ମାଡ଼ ହୋଇଥିଲା ବୋଲି ସେନା କହିଛି। ଅନ୍ୟପକ୍ଷରେ ଆକ୍ରମଣରେ ୨ ଜଣ ଗୁରୁତର ହୋଇଥିବା ଇସ୍ରାଏଲୀ ଗଣମାଧ୍ୟମରେ କୁହାଯାଇଛି। ଇସ୍ରାଏଲ୍ ସୀମାରେ ଥିବା ଏହାର ମିଲିଟାରୀ ଟାର୍ଗେଟଗୁଡ଼ିକୁ ଲକ୍ଷ୍ୟ କରି ଡଜନେ ରକେଟ ଛଡ଼ାଯାଇଥିବା ଇରାନ ସମର୍ଥିତ ହେଜବୁଲ୍ଲା ଦାବି କରିଛି। ଗାଜାର ପାଲେଷ୍ଟିନୀୟମାନଙ୍କ ସମର୍ଥନରେ ଇସ୍‌ଲାମିକ ରେଜିଷ୍ଟାନ୍ସ ପକ୍ଷରୁ ସୋମବାର ଡ୍ରୋନ ଆକ୍ରମଣ ହୋଇଥିବା ହେଜବୁଲ୍ଲା ସାମରିକ ମିଡିଆ ପକ୍ଷରୁ ଘୋଷଣା କରାଯାଇଛି। ଏଥିରେ ଇସ୍ରାଏଲ୍ ସେନା ଘାଟିର ବହୁ କ୍ଷୟକ୍ଷତି ହୋଇଥିବା ହେଜବୁଲ୍ଲା ଦାବି କରିଛି।



### ଆଜି ମହାକାଶ ଯିବେ ସୁନୀତା ୱିଲିୟମ୍ସ



ୱାଶିଂଟନ,୬।୫(ପି.ଟି.)

ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ ସୁନୀତା ୱିଲିୟମ୍ସ ମଙ୍ଗଳବାର ତୃତୀୟ ଥର ପାଇଁ ମହାକାଶ ଯାତ୍ରା କରିବେ। ମହାକାଶଚାରୀଙ୍କୁ ନେଇ ବୋଇଂର ଷ୍ଟାର୍‌ଲାଇନ ମହାକାଶ ଯାନ ପରୀକ୍ଷାମୂଳକ ଅଭିଯାନରେ ଯାଉଥିବାବେଳେ ସୁନୀତା ଏହାକୁ ପାଇଲଟିଂ କରିବେ। ଫ୍ଲୋରିଡ଼ାର କେପ୍ କାନାଭେରାଲରୁ ଏହି ମହାକାଶ ଯାନକୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଅଭିମୁଖେ ଛଡ଼ାଯିବ। ସୁନୀତାଙ୍କ ସହ ବୁଚ୍ ୱିଲ୍‌ମୋର ସ୍ପେସ୍ ଷ୍ଟେଶନକୁ ଯାଉଛନ୍ତି।

### ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

ମେଲବୋର୍ନ, ୬।୫

ଅଷ୍ଟ୍ରେଲିଆର ମେଲବୋର୍ନରେ ଭାରତୀୟ ଛାତ୍ର ନବଜିତ ସାନ୍ଧୁଙ୍କର ଛୁରାମାଡ଼ରେ ମୃତ୍ୟୁ ଘଟିଛି। ଏନେଇ ମେଲବର୍ନରେ ରହୁଥିବା ନବଜିତଙ୍କ ଜଣେ ସମ୍ପର୍କୀୟ ଯଶବୀର ସୂଚନା ଦେଇଛନ୍ତି। ଏକ ଭଡ଼ାଜନିତ ପ୍ରସଙ୍ଗକୁ କେନ୍ଦ୍ର କରି କିଛି ଭାରତୀୟ ଛାତ୍ରଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ନବଜିତ୍ ଏହି ବିବାଦରେ ହସ୍ତକ୍ଷେପ କରିବାକୁ ପ୍ରୟାସ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅନ୍ୟଜଣେ ଭାରତୀୟ ଛାତ୍ର ନବଜିତଙ୍କୁ ଛୁରାମାଡ଼ କରି ତାଙ୍କୁ ହତ୍ୟା କରିଥିଲେ। ଏହି ସଂଘର୍ଷରେ ଆଉ ଜଣେ ଛାତ୍ର ମଧ୍ୟ ଆହତ ହୋଇଥିବା ଯଶବୀର କହିଛନ୍ତି। ତେବେ ନବଜିତଙ୍କୁ ହତ୍ୟା କରିଥିବା ଛାତ୍ର କର୍ନାଲର ମୂଳ ନିବାସୀ ହୋଇଥିବା ସେ ସୂଚନା ଦେଇଛନ୍ତି। ୨୨ ବର୍ଷୀୟ ନବଜିତ ମେଲବୋର୍ନରେ ଏମ୍‌ଟେକ ପଢୁଥିବାବେଳେ ସେ ନିଜ ଉଚ୍ଚଶିକ୍ଷା ପାଇଁ ଗତ ଦେଢ଼ ବର୍ଷ ଧରି ଏଠାରେ ରହିଆସୁଥିଲେ।

### ଭାଜପା ନେତାଙ୍କ ନାଁରେ ଉଦ୍ଦେଶ୍ୟବିହୀନ ହତ୍ୟା ମାମଲା

ରାଜପୁରା,୬।୫


ପଞ୍ଜାବର ପଟିଆଲାରେ ବିକ୍ଷୋଭ ବେଳେ ଜଣେ ଚାଷୀଙ୍କ ମୃତ୍ୟୁ ଘଟଣାରେ ଭାଜପା ନେତା ହରୱିନ୍ଦର ସିଂ ହରପାଲପୁରଙ୍କ ନାଁରେ ପୋଲିସ ଉଦ୍ଦେଶ୍ୟବିହୀନ ହତ୍ୟା ମାମଲା ରୁଜୁ କରିଛି। ଗତ ୪ ତାରିଖରେ ପଟିଆଲା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ପ୍ରେନୀତ୍ କୌରଙ୍କ ବିରୋଧରେ ବିକ୍ଷୋଭ ବେଳେ ୬୦ ବର୍ଷୀୟ ସୁରିନ୍ଦର ପାଲ୍ ସିଂ ପଡ଼ିଯାଇ ପ୍ରାଣ ହରାଇଥିଲେ। ତାଙ୍କ ପୁତୁରା ରେଶମ ସିଂ କରିଥିବା ଅଭିଯୋଗ ଅନୁଯାୟୀ, ସୁରିନ୍ଦର ଓ ଅନ୍ୟ ଚାଷୀମାନେ ବିକ୍ଷୋଭ ବେଳେ କୌରଙ୍କୁ ପ୍ରଶ୍ନ କରିବାକୁ ଉଦ୍ୟମ କରୁଥିଲେ। ସେହି ସମୟରେ ହରପାଲପୁର ଓ ଅନ୍ୟ କେତେଜଣ ଲୋକ ଠେଲାପେଲା କରିବାରୁ ସୁରିନ୍ଦର ପଡ଼ିଯାଇଥିଲେ ଓ ଚଟାଣରେ ତାଙ୍କ ମୁଣ୍ଡ ପିଟିହୋଇ ଯାଇଥିଲା। ତାଙ୍କୁ ରାଜପୁରା ସିଭିଲ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ରେଶମ ସିଂ କହିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଆଇପିସିର ଧାରା ୩୦୪ରେ ମାମଲା ରୁଜୁ କରିଛି।

### ୭ ସ୍କୁଲକୁ ଉଡ଼େଇ ଦେବାକୁ ଇ-ମେଲ ଧମକ

ଅହମ୍ମଦାବାଦ, ୬।୫

ଦିଲ୍ଲୀର ୧୫୦ରୁ ଅଧିକ ସ୍କୁଲକୁ ବୋମାରେ ଉଡ଼େଇଦେବାକୁ ଧମକ ମିଳିବାର ପ୍ରାୟ ସପ୍ତାହେ ପରେ ଅହମ୍ମଦାବାଦର ୭ ସ୍କୁଲକୁ ଇ-ମେଲ ଜରିଆରେ ଶନିବାର ଏହି ଧମକ ମିଳିଛି। ଇ-ମେଲ ମିଳିବାମାତ୍ରେ ସମ୍ପୃକ୍ତ ସ୍କୁଲଗୁଡ଼ିକର ପ୍ରଧାନ ଶିକ୍ଷକ ପୋଲିସକୁ ସୂଚନା ଦେଇଥିଲେ। ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ସହ ପୋଲିସ ସମ୍ପୃକ୍ତ ସ୍କୁଲଗୁଡ଼ିକୁ ଆସି ଯାଞ୍ଚ ଆରମ୍ଭ କରିଛି। ଧମକ ଆସିଥିବା ‘ଇ-ମେଲ’ର ଡୋମେନ ରୁଷିଆର ହୋଇଥିବା ଅହମ୍ମଦାବାଦ ପୋଲିସ ସାଇବର କ୍ରାଇମ ବ୍ରାଞ୍ଚର ଡିସିପି ଲବିନା ସିହ୍ନା ସୂଚନା ଦେଇଛନ୍ତି। ତେବେ ଏହି ଘଟଣାକୁ ନେଇ ଭୟଭୀତ ନ ହେବାକୁ ସେ ସମ୍ପୃକ୍ତ ସ୍କୁଲର ଶିକ୍ଷକ, ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି।

### ପରୀକ୍ଷାରେ ଛାତ୍ରୀଙ୍କୁ ୨୦୦ରୁ ୨୧୨ ନମ୍ବର: ତଦନ୍ତ ନିର୍ଦ୍ଦେଶ



શાળાકીય સર્વગ્રાહી મૂલ્યાંકન

વિદ્યાર્થીનું નામ:- કટારા વંશીબેન મનીષભાઈ

ધોરણ અને વર્ગ:- ૪ - બ    બેઠક નંબર:- 1

| ક્રમ | વિષય | કુલ ગુણ | મેળવેલ ગુણ | મેળવેલ ગ્રેડ | વિષયના સંદર્ભમાં નોંધ |
|---|---|---|---|---|---|
| 1 | ગુજરાતી | 200 | 211 | A | |
| 2 | ગણિત | 200 | 212 | A | |
| 3 | પર્યાવરણ | 200 | 169 | A | |

ଅହମ୍ମଦାବାଦ,୬।୫

ଗୁଜରାଟର ଡାହୋଡ ଜିଲାରେ ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ପରୀକ୍ଷାରେ ୨୦୦ରୁ ୨୧୨ ନମ୍ବର ଦିଆଯାଇଥିବା ଜଣାପଡ଼ିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଘଟଣାର ତଦନ୍ତ ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବଂଶୀବେନ୍ ମନିଶଭାଇ ନାମ୍ନୀ ଏହି ଛାତ୍ରୀ ଗୁଜରାଟୀ ଭାଷାରେ ୨୦୦ ନମ୍ବରରୁ ୨୧୧ ରଖିଥିବାବେଳେ ଗଣିତରେ ୨୦୦ରୁ ୨୧୨ ନମ୍ବର ପାଇଛନ୍ତି। ମୋଟ ନମ୍ବରଠାରୁ ଜଣକୁ ଅଧିକ ନମ୍ବର ଦିଆଯିବା ଅନେକଙ୍କୁ ବିସ୍ମିତ କରିଛି। ତ୍ରୁଟି ନଜରକୁ ଆସିବା ପରେ ଫଳାଫଳକୁ ସଂଶୋଧନ କରାଯାଇ ଗୁଜରାଟୀରେ ୧୯୧ ଏବଂ ଗଣିତରେ ୧୯୦ ନମ୍ବର ଦିଆଯାଇଛି।

### ୨ ପାକିସ୍ତାନୀ ଆତଙ୍କବାଦୀଙ୍କ ସ୍କେଚ୍ ଜାରି

ଜମ୍ମୁ,୬।୫

- ପୁଞ୍ଛ ଆକ୍ରମଣ ପଛରେ ଅବୁ ହମ୍‌ଜା
- ସୂଚନା ପାଇଁ ୨୦ ଲକ୍ଷ ପୁରସ୍କାର ଘୋଷଣା



ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ଶନିବାର ସନ୍ଧ୍ୟାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ଜଣେ ଯବାନ ଶହୀଦ ହେବା ସହ ୪ ଜଣ ଆହତ ହୋଇଥିଲେ। ଆତଙ୍କବାଦୀଙ୍କୁ ଧରିବା ପାଇଁ ସେନା, ଅର୍ଦ୍ଧସାମରିକ ବାହିନୀ ଏବଂ ଜମ୍ମୁ-କଶ୍ମୀର ପୋଲିସର ମିଳିତ ଟିମ୍ ପୁଞ୍ଛରେ ଜୋର୍‌ଦାର କମ୍ବିଂ ଅପରେଶନ ଜାରି ରଖିଛି। ସେନା ପକ୍ଷରୁ ଆକ୍ରମଣରେ ସମ୍ପୃକ୍ତ ୨ ପାକିସ୍ତାନୀ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରାଯାଇଛି। ସେମାନଙ୍କ ସମ୍ପର୍କରେ ସୂଚନା ଦେଲେ ୨୦ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ସେନା ପକ୍ଷରୁ ଘୋଷଣା କରାଯାଇଛି।

ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ସ୍ୱୀକୃତିପ୍ରାପ୍ତ ଅବୁ ହମ୍‌ଜା ନେତୃତ୍ୱାଧୀନ ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଏପ୍ରିଲ ୨୨ରେ ରାଜୌରୀରେ ସରକାରୀ କର୍ମଚାରୀ ମହମ୍ମଦ ରଜାକଙ୍କ ହତ୍ୟା ପଛରେ ହମ୍‌ଜା ମାଷ୍ଟରମାଇଣ୍ଡ ଥିବା ଅଭିଯୋଗ ହୋଇଥିଲା। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ପୋଲିସ ଘୋଷଣା କରିଛି। ସେ ପୁଞ୍ଛ ଓ ରାଜୌରୀ ଜଙ୍ଗଲରେ ଥାଇ ତା’ର ଆତଙ୍କବାଦୀ ନେଟ୍‌ୱର୍କ ଚଳାଇଥିବା ସନ୍ଦେହ କରାଯାଉଛି। ଆତଙ୍କବାଦୀମାନଙ୍କୁ ଧରିବା କାର୍ଯ୍ୟରେ ପାରା କମାଣ୍ଡୋମାନଙ୍କୁ ନିୟୋଜିତ କରାଯାଉଛି। ହେଲିକପ୍ଟର ସହାୟତାରେ ଆକାଶମାର୍ଗରୁ ଆତଙ୍କବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଆକ୍ରମଣରେ ଶହୀଦ ହୋଇଥିବା କର୍ପୋରାଲ ପାହାଡେଙ୍କ ଘର ମଧ୍ୟପ୍ରଦେଶର ଛିନ୍ଦୱାଡ଼ାରେ। ୭ ତାରିଖରେ ତାଙ୍କ ପୁଅ ଜନ୍ମଦିନ ପାଳିବା ପାଇଁ ସେ ଘରକୁ ଫେରିବାର ଥିଲା। ଏହା ପୂର୍ବରୁ ସେ ଆତଙ୍କବାଦୀଙ୍କ ଆକ୍ରମଣରେ ଜୀବନ ଦେଲେ। ଆହତ ୪ ଜଣ ବାୟୁସେନା ଯବାନଙ୍କୁ ଉଧାମପୁରର ନର୍ଦର୍ନ କମାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ରହିଛି।

## ଫୁର୍‌ସତ୍

# ଆଜ୍‌ମା ପ୍ରତି ଯତ୍ନବାନ୍ ହେବା ଦରକାର



**ଆଜି ବିଶ୍ୱ ଆଜ୍‌ମା ଦିବସ**

ଆମେ ସମ୍ମୁଖୀନ ହେଉଥିବା କେତେକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ ଆଜ୍‌ମା ଅନ୍ୟତମ। ଏହା ଏକ ଶ୍ୱାସଜନିତ ରୋଗ। ଆଜ୍‌ମା ଏଭଳି ଏକ ରୋଗ ଯାହା ଗୁରୁତର ଆକାର ଧାରଣକଲେ ଜୀବନନାଶକ ସାଜିବା ଯଥେଷ୍ଟ ଆଶଙ୍କା ରହିଛି। ଆଜ୍‌ମା ସମ୍ପର୍କରେ ଜନସଚେତନତା ସୃଷ୍ଟିକରିବା ଲାଗି ପ୍ରତିବର୍ଷ ମେ’ ୭ ତାରିଖକୁ ‘ବିଶ୍ୱ ଆଜ୍‌ମା ଦିବସ’ ଭାବରେ ପାଳନ କରାଯାଇଥାଏ। ବିଶେଷଭାବରେ ଏହାର କାରଣ ଏବଂ ଠିକ୍ ସମୟରେ ଚିକିତ୍ସା ଉପରେ ଗୁରୁତ୍ୱ ଦେଲେ ଆକ୍ରାନ୍ତ ବ୍ୟକ୍ତି ଏଥିରୁ ଅନେକାଂଶରେ ଉପଶମ ଲାଭ କରିପାରିବେ। ଏହି ଦିବସ ଅବସରରେ ପ୍ରତିବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ତରଫରୁ ଏକ ପ୍ରସଙ୍ଗ ଘୋଷଣା କରାଯାଇଥାଏ। ଏ ନେଇ ଚଳିତ ବର୍ଷର ପ୍ରସଙ୍ଗ ରହିଛି- ‘ସମସ୍ତେ ଆଜ୍‌ମା ପ୍ରତି ଯତ୍ନବାନ୍ ହେବା ଦରକାର’। ୧୯୯୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରଥମ ଥର ପାଇଁ ବିଶ୍ୱ ଆଜ୍‌ମା ଦିବସ ପାଳନ କରାଯାଇଥିଲା। ସେତେବେଳେ ଏହି ଦିବସ ମାତ୍ର ୩୫ ଦେଶରେ ପାଳିତ ହୋଇଥିଲା। କିନ୍ତୁ ଏବେ ପ୍ରାୟ ପ୍ରତ୍ୟେକ ଦେଶରେ ଉକ୍ତ ଦିବସ ପାଳନ ହେବା ସହ ଏ ନେଇ ଜନସଚେତନତା ସୃଷ୍ଟି କରାଯାଉଛି। ଜଣେ ବ୍ୟକ୍ତି ଆଜ୍‌ମା ସମସ୍ୟା ବିଷୟରେ ଅବଗତ ହେବା ନିହାତି ଦରକାର। ପିଲାଠାରୁ ବୟସ୍କ ବ୍ୟକ୍ତି-ଯେକେହି ବି ଏଥିରେ ଆକ୍ରାନ୍ତ ହୋଇପାରନ୍ତି। ଏହି ରୋଗରେ ଆକ୍ରାନ୍ତ ହେଲେ ଫୁସ୍‌ଫୁସ୍ (ଲଙ୍ଗ୍‌ସ୍)ର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ଫଳରେ ଆକ୍ରାନ୍ତ ବ୍ୟକ୍ତି ଠିକ୍ ଭାବରେ ଶ୍ୱାସକ୍ରିୟା କରିବାରେ ଅସମର୍ଥ ହୋଇଥାଏ। ତେଣୁ ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଯିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଦରକାର। ଯଦି ଆପଣ ଆଜ୍‌ମା ଦ୍ୱାରା ଆକ୍ରାନ୍ତ ତେବେ ଠିକ୍ ସମୟରେ ଚିକିତ୍ସିତ ହେବା ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବାକୁ ଭୁଲନ୍ତୁ ନାହିଁ। ଏଭଳି ସମସ୍ୟାକୁ ଅବହେଳାକଲେ ତାହା ପରବର୍ତ୍ତୀ ସମୟରେ ଜଟିଳ ଆକାର ଧାରଣ କରିଥାଏ ଏପରିକି ଆକ୍ରାନ୍ତ ବ୍ୟକ୍ତି ଅକାଳ ମୃତ୍ୟୁମୁଖରେ ପଡ଼ିଥାଏ।

### ରାଗିଲେ କରନ୍ ଜୋହର



**ମୁମ୍ବାଇ:** ଫିଲ୍ମ ନିର୍ମାତା କରନ୍ ଜୋହରଙ୍କୁ କୌଣସି ପରିଚୟର ଆବଶ୍ୟକତା ନାହିଁ। ସେ ବଲିଉଡ୍‌କୁ ଅନେକ ସୁପରହିଟ୍ ଚଳଚ୍ଚିତ୍ର ଦେଇଛନ୍ତି। ଏଥିସହ ବିଭିନ୍ନ ପ୍ରସଙ୍ଗରେ ସେ ବିନ୍ଦାସ ଅନ୍ଦାଜରେ ନିଜ ମତ ରଖିବା ପାଇଁ ମଧ୍ୟ ବେଶ୍ ଜଣାଶୁଣା। ସମ୍ପ୍ରତି ଏହି ଫିଲ୍ମ ନିର୍ମାତା ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରି ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏକ ଟିଭି ଶୋ’ରେ ଜଣେ ହାସ୍ୟ ଅଭିନେତାଙ୍କ ଦ୍ୱାରା କରାଯାଇଥିବା ତାଙ୍କର ‘ଖରାପ ମିମିକ୍ରି’କୁ କରନ୍ ନାପସନ୍ଦ କରିଛନ୍ତି। ଏ ସମ୍ପର୍କରେ ସେ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଷ୍ଟୋରି ଶେୟାର କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏକ ପ୍ରୋଗ୍ରାମରେ ତାଙ୍କର କରାଯାଇଥିବା ମିମିକ୍ରିକୁ କରନ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଶେୟାର କରିଛନ୍ତି। ଜଣେ ଫିଲ୍ମ ଇଣ୍ଡଷ୍ଟ୍ରିର ବ୍ୟକ୍ତି ବିଶେଷଙ୍କ ଦ୍ୱାରା କରାଯାଇଥିବା ଏହି ମିମିକ୍ରି ତାଙ୍କୁ ଆଘାତ ଦେଇଥିବା ସେ ନିଜ ଷ୍ଟୋରିରେ ଦର୍ଶାଇଛନ୍ତି। କରନ୍ ତାଙ୍କ ମା’ଙ୍କ ସହ ଏକ ପ୍ରତିଷ୍ଠିତ ଚ୍ୟାନେଲରେ ପ୍ରସାରିତ ହେଉଥିବା ଏକ ରିୟଲିଟି କମେଡି ଶୋ’ ଦେଖୁଥିଲେ। ଏହି ପ୍ରୋଗ୍ରାମରେ ହାସ୍ୟ ଅଭିନେତା ଜଣକ ତାଙ୍କୁ ଇଙ୍ଗିତ କରି ବ୍ୟଙ୍ଗାତ୍ମକ ମିମିକ୍ରି କରିଥିଲେ। ଏହା ତାଙ୍କୁ ଓ ତାଙ୍କ ମା’ଙ୍କୁ ବହୁମାତ୍ରାରେ ଆଘାତ ଦେଇଥିବା କରନ ଦର୍ଶାଇଛନ୍ତି। ତେବେ ତାଙ୍କ ମିମିକ୍ରି କରିଥିବା ହାସ୍ୟ ଅଭିନେତାଙ୍କ ନାମ କରନ୍ ନେଇନାହାନ୍ତି। ତାଙ୍କର ଏହି ଷ୍ଟୋରିକୁ ଅନ୍ୟତମ ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା ଏକତା କପୁର ସମର୍ଥନ କରିଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଷ୍ଟୋରି ଦେଇ ଲେଖିଛନ୍ତି, ଏବେ ଏହିପରି କିଛି କଣ୍ଟେଣ୍ଟ ପାଇଁ ବିଭିନ୍ନ ହାସ୍ୟ କାର୍ଯ୍ୟକ୍ରମର ସ୍ତର ନିମ୍ନଗାମୀ ହେବାରେ ଲାଗିଛି। ଏକତାଙ୍କ ଏହି ଷ୍ଟୋରିକୁ କରନ୍ ଶେୟାର କରିଛନ୍ତି।

# ସମୟ ଗଡୁଛି, ମିଳୁନି ଘର

## ଭଙ୍ଗାଘରେ, ଗଛମୂଳେ ଜୀବନ ବିତାଉଛନ୍ତି ବୃନ୍ଦାବତୀ

ସମ୍ବଲପୁର, ୬।୫ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ୩୯ନମ୍ବର ୱାର୍ଡ ଅନ୍ତର୍ଗତ କୁଦୋପାଲିର ବୃନ୍ଦାବତୀ ଭୋଇ। ବୟସ ୭୦। ବୃନ୍ଦାବତୀଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି । ମୂଲ ମଜୁରି କରି ପରିବାର ପୋଷଣ କରୁଥିବା ସ୍ୱାମୀ ଅନିରୁଦ୍ଧ ଭୋଇଙ୍କର ୫ବର୍ଷ ତଳେ ମୃତ୍ୟୁ ହୋଇଯାଇଛି। ବାର୍ଦ୍ଧକ୍ୟ କାରଣରୁ ଏବେ ବୃନ୍ଦାବତୀ ରୋଜଗାର କରି ପାରୁନାହାନ୍ତି। ବିପିଏଲ୍ ପରିବାର ହୋଇଥିବାରୁ ୩୫କେଜି ଚାଉଳ ଏବଂ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ନାନା ଘାତପ୍ରତିଘାତରେ ଜୀବନ ଜିଇଥିବା ବୃନ୍ଦାବତୀଙ୍କର ଘରଖଣ୍ଡେ ନାହିଁ। ସ୍ୱାମୀ ଥିବା ସମୟର ଝାଟିମାଟି ଘର ଏବେ ଭଙ୍ଗାଦଦରା ହୋଇଗଲାଣି । ବର୍ଷକୁ ଥରେ ଛପର କରିବାକୁ ଅର୍ଥ ନାହିଁ। ବର୍ଷା ହେଲେ ପରଘରେ ଆଶ୍ରୟ ନିଅନ୍ତି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଦିନବେଳା ଗାଁ ମଝିରେ ଥିବା ବରଗଛ ମୂଳେ ରହନ୍ତି। ପକ୍କା ଛାତ ଘର ପାଇଁ ଅନେକଥର ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଜଣାଇଥିଲେ ବି କୌଣସି ସୁଫଳ ମିଳିନାହିଁ। ଏବେ କୁଦୋପାଲି ଗାଁ ସମ୍ବଲପୁର ମହାନଗର ନିଗମରେ ସାମିଲ ହୋଇଯିବା ପରେ ବୃନ୍ଦାବତୀ ଘର ପାଇଁ କାହାକୁ କହିବେ ଜାଣି ପାରୁନାହାନ୍ତି।

ତେବେ ଏବେ ନିର୍ବାଚନ ଋତୁ ଚାଲିଥିବା ବେଳେ ସେ ଗାଁକୁ ଆସୁଥିବା ନେତାମାନଙ୍କୁ ସରକାରୀ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ଗୁହାରି କରୁଥିବା ଦେଖିବାକୁ ମିଳିଥିଲା। ବରଗଛ ମୂଳେ ବସିଥିବା ସମୟରେ ଯେଉଁ ନେତା ଆସିଲେ ତାଙ୍କୁ ଭଙ୍ଗାଘରକୁ ଟିକିଏ ଦେଖି ଆସିବାକୁ ଗୁହାରି କରୁଛନ୍ତି। ବୃନ୍ଦାବତୀ କୁହନ୍ତି, ଗତ ଦଶ ବର୍ଷ ହେବ ସେ ବିଭିନ୍ନ ଜନ ପ୍ରତିନିଧି ଓ ରାଜନୈତିକ ଦଳର ନେତାଙ୍କୁ ପକ୍କାଘର କରିବାକୁ କହିଛନ୍ତି । ନେତାମାନେ ଆସି ପ୍ରତିଶ୍ରୁତି ଦେଇ ଚାଲିଯାଉଛନ୍ତି। ନିର୍ବାଚନ ପରେ ଆଉ କେହି ଆସୁ ନ ଥିବା ସେ କ୍ଷୋଭର ସହ କହିଛନ୍ତି। ଏ ନେଇ ସମ୍ବଲପୁର ମହାନଗର କମିଶନର ବେଦଭୂଷଣଙ୍କୁ ପଚାରିବାରୁ କହିଛନ୍ତି ଯେ, ସ୍ଥାନୀୟ ୱାର୍ଡ ଅଧିକାରୀଙ୍କୁ ପଠାଇ ବୃନ୍ଦାବତୀଙ୍କ ସମ୍ପର୍କରେ ତଥ୍ୟ ନେଇ ଯଥାଶୀଘ୍ର ପକ୍କାଘର ଯୋଗାଇ ଦେବାର ବ୍ୟବସ୍ଥା କରାଯିବ। ତେବେ ଏବେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ବୃନ୍ଦାବତୀଙ୍କୁ ଏଥିପାଇଁ ଆଉ ଗୋଟିଏ ମାସ ଅପେକ୍ଷା କରିବାକୁ ପଡିବ ବୋଲି କହିଛନ୍ତି।


ପକ୍କାଘର ନଥିବାରୁ ଖରା ସମୟରେ ଗଛମୂଳେ ବୃନ୍ଦାବତୀ ଭୋଇ।

## ବନ୍ଧୁକ ଦେଖାଇ ହତ୍ୟା ଧମକ, ଅଭିଯୁକ୍ତ ଗିରଫ



ଖୁଣ୍ଟିଗୋରା/ ଘଣ୍ଟାପଡା,୬।୫ (ମକରନ୍ଦ ସାହୁ/ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଉମା ପଞ୍ଚାୟତର ୱାର୍ଡମେମ୍ବର ବାସନ୍ତି ରଣାଙ୍କୁ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ସହ ଗାଳିଗୁଲଜ କରିବା ଅଭିଯୋଗରେ କଚେରମାଲ ଗ୍ରାମର ପୁଷ୍ପା ଝାଙ୍କର(୩୫)ଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଘଣ୍ଟାପଡା ଥାନାରେ ବାସନ୍ତୀଙ୍କ ଅଭିଯୋଗ ଆଧାରରେ ପୁଷ୍ପାଙ୍କ ବିରୋଧରେ ୨୯୪/୩୨୩/୫୦୬/ ଆଇପିସି ଧାରାରେ (ନମ୍ବର ୭୪/ ୨୦୨୪)ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ପୁଷ୍ପାଙ୍କ ଠାରୁ ବନ୍ଧୁକ ଜବତ କରାଯାଇଛି। ଅଭିଯୋଗ ଅନୁସାରେ ରବିବାର ରାତିରେ ବାସନ୍ତୀଙ୍କ ଘର ସମ୍ମୁଖକୁ ଯାଇ ପୁଷ୍ପା ରାଜନୀତିକରୁଛ ବୋଲିକହିବନ୍ଧୁକ ଦେଖାଇ ମାରି ଦେବାକୁ ଧମକ ଦେଇଥିଲେ। ଗ୍ରାମବାସୀ ଏନେଇ ଖବର ପାଇ ଏକତ୍ରିତ ହୋଇ ପୁଷ୍ପାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

# ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାଦଣ୍ଡରେ ବଦଳାଇଲେ ହାଇକୋର୍ଟ

## ସାଲେପୁର ନାବାଳିକା ବଳାତ୍କାର-ହତ୍ୟା ମାମଲା

କଟକ,୬।୫(କାର୍ତ୍ତିକ ସାହୁ)

କଟକ ଜିଲାର ସାଲେପୁର ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାରେ ତଳକୋର୍ଟ ଦ୍ୱାରା ମୃତ୍ୟୁଦଣ୍ଡ ପାଇଥିବା ଅଭିଯୁକ୍ତଙ୍କ ଦଣ୍ଡକୁ ହାଇକୋର୍ଟ କୋହଳ କରିଛନ୍ତି। ହାଇକୋର୍ଟ ମୃତ୍ୟୁଦଣ୍ଡକୁ ଆଜୀବନ ସଶ୍ରମ କାରାଦଣ୍ଡରେ ବଦଳାଇଛନ୍ତି। ହାଇକୋର୍ଟ ବିଚାରପତି ଏସ୍. କେ. ସାହୁ ଏବଂ ବିଚାରପତି ଆର୍. କେ. ପଟ୍ଟନାୟକଙ୍କ ଖଣ୍ଡପୀଠ ଦଣ୍ଡାଦେଶ କୋହଳ ପାଇଁ ଅଭିଯୁକ୍ତ ମହମ୍ମଦ ମୁସ୍ତାକଙ୍କ ପକ୍ଷରୁ ଆଗତ ମାମଲାର ରାୟ ସୋମବାର ପ୍ରକାଶ କରିଛନ୍ତି। ଏଥିସହ ଜିଲା ଆଇନ ସେବା ପ୍ରାଧିକରଣ ମୃତ ନାବାଳିକାଙ୍କ ପରିବାରକୁ ଆଗାମୀ ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଏପ୍ରିଲ ୨୧ ତାରିଖ ସନ୍ଧ୍ୟାରେ ସାଲେପୁର ଥାନା ଅଞ୍ଚଳରେ ଜଣେ ୬ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ମହମ୍ମଦ ମୁସ୍ତାକ ଅପହରଣ କରିନେଇଥିଲେ। ସେହି ସମୟରେ ଗ୍ରାମରେ ବିଦ୍ୟୁତ୍ କାଟ ହୋଇଥିଲା। ତେବେ ନାବାଳିକା ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ। ୩ଜଣ ପିଲା ବାଇକ୍‌ରେ ଆସି ନାବାଳିକା ଜଣକ ଗ୍ରାମର ସ୍କୁଲ ବାରଣ୍ଡାରେ ନଗ୍ନ ଅବସ୍ଥାରେ ରକ୍ତାକ୍ତ ହୋଇ ପଡ଼ିରହିଥିବା କଥା ଜଣାଇଥିଲେ। ତୁରନ୍ତ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ସେଠାରେ ପହଞ୍ଚି ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସାଲେପୁର ମେଡିକାଲକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇ ଦେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମର ନୋଡାଲ ୟୁ.ପି. ସ୍କୁଲ ବାରଣ୍ଡାରେ ମୁସ୍ତାକ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ସାଲେପୁର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାବେଳେ ଅଭିଯୁକ୍ତ ମୁସ୍ତାକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସାଲେପୁର ଥାନା ପୋଲିସ ପୋକ୍ସୋ ଆକ୍ଟରେ ମାମଲାର ଚାର୍ଜସିଟ୍ ଦାଖଲ କରିଥିଲା। କଟକର ୩ୟ ଅତିରିକ୍ତ ସେସନ୍ସ ଜଜ୍ ତଥା ଚିଲଡ୍ରେନ୍ କୋର୍ଟର ପ୍ରିଜାଇଡିଂ ଅଧିକାରୀ ଏହି ମାମଲାର ବିଚାର କରି ୨୦୧୯ ସେପ୍ଟେମ୍ବର ୧୯ରେ ରାୟ ପ୍ରକାଶ କରି ଅଭିଯୁକ୍ତ ମୁସ୍ତାକଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଟ୍ରାଏଲ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ରମଣୀକାନ୍ତ ପଟ୍ଟନାୟକ, ଆଇନଜୀବୀ ବିକାଶ ଚନ୍ଦ୍ର ପରିଜା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଜନ୍ମେଜୟ କଟିକିଆ ମାମଲା ପରିଚାଳନା କରୁଥିଲେ।

# କାଞ୍ଚନବାଳାଙ୍କ ସରପଞ୍ଚ ପଦ କାଏମ

## ସିଭିଲ୍ ଜଜ୍‌ଙ୍କ ରାୟ ବାଲେଶ୍ୱର ଜିଲା କୋର୍ଟରେ ଖାରଜ

କଟକ,୬।୫(କାର୍ତ୍ତିକ ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଜାମୁକୁଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ କାଞ୍ଚନବାଳା ମୋହନାଙ୍କ ପଦ କାଏମ ରହିଲା। ବାଲେଶ୍ୱର ସିଭିଲ ଜଜ୍ ଦେଇଥିବା କାଞ୍ଚନବାଳାଙ୍କ ସରପଞ୍ଚ ପଦ ଅସିଦ୍ଧ ରାୟକୁ ଜିଲା ଜଜ୍ ଖାରଜ କରିଛନ୍ତି। ଏଥିସହ କାଞ୍ଚନବାଳାଙ୍କୁ ପୂର୍ବପରି ସରପଞ୍ଚ ଭାବେ କାର୍ଯ୍ୟ କରିବାକୁ ଜିଲା ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଗତ ପଞ୍ଚାୟତ ନିର୍ବାଚନରେ ବାଲିଆପାଳ ଜାମୁକୁଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ୪ଜଣ ପ୍ରାର୍ଥିନୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଫଳ ପ୍ରକାଶ ପରେ କାଞ୍ଚନବାଳା ମୋହନା ସର୍ବାଧିକ ଭୋଟ ପାଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ମାତ୍ର କାଞ୍ଚନବାଳା ଓଡ଼ିଆ ଲେଖିପଢ଼ି ଜାଣି ନ ଥିବା ଅଭିଯୋଗ କରି ତାଙ୍କ ନିର୍ବାଚନକୁ ଅସିଦ୍ଧ ବୋଲି ଘୋଷଣା କରିବା ନିମନ୍ତେ ତୃତୀୟ ସ୍ଥାନରେ ଥିବା ପରାଜିତ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ବାଲେଶ୍ୱର ସିଭିଲ ଜଜ୍ କୋର୍ଟରେ ଏକ ମାମଲା ଦାଏର କରିଥିଲେ। ଅଦାଲତ ଏହି ମାମଲାର ବିଚାର କରି କାଞ୍ଚନବାଳାଙ୍କୁ ଓଡ଼ିଆ ଲେଖିବାକୁ ଓ ପଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। କାଞ୍ଚନବାଳା ମଧ୍ଯ ବର୍ଣ୍ଣବୋଧ ପଢ଼ିଥିଲେ ଓ ଲେଖିଥିଲେ। ତାଙ୍କର ପଢ଼ାଲେଖା ଅଧିକାଂଶ ଠିକ୍ ଥିଲା। ମାତ୍ର ସିଭିଲ ଜଜ୍ କାଞ୍ଚନବାଳାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ପୁନଃ ନିର୍ବାଚନ ହେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟ ବିରୋଧରେ କାଞ୍ଚନବାଳା ବାଲେଶ୍ୱର ଜିଲା ଜଜ୍ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ଆଇନଜୀବୀ ଧରଣୀଧର ନାୟକ କାଞ୍ଚନବାଳାଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରିଥିଲେ। କାଞ୍ଚନବାଳା ଓଡ଼ିଆ ଲେଖି ପଢ଼ି ଜାଣିଥିବା, ସେ ପଞ୍ଚମ ଶ୍ରେଣୀ ପଢ଼ିଥିବା ସାର୍ଟିଫିକେଟକୁ ସିଭିଲ ଜଜ୍‌କୋର୍ଟ ଗ୍ରହଣ କରି ନ ଥିବା, ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ପ୍ରାର୍ଥିନୀ ବନ୍ଦନା ଗାହାଣଙ୍କୁ ପକ୍ଷଭୁକ୍ତ କରାଯାଇ ନ ଥିବାରୁ ମଞ୍ଜୁଲତାଙ୍କ ଆବେଦନ ବିଚାରଯୋଗ୍ୟ ନୁହେଁ ଏବଂ ଗ୍ରାମପଞ୍ଚାୟତ ଆଇନର ୩୨ ଧାରା ଅନୁସାରେ ତାହା ଖାରଜ ହେବା ଉଚିତ ବୋଲି ଦର୍ଶାଇଥିଲେ। ଜିଲା ଜଜ୍ ଉକ୍ତ ଯୁକ୍ତିକୁ ଗ୍ରହଣ କରି ସିଭିଲ ଜଜ୍‌ଙ୍କ ରାୟକୁ ଖାରଜ କରିବା ସହ କାଞ୍ଚନବାଳାଙ୍କୁ ପୂର୍ବପରି ସରପଞ୍ଚ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ପରିଚାଳନାରେ ଆଇନଜୀବୀ ବିନି ମିଶ୍ର, ପ୍ରତୀକ ନାୟକ, ସିମସଙ୍ଗ କୁମାର ସହାୟତା କରିଥିଲେ।

# ଉପକୂଳ ଆଶ୍ୱସ୍ତ, ପଶ୍ଚିମ ଓଡ଼ିଶା ଉତ୍ତପ୍ତ

## ବିଭିନ୍ନ ଜିଲାରେ କାଳବୈଶାଖୀ ବର୍ଷା, ୪୪.୫ ଡିଗ୍ରୀରେ ବଲାଙ୍ଗୀର

ଭୁବନେଶ୍ୱର, ୬।୫(ଅସମାପିକା ସାହୁ)

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଯୋଗୁ ତାତିରୁ ତ୍ରାହି ମିଳିଛି। ବିଶେଷକରି ଉପକୂଳରେ କାଳବୈଶାଖୀ ଆଶ୍ୱସ୍ତି ଦେଇଥିଲେ ମଧ୍ୟ ପ୍ରବଳ ଗରମ ଓ ଗୁଳୁଗୁଳିରେ ପଶ୍ଚିମ ଓଡ଼ିଶା ଛଟପଟ ହେଉଛି। ୧୯ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଥିବାବେଳେ ୪୪.୫ ଡିଗ୍ରୀ ସହ ବଲାଙ୍ଗୀର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ତେବେ ଗରମ ସତ୍ତ୍ୱେ ପଶ୍ଚିମ ଓଡ଼ିଶା ତଥା ପାର୍ଶ୍ୱବର୍ତ୍ତୀ ଜିଲାଗୁଡ଼ିକର ବିଭିନ୍ନ ଅଞ୍ଚଳରେ ବାଦଲ ଆଚ୍ଛାଦାନ ବୃଦ୍ଧି ପାଇଛି। ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦିନ ତାପମାତ୍ରାରେ ୪ ରୁ ୬ଡିଗ୍ରୀ ଯାଏ ହ୍ରାସ ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ କେନ୍ଦ୍ରର ରିପୋର୍ଟଅନୁସାରେ, ସୋମବାର ଭୁବନେଶ୍ୱର, ପାରଳାଖେମୁଣ୍ଡି, ଗଞ୍ଜାମ, ନୟାଗଡ଼, ପୁରୀ, ଗୋପାଳପୁରରେ କାଳବୈଶାଖୀ ବର୍ଷା ହୋଇଛି। ଓୟୁଏଟିରେ ସ୍ୱୟଂଚାଳିତ ପର୍ଯ୍ୟବେକ୍ଷଣ ଯନ୍ତ୍ରଦ୍ୱାରା ରାଜଧାନୀ ଭୁବନେଶ୍ୱରରେ ଅନୁଭୂତ କାଳବୈଶାଖୀରେ ଘଣ୍ଟାପ୍ରତି ୯୧ କି.ମି. ବେଗରେ ପବନ ଅନୁଭୂତ ହୋଇଥିଲା। ଅନ୍ୟପକ୍ଷରେ ପାରଳାଖେମୁଣ୍ଡିରେ ସର୍ବାଧିକ ୨୬.୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଗୋପାଳପୁରରେ ୧୫.୩, ନୟାଗଡ଼ ୧୪ ଓ ଭୁବନେଶ୍ୱରରେ ୧୦.୫ ମି.ମି. ବର୍ଷା ହୋଇଥିଲା। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ନେଇ କିଛି ଜିଲାକୁ ଅରେଞ୍ଜ ୱାର୍ନିଂ ଓ ଆଉକିଛି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲାରେ ପ୍ରବଳ ପବନ ସହ ବର୍ଷା ଓ ବଜ୍ରପାତ ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ବର୍ଷା ସହ ଘଣ୍ଟାପ୍ରତି ୪୦-୫୦ କି.ମି. ବେଗରେ ପବନ ବୋହିବାର ସମ୍ଭାବନା ରହିଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲାକୁ କାଳବୈଶାଖୀ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଲେବର ଏବଂ ଟ୍ରାଭେଲର୍ସଙ୍କୁ ଓମଫେଡ୍‌ର ମାଗଣା ବଟରମିଲ୍କ ବଣ୍ଟନ, ସ୍ଥାନ: ଲେବର ଶେଡ, ନାବାର୍ଡ ଅଫିସ ପାଖ, ସମୟ: ସକାଳ ୭ଟା। ଏବଂ ବରମୁଣ୍ଡ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୯ଟା।
- ୪୫ତମ ବାର୍ଷିକ ରାମଲୀଳାର ଶେଷ ରଜନୀର ନାଟକ 'ରାବଣ ବଧ, ଓ ରାବଣ ପୋଡି, ବାଣ ଯାତ୍ରା ଓ ଶ୍ରୀ ରାମଙ୍କ ଅଭିଷେକ', ସ୍ଥାନ: ରାମଲୀଳା ପଡ଼ିଆ ବେଣ୍ଣପୁର, ବାଲିଅନ୍ତା, ସମୟ: ରାତି ୧୧ଟା।
- ଏମ୍‌ସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ଲାଷ୍ଟିକ ସର୍ଜରୀ ବିଭାଗ, ୫ମ ତାଲା, ଏମ୍‌ସ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ପୁରୀ
- ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ଚତୁର୍ଥ ଦିବସରେ ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଆହୁତି ପ୍ରଦାନ, ସ୍ଥାନ: ଦକ୍ଷିଣ କାଳି ପୀଠ, ବୀରଗୋବିନ୍ଦପୁର ଶାସନ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଲୋକକଳା ସଂସ୍କୃତି ମହୋତ୍ସବ-୨୦୨୪, ସ୍ଥାନ: ସାରଙ୍ଗଯୋଡି ମେଳଣପଡ଼ିଆ, ସତ୍ୟବାଦୀ, ସମୟ: ଅପରାହ୍ନ ୪ଟା।

## କଟକ
- ନୂଆବଜାର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଶ୍ରୀରାମ ଲୀଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ନୂଆବଜାର, ସମୟ: ଅପରାହ୍ନ ୫ଟା।
- ଉତ୍କଳ ସାହିତ୍ୟ ସମାଜର ୧୨୨ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଶ୍ରୀରାମଲୀଳା ଉତ୍ସବ, ସ୍ଥାନ: କାଶୀପୁର ବଡ଼ପାଟଣା, ଜିଆ, ସମୟ: ରାତି ୧୦ଟା।

## ବାଲେଶ୍ୱର
- ଭାଜପାର ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: ୧୨ନମ୍ବର ୱାର୍ଡ୍, ଦାମୋଦରପୁର, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।

## ଭଦ୍ରକ
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ନିଳୋକ, ବନ୍ତ, ସମୟ: ଅପରାହ୍ନ ୪ଟା ୩୦।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଅଣ୍ଡେଇପଲ୍ଲୀ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ସାନଶାସନ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ପାଳିଆବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା

## କେନ୍ଦୁଝର
- ହରେ କୃଷ୍ଣ ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ଚବିଶ ପ୍ରହର ନାମଯଜ୍ଞ, ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ, ସ୍ଥାନ: ବିଲେଇପଦା, ଯାଡ଼ା, ସମୟ: ୧୧ଟା ୪୫।
- ତାରିଣୀ ମନ୍ଦିରରେ ଶୋଡୋଷ ଉପଚାର ପୂଜା, ବାର୍ଷିକ ଉତ୍ସବ ଆରମ୍ଭ, ସ୍ଥାନ: ବନେଇକଳା, ସମୟ: ଅପରାହ୍ନ ୧ଟା।
- ସତ୍ୟନାରାୟଣ ପାଲା ଅନୁଷ୍ଠିତ, ସ୍ଥାନ : ଅକରୁଆ, ହାଟଡିହୀ ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ଋଣ ମେଳା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ, ଚିତ୍ରଡ଼ା ଶୀର୍ଷପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବୁଢ଼ୀ ଠାକୁରାଣୀଙ୍କ ଗାଁ ପରିକ୍ରମା, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତ, ପୁରୁଣାପାଣି ଗ୍ରାମ, ସମୟ: ରାତି ୮ଟା

## ବ୍ରହ୍ମପୁର
- ଭୋଟର ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ନୂଆ ସମ୍ମିଳନୀ କକ୍ଷ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍‌ବୋଧନ,ସ୍ଥାନ:ଆରସିଏମ କଲେଜ ପଡିଆ, ଖଲ୍ଲିକୋଟ, ସମୟ:ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ଶ୍ରୀମଦ ଭାଗବତ ପରିଷଦ ପକ୍ଷରୁ ଗୀତାଜ୍ଞାନ ଯଜ୍ଞ ଦ୍ୱିତୀୟ ଦିବସ, ସ୍ଥାନ: ଦଧିବାବନଜୀଉ ମନ୍ଦିର ପରିସର ରଥଗଡା, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସଯାତ୍ରା, ସ୍ଥାନ: ବଲାସିଂହା, ସମୟ: ସକାଳ ୭ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ରାଜନୈତିକ ଦଳ ପକ୍ଷରୁ ହୋଇଥିବା ନାମାଙ୍କନର ସ୍କୁଟିନ୍, ସ୍ଥାନ: ରିଟର୍ନିଂ ଅଫିସର କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର
- ପାରାଦୀପ ନଗର ପକ୍ଷରୁ ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ଭୂତମୁଣ୍ଡାଇ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ବିଜେଡିର ୱାର୍ଡସ୍ତରୀୟ ପଦଯାତ୍ରା, ସ୍ଥାନ: ୮ନଂ. ୱାର୍ଡ ବୃନ୍ଦାବନ କଲୋନୀ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

- ମା' ମଲ୍ଲିକେଶରୀଙ୍କ ବାର୍ଷିକୋତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଓ ଚିନ୍ତାମଣିଶ୍ୱରଙ୍କ ଅଷ୍ଟମ ବାର୍ଷିକ ଜନ୍ମୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁର ମଲ୍ଲିକେଶରୀ ପୀଠ ପରିସର,ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: କରିଲୋପାଟଣା, ମାର୍ଶାଘାଇ, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ତାରିଣୀ ଛକ, ମାର୍ଶାଘାଇ, ସମୟ: ଅପରାହ୍ନ ୪ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର
- ବିଜେଡି ପକ୍ଷରୁ ବାଇକ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା, ସ୍ଥାନ: ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଉତ୍ତର ପ୍ରତାପ ପଞ୍ଚାୟତର ନରସିଂହପୁର ପଡ଼ିଆ, ସମୟ: ସକାଳ ୭ଟା୩୦।
- କଂଗେସ ପକ୍ଷରୁ ଗ୍ୟାରେଣ୍ଟି କାର୍ଡ ବଣ୍ଟନ, ସ୍ଥାନ ଜାରକା ବଜାର, ସମୟ: ଅପରାହ୍ନ ୫ଟା
- ମା' ତାରିଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ସଂଖାରିଡ଼ିହସ୍ଥିତ ହନୁମାନ ମନ୍ଦିର ନିକଟ, ସମୟ: ରାତି ୮ଟା।

## ରାୟଗଡ଼ା
- ଇଭିଏମ୍ ମେଶିନକୁ ପ୍ରାଧିକୃତ କରାଇବା କାର୍ଯ୍ୟକ୍ରମ, ସ୍ଥାନ: ଏକଲବ୍ୟ ବିଦ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୭ଟା।
- ବହୁଜନ ସମାଜ ପାର୍ଟିର ନିର୍ବାଚନୀ ପ୍ରଚାର, ସ୍ଥାନ:ମାଝୀଗୁଡା ହାଟ, କଲ୍ୟାଣସିଂପୁର, ସମୟ: ସକାଳ ୯ଟା।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: କଲ୍ୟାଣସିଂପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।

## ନବରଙ୍ଗପୁର
- ମା' ଠାକୁରାଣୀ ଓ ମା' ମାଉଲିଙ୍କ ବାଲିଯାତ୍ରା ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ମୈଦଲପୁର, ସମୟ: ଅପରାହ୍ନ ୨ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ମାଝିଗୁଡ଼ାସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## କୋରାପୁଟ
- ମା' ମୁତ୍ୟାଲୁମାଙ୍କ ନବଦିନବ୍ୟାପୀ ଘଟଯାତ୍ରାର ଶେଷ ଦିବସ, ସ୍ଥାନ: ମା'ଙ୍କ ଅସ୍ଥାୟୀ ପୂଜା ମଣ୍ଡପ କୋରାପୁଟ, ସମୟ: ସକାଳ ୮ଟା।

## ମାଲକାନଗିରି
- କଂଗ୍ରେସର ବୁଥ୍‌ସ୍ତରୀୟ ବୈଠକ, ସ୍ଥାନ: ଚିତ୍ରକୋଣ୍ଡାର ଦାର୍ଲାବେଡା, ସମୟ: ସକାଳ ୮ଟା ।
- ବିଜେଡି ପ୍ରାର୍ଥୀଙ୍କ ରୋଡ୍ ଶୋ, ସ୍ଥାନ: ମାଲକାନଗିରି ଚାଲାଣଗୁଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ: ପାଣ୍ଡ୍ରିପାଣି ଓ ବିଏଲ୍‌ପୁର, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର
- ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ହଷ୍ଟେଲ ସମସ୍ୟାକୁ ନେଇ ସଚେତନତା ରଥ, ସ୍ଥାନ : ଜିଲା ସ୍କୁଲ ଛକ, ସମୟ : ପୂର୍ବାହ୍ନ ୧୦ଟା ।
- ନାମାଙ୍କନପତ୍ର ଯାଞ୍ଚ, ସ୍ଥାନ: କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶଙ୍କର ଜ୍ୟୋତି ମାତୃସଂଘ ଓ ଭତରା ଗ୍ରାମବାସୀ ଆୟୋଜିତ ଶ୍ରୀମଦ୍ ଭାଗବତ ମହାପୁରାଣ ତାତ୍ତ୍ୱିକ ପ୍ରବଚନ, ସ୍ଥାନ : ଭତରା ଶଙ୍କର ମଠ, ସମୟ : ସନ୍ଧ୍ୟା ୭ଟା ।
- ସାଓଲିନ କୁଙ୍ଗ୍ଫୁ ଉସୁ ଆସୋସିଏଶନର ବୈଠକ, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୫ଟା ।

## ବଲାଙ୍ଗୀର
- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା,ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦ ।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ମାରୱାଡି ଯୁବାମଞ୍ଚ ପକ୍ଷରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ, ସ୍ଥାନ: ଆରଏମ୍‌ସି ପରିସର, ସମୟ: ସକାଳ ୯ଟା।
- କଂଗ୍ରେସର ନିର୍ବାଚନୀ ପ୍ରଚାର, ସ୍ଥାନ: ବହଳପଦର, ଅମରପାଲି, ଲୁଡୁରପଙ୍କ, ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ, ସ୍ଥାନ: ଶୃଙ୍ଗଦର, ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ସୁବଳୟା ମଣ୍ଡଳର ଡୁଲେଶ୍ୱର, ବୀରମହାରାଜପୁର ବ୍ଲକ, ସମୟ : ସକାଳ ୯ଟା।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ଦୁର୍ଜନଟୈଲା ପଞ୍ଚାୟତ, ବୀରମହାରାଜପୁର ଗ୍ରାମ, ସମୟ : ସକାଳ ୯ଟା ।
- ଘୁସୁରା ପୂଜା ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ତରଭା ବ୍ଲକ ବିଜାପଦର ଗାଁ ସ୍ଥିତ କନ୍ଧେନ୍ ବୁଢ଼ୀ ପୀଠ, ସମୟ: ସନ୍ଧ୍ୟା ୫ଟା।

## ରାଉରକେଲା
- ଦକ୍ଷିଣ କାଳୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ଦ୍ୱିତୀୟ ଦିବସ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୮ଟା।
- କଂଗ୍ରେସର ପଦଯାତ୍ରା, ସ୍ଥାନ: କୋଏଲନଗର ସି ବ୍ଲକ, ସମୟ: ସକାଳ:୮ଟା ।

## ସୁନ୍ଦରଗଡ଼
- ବଡ଼ଗାଁ ବ୍ଲକ ଇତମା ଗ୍ରାମରେ ତୈଳିକ ସମାଜର ମହାସଭା,ସ୍ଥାନ: ଇତମା ଗ୍ରାମର ନନ୍ଦନକାନନ ବଗିଚା,ସମୟ: ସକାଳ ୮ ଟା।

## ବରଗଡ଼
- ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପିପିଲିପାଲି, ସୋହେଲା, ସମୟ: ସକାଳ ୮ଟା।
- ଶିବ ମନ୍ଦିର ରତ୍ନମୋଦକ ସ୍ଥାପନ ସମାରୋହ, ସ୍ଥାନ: କୁର୍ଲୁପାଲି, ଝାରବନ୍ଧ, ସମୟ: ସକାଳ ୮ଟା।
- ସରବତ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧିଛକ, ବରଗଡ଼, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କମ୍ପପାଲି, ଭେଡ଼େନ, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ବିଜେଡିର ବାଇକ୍ ରାଲି ସହିତ ସଙ୍କଳ୍ପ ସମାବେଶ, ସ୍ଥାନ: ବିଜେପୁର ଖେଳପଡିଆ ପରିସର, ସମୟ: ସକାଳ ୯ଟା।

## ନୂଆପଡ଼ା
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବରପଦରପଡା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ଜଟଗଡ଼ ପଞ୍ଚାୟତ ବାଲିପାର୍ଟି, ସମୟ: ସକାଳ ୯ଟା ୩୦।

## ଦେବଗଡ଼
- କଂଗ୍ରେସର ନିର୍ବାଚନୀ ପ୍ରଚାର, ସ୍ଥାନ: ତିଲେଇବନି ବ୍ଲକ ଝରାଗୁଗୁଆ, ପାରପୋଷି, ଡିମିରିକୁଦା, ଲଇମୁରା, ଗଣ୍ଡମ ଗ୍ରାମ, ସମୟ: ସକାଳ ୯ଟା।

## ବୌଦ୍ଧ
- ଦପଲା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଦପଲା ଗ୍ରାମ୍ୟ ପୂଜାମଣ୍ଡପ, କଣ୍ଟାମାଳ, ସମୟ: ସକାଳ ୯ଟା।
- କଣ୍ଟାମାଳ ଖୁଣ୍ଟିଗୋରା କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ସ୍ଥାନ: ଖୁଣ୍ଟିଗୋରା ସତ୍‌ସଙ୍ଗ ପଡିଆ,ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ବିଜେଡି ପ୍ରାର୍ଥିନୀଙ୍କ ଝାରସୁଗୁଡା ପୌର ପରିଷଦ ପରିଦର୍ଶନ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଅଷ୍ଟପ୍ରହର ନାମଯଜ୍ଞର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ଭାଗିପାଲି ଗ୍ରାମ, ସମୟ: ଅପରାହ୍ନ ୫ଟା ୩୦ ମିନିଟ୍।
- କଂଗ୍ରେସ ପ୍ରାର୍ଥିନୀଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: କାଲାବିରା ବ୍ଲକ, ସମୟ: ଅପରାହ୍ନ ୫ଟା ୩୦ ମିନିଟ୍।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର ଯୋଗୁ ବନ୍ଧୁଙ୍କ ସହ କାମ କରିବାକୁ ଆଗ୍ରହ ଦେଖାଇବେ। ଆର୍ଥିକ ଦିଗଟି ଭଲ ରହିବ ଏବଂ ଦିନଟି ସୁରୁଖୁରୁରେ ଅତିବାହିତ ହେବ। ମାତ୍ର ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ଅନୁଭବ କରିପାରନ୍ତି। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରିପାଇବାରେ ମନସ୍ତାପ କରିବେ।

**ବୃଷ** ରାଶିରେ ବୃହସ୍ପତିଙ୍କ ସ୍ଥିତିରୁ ପ୍ରିୟଜନଙ୍କ ସାନ୍ନିଧ୍ୟ ପ୍ରତ୍ୟୁଷ ଯାତ୍ରାକୁ ପ୍ରୀତିପ୍ରଦ କରାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତ ଫଳ ପାଇବେ। ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ ଓ ତଥାପି ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଭାବରେ ଦୂରଯାତ୍ରା କରିବା ସକାଶେ ଯୋଜନା କରିବେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସାହସିକତାର ପରିଚୟ ଦେଇ କାର୍ଯ୍ୟ ହାସଲ କରିବେ। ସାମାଜିକ ଜୀବନରେ ସୁନାମ ଓ କର୍ମଦକ୍ଷତାର ଭୂରି ଭୂରି ପ୍ରଶଂସାରେ ମନ ଉଦ୍‌ବେଳିତ ହୋଇଉଠିବ। ଆର୍ଥିକ ସ୍ଥିତି ବେଶ୍ ମଜଭୁତ ରହିବା ସହ ବ୍ୟବସାୟିକ କ୍ଷେତ୍ର ସନ୍ତୋଷଜନକ ରହିବ। ବ୍ୟବସାୟିକ ସଫଳତା ପାଇବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧିପାଇବ।

**କର୍କଟ** କର୍ମଜଞ୍ଜାଳ ବଢ଼ିଯିବାରୁ ମନ ଅଶାନ୍ତ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ଓ ଅଧସ୍ତନ କର୍ମଚାରୀଙ୍କ ସାହାଯ୍ୟକାରୀ ମନୋବୃତ୍ତିରୁ ଖୁସି ରହିବେ। ଅଶ୍ଳେଷା ନକ୍ଷତ୍ର ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପ୍ରାପ୍ତି ହେବ।

**ସିଂହ** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସମସ୍ୟାଗୁଡ଼ିକର ସମାଧାନ କରିବାରେ ସଫଳ ହେବେ। ନିକଟ ସମ୍ପର୍କୀୟମାନଙ୍କ ପିଠି ଥାପୁଡ଼ାଇ କାମ ହାସଲ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ହାସଲ କରିବେ। ସନ୍ତାନଙ୍କ କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା** ସରକାରୀ ସ୍ତରରୁ ସାହାଯ୍ୟ ଦ୍ୱାରା ଅର୍ଥସଙ୍କଟ ଦୂରୀଭୂତ ହୋଇପାରିବ। ହସ୍ତା ନକ୍ଷତ୍ର ସକାଶେ ପରିବାରରେ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଜଞ୍ଜାଳ ବୃଦ୍ଧି ପାଇପାରେ। ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ପାଇବେ।

**ତୁଳା** ଚିତ୍ରା ନକ୍ଷତ୍ର ମନ ଅନୁଯାୟୀ କାମ ହାସଲ କରିବାରେ ସଫଳ ହେବେ। ବନ୍ଧୁଙ୍କ ସହ ବିତର୍କ ଜନିତ ମନାନ୍ତର ବେଶି କ୍ଷଣ ତିଷ୍ଠି ରହିବ ନାହିଁ। ଚେଷ୍ଟା କରୁଥିବା କାମଟି ଆଜି ଆନୁଷଙ୍ଗିକ ସୁବିଧା ସୁଯୋଗ ମାଧ୍ୟମରେ ହଠାତ୍ ସମ୍ପନ୍ନ ହୋଇଯିବ। ବ୍ୟବସାୟିକ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବା ସମ୍ଭାବନା ରହିଛି।

**ବିଛା** ବନ୍ଧୁମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ପ୍ରଦର୍ଶନ କରିପାରନ୍ତି। ଅନୁରାଧାର କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅସମ୍ପୂର୍ଣ୍ଣ ରହିବାରୁ ମନରେ ଅସ୍ଥିରତା ଲାଗି ରହିବ। ସଭାସମିତି, ପରିବହନ, ଦୋକାନ ବାଡ଼ି, ନିର୍ମାଣ, ଆଇନ, କ୍ଷେତ୍ରରେ ମନ ଅନୁଯାୟୀ କାର୍ଯ୍ୟ କରିବେ। ପ୍ରିୟଜନର ପ୍ରତ୍ୟେକ କଥାରେ ନୀରବ ସମର୍ଥନ ଦେବାକୁ ବାଧ୍ୟହେବେ।

**ଧନୁ** କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ପ୍ରିୟଜନଙ୍କ ଅନୁପସ୍ଥିତି ମନକୁ ବେଶି ବାଧିବ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନଯୋଗୀ ସ୍ୱଭାବ ଯୋଗୁ ବିଚଳିତ ହେବେ। ସହକର୍ମୀଙ୍କୁ ଅନୁନୟ ବିନୟ ଭାବେ କହିବେ ତେବେ ସେ କାମଟି କରିଦେବେ। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟର ଆୟୋଜନରେ ସଫଳତା ମିଳିବ।

**ମକର** ଉତ୍ତରାଷାଢ଼ା ନକ୍ଷତ୍ର ସମ୍ପୂର୍ଣ୍ଣ ସୁସ୍ଥତା ନ ରହିଲେ ମଧ୍ୟ ଅବସ୍ଥା ଗୁରୁତର ହେବ ନାହିଁ। ଟଙ୍କା ପଇସା ସମ୍ପର୍କିତ କିମ୍ବା ଜମିଜମା, ଗୃହନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ କିଛି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ। ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ** ବିଭିନ୍ନ ସମସ୍ୟାରେ ଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କ ନିକଟରୁ କିଛି ଖରାପ ଖବର ପାଇ ବିବ୍ରତ ହୋଇପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ମନ ସାମୟିକ ବିବ୍ରତ ରହିବ। ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ପ୍ରାୟତଃ କୌଣସି ଅସୁବିଧା ରହିବ ନାହିଁ।

**ମୀନ** ଉତ୍ତର ଭାଦ୍ରପଦ ନକ୍ଷତ୍ରର ଶାରୀରିକ ଓ ମାନସିକ ସୁସ୍ଥତା ବେଶ୍ ଭଲ ରହିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଅଭିଳଷିତ ଫାଇଦା ଉଠାଇପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ସରକାରୀ ସ୍ତରରୁ ଋଣ ଆଣିବା ସକାଶେ ମନ ବଳାଇପାରନ୍ତି।

ଆଜି ମେ ୭ ତାରିଖ, ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀଯୁକ୍ତ ଅମାବାସ୍ୟା ମଙ୍ଗଳବାର। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଚତୁର୍ଦ୍ଦଶୀର ଏବଂ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଆଜି ଅମାବାସ୍ୟାର ନିଶା ପାଳନ ଏବଂ ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ। ସକାଳ ଘ.୦୮।୩୦ ଗତେ, ଦିବା ଘ.୧୦।୨୬ ମଧ୍ୟେ, ଦିବା ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୫ ଗତେ, ଘ.୦୪।୩୨ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ

### ଓଡ଼ିଶାର ପାସହାର...

ସର୍ବାଧିକ ୯୯.୫୩% ପାସ୍‌ହାର ରହିଛି। ସେପଟେ ଓଡ଼ିଶାରେ ମଧ୍ୟ ଉଭୟ ଦଶମ ଏବଂ ଦ୍ୱାଦଶରେ ଛାତ୍ରୀଙ୍କ ପାସ୍‌ହାର ଅଧିକ ରହିଛି। ଦଶମରେ ୯୩ଟି ସ୍କୁଲର ମୋଟ ୮,୭୩୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୮,୬୫୯ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଝିଅଙ୍କ ପାସ୍‌ହାର ୯୯.୩୪% ଥିବା ବେଳେ ଛାତ୍ରଙ୍କ ପାସ୍‌ହାର ୯୮.୮୬% ରହିଛି। ୪,୧୧୦ଜଣ ଛାତ୍ରୀଙ୍କ ମଧ୍ୟରୁ ୪,୦୮୩ଜଣ ପାସ୍ ହୋଇଥିବା ବେଳେ ୨୭ଜଣ ଫେଲ ହୋଇଛନ୍ତି। ସେହିଭଳି ୪,୬୨୯ଜଣ ଛାତ୍ରଙ୍କ ମଧ୍ୟରୁ ୪,୫୭୬ଜଣ ପାସ୍ ହୋଇଥିବା ବେଳେ ୫୩ଜଣ ଫେଲ୍ ହୋଇଛନ୍ତି। ଅନ୍ୟପକ୍ଷରେ ଏସ୍‌ସି ଛାତ୍ରଛାତ୍ରୀଙ୍କ ପାସ୍‌ହାର ୯୮.୬୪% ଥିବାବେଳେ ଏସ୍‌ଟି ୯୭.୧୭% ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ପାସ୍‌ହାର ୯୯.୫୦% ରହିଛି।

ଅନ୍ୟପଟେ ଦ୍ୱାଦଶରେ ଓଡ଼ିଶାର ୩୩ଟି ସ୍କୁଲର ମୋଟ ୧,୭୨୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧,୭୦୭ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଝିଅଙ୍କ ପାସ୍‌ହାର ୯୮.୯୫% ଓ ଛାତ୍ରଙ୍କ ପାସ୍‌ହାର ୯୮.୮୫% ରହିଛି। ପରୀକ୍ଷା ଦେଇଥିବା ୮୫୪ଜଣ ଛାତ୍ରୀଙ୍କ ମଧ୍ୟରୁ ୮,୪୫ଜଣ ପାସ୍ ହୋଇଥିବା ବେଳେ ୯ଜଣ ଫେଲ ହୋଇଛନ୍ତି। ସେହିପରି ଦ୍ୱାଦଶ ପରୀକ୍ଷା ଦେଇଥିବା ୮୭୨ଜଣ ଛାତ୍ରଙ୍କ ମଧ୍ୟରୁ ୮୬୨ଜଣ ପାସ୍ ହୋଇଥିବା ବେଳେ ୧୦ଜଣ ଫେଲ୍ ହୋଇଛନ୍ତି। ଏସ୍‌ସି ଛାତ୍ରଛାତ୍ରୀଙ୍କ ପାସ୍‌ହାର ୯୮.୯୮%, ଏସ୍‌ଟି ୯୮.୫୫% ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ପାସ୍‌ହାର ୯୭.୭୩% ରହିଛି।

ଦଶମ ପରୀକ୍ଷା ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୮ରେ ଶେଷ ହୋଇଥିଲା। ସେହିପରି ଦ୍ୱାଦଶ ପରୀକ୍ଷା ଫେବୃଆରୀ ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୪ରେ ସରିଥିଲା। ଛାତ୍ରଛାତ୍ର cisce.org ଏବଂ results.cisce.org ୱେବ୍‌ସାଇଟରେ ନିଜ ପରୀକ୍ଷାଫଳ ଦେଖିପାରିବେ। ଏଥିସହ ପରୀକ୍ଷା ଫଳରେ ଅସନ୍ତୁଷ୍ଟ ଛାତ୍ରଛାତ୍ର ରିଚେକିଂ ଏବଂ ପୁନଃ ମୂଲ୍ୟାଙ୍କନ କରିବାକୁ ଆବେଦନ କରିପାରିବେ। ଗୋଟିଏ ବିଷୟରେ ରିଚେକିଂ ପାଇଁ ୧,୦୦୦ ଟଙ୍କା ଏବଂ ପୁନଃ ମୂଲ୍ୟାଙ୍କନ ଲାଗି ୧,୫୦୦ଟଙ୍କା ରହିଛି। ସୋମବାରଠାରୁ ୧୦ ତାରିଖ ମଧ୍ୟରେ ଛାତ୍ରଛାତ୍ର ରିଚେକିଂ ପାଇଁ ଆବେଦନ କରିପାରିବେ। ୪ ସପ୍ତାହ ମଧ୍ୟରେ ତା'ର ରେଜଲ୍ଟ ପ୍ରକାଶ ପାଇବ। ସେହିପରି ପୁନଃ ମୂଲ୍ୟାଙ୍କନ ପାଇଁ ରେଜଲ୍ଟ ପ୍ରକାଶ ପାଇବାର ୨୪ ଘଣ୍ଟା ମଧ୍ୟରେ ଆବେଦନ କରିବାକୁ ପଡ଼ିବ ବୋଲି ସିଆଇଏସ୍‌ସିଇ ପକ୍ଷରୁ ସୂଚନା ଦିଆଯାଇଛି।

### କେଜ୍‌ରିୱାଲଙ୍କ ବିରୋଧରେ...

ଭିଡିଓରେ ପନ୍ନୁନ ଅଭିଯୋଗ କରିଥିଲେ। ୨୦୧୪ରେ କେଜ୍‌ରିୱାଲ ନ୍ୟୁୟର୍କ ଗସ୍ତରେ ଯାଇ ଖଲିସ୍ତାନୀ ନେତାମାନଙ୍କ ସହ ଗୁରୁଦ୍ୱାରା ରିଚ୍‌ମଣ୍ଡ ହିଲ୍ସଠାରେ ରୁଦ୍ଧଦ୍ୱାର ବୈଠକ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଆପ୍‌କୁ ଖଲିସ୍ତାନୀ ସଂଗଠନ ପାଣ୍ଠି ଯୋଗାଇଦେଲେ ତା' ବଦଳରେ ଭୁଲ୍ଲାରଙ୍କୁ ମୁକ୍ତ କରିବା ଦିଗରେ କେଜ୍‌ରିୱାଲ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖଲିସ୍ତାନୀ ନେତାଙ୍କ ସହ କେଜ୍‌ରିୱାଲଙ୍କ ବୈଠକର ତଥାକଥିତ ଫଟୋ ପୂର୍ବତନ ଆପ୍ କର୍ମୀ ମୁନିଶ୍ କୁମାର ରାଇଜାଦା ପୂର୍ବରୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଏନ୍‌ଆଇଏ ତଦନ୍ତ ସୁପାରିସ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଆପ୍ ନେତା ତଥା ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ ଏହାକୁ କେଜ୍‌ରିୱାଲଙ୍କ ବିରୋଧରେ ଆଉ ଏକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଦିଲ୍ଲୀରେ ଲୋକ ସଭା ନିର୍ବାଚନ ହାରିବା ଭୟରେ ଭାଜପା ଏଭଳି ଷଡ଼ଯନ୍ତ୍ର କରୁଛି। ସୂଚନାଯୋଗ୍ୟ, ପୂର୍ବରୁ ଦିଲ୍ଲୀର ତିହାର ଜେଲରେ ଥିବା ଭୁଲ୍ଲାରଙ୍କୁ ୨୦୧୫ ଜୁନ୍‌ରେ ଅମୃତସର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

### କାଳବୈଶାଖୀ: ଅଧଘଣ୍ଟା...

ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଝାରସୁଗୁଡା ବିମାନବନ୍ଦରରେ ପ୍ରାୟ ୨୦ ମିନିଟ୍ ରହିବା ପରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ସୁରକ୍ଷିତ ଭାବେ ଅବତରଣ କରିଛନ୍ତି। କାଳବୈଶାଖୀ ବେଳେ ଭୁବନେଶ୍ୱର ବିମାନବନ୍ଦରରେ ପବନର ବେଗ ଘଣ୍ଟା ପ୍ରତି ପ୍ରାୟ ୮୦ ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ 'ଏକ୍ସ'ରେ ସୂଚନା ଦିଆଯାଇଛି।

### ସହାୟକଙ୍କ ଘରୁ...

ଅନିୟମିତତା ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ରାମ ଗତବର୍ଷ ଗିରଫ ହୋଇଥିଲେ। ଲୋକ ସଭା ନିର୍ବାଚନ ସମୟରେ ବିପୁଳ ଅର୍ଥ ଜବତ ହେବା ଘଟଣାରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ଜବତ ଟଙ୍କା ସହ କଂଗ୍ରେସ ଦଳର ମନ୍ତ୍ରୀ ସମ୍ପୃକ୍ତ ଥିବା ଭାଜପା ଅଭିଯୋଗ କରିଛି। ଓଡ଼ିଶାରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାଡ଼ଖଣ୍ଡରୁ ଟଙ୍କା ଜବତ ପ୍ରସଙ୍ଗ ଉଠାଇ ତାଙ୍କ ସରକାର କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର କରୁଥିବା ନେଇ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇଛନ୍ତି।

### ଭାଜପା ଦିନରେ...

ଗତ କିଛିଦିନ ତଳେ ପାଣ୍ଡିଆନ ଜାତୀୟ ସ୍ତରର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାରରେ ଉଭୟ ମୋଦି ଏବଂ ନବୀନଙ୍କୁ ଷ୍ଟେଟ୍ସମ୍ୟାନ୍ (ଜନନାୟକ) ବୋଲି ସମ୍ବୋଧନ କରିଥିଲେ। କେନ୍ଦ୍ରରେ ମୋଦି ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି ପାଣ୍ଡିଆନ କହିଥିଲେ। ଏବେ ଭାଜପା ବିରୋଧରେ ବିଜେଡିର ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଜୋର ଧରିଛି।

ବିରୋଧୀ ଦଳର ବଡ଼ ବଡ଼ ପ୍ରତିଶ୍ରୁତି ଉପରେ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସେମାନେ ମିଛ କହୁଛନ୍ତି। କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେମାନଙ୍କର ଓଡ଼ିଶା ପ୍ରତି ବା ଓଡ଼ିଶାବାସୀଙ୍କ ପ୍ରତି କୌଣସି ଆନ୍ତରିକତା ନାହିଁ। ନିର୍ବାଚନ ସମୟରେ ତାଙ୍କର ଓଡ଼ିଶା କଥା ମନେପଡ଼େ। ଭବାନୀପାଟଣା ଓ ଖଡ଼ିଆଳରେ ମୁଖ୍ୟମନ୍ତ୍ରୀ ନିରାଡ଼ମ୍ବର ଶୈଳୀରେ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ଯୋଡ଼ି ରାଜ୍ୟରେ ଚାଲିଥିବା ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଲୋକଙ୍କ ମତାମତ ଲୋଡ଼ିଥିଲେ। ଉପସ୍ଥିତ ଜନତାଙ୍କ ସମବେତ 'ହଁ' ଧ୍ୱନିରେ ସଭାସ୍ଥଳ ପ୍ରତିଧ୍ୱନିତ ହୋଇଥିଲା। ମମତା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ଲକ୍ଷ୍ମୀ ବସ୍, ନୂଆ-ଓ ଛାତ୍ରବୃତ୍ତି, କାଳିଆ, ୫-ଟି ସ୍କୁଲ ରୂପାନ୍ତର, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଦି ସବୁ ଯୋଜନା ସମ୍ପର୍କରେ ଲୋକମାନେ ଅତି ଉତ୍ସାହର ସହ ସମ୍ମତି ଦେଇଛନ୍ତି। ଉଭୟ ବିଧାନସଭା ଓ ଲୋକ ସଭା ପାଇଁ ଭୋଟ ଦେଇ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଜିତାଇବାକୁ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ନିବେଦନ କରିଛନ୍ତି।

ନିର୍ବାଚନୀ ସଭାରେ ଯୋଗଦେଇ ପାଣ୍ଡିଆନ କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ଯାହାକୁ ଚାହିଁବେ, ସିଏ ତାଙ୍କର ସେବା କରିବ। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମହାପ୍ରଭୁଙ୍କ ଆଶୀର୍ବାଦ ଅଛି, ତେଣୁ ସେ ତାଙ୍କର ସେବା କରୁଛନ୍ତି ଏବଂ କରି ଚାଲିବେ। ଆପଣମାନଙ୍କ ସହଯୋଗରେ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ଇତିହାସ ରଚିବେ। ଓଡ଼ିଶା ନୂଆ ଇତିହାସ ସୃଷ୍ଟି କରିବ। ଜୁନ୍ ୯ ତାରିଖରେ ବିଜୁ ଜନତା ଦଳର ସରକାର ଶପଥ ଗ୍ରହଣ କରିବ। ଦିନ ସାଢ଼େ ୧୧ଟାରୁ ଗୋଟାଏ ମଧ୍ୟରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭାଜପାକୁ କଡ଼ା ସମାଲୋଚନା କରି ପାଣ୍ଡିଆନ କହିଛନ୍ତି, ଓଡ଼ିଶାରେ ୨୪ ବର୍ଷ ହେଲାଣି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଅଛନ୍ତି। ଭାଜପା ନେତାମାନଙ୍କୁ ପଚାରନ୍ତୁ, ସେମାନେ ୨୪ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ କରିଛନ୍ତି କି। ସେମାନଙ୍କ ସବୁ କଥା ଛଳନାରେ ଭରପୂର। ଭାଜପା ନିର୍ବାଚନୀ ଇସ୍ତାହାରରେ ସେଭଳି ଗୁରୁତ୍ୱପୂର୍ଣ୍ଣ କିଛି ନାହିଁ। ସେମାନଙ୍କ ଇସ୍ତାହାର ଅନୁଯାୟୀ ଚାଲିଲେ ଓଡ଼ିଶା ୨୦ ବର୍ଷ ପଛକୁ ଚାଲିଯିବ। ଡବଲ ଇଞ୍ଜିନ ସରକାର ଯେଉଁଠି ବି ଚାଲିଥିଲା ସେଠାରେ ଶାସନ ଭୁଶୁଡ଼ି ପଡ଼ିଛି। ତାଙ୍କର ତେଲ ସରିଗଲା ପରେ ଗାଡ଼ି ବନ୍ଦ ହୋଇଗଲା। ନବୀନ ଇଞ୍ଜିନ କେବେ ବି ବନ୍ଦ ହୋଇନାହିଁ କି ହେବ ନାହିଁ।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଉପରେ ମତ ରଖି ପାଣ୍ଡିଆନ କହିଛନ୍ତି, ଏହି କାର୍ଡ ହେଉଛି ଏଟିଏମ୍ କାର୍ଡ ପରି। ଏଥିରେ ଆପଣ ଆରାମରେ କ୍ୟାଶଲେସ୍ ସେବା ପାଉଛନ୍ତି। କିନ୍ତୁ କେନ୍ଦ୍ରର ଆୟୁଷ୍ମାନ ଯୋଜନା ବୀମା କମ୍ପାନୀ ଦ୍ୱାରା କାର୍ଯ୍ୟକାରୀ ହେଉଛି। ଆୟୁଷ୍ମାନ ଯୋଜନାରେ ଓଡ଼ିଶାର ଭାଗ ବର୍ଷକୁ ମାତ୍ର ୩୦୦ କୋଟି। କିନ୍ତୁ ବିଏସ୍‌କେୱାଇରେ ଆମେ ସେତିକି ଟଙ୍କା ଗୋଟିଏ ମାସରେ ଲୋକଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ କରୁଛୁ। ଭାଜପା କହିଛି ନିର୍ବାଚନରେ ଜିତିଲେ ୧୦୦ ଦିନ ମଧ୍ୟରେ ବିଏସ୍‌କେୱାଇ ବନ୍ଦ କରିଦେବ। ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ କେହି ସ୍ୱପ୍ନରେ ଏହାକୁ ବନ୍ଦ କରିପାରିବେ ନାହିଁ।

କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲ କହିଛନ୍ତି, ଭାଜପା ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ସବୁ ଇସ୍ତାହାରରେ କୁହେ, କିନ୍ତୁ କେବେ କରେ ନାହିଁ। ବିଦେଶରୁ କଳା ଧନ ଆଣିବା କଥା ଆଉ କହୁ ନାହିଁ ଗରିବଙ୍କ ଆକାଉଣ୍ଟରେ ୧୫ ଲକ୍ଷ ତ ଦୂରର କଥା, ୧୫ ପଇସା ବି ଜମା ହୋଇନାହିଁ। କିନ୍ତୁ ନବୀନ ପଟ୍ଟନାୟକ ତାଙ୍କ ବିକାଶ ଯାତ୍ରାରେ କାହାକୁ ବି ଅଣଦେଖା କରିନାହାନ୍ତି କି ଛାଡ଼ି ନାହାନ୍ତି। ଆଜି କଳାହାଣ୍ଡିରେ ଯେତିକି ବି ବିକାଶ ହୋଇଛି, ନବୀନ ପଟ୍ଟନାୟକଙ୍କ ଯୋଗୁ ସମ୍ଭବ ହୋଇଛି ବୋଲି ନିଆଲ କହିଛନ୍ତି।

ଭବାନୀପାଟଣାରେ ବିଧାୟକ ପ୍ରାର୍ଥୀ ଲଳିତା ନାୟକ, ଧର୍ମଗଡ଼ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ପ୍ରଦୀପ ଦିଶାରୀ ଏବଂ ନର୍ଲା ବିଧାୟକ ପ୍ରାର୍ଥୀ ମନୋରମା ମହାନ୍ତି ଉପସ୍ଥିତ ଥିଲେ। ସେହିପରି ଖଡ଼ିଆଳ ସଭାରେ ନୂଆପଡ଼ା ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଏବଂ ଖଡ଼ିଆଳ ବିଧାନସଭା ପ୍ରାର୍ଥୀ ଅଧିରାଜ ପାଣିଗ୍ରାହୀ ପ୍ରମୁଖ ନିର୍ବାଚନ ପ୍ରଚାର କରି ଭୋଟ ଦେବା ପାଇଁ ନିବେଦନ କରିଛନ୍ତି।

### ଜୁନ୍ ୪ ବିଜେଡିର...

ଏଠାରେ ପ୍ରଚୁର ପରିମାଣରେ ପ୍ରାକୃତିକ ସମ୍ପଦ ରହିଥିଲେ ସୁଦ୍ଧା ଏଠାକାର ଲୋକମାନେ ଗରିବ। ତେଣୁ ଏଥର ଭାଜପାକୁ ସୁଯୋଗ ଦେଲେ ୫ବର୍ଷରେ ଓଡ଼ିଶାର ଦ୍ରୁତ ବିକାଶ ହେବ ବୋଲି ମୋଦି କହିଛନ୍ତି।

କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଦୁଇଟିଯାକ ସଭା ଶେଷ କରିଫେରିବା ପରେ ଓଡିଆରେ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି ଯେ, ସେ ବ୍ରହ୍ମପୁର ଏବଂ ନବରଙ୍ଗପୁରକୁ ଭାଜପା ପାଇଁ ଭୋଟ୍ ମାଗିବା ପାଇଁ ଆସି ନ ଥିଲେ, ବରଂ ଆସନ୍ତା ଜୁନ୍ ମାସରେ ଓଡ଼ିଶାରେ ଜଣେ ଭାଜପା ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ଜନସାଧାରଣଙ୍କୁ ଆମନ୍ତ୍ରିତ କରିବାକୁ ଆସିଥିଲେ। ବିଜେଡି ଓ କଂଗ୍ରେସକୁ ଓଡିଶା ଅନେକ ବର୍ଷ ଦେଇସାରିଛି ତଥାପି ଲୋକଙ୍କ ଆଶା ଆକାଂକ୍ଷା ଅପୂରଣୀୟ ରହିଛି। ଓଡ଼ିଶା ଆଶାର ସହିତ ଭାଜପା ଆଡକୁ ଦେଖୁଥିବା ସେ ଉଲ୍ଲେଖ କରିଛନ୍ତି। ନିର୍ବାଚନୀ ତାରିଖ ଘୋଷଣା ହେବାପରେ ନିର୍ବାଚନ ପ୍ରଚାର ପାଇଁ ଏହା ମୋଦିଙ୍କର ପ୍ରଥମ ଗସ୍ତ ଥିଲା।

ମୋଦି କହିଛନ୍ତି, ବିଜେଡି ସରକାରର ଶାସନ ରାଜ୍ୟରେ ୨୫ ବର୍ଷ ପୂରିଥିବା ବେଳେ କଂଗ୍ରେସ ୫୦ ବର୍ଷ ଶାସନ କରିସାରିଛି, କିନ୍ତୁ ରାଜ୍ୟରେ କିଛି ହୋଇନାହିଁ। ରାଜ୍ୟ ଜଳସମ୍ପଦ, ଉର୍ବର ଜମି, ଖଣିଜ ସମ୍ପଦ, ଲଙ୍ଗକୋଷ୍ଟ ଲାଇନ, ବ୍ରହ୍ମପୁର ଭଳି ବାଣିଜ୍ୟ କେନ୍ଦ୍ରରେ ସମୃଦ୍ଧ ହୋଇଥିଲେ ମଧ୍ୟ ରାଜ୍ୟବାସୀ ଏବେ ବି ଗରିବ। ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ସର୍ବାଧିକ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ରାଜ୍ୟର ଅନେକ ହସ୍ପିଟାଲରେ ଡାକ୍ତର ପଦବୀ ଖାଲି ପଡ଼ିଛି। ଏଥିପାଇଁ କିଏ ଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ସମ୍ବଳ ସମ୍ପନ୍ନ ଓଡ଼ିଶାର ଲୋକେ ଏବେ ବି କାହିଁକି ଗରିବ ଅଛନ୍ତି। ରାଜ୍ୟରେ ୫୦ବର୍ଷ ଶାସନ କରିଥିବା କଂଗ୍ରେସ ଓ ପରେ ପରବର୍ତ୍ତୀ ୨୫ ବର୍ଷ ବିଜେଡିର ବ୍ୟାପକ ଲୁଟ୍ ହେଉଛି ଏହାର ଉତ୍ତର। ଛୋଟ ବିଜେଡି ନେତାମାନେ ଏବେ ବଡ଼ ବଡ଼ କୋଠାର ମାଲିକ ହୋଇଯାଇଛନ୍ତି। ବିଜେଡି ବୁଡ଼ିଯାଉଥିବା ବେଳେ କଂଗ୍ରେସ ଏକ ଖର୍ଚ୍ଚ ଶକ୍ତି ଏବଂ ଭାଜପା ହିଁ ଲୋକଙ୍କ ପାଇଁ ଏକମାତ୍ର ଆଶାର କିରଣ। ରାଜ୍ୟକୁ ପାଣ୍ଠି ଆବଣ୍ଟନରେ ସେ କେବେ ବି ଆପୋସ ବୁଝାମଣା କରିନାହାନ୍ତି। ୟୁପିଏ ସରକାର ନିଜ ୧୦ ବର୍ଷର କାର୍ଯ୍ୟକାଳରେ ଓଡ଼ିଶାକୁ ମାତ୍ର ୧ ଲକ୍ଷ କୋଟି ଟଙ୍କା ଦେଇଥିବା ବେଳେ ମୋଦି ସରକାର ଗତ ୧୦ ବର୍ଷରେ ରାଜ୍ୟକୁ ୩.୫୦ ଲକ୍ଷ କୋଟିରୁ ଅଧିକ ଟଙ୍କା ଦେଇଛନ୍ତି। ମୋଦି ସରକାର ଗର୍ଭବତୀ ମହିଳାଙ୍କୁ ଜନନୀ ସୁରକ୍ଷା ଯୋଜନାରେ ୬ ହଜାର ଟଙ୍କା ପ୍ରଦାନ କରୁଛନ୍ତି, ହେଲେ ବିଜେଡି ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ ନ କରି ଏଠାକାର ମହିଳାଙ୍କୁ ଏହି ସୁବିଧାରୁ ବଞ୍ଚିତ କରୁଛନ୍ତି। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବଞ୍ଚିଥିବା, ବୁଝିପାରୁଥିବା ଓ ଗର୍ବ କରୁଥିବା ବ୍ୟକ୍ତି ଓଡ଼ିଶାର ସମସ୍ୟାକୁ ଦ୍ରୁତ ଗତିରେ ସମାଧାନ କରିବାରେ ସହାୟକ ହୋଇପାରିବେ। ତେଣୁ ଶପଥ ଗ୍ରହଣ କରି ଜଣେ ଭାଜପା ମୁଖ୍ୟମନ୍ତ୍ରୀ ହେବା ଉଚିତ।

**ସମୀର ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ**

ଭୁବନେଶ୍ୱର, (ଅନିଲଦାସ): ବିଜେଡି ସଭାପତି ନବୀନ ପଟ୍ଟନାୟକ ନିମାପଡ଼ା ବିଧାୟକ ସମୀର ଦାଶଙ୍କୁ ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ଦେବଗଡ ବିଧାନସଭା ଆସନରୁ ପ୍ରଥମେ ବିଜେଡି ଟିକେଟ ପାଇଥିବା ଅରୁନ୍ଧତୀ ଦେବୀଙ୍କୁ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।



ନୂଆପଡ଼ା ଜିଲା ଖଡ଼ିଆଳଠାରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ସଭାରେ ଉପସ୍ଥିତ କର୍ମୀ ଓ ଜନସାଧାରଣ।



କଳାହାଣ୍ଡି ଜିଲା ଭବାନୀପାଟଣା ଶ୍ରୀକୃଷ୍ଣନଗରଠାରେ ସୋମବାର ନିର୍ବାଚନ ସଭାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦଳୀୟ କର୍ମକର୍ତ୍ତା ସ୍ୱାଗତ କରୁଛନ୍ତି।

# ଉମାବଲ୍ଲଭ- ସୁଜିତ୍ ଗୋଷ୍ଠୀ ମୁଥ ମରାମରି

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମୁହାଁମୁହିଁ

ପୁରୀ,୬।୫(ଅଜିତ୍ ମହାନ୍ତି )

ମେ ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲର ଶେଷଦିନ ଥିଲା। ଶେଷଦିନରେ ଅନେକ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ନାମାଙ୍କନପତ୍ର ଦାଖଲବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଉମାବଲ୍ଲଭ ରଥ ଏବଂ ସୁଜିତ ମହାପାତ୍ରଙ୍କ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି।

ସୂଚନା ଅନୁଯାୟୀ, କଂଗ୍ରେସ ପ୍ରଥମେ ପୁରୀ ସଦର ବିଧାନସଭା ଆସନ ନିମନ୍ତେ ସୁଜିତ୍‌ଙ୍କୁ ଟିକେଟ୍ ଦେଇଥିଲା। ସେ ଶନିବାର ଶୋଭାଯାତ୍ରାରେ ଯାଇ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ଏହାର ୧୨ ଘଣ୍ଟା ନ ପୂରୁଣୁ ଦଳ ତାଙ୍କ ଟିକେଟ୍ କାଟି ଉମାବଲ୍ଲଭଙ୍କୁ ଟିକେଟ ପ୍ରଦାନ କରିଥିଲା। ଫଳରେ ସୁଜିତ୍‌ଙ୍କ ସମର୍ଥକମାନେ ନିରାଶ ହେବା



ସହ ରବିବାର ପୁରୀ ଜିଲା କଂଗ୍ରେସ ଭବନରେ ଭଙ୍ଗାରୁଜା କରିଥିଲେ। ସେହିପରି ସନ୍ଧ୍ୟାରେ ଉମାବଲ୍ଲଭ ଏକ ପଦଯାତ୍ରା କରୁଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ।

ସୋମବାର ସୁଜିତ୍ ସ୍ୱାଧୀନ ପ୍ରାର୍ଥୀ ଭାବେ ତାଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ। ଏହାପରେ ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଖବରଦାତାମାନଙ୍କୁ ସୂଚନା ଦେଉଥିବାବେଳେ ଉମାବଲ୍ଲଭଙ୍କ ଶୋଭାଯାତ୍ରା ଆସି ପହଞ୍ଚିଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କାରେ ସୁଜିତ୍‌ଙ୍କୁ ସେଠାରୁ ଚାଲିଯିବାକୁ ପୋଲିସ କହିଥିଲା। ସୁଜିତ୍ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରକୁ ଆସିବା ସମୟରେ ସ୍ଥାନୀୟ ଛକରେ ତାଙ୍କ ସମର୍ଥକ ଓ ଉମାବଲ୍ଲଭଙ୍କ ସମର୍ଥକମାନେ ମୁହାଁମୁହିଁ ହୋଇଥିଲେ। ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପରକୁ ଠେଲାପେଲା କରିବା ସହ ମୁଥ ମରାମରି ହୋଇଥିଲେ। କେତେଜଣ କର୍ମୀ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୁଜିତ୍‌ଙ୍କ ସମର୍ଥକମାନେ ସେଠାରୁ ଚାଲିଯିବା ପରେ ଉମାବଲ୍ଲଭ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ସମର୍ଥକ ହାତାହାତି ହେବା ଘଟଣା ସେ ଜାଣି ନ ଥିବା ଉମାବଲ୍ଲଭ କହିଛନ୍ତି। ଦୁଇ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଥିବା ସତ୍ତ୍ୱେ ସୁଜିତ୍‌ଙ୍କୁ ଅନ୍ୟତ୍ର ରାସ୍ତା ଦେଇ ନେବା ପରିବର୍ତ୍ତେ ଉମାବଲ୍ଲଭଙ୍କ ଶୋଭାଯାତ୍ରା ଆସିବା ସମୟରେ ସେହି ବାଟ ଦେଇ ଛାଡ଼ିବା ପୋଲିସର ଦୂରଦୃଷ୍ଟି ଅଭାବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ୪ ଆସନରେ ନାମାଙ୍କନ ଭରି ଚର୍ଚ୍ଚାରେ ଜ୍ଞାନେନ୍ଦ୍ର

ସମ୍ବଲପୁର,୬।୫
(ଭବାନୀ ଶଙ୍କର ଭୋଇ)

ଚଳିତ ସାଧାରଣ ନିର୍ବାଚନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରାର୍ଥୀମାନେ ଚର୍ଚ୍ଚାର ପରିସରକୁ ଆସୁଛନ୍ତି । ଏମିତି ଜଣେ ସ୍ୱାଧୀନ ପ୍ରାର୍ଥୀ ହେଲେ ଜ୍ଞାନେନ୍ଦ୍ର ବେହେରା, ଯିଏ ଦୁଇଟି ଲୋକ ସଭା ଏବଂ ଦୁଇଟି ବିଧାନସଭା ଆସନରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନେତାମାନେ ଗୋଟିଏ ବିଧାନସଭା କିମ୍ବା ଲୋକ ସଭାରେ ପ୍ରାର୍ଥୀ ହୋଇ ପ୍ରଚାର ପାଇଁ ନାକେଦମ ହେଉଥିବା ବେଳେ ଜ୍ଞାନେନ୍ଦ୍ର ବରଗଡ଼ ଏବଂ ସମ୍ବଲପୁର ଲୋକ ସଭା ସହ ଝାରସୁଗୁଡ଼ା ଏବଂ ସମ୍ବଲପୁର ବିଧାନସଭା କ୍ଷେତ୍ରରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୋମବାର ଜ୍ଞାନେନ୍ଦ୍ର ଏକ ରିକ୍ସାରେ ଏକ ମୃତ ରୋଗୀର ପୁତ୍ତଳିକାକୁ ବୋହି ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସାଥିରେ ଥିବା ତାଙ୍କର ସମର୍ଥକ ବିଭିନ୍ନ ପ୍ରସଙ୍ଗରେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ପ୍ରଦର୍ଶନ କରିଥିଲେ। ବୁର୍ଲା ଡାକ୍ତରଖାନାର ପ୍ରକୃତ ଅବସ୍ଥା ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ତାଙ୍କର ଏହା ଅଭିନବ ପ୍ରୟାସ ବୋଲି ସେ କହିଥିଲେ। ନାମାଙ୍କନପତ୍ର



ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରା ନିର୍ବାଚନ ଶୋଭାଯାତ୍ରାରେ ଯାଉଛନ୍ତି।

କାଏମ ରହିଲେ ଚାରୋଟିଯାକ ଅଞ୍ଚଳରେ କିଭଳି ପ୍ରଚାର କରିବେ, ସେ ନେଇ ପଚାରିବାରୁ ଜ୍ଞାନେନ୍ଦ୍ର କହିଛନ୍ତି, ଅଧିକ ପୋଷ୍ଟର ବ୍ୟାନର ଲଗାଇ ଗାଡ଼ି ବୁଲାଇ ପ୍ରଚାର ପାଇଁ ମୋ ପାଖରେ ଅର୍ଥ ନାହିଁ। ତେବେ ନିଜେ ଦୁଇଟିଯାକ ଲୋକ ସଭାର ବିଭିନ୍ନ ଅଞ୍ଚଳ ବୁଲି ସ୍ଥାନୀୟ ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରି ଭୋଟ ଭିକ୍ଷା କରିବେ ବୋଲି କହିଛନ୍ତି।

ସୁଚନାଯୋଗ୍ୟ ଯେ, ଜ୍ଞାନେନ୍ଦ୍ର ବେହେରା ପୂର୍ବରୁ ମଧ୍ୟ ଝାରସୁଗୁଡା ଉପନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସମାଜିକକର୍ମୀ ଭାବେ ପରିଚିତ ଜ୍ଞାନେନ୍ଦ୍ରଙ୍କର ଝାରସୁଗୁଡାରେ ନିଜସ୍ୱ ବ୍ୟବସାୟ ରହିଛି। ସେ ଦୀର୍ଘବର୍ଷ ହେବ ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତି ଏବଂ କଳକାରଖାନାର ଦୌରାତ୍ମ୍ୟକୁ ନେଇ ଲଢେଇ କରି ଆସୁଛନ୍ତି। ସମ୍ବଲପୁରୀ ସ୍ୱାଭିମାନକୁ ନେଇ ସେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା କହିଛନ୍ତି। ସାମାଜିକ ସମ୍ପର୍କକୁ ଆଧାର କରି ସେ ନିର୍ବାଚନୀ ମଇଦାନରେ ଜନସାଧାରଣଙ୍କ ଭୋଟ ପାଇବା ନେଇ ଆଶାବାଦୀ ରହିଥିବା କହିଛନ୍ତି ।

# ଦଳ ଛାଡ଼ିଲେ ରାୟଗଡ଼ା ଜିଲା କଂଗ୍ରେସ ସଭାପତି

ରାୟଗଡ଼ା/ଗୁଣପୁର,୬।୫(ଆଶିଷ ରଞ୍ଜନ ପଣ୍ଡା /ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା କଂଗ୍ରେସ କମିଟିର ସଭାପତି ବିଜୟ କୁମାର ଗମାଙ୍ଗ ସୋମବାର ନିଜ ପଦବୀ ସହ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଅଣଦେଖା କରାଯାଉଥିବା ଅଭିଯୋଗକରି ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ ପ୍ରେରଣ କରିଥିବା ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ବିଜୟ ଗମାଙ୍ଗ ୧୯୮୫ରୁ କଂଗ୍ରେସରେ ଥିଲେ । ଦୀର୍ଘ ୩୯ ବର୍ଷ ଧରି ଜଣେ ସକ୍ରିୟ କର୍ମୀ ସେ ଦଳରେ କାର୍ଯ୍ୟ କରି ଆସୁଥିଲେ । ଗତ ୮ ମାସ ହେବ ସେ କଂଗ୍ରେସ ଜିଲା ସଭାପତି ଦାୟିତ୍ୱ ତୁଲାଉଥିଲେ। ୧୯୯୭ରେ ବିଜୟ ଜିଲା ପରିଷଦର ଅଧ୍ୟକ୍ଷ ମଧ୍ୟ ହୋଇଥିଲେ। ଚଳିତ ନିର୍ବାଚନରେ ସେ ଏବଂ ତାଙ୍କ ପୁଅ ଅବିନାଶ



ବିଜୟ ଗମାଙ୍ଗ

ଗମାଙ୍ଗ ଦଳୀୟ ଟିକେଟ ପାଇଁ ଆଶାୟୀ ଥିଲେ। ତେବେ ତାଙ୍କୁ ଦଳ ଟିକେଟ ନ ଦେଇ ତାଙ୍କ ପୁତୁରା ସତ୍ୟଜିତ ଗମାଙ୍ଗଙ୍କୁ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ କରିଛି। ଏହାକୁ ନେଇ ସେ ଅସନ୍ତୋଷ ଥିବା କୁହାଯାଉଥିଲା । ଦଳ ସତ୍ୟଜିତଙ୍କୁ ପ୍ରାର୍ଥୀ କରିବା ପରେ ଅବିନାଶ କଂଗ୍ରେସ ଛାଡ଼ିବା ସହ କୋରାପୁଟ ଲୋକ ସଭା କ୍ଷେତ୍ରରୁ ସ୍ୱାଧୀନ ଏମ୍‌ପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେହିପରି ଅନ୍ୟତମ ଆଶାୟୀ ପ୍ରାର୍ଥୀ ଭାସ୍କର ଜାଗରଙ୍ଗା ଦଳ ଛାଡ଼ିବା ସହ ସ୍ୱାଧୀନ ଭାବେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ହୋଇଛନ୍ତି । ଭାସ୍କରଙ୍କ ନାମାଙ୍କନ କାର୍ଯ୍ୟକ୍ରମରେ ବିଜୟ ଯୋଗଦେଇଥିବା କହି ଶୃଙ୍ଖଳା କମିଟିର ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ରବିବାର ରାତିରେ ତାଙ୍କୁ ଏକ ପତ୍ର ଲେଖିବା ସହ ୨୪ ଘଣ୍ଟା ମଧ୍ୟରେ ମତ ରଖିବାକୁ କହିଥିଲେ । ସେ ଭାସ୍କରଙ୍କ ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମରେ ଉପସ୍ଥିତ ନ ଥାଇ ମଧ୍ୟ ଏହି ଅଭିଯୋଗ କେମିତି ଉଠିଲା ବୋଲି ବିଜୟ ପ୍ରଶ୍ନ କରିଛନ୍ତି। ଜିଲାର କେତେଜଣ ଦଳୀୟ ନେତାଙ୍କ ବ୍ୟବହାର ମୋତେ ବହୁତ କଷ୍ଟ ଦେଲା ଏଂ ତାଙ୍କ ଆତ୍ମସମ୍ମାନରେ ଆଞ୍ଚ ଆସିବାରୁ ସେ ଦଳରୁ ଇସ୍ତଫା ଦେଇଥିବା ବିଜୟ ଗମାଙ୍ଗ କହିଛନ୍ତି। ତେବେ ଆଗାମୀ ପଦକ୍ଷେପ କ'ଣ ହେବ ସେ ନେଇ କିଛି କହିନାହାନ୍ତି । ଏ ନେଇ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କର ଇସ୍ତଫା ଦଳରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଥିଲେ ।

## ୮ରେ ରାୟଗଡ଼ା ଆସିବେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ

ରାୟଗଡା,୬।୫(ଆଶିଷ ରଞ୍ଜନ ପଣ୍ଡା)

ସାଧାରଣ ନିର୍ବାଚନ ପ୍ରଚାର ପାଇଁ ଆସନ୍ତା ୮ ତାରିଖରେ ରାୟଗଡ଼ା ଆସିବେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ। ଏ ନେଇ ସୂଚନା ଦେଇଛନ୍ତି କଂଗ୍ରେସ ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଉଲାକା। ଭୂପେଶ କୋରାପୁଟ ଲୋକ ସଭା ଆସନ ଅନ୍ତର୍ଗତ ରାୟଗଡ଼ା ବିଧାନସଭା ଆସନର କାଶୀପୁର ବ୍ଲକରେ ୮ ତାରିଖ ସକାଳ ୧୦ଟାରେ ପହଞ୍ଚି ଏକ ଜନସମାବେଶରେ ଯୋଗଦେଇ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି । ଏହାପରେ ଭୂପେଶ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼, ଜୁନାଗଡ଼ ଏବଂ ଧର୍ମଗଡ଼ ଯାଇ ସେଠାରେ ଜନସମାବେଶରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୬।୫(ସୁନିତ୍ ମିଶ୍ର)

## ବିଜେଡି କଟକ ଲୋକ ସଭା ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗ

ନିର୍ବାଚନ ଆସିଲେ ବିଜେଡିର ନେତା, ମନ୍ତ୍ରୀ ଓ ତାଙ୍କ ପ୍ରାର୍ଥୀମାନେ ଭୁଲ୍ କରିବା ସହ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରନ୍ତି। ଏହା ସେମାନଙ୍କ ଆଜିର ଭୁଲ୍ ନୁହଁ ବରଂ ଦୀର୍ଘ ୨୫ ବର୍ଷ ହେଲା ବିଜେଡି ରାଜ୍ୟବାସୀଙ୍କୁ ଏହିଭଳି ଅନ୍ଧାର କୋଠରିରେ ରଖି ଭୋଟ ହାତେଇଛି। ଭୋଟ ପାଇବା ପରେ ଓଡ଼ିଶା ବିକାଶର 'ବି' ଅକ୍ଷର ମଧ୍ୟ କରିନାହିଁ। ବିଜେଡି ନେତାଙ୍କ ମିଛ ପ୍ରହେଳିକା ଭଣ୍ଡାର ଭରି ଭରି ଆସିବା ଜାଣି ସେମାନେ ବାଉଳା ହୋଇ ରାସ୍ତାରେ ହୋର୍ଡିଂ ଲଗାଉଛନ୍ତି ଓ ସରକାରୀ କଳର ଅପବ୍ୟବହାର କରୁଛନ୍ତି। ବିଜେଡି ନେତାମାନେ ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ଭାଜପା ମଧ୍ୟ ସିଇଓଙ୍କ ଦ୍ୱାରସ୍ଥ ହେଉଛି। ବର୍ତ୍ତମାନ ମଧ୍ୟ ବିଜେଡି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛି। ଟଙ୍କା ଥିବା ଲୋକଙ୍କୁ ବିଜେଡି ଟିକେଟ୍ ଦେଉଛି, ଯାହାଙ୍କୁ ସାମ୍ବିଧାନିକ ଜ୍ଞାନ ଓ ନିର୍ବାଚନ ଆଚରଣ ବିଧି ଜଣାନାହିଁ। ବିଜେଡି ପ୍ରାର୍ଥୀମାନେ ସରକାରୀ କର୍ମଚାରୀଙ୍କ ସହଯୋଗ, ସରକାରୀ କଳକୁ ବ୍ୟବହାର କରିବା ଏବଂ ସରକାରୀ ଚିହ୍ନ/ ଲୋଗୋକୁ ମଧ୍ୟ ବ୍ୟବହାର କରୁଛନ୍ତି। ବିଜେଡିର କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଜିଲାପାଳ କାର୍ଯ୍ୟାଳୟ ପାଖରେ ସରକାରୀ ସ୍ଥାନ ଓ ପବ୍ଲିକ ରୋଡର ୨ ପାର୍ଶ୍ୱରେ ହୋର୍ଡିଂ ଛାଇ ଦେଇଛନ୍ତି। ସାଧାରଣ ସ୍ଥାନରେ ସେ ହୋର୍ଡିଂ ଲଗାଇ ରାସ୍ତାକୁ ବନ୍ଦ କରୁଛନ୍ତି। ଏହି ହୋର୍ଡିଂରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଲୋଗୋ ବ୍ୟବହାର କରୁଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ତୁରନ୍ତ ରାସ୍ତାରେ ଲଗାଯାଇଥିବା ହୋର୍ଡିଂକୁ ହଟାଯାଉ ବୋଲି ଭାଜପାର ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଅଭିଯୋଗ କରିଛି।

# ବରୀ କଂଗ୍ରେସ, ଭାଜପାରେ ଅନ୍ତଃ କନ୍ଦଳ

ବରୀ,୬।୫(ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସର ପ୍ରାର୍ଥୀ ଚୟନ ଶେଷ ହୋଇଛି। ବିଜେଡିରୁ ବିଶ୍ୱରଞ୍ଜନ ମଲ୍ଲିକ, କଂଗ୍ରେସରୁ ଦେବାଶିଷ ନାୟକ ଓ ଭାଜପାରୁ ଉମେଶ ଜେନା ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ତରଫରୁ ପ୍ରଥମେ ଆରତି ଦେଓଙ୍କ ନାମ ଘୋଷଣା ହେବାପରେ ସେ ପ୍ରଚାର କାର୍ଯ୍ୟ ଜୋରଦାର କରିଥିଲେ। ଏହାପରେ ତାଙ୍କ ପ୍ରାର୍ଥିତ୍ୱକୁ ପରିବର୍ତ୍ତନ କରାଯାଇ ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି, ଯାହାକୁ ନେଇ ବରୀ କଂଗ୍ରେସରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଭାଜପା ମଧ୍ୟ ଦଳୀୟ କନ୍ଦଳରୁ ବାଦ୍ ପଡ଼ିନାହିଁ। ଭାଜପାରୁ ଉମେଶ ଚନ୍ଦ୍ର ଜେନାଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରେ ଦଳର ଅନ୍ୟତମ ଆଶାୟୀ ଥିବା କବିର ଦାସ ସ୍ୱାଧୀନଭାବେ ନିର୍ବାଚନ ଲଢ଼ିବେ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

ବିଧାୟିକା ସୁନନ୍ଦା ଦାସ ଓ ବିଶ୍ୱରଞ୍ଜନ ମଲ୍ଲିକ ଶାସକ ଦଳର ହୋଇଥିଲେ ହେଁ ଗତ ପଞ୍ଚାୟତ ନିର୍ବାଚନ ସମୟରେ ଉଭୟଙ୍କ ସମର୍ଥକ ସମାନ୍ତରାଳ ଭାବେ ଲଢ଼ିଥିଲେ। ପରେ ବିଶ୍ୱରଞ୍ଜନଙ୍କ ସମର୍ଥକ ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ। ବିଶ୍ୱରଞ୍ଜନଙ୍କ ସାଙ୍ଗଠନିକ ଦକ୍ଷତାକୁ ଦେଖି ତାଙ୍କୁ ବିଜେଡି ବରୀରୁ ପ୍ରାର୍ଥୀ କରିଛି। ବରୀ ବିଧାୟିକାଙ୍କ ସମର୍ଥକ ଥିବା ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ମହିଳା ବିଜେଡି ସଭାନେତ୍ରୀ, ଯୁବ ବିଜେଡି ସଭାପତି, ଛାତ୍ର ବିଜେଡି ସଭାପତି, କୃଷକ ବିଜେଡି ସଭାପତି, ଦଳିତ ମୋର୍ଚ୍ଚା ସଭାପତି ଓ ବହୁ ଆଗ ଧାଡ଼ିର କର୍ମୀ ଦଳୀୟ ନିଷ୍ପତ୍ତିକୁ ସମର୍ଥନ ଜଣାଇଛନ୍ତି। ସେମାନେ ବିଶ୍ୱରଞ୍ଜନଙ୍କ ସହ ସାମିଲ ହୋଇ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ତେବେ ଭାଜପା ବିଳମ୍ବରେ ପ୍ରାର୍ଥୀ ଘୋଷଣା କରିବା ଓ କଂଗ୍ରେସ ପ୍ରାର୍ଥୀ ବଦଳାଇବା ଯୋଗୁ ଉଭୟ ଦଳ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିପାରିନାହାନ୍ତି। ବରୀରେ ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ବିଜୟୀ ହୋଇ ଆସୁଥିବାବେଳେ ଏବେ କଂଗ୍ରେସ ଓ ଭାଜପାର ଦଳୀୟ କନ୍ଦଳ ଶାସକ ଦଳକୁ ସୁହାଉଥିବା ଚର୍ଚ୍ଚା ହେଉଛି। ବିଧାୟିକା ସୁନନ୍ଦା ଟିକେଟ ପାଇ ନ ଥିଲେ ମଧ୍ୟ ତାଙ୍କ ପାଇଁ ଅଦ୍ୟାବଧି ବିଶ୍ୱରଞ୍ଜନଙ୍କୁ କୌଣସି ବିରୋଧର ସମ୍ମୁଖୀନ ହେବାକୁ ପଡ଼ିନାହିଁ।

# କାଲିର ବିରୋଧୀ ଆଜି ଭାଇ-ଭାଇ

ରାଜନଗର, ୬।୫
(ଭାସ୍କର ରାଉତରାୟ)

## ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ନେତାଙ୍କ ଦଳ ବଦଳ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଆଣିଛି। ଏଠାରେ ବିଧାୟକ ଧ୍ରୁବ ସାହୁଙ୍କୁ ବିଜେଡି ପୁଣି ଥରେ ପ୍ରାର୍ଥୀ କରିଛି। ଅପରପକ୍ଷରେ କଂଗ୍ରେସରୁ ଅଶୋକ କୁମାର ପ୍ରତିହାରୀ ଓ ଭାଜପାରୁ ଲଳିତ କୁମାର ବେହେରା ପ୍ରାର୍ଥୀ ହୋଇଛନ୍ତି। ୨୦୧୪ରେ ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ହରାଇ ବିଧାୟକ ହୋଇଥିଲେ। ୨୦୧୯ରେ ଅଂଶୁମାନଙ୍କୁ ହରାଇ ଧ୍ରୁବ ବାଜି ମାରିନେଇଥିଲେ। ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ଏବେ ଗୋଟିଏ ଦଳରେ। ଅଂଶୁମାନ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ତାଙ୍କୁ ଦଳ କେନ୍ଦ୍ରାପଡ଼ା ଲୋକ ସଭା ଆସନ ନିମନ୍ତେ ପ୍ରାର୍ଥୀ କରିଛି। ଏହାପରେ ଧ୍ରୁବ ଦୀର୍ଘଦିନର ଶତ୍ରୁତା ଭୁଲି ଅଂଶୁମାନଙ୍କୁ ସ୍ୱାଗତ କରିବା



ଧ୍ରୁବ ସାହୁ



ଅଶୋକ ପ୍ରତିହାରୀ



ଲଳିତ କୁମାର ବେହେରା

ସହ ଉଭୟ ଏକ ହୋଇଛନ୍ତି। ସେମାନେ ବିଭିନ୍ନ ପଞ୍ଚାୟତରେ ମିଶ୍ରଣ ପର୍ବ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ପୂର୍ଣ୍ଣ ଆସ୍ଥା ପ୍ରକଟ କରିବାକୁ ପ୍ରଚାର ଜୋର୍‌ଦାର କରୁଛନ୍ତି। ଉଭୟଙ୍କୁ ଗୋଟିଏ ମଞ୍ଚରେ ଦେଖି ରାଜନଗରବାସୀ ଆଲୋଚନା କରୁଛନ୍ତି ଯେ, ରାଜନୀତିରେ ମିତ୍ରତା ଓ ଶତ୍ରୁତା ସମୁଦ୍ରର ଢେଉ ଭଳି ସ୍ଥିର ନୁହେଁ। ଉଭୟଙ୍କୁ ଉଦାହରଣ ଦେଇ କାଲିର ବିରୋଧୀ ଆଜି ଭାଇ-ଭାଇ ବୋଲି ସେମାନେ ଚର୍ଚ୍ଚା କରୁଛନ୍ତି।

### ଦଳ ଏକ, କାର୍ଯ୍ୟାଳୟ ଦୁଇ

ଅଂଶୁମାନ ବିଜେଡିରେ ମିଶିବା ପରେ ତାଙ୍କ ବାପା ନଳିନୀକାନ୍ତ ମହାନ୍ତିଙ୍କ କଂଗ୍ରେସ କାର୍ଯ୍ୟାଳୟର ଦୃଶ୍ୟକୁ ପରିବର୍ତ୍ତନ କରିଛନ୍ତି। ଶଙ୍ଖ ଚିହ୍ନ ସହ ମୁଖ୍ୟମନ୍ତ୍ରୀଙ୍କ ସମେତ ବରିଷ୍ଠ ନେତାଙ୍କ ଫଟୋ ଥିବା ବ୍ୟାନର ଉକ୍ତ କାର୍ଯ୍ୟାଳୟରେ ଲଗାଯାଇଛି। ଏହାଛଡ଼ା ବିଜେଡି ପତାକା ଦ୍ୱାରା ଅଫିସ ଛାଇ ହୋଇଯାଇଛି। ଅପରପକ୍ଷରେ ରାଜନଗର ଉପକଣ୍ଠରେ ବିଧାୟକ ଧ୍ରୁବ ସାହୁ, ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସମ୍ବଳିତ ବ୍ୟାନର ଲଗାଯାଇଥିବା ବିଜେଡିର ପୁରୁଣା କାର୍ଯ୍ୟାଳୟ ରହିଛି।

### ଧ୍ରୁବଙ୍କ ପୂର୍ବତନ ସହଯୋଗୀ ଏବେ କଂଗ୍ରେସ ପ୍ରାର୍ଥୀ

୨୦୦୭ରୁ ବିଧାୟକ ଧ୍ରୁବ ସାହୁ ତାଙ୍କ ରାଜନୈତିକ ପତିଆରାକୁ ବଢ଼ାଇବା ପାଇଁ ଯେଉଁ କେତେଜଣ ଯୁବକଙ୍କୁ ଆପଣେଇଥିଲେ, ସେମାନଙ୍କ ମଧ୍ୟରେ ବିଜେଡିର ପୂର୍ବତନ ବ୍ଲକ ସଭାପତି ତଥା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ରହିଥିଲେ। ୨୦୧୨, ୨୦୧୭, ୨୦୨୨ ପଞ୍ଚାୟତ ନିର୍ବାଚନରେ ତାଙ୍କୁ ଧ୍ରୁବ ଅଧିକ ଗୁରୁତ୍ୱ ଦେଇ ସାଙ୍ଗଠନିକ ମଙ୍ଗ ଧରାଇଥିଲେ। ଏପରିକି ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ଅଶୋକଙ୍କୁ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ କରିବାରେ ଧ୍ରୁବଙ୍କ ପ୍ରମୁଖ ଭୂମିକା ରହିଥିଲା। ପରବର୍ତ୍ତୀ ସମୟରେ ଦଳବିରୋଧୀ କାର୍ଯ୍ୟ ପାଇଁ ଅଶୋକଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ସେ କଂଗ୍ରେସରେ ମିଶିବା ପରେ ଦଳ ପକ୍ଷରୁ ତାଙ୍କୁ ପ୍ରାର୍ଥୀ କରାଯାଇଛି। ଏବେ ଗୁରୁ ଓ ଶିଷ୍ୟଙ୍କ ଲଢ଼େଇ ଏଠାରେ ବେଶ୍ ଆଲୋଚ୍ୟର ବିଷୟ ହୋଇଛି।

### ନିର୍ଣ୍ଣାୟକ ହେବେ ବଙ୍ଗଭାଷୀ ଭୋଟର

ରାଜନଗର ନିର୍ବାଚନମଣ୍ଡଳୀର ବଙ୍ଗୀୟ ଅଧ୍ୟୁଷିତ ଅଞ୍ଚଳ ଭାବେ ଡାଙ୍ଗମାଳ, ଖମାରସାହି, କୃଷ୍ଣନଗର, ତାଳଚୁଆ, ରଙ୍ଗଣୀ, ବାଘମାରି ଓ କେରୁଆଁପାଳ ପ୍ରଭୃତି ପଞ୍ଚାୟତରେ ପ୍ରାୟ ୯୦ ପ୍ରତିଶତ ବଙ୍ଗଭାଷୀ ବସବାସ କରୁଛନ୍ତି। ଚଳିତ ନିର୍ବାଚନରେ ଏହି ଅଞ୍ଚଳର ଲଳିତ କୁମାର ବେହେରାଙ୍କୁ ଭାଜପା ପ୍ରାର୍ଥୀ କରିଛି। ସେମାନଙ୍କ ଅଞ୍ଚଳରୁ ପ୍ରଥମକରି ଯୁବନେତା ଲଳିତ ନିର୍ବାଚନ ଲଢୁଥିବାରୁ ତାଙ୍କ ପ୍ରତି ବଙ୍ଗଭାଷୀ ଭୋଟରମାନଙ୍କର ଆନୁଗତ୍ୟ କେତେ ରହିବ, ତାହା ଜୁନ୍ ୪ରେ ସ୍ପଷ୍ଟ ହୋଇଯିବ।

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। -ଶ୍ରୀଅରବିନ୍ଦ

-ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# କାନାଡ଼ାରେ ଶିଖ୍

ଭାରତ ଓ କାନାଡ଼ା ସମ୍ପର୍କ ପୁଣି ବିଗିଡ଼ିବାରେ ଲାଗିଲାଣି। ୨୦୨୩ ଜୁନ୍‌ରେ କାନାଡ଼ାର ବ୍ରିଟିଶ କଲମ୍ବିଆସ୍ଥିତ ଏକ ଗୁରୁଦ୍ୱାରାରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ କୁହାଯାଉଥିବା ହରଦୀପ ସିଂ ନିଜ୍ଜାରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ହତ୍ୟା ପଛରେ ଭାରତର ହାତ ରହିଛି ବୋଲି କାନାଡ଼ା କହିଆସୁଛି। ଦୁଇ ଦିନ ତଳେ ଆଲବର୍ଟାର ଏଡମଣ୍ଟନ୍‌ରୁ କାନାଡ଼ା ପୋଲିସ ୩ ଭାରତୀୟ କରନ୍ ବ୍ରାର୍, କମଲପ୍ରୀତ୍ ସିଂ ଓ କରନ୍‌ପ୍ରୀତ୍ ସିଂଙ୍କୁ ଗିରଫ କରିଥିଲା। ଏହାପରେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି, ତାଙ୍କ ଦେଶରେ ଆଇନର ଶାସନ ଚାଲିଛି ଓ କାନାଡ଼ା ନାଗରିକଙ୍କ ସୁରକ୍ଷା ଲାଗି ସେ ପ୍ରତିଶ୍ରୁତିବଦ୍ଧ। ଶିଖ୍ ସଂସ୍କୃତି ଓ ଐତିହ୍ୟ ନେଇ ଆୟୋଜିତ ଏକ ଉତ୍ସବରେ ଯୋଗଦେବା ଅବସରରେ ଟ୍ରୁଡୋ ଏଭଳି ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତ ବିରୋଧରେ କାନାଡ଼ାର ବାରମ୍ବାର ଅଭିଯୋଗକୁ ନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଅସନ୍ତୋଷ ବ୍ୟକ୍ତ କରିଛି। ନିଜ୍ଜାରଙ୍କ ହତ୍ୟା ଘଟଣାରେ ଭାରତୀୟ ନାଗରିକଙ୍କ ସମ୍ପୃକ୍ତି ନେଇ କାନାଡ଼ା ପ୍ରମାଣ ଦେଉ ବୋଲି ଭାରତ ଦୃଢ଼ ଦାବି ଉପସ୍ଥାପନ କରିଆସୁଛି।

ଏହା ଜଣାଶୁଣା ଯେ, ପୃଥିବୀର ଅନ୍ୟ ଦେଶ ଅପେକ୍ଷା ଭାରତରୁ ଯାଇଥିବା ଅନେକ ଶିଖ୍ କାନାଡ଼ାରେ ବସବାସ କରୁଛନ୍ତି ଓ ତନ୍ମଧ୍ୟରୁ ଅଧିକାଂଶ ସେଠାକାର ନାଗରିକ ପାଲଟିଗଲେଣି। ଜଷ୍ଟିନ୍ ଟ୍ରୁଡୋଙ୍କ ପୂର୍ବ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ଜଣେ ଶିଖ୍ ହରଜିତ୍ ସାଜନ ଥିଲେ। ତେଣୁ ଖଲିସ୍ତାନୀ ଆନ୍ଦୋଳନରେ ସାମିଲ ହୋଇ କେତେକ ଶିଖ୍ ସଙ୍ଗଠନ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଥିବା ନେଇ ଖବର ପ୍ରକାଶ ପାଉଛି। ଏଭଳି ସ୍ଥଳେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ସେହି ପ୍ରସଙ୍ଗକୁ ଠିକ୍ ଭାବେ ପରିଚାଳନା କରିପାରୁ ନ ଥିବାରୁ ବିଷମ ସ୍ଥିତି ଉପୁଜୁଛି। କାନାଡ଼ା ପ୍ରଧାନମନ୍ତ୍ରୀ ଟ୍ରୁଡୋ ଯେତେବେଳେ ନିଜ୍ଜାରଙ୍କ ହତ୍ୟା ପଛରେ ଭାରତୀୟଙ୍କ ହାତ ରହିଛି ବୋଲି କହିଥିଲେ, ସେତେବେଳେ ଭାରତ ପ୍ରତିବାଦ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କାନାଡ଼ା ସମେତ ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମିଳିତ ଗୋଇନ୍ଦା ସଂସ୍ଥା 'ଫାଇଭ୍ ଆଇଜ୍'ରୁ କାନାଡ଼ା ପାଇଥିବା ତଥ୍ୟ ଅନୁଯାୟୀ ନିଜ୍ଜାରଙ୍କ ହତ୍ୟା ପଛରେ ଭାରତର ହାତ ଥିବା ସଂକ୍ରାନ୍ତ ବଳିଷ୍ଠ ପ୍ରମାଣ ବିଷୟ ଉଲ୍ଲେଖ କରିଥିଲା। ଟ୍ରୁଡୋଙ୍କ ଏଭଳି ଅଭିଯୋଗର କିଛି ମାସ ପରେ ଆମେରିକାର ନ୍ୟାୟ ବିଭାଗ ଅନ୍ୟ ଜଣେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରପତ୍‌ୱନ୍ତ ସିଂ ପନ୍ନୁଙ୍କୁ ସେହି ଦେଶ ମାଟିରେ ହତ୍ୟା କରିବା ଲାଗି ଜଣେ ଭାରତୀୟ ନାଗରିକ ଷଡ଼ଯନ୍ତ୍ର କରିଥିବା ବିଷୟ ଦର୍ଶାଇଥିଲା। ଦେଖିବାକୁ ଗଲେ ଭାରତ ତା'ର ସବୁ ଆଭ୍ୟନ୍ତରୀଣ ବିଷୟକୁ 'ଜାତୀୟ ସୁରକ୍ଷା' ଆଳରେ ଗୋପନୀୟ ରଖି ଜନସାଧାରଣଙ୍କୁ କୌଣସି ତଥ୍ୟ ଦେଉନାହିଁ। ଏପରିକି ଇଲେକ୍ଟୋରାଲ ବଣ୍ଡ ବିଷୟକୁ ସୂଚନା ଅଧିକାର ଆଇନ ବହିର୍ଭୂତ ରଖାଯିବା ଫଳରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇ କେତେକ ନାଗରିକ ସେହି ତଥ୍ୟ ପାଇପାରିଲେ। ଅପରପକ୍ଷେ ଭାରତ ସରକାର ପ୍ରତ୍ୟେକ କଥାରେ କାନାଡ଼ା ଭଳି ବିଦେଶୀ ସରକାରଙ୍କୁ ତଥ୍ୟ ମାଗୁଥିବା ହେତୁ ସେମାନେ ତଥ୍ୟ ଦେବାକୁ ଅରାଜି ହେଉଥିବା ଯଥାର୍ଥ ମନେହେଉଛି।

ଭାରତ ଅଭିଯୋଗ କରୁଛି ଯେ, କାନାଡ଼ାରେ ଟ୍ରୁଡୋଙ୍କ ରାଜନୈତିକ ଦଳ ଲୋକପ୍ରିୟତା ହରାଇ ବସିଥିବାରୁ ଶିଖ୍‌ମାନଙ୍କ ଭୋଟ ହାତେଇବା ପାଇଁ ସେ ଏଭଳି ଭେଳିକି ଦେଖାଉଛନ୍ତି। ରାଜନୈତିକ ଚଷମାରେ ଦେଖିବାକୁ ଗଲେ ଭାରତର ଶାସକ ଦଳ ମଧ୍ୟ ବିଭିନ୍ନ କୌଶଳ ବ୍ୟବହାର କରି ଭୋଟ ହାତେଇବାର ଉଦ୍ୟମ କରୁଥିବା ଦେଖାଯାଉଛି। ତେଣୁ ଏହା ହେଉଛି ଗଣତନ୍ତ୍ରର ବିଶେଷତା। କାନାଡ଼ାର ଟ୍ରୁଡୋଙ୍କ ଦଳ ଯଦି ଶିଖ୍ ଭୋଟ ଟାଣିବାକୁ ଚେଷ୍ଟା କରୁଛି ତେବେ ତାହା କୌଣସି ମତେ ଖୁଣି ହେବ ନାହିଁ।

ଭାରତ ଅଭିଯୋଗ କରୁଛି ଯେ, କାନାଡ଼ାରେ ଟ୍ରୁଡୋଙ୍କ ରାଜନୈତିକ ଦଳ ଲୋକପ୍ରିୟତା ହରାଇ ବସିଥିବାରୁ ଶିଖ୍‌ମାନଙ୍କ ଭୋଟ ହାତେଇବା ପାଇଁ ସେ ଏଭଳି ଭେଳିକି ଦେଖାଉଛନ୍ତି। ରାଜନୈତିକ ଚଷମାରେ ଦେଖିବାକୁ ଗଲେ ଭାରତର ଶାସକ ଦଳ ମଧ୍ୟ ବିଭିନ୍ନ କୌଶଳ ବ୍ୟବହାର କରି ଭୋଟ ହାତେଇବାର ଉଦ୍ୟମ କରୁଥିବା ଦେଖାଯାଉଛି। ତେଣୁ ଏହା ହେଉଛି ଗଣତନ୍ତ୍ରର ବିଶେଷତା। କାନାଡ଼ାର ଟ୍ରୁଡୋଙ୍କ ଦଳ ଯଦି ଶିଖ୍ ଭୋଟ ଟାଣିବାକୁ ଚେଷ୍ଟା କରୁଛି ତେବେ ତାହା କୌଣସି ମତେ ଖୁଣି ହେବ ନାହିଁ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 2 |
| 3 | | 8 | 2 | | | | | 4 |
| | | 2 | | 9 | | | | |
| | 8 | 7 | | | | | 6 | |
| 4 | | 1 | | 5 | 9 | 3 | | |
| | | 5 | | 7 | 1 | | | |
| | | | | | 3 | 8 | | |
| | | | | | | | | 5 |
| | 1 | | 4 | 6 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 3 | 1 | 2 | 4 | 7 | 5 | 9 |
| 1 | 4 | 2 | 7 | 5 | 9 | 8 | 3 | 6 |
| 9 | 7 | 5 | 8 | 6 | 3 | 1 | 2 | 4 |
| 4 | 9 | 6 | 5 | 1 | 2 | 3 | 7 | 8 |
| 5 | 1 | 7 | 4 | 3 | 8 | 9 | 6 | 2 |
| 2 | 3 | 8 | 9 | 7 | 6 | 4 | 1 | 5 |
| 8 | 2 | 1 | 3 | 4 | 5 | 6 | 9 | 7 |
| 3 | 5 | 9 | 6 | 8 | 7 | 2 | 4 | 1 |
| 7 | 6 | 4 | 2 | 9 | 1 | 5 | 8 | 3 |

ଗତକାଲିର ଉତ୍ତର

# ବ୍ୟକ୍ତି ନୁହେଁ, ଦେଶ ସର୍ବୋପରି



ବୃହସ୍ପତି ସାମଲ

ପ୍ରାରମ୍ଭରୁ ମୌର୍ଯ୍ୟ, ଗୁପ୍ତ, ଚୋଳ, ଚାଲୁକ୍ୟ, କୁଶାଣଙ୍କ ଭଳି ବଂଶାନୁକ୍ରମିକ ରାଜାରାଜୁଡ଼ା ଶାସନ ପରେ ବାହ୍ୟ ଆକ୍ରମଣକାରୀ ଖିଲ୍‌ଜି, ତୋଗଲକ ଓ ମୋଗଲ ଶାସନ ସହ ସ୍ୱାଧୀନତା ପୂର୍ବରୁ ଅଖଣ୍ଡ ଭାରତ ଅନେକ ଦିନ ଧରି ଇଂରେଜ ହୁକୁମତର ପରାଧୀନତାରେ ବନ୍ଦୀ ଥିଲା। ଗୋଟିଏ ପଟେ ସତ୍ୟ ଓ ଅହିଂସାର ଅଦମନୀୟ ପ୍ରଭାବ ଓ ଅନ୍ୟ ପଟେ ଭାରତୀୟଙ୍କ ଉତ୍ସର୍ଗୀକୃତ ବଳିଦାନ ଓ ରକ୍ତାକ୍ତ ସଂଘର୍ଷରେ ଅତିଷ୍ଠ ଓ ଦୋଦୁଲ୍ୟମାନ ଇଂରେଜ ସରକାର ବାଧ ହୋଇ ୨ ସେପ୍ଟେମ୍ବର ୧୯୪୬ରେ ବ୍ରିଟିଶ ସମ୍ରାଟ ଜର୍ଜ ଷଷ୍ଠଙ୍କ ଅଧୀନରେ ତଥା ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଭାରତରେ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଗଠନ କଲେ। ସମୟକ୍ରମେ, ୧୪ ଅଗଷ୍ଟ ୧୯୪୭ର ମଧ୍ୟରାତ୍ରରେ ଅଖଣ୍ଡ ଭାରତ, ଇଣ୍ଡିଆ ଅର୍ଥାତ୍ ଭାରତ ଓ ପାକିସ୍ତାନ ଭାବେ ଦୁଇ ଭାଗ ହୋଇ ଇଂରେଜ ସରକାରଙ୍କଠାରୁ ସ୍ୱାଧୀନତା ହାସଲ କଲା। ୧୫ ଅଗଷ୍ଟ ୧୯୪୭ରୁ ଇଂରେଜ ସରକାରଙ୍କ ନାମ ସମ୍ପୂର୍ଣ୍ଣ ଭାବେ ବଦଳି ମଧ୍ୟବର୍ତ୍ତିକାଳୀନ ଭାରତ ସରକାର, କେବଳ ଭାରତ ସରକାର ଭାବେ ନିଜର ନୂତନ ପରିଚୟ ପାଇଲା। ଇଂରେଜ ସରକାରଙ୍କଠାରୁ କ୍ଷମତା ହସ୍ତାନ୍ତର ପ୍ରକ୍ରିୟାରେ ୮୨ ପ୍ରତିଶତ ବହୁମତ ସହ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ପଣ୍ଡିତ ଜବାହରଲାଲ ନେହେରୁ ୧୫ ଅଗଷ୍ଟ ୧୯୪୭ରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କଲେ। ପରେ ଆମ୍ଭେ ଭାରତର ଜନଗଣ, ଭାରତକୁ ଏକ ସାର୍ବଭୌମ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବେ ଗଠନ କରିବା ଏବଂ ଏହାର ସବୁ ନାଗରିକଙ୍କ ନିମନ୍ତେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ, ବିଚାରଧାରା, ବକ୍ତବ୍ୟ, ଧାରଣା, ବିଶ୍ୱାସ ଏବଂ ଉପାସନାରେ ସତନ୍ତ୍ରତା, ମର୍ଯ୍ୟାଦା ଓ ସୁବିଧା ପ୍ରଦାନରେ ସମାନତା ଏବଂ ଜାତୀୟ ଏକତା ଓ ଅଖଣ୍ଡତାକୁ ପ୍ରାଧାନ୍ୟ ଦେଇ ଭ୍ରାତୃକୁ ସୁନିଶ୍ଚିତ କରିବା ପାଇଁ ୧୯୪୯ ନଭେମ୍ବର ୨୬ ତାରିଖ ଦିନ ଆମ୍ଭର ସମ୍ବିଧାନ ସଭାରେ ବିଧିବଦ୍ଧ ସଂକଳ୍ପବଦ୍ଧ ହୋଇ ଭାରତୀୟ ସମ୍ବିଧାନକୁ ଅଙ୍ଗୀକାର, ପ୍ରଣୟନ ଏବଂ ଗ୍ରହଣ କଲୁ। ସମ୍ବିଧାନ ପ୍ରଣୟନ ପରେ ୨୫ ଅକ୍ଟୋବର ୧୯୫୧ରୁ ୨୧ ଫେବୃଆରୀ ୧୯୫୨ ମଧ୍ୟରେ ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା ଏବଂ ମୋଟ ୪୮୯ ଆସନରୁ ୩୬୪ ଅର୍ଥାତ୍ ୭୪.୪୩% ଆସନ ଜିତି ଭାରତୀୟ ଜାତୀୟ କଂଗ୍ରେସ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରଧାନମନ୍ତ୍ରିତ୍ୱରେ ପ୍ରଥମ ଗଣତାନ୍ତ୍ରିକ ସରକାର ଭାବେ କ୍ଷମତାସୀନ ହେଲା; ଯାହାକୁ ସାଧାରଣ ଜନତା ଭାରତ ସରକାର ନାମରେ ଜାଣିଲେ।



୧୯୫୭ର ଦ୍ୱିତୀୟ ସାଧାରଣ ନିର୍ବାଚନରୁ ୧୯୭୭ ପର୍ଯ୍ୟନ୍ତ କ୍ରମାଗତ ଭାବେ କଂଗ୍ରେସ ଦଳ ଶାସନ କ୍ଷମତାରେ ରହିବାରୁ ଧୀରେ ଧୀରେ ସାଧାରଣ ଜନତା ଭାରତ ସରକାରଙ୍କୁ କଂଗ୍ରେସ ସରକାର କହିବାରେ ଅଭ୍ୟସ୍ତ ହୋଇଗଲେ। ୧୯୭୭ରେ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଜନତା ଦଳ ସରକାର ଗଢ଼ିବା ପରେ ଲୋକମୁଖରେ ଭାରତ ସରକାରର ନାମ ଜନତା ସରକାର ହୋଇଗଲା। ସେହିଭଳି ଭାବେ ଭାରତୀୟ ଜନତା ପାର୍ଟିର (ଭାଜପା) ଶାସନ ସମୟରେ ଲୋକେ ଭାଜପା ସରକାର ବୋଲି କହିବାରେ ବ୍ୟସ୍ତ ରହିଲେ। କେତେବେଳେ ନିରଙ୍କୁଶ ବହୁମତ ଅଭାବରୁ ଭାରତ ସରକାରର ନାମ ବଦଳି ଲୋକମୁଖରେ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲିଆଞ୍ଜ (ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ) ବା ୟୁପିଏ (ଉପା) ସରକାର ଅଥବା ଭାଜପା ନେତୃତ୍ୱାଧୀନ ନ୍ୟାଶନାଲ ଡିମୋକ୍ରାଟିକ ଆଲିଆଞ୍ଜ (ଜାତୀୟ ଗଣତାନ୍ତ୍ରିକ ମେଣ୍ଟ) ବା ଏନ୍‌ଡିଏ ସରକାର ନାମରେ ବେଶ୍ ପରିଚୟ ସାଉଁଟିଲା। ହେଲେ ସମୟ ବଦଳିବା ସହ ପରିବ୍ୟାପ୍ତ ଭାରତ ସରକାରଙ୍କ ନାଁ ଶାସକ ରାଜନୈତିକ ଦଳମାନଙ୍କ ନାଁରୁ ଆହୁରି ତଳକୁ ଖସି ଏବେ ଶାସକ ମୁଖ୍ୟଙ୍କ ନାଁରେ ବେଶି ପରିଚିତ ହେବାରେ ଲାଗିଛି। ସାମ୍ପ୍ରତିକ ପରିସ୍ଥିତିରେ ଆମେ ଆଉ ଭାରତ ସରକାର ବା ଓଡ଼ିଶା ସରକାର ନ କହି, ଏବେ ମୋଦି ସରକାର ବା ନବୀନ ସରକାର କହିବାରେ ବେଶି ଆତ୍ମ ତୃପ୍ତି ଲାଭ କରୁଛୁ। ସେହିପରି ଉତ୍ତରପ୍ରଦେଶ ସରକାର ନ କହି ଯୋଗୀ ସରକାର କହୁଛୁ। ରାଜନେତା, ବୁଦ୍ଧିଜୀବୀ ସମସ୍ତେ ଯେମିତି ଗୋଟିଏ ଢଙ୍ଗାରେ। ଆଗରୁ ଲୋକେ ଯେ ନେହେରୁ ସରକାର, ଇନ୍ଦିରା ସରକାର କି ବାଜପେୟୀ ସରକାର ବୋଲି କହୁ ନ ଥିଲେ, ସେକଥା ନୁହେଁ। କହୁଥିଲେ, ହେଲେ କାଁ ଭାଁ, କେବେ କେମିତି, ଯାହା ଏବେ ମାତ୍ରାଧିକ। ଅଧିକାଂଶ ରାଜ୍ୟ ଆଜି ଏଭଳି ମାନସିକତାରେ ଯଥେଷ୍ଟ ପ୍ରଭାବିତ। ସେହିଭଳି ଭାରତବାସୀଙ୍କ ପାଇଁ ଭାରତ ସରକାର ନୁହେଁ ବରଂ କେବଳ ମୋଦି ହିଁ ସବୁକିଛି। ଏବେ କେନ୍ଦ୍ର ସରକାରଙ୍କର କୌଣସି ଗ୍ୟାରେଣ୍ଟି ନାହିଁ। 'ଫିର ଏକବାର, ମୋଦି ସରକାର' ନାରା ସହ ଭାଜପାର ୨୦୨୪ ନିର୍ବାଚନୀ ଇସ୍ତାହାର ହେଉଛି ମୋଦିଙ୍କ ଗ୍ୟାରେଣ୍ଟି। ପ୍ରଶ୍ନ ଉଠେ, କେମିତି ଆମେ ସମସ୍ତେ ଧୀରେ ଧୀରେ ଏତେ ବ୍ୟକ୍ତିକେନ୍ଦ୍ରିକ ହୋଇଯାଉଛନ୍ତି ଓ କାହିଁକି? ଏକ ନିର୍ବାଚିତ ଗଣତାନ୍ତ୍ରିକ ସରକାରକୁ ଜଣେ ବ୍ୟକ୍ତିବିଶେଷଙ୍କ ନାଁରେ ସୀମିତ କରିବା ସତରେ କେତେ ଯୁକ୍ତିଯୁକ୍ତ?

ଏହି ପରିପ୍ରେକ୍ଷୀରେ, ୨୫ ନଭେମ୍ବର ୧୯୪୯ରେ ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଡ. ଭୀମ ରାଓ ଆମ୍ବେଡକରଙ୍କ ସମ୍ବିଧାନ ସଭାରେ ରଖିଥିବା ବକ୍ତବ୍ୟର କିୟଦଂଶ ଉଲ୍ଲେଖଯୋଗ୍ୟ। ଦେଶ ଉଦ୍ଦେଶ୍ୟରେ ସେମାନଙ୍କର ଜୀବନବ୍ୟାପୀ ସେବା ପାଇଁ ମହାନ୍ ବ୍ୟକ୍ତିମାନଙ୍କ ନିକଟରେ କୃତଜ୍ଞ ରହିବାରେ କିଛି ଭୁଲ୍ ନାହିଁ। କିନ୍ତୁ କୃତଜ୍ଞତାର ସୀମା ରହିଛି। ଆଇରିଶ ଦେଶଭକ୍ତ ଡାନିଏଲ ଓ' କୋନେଲଙ୍କ କହିବା ମୁତାବକ ସମ୍ମାନ ହରେଇ କୌଣସି ପୁରୁଷ, ପବିତ୍ରତା ହରେଇ କୌଣସି ନାରୀ ଏବଂ ସ୍ୱତନ୍ତ୍ରତା ହରେଇ କୌଣସି ଦେଶ କେବେ କୃତଜ୍ଞ ରହିପାରିବ ନାହିଁ। ଏହି ସତର୍କତା ଅନ୍ୟ କୌଣସି ରାଷ୍ଟ୍ରଠାରୁ ଭାରତ ପାଇଁ ବେଶି ଜରୁରୀ। କାରଣ, ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ତୁଳନାରେ, ଭକ୍ତି ବା ବ୍ୟକ୍ତି ପୂଜନ ଭାରତୀୟ ରାଜନୀତିରେ ଏକ ଅପ୍ରତୀମ ପରିମାଣରେ କାର୍ଯ୍ୟ କରେ। ଧର୍ମରେ ଭକ୍ତିଭାବ ଆତ୍ମାର ମୋକ୍ଷ ପ୍ରାପ୍ତି ନିମିତ୍ତ ଏକ ପଥ ହୋଇପାରେ, କିନ୍ତୁ ରାଜନୀତିରେ ଭକ୍ତି ଅଥବା ବ୍ୟକ୍ତି ପୂଜନ ଗଣତନ୍ତ୍ରର ଅଧଃପତନ ଓ ସମ୍ଭାବ୍ୟ ଏକଚ୍ଛତ୍ରବାଦର ପଥ ସୁଗମ କରିଥାଏ। ଟିକିଏ ନିରିଖେଇ ଦେଖିଲେ ୭୫ ବର୍ଷ ପରେ ମଧ୍ୟ ଆଜି ଆମ୍ବେଡକରଙ୍କ ଏ ଉକ୍ତିର ପ୍ରାସଙ୍ଗିକତା ସ୍ପଷ୍ଟ ବାରି ହୋଇଯାଉଛି। ସେଦିନ ସେ ଯାହାସବୁ ଆଶଙ୍କା କରିଥିଲେ, ଆଜି ସେସବୁ ଜଳଜଳ ହୋଇ ଦେଖାଯାଉଛି। ରାଜନୀତିରେ ସମାନତା କଥା କହି ଆମେ ଆମ ସାମାଜିକ ଓ ଅର୍ଥନୈତିକ ଜୀବନରେ ଅନେକ ଅସମାନତାକୁ ପ୍ରଶ୍ରୟ ଦେଇସାରିଛୁ। ରାଜନୀତିରେ ଗୋଟିଏ ମଣିଷ ଗୋଟିଏ ଭୋଟ ଏବଂ ଗୋଟିଏ ଭୋଟ ଗୋଟିଏ ମୂଲ୍ୟାଙ୍କନ କଥା କହି ସାମାଜିକ ଓ ଅର୍ଥନୈତିକ ଜୀବନରେ ଗୋଟିଏ ମଣିଷକୁ ଭିନ୍ନଭାବେ ମୂଲ୍ୟାଙ୍କନ କରି ଆମେ ଅନେକ ବିରୋଧୋକ୍ତିକୁ ଆମନ୍ତ୍ରଣ କରିସାରିଛୁ। ସମାନତା ଓ ଅସମାନତାର ଏଭଳି ଅସଙ୍ଗତି ଓ ପାରସ୍ପରିକ ବିରୋଧୋକ୍ତି ଭାରତୀୟଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନରେ କେତେଦିନ ଆଉ ଚାଲିବ, ତାହା ଏକ ବଡ଼ ପ୍ରଶ୍ନ। କ୍ରମବର୍ଦ୍ଧିଷ୍ଣୁ ଅସଙ୍ଗତି ଉଭୟ ଗଣତନ୍ତ୍ର ଓ ସମ୍ବିଧାନକୁ ବିପଦରେ ପକେଇବା ସୁନିଶ୍ଚିତ। ଆମ୍ବେଡକରଙ୍କ ମତରେ ଏସବୁ ବିରୋଧୋକ୍ତିର ଯଥାଶୀଘ୍ର ମୂଳୋତ୍ପାଟନ ହେବା ଜରୁରୀ। ନ ହେଲେ, କ୍ରମାଗତ ଅସମାନତାର ଶିକାର ହେଉଥିବା ଉତ୍କ୍ଷିପ୍ତ ଜନଗଣ ସାମ୍ପ୍ରତିକ ଗଣତନ୍ତ୍ରର ଢାଞ୍ଚାରେ ପରିବର୍ତ୍ତନ ଆଣିବାକୁ ବାଧ ହେବେ। କାରଣ, ବ୍ୟକ୍ତି ବିଶେଷ ନୁହେଁ, ଦେଶ ସର୍ବୋପରି। ବ୍ୟକ୍ତି ପୂଜନ ନୁହେଁ, ଦେଶଭକ୍ତି ଜରୁରୀ।

ପଦ୍ମପୁର (ଆନନ୍ଦପୁର), କେନ୍ଦୁଝର
ମୋ: ୯୪୩୭୦୨୨୬୬୯

# ଶାନ୍ତି ପ୍ରତିଷ୍ଠାରେ ଭିଟୋ ବାଧକ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତା ଏବଂ ବିପୁଳ ଧନଜୀବନ କ୍ଷୟରୁ ଶିକ୍ଷାଲାଭକରି ପୃଥିବୀରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ୫ ପ୍ରମୁଖ ରାଷ୍ଟ୍ର ଯଥା-ବ୍ରିଟେନ୍, ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା ଏବଂ ରୁଷିଆ ୨୪ ଡିସେମ୍ବର ୧୯୪୫ରେ ଏକ ଐତିହାସିକ ରାଜିନାମାରେ ସ୍ୱାକ୍ଷର କରିବାରୁ ସଂଯୁକ୍ତ ରାଷ୍ଟ୍ର ସଂଘ ବା ଜାତିସଂଘର ଅଭ୍ୟୁଦୟ ଘଟିଲା। ଏହି ରାଷ୍ଟ୍ରସଂଘର ମୌଳିକ ଆଭିମୁଖ୍ୟ ହେଲା- ଆନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତା ରକ୍ଷାକରିବା, ଅଭାବଗ୍ରସ୍ତ ରାଷ୍ଟ୍ରଗୁଡ଼ିକୁ ମାନବିକ ଦୃଷ୍ଟିକୋଣରୁ ସାହାଯ୍ୟ ଏବଂ ସମର୍ଥନ ଯୋଗାଇଦେବା, ପୃଥିବୀର ସର୍ବତ୍ର ମାନବାଧିକାର ରକ୍ଷାକରିବା ଏବଂ ଆନ୍ତର୍ଜାତିକ ଆଇନଗୁଡ଼ିକର ପରିପାଳନକୁ ନିଶ୍ଚିତ କରିବା। ଏବେ ପୃଥିବୀର ପ୍ରାୟ ସମସ୍ତ ଦେଶ ଜାତିସଂଘର ସଭ୍ୟ ତାଲିକାଭୁକ୍ତ ହୋଇଛନ୍ତି। ଜାତିସଂଘର ଏକ କେନ୍ଦ୍ରୀୟ ସଂସ୍ଥା ହେଲା ନିରାପତ୍ତା ପରିଷଦ, ଯାହାକୁ ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଦୁଷ୍କୃତକାରୀ କୌଣସି ରାଷ୍ଟ୍ର ବିରୋଧରେ ଅର୍ଥନୈତିକ ଏବଂ ସାମରିକ କ୍ଷମତା ପ୍ରୟୋଗ କରିବାର ଅଧିକାର ଦିଆଯାଇଛି। ପରିଷଦରେ ୧୫ଟି ରାଷ୍ଟ୍ର ସଭ୍ୟ ଥାଆନ୍ତି, ତନ୍ମଧ୍ୟରୁ ପ୍ରାଥମିକ ୫ ଦେଶ ବ୍ରିଟେନ୍, ଫ୍ରାନ୍ସ, ଆମେରିକା, ଚାଇନା ଏବଂ ରୁଷିଆ ହେଲେ ସ୍ଥାୟୀ ସଦସ୍ୟ ଏବଂ ଅନ୍ୟ ୧୦ ଅସ୍ଥାୟୀ ସଦସ୍ୟ ରାଷ୍ଟ୍ର ଯେଉଁମାନେ ପର୍ଯ୍ୟାୟକ୍ରମେ ନିର୍ବାଚିତ ହୁଅନ୍ତି। ପୃଥିବୀରେ ଶାନ୍ତି ରକ୍ଷା ନିମନ୍ତେ ନିରାପତ୍ତା ପରିଷଦର ଏକ ବିଶେଷ ଦାୟିତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଏହାର ପ୍ରଧାନ ପ୍ରତିବନ୍ଧକ ହେଉଛି ପ୍ରମୁଖ ୫ ରାଷ୍ଟ୍ରଙ୍କ ଭିଟୋ ପ୍ରୟୋଗ କ୍ଷମତା। ଭିଟୋ ପ୍ରୟୋଗ କ୍ଷମତା ଏକ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ , ଏହାର ଦୁରୁପଯୋଗକରି ଯେକୌଣସି ନ୍ୟସ୍ତସ୍ୱାର୍ଥ ଶକ୍ତିଶାଳୀ ରାଷ୍ଟ୍ର ପରିଷଦର ବହୁମତରେ ଗୃହୀତ ଯେକୌଣସି ଯୁକ୍ତିଯୁକ୍ତ ଗଣତାନ୍ତ୍ରିକ ସିଦ୍ଧାନ୍ତକୁ ନାକଚ କରିଦେଇପାରିବେ। ଫଳତଃ ଏହି ଭିଟୋ କ୍ଷମତା ଆନ୍ତର୍ଜାତିକ ଶାନ୍ତି ଏବଂ ନ୍ୟାୟ ପ୍ରତିଷ୍ଠାରେ ସର୍ବଦା ବାଧକ ହୋଇଆସିଛି। ଏହି ପ୍ରସଙ୍ଗରେ ସମ୍ପ୍ରତି ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧର ପରିଣତି କଥା ବିଚାର କରାଯାଇପାରେ। ଗାଜା ଅଞ୍ଚଳକୁ କେନ୍ଦ୍ରକରି ଇସ୍ରାଏଲ ଏବଂ ପାଲେଷ୍ଟିନୀୟ ମାନଙ୍କ ମଧ୍ୟରେ ଛୋଟ ମୋଟ ଯୁଦ୍ଧ ବିଗ୍ରହ ବହୁଦିନରୁ ଚାଲି ଆସିଛି। ୨୦୨୩ ମସିହା ଅକ୍ଟୋବର ୭ରେ ପାଲେଷ୍ଟାଇନ୍‌ର ହମାସ୍ ଉଗ୍ରପନ୍ଥୀମାନେ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣକରି ୧୨୦୦ ନିରୀହ ଲୋକଙ୍କୁ ହତ୍ୟାକଲେ ଏବଂ ଶହ ଶହ ଲୋକଙ୍କୁ ବନ୍ଦୀକଲେ। ଭାରତ ସମେତ ପୃଥିବୀର ଅଧିକାଂଶ ସଭ୍ୟ ରାଷ୍ଟ୍ର ଏହି ଅମାନୁଷିକ ଆକ୍ରମଣକୁ ନିନ୍ଦାକଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଗାଜାର ପାଲେଷ୍ଟିନୀୟଙ୍କ ଉପରେ ପ୍ରଥମେ ଆକାଶ ମାର୍ଗରୁ ଏବଂ ପରେ ସ୍ଥଳଭାବରେ ପ୍ରବଳ ଆକ୍ରମଣ ଆରମ୍ଭ କରିଦେଲେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବଡ଼ଭାଇପଣିଆ ଦେଖାଇ ଇସ୍ରାଏଲକୁ ବିପୁଳ ପରିମାଣରେ ବୋମା, ଗୋଳାବାରୁଦ ଏବଂ ଅସ୍ତ୍ରଶସ୍ତ୍ର ଯୋଗାଇଦେବାକୁ ଲାଗିଲେ। ଇସ୍ରାଏଲ ସୈନ୍ୟମାନେ ସାଧାରଣ ପାଲେଷ୍ଟିନୀୟ ନାଗରିକମାନଙ୍କୁ ପୋକମାଛି ଭଳି ନିର୍ମମ ଭାବରେ ହତ୍ୟା କରିବାକୁ ଲାଗିଲେ। ହଜାର ହଜାର ବୃଦ୍ଧ, ଶିଶୁ, ମହିଳା ଏପରିକି ହସ୍ପିଟାଲର ରୋଗୀମାନେ ମଧ୍ୟ



ବର୍ତ୍ତିପାରୁନାହାନ୍ତି। ଏଯାବତ୍ ପ୍ରାୟ ୩୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଇସ୍ରାଏଲ ସୈନ୍ୟ ହତ୍ୟାକରି ସାରିଲେଣି ଏବଂ ଏହି ସଂଖ୍ୟା ପ୍ରତ୍ୟହ ବୃଦ୍ଧି ପାଉଛି। ତା'ଛଡ଼ା ଖାଦ୍ୟ, ପାନୀୟଜଳ, ଇନ୍ଧନ, ଗ୍ୟାସ୍, ଔଷଧ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀର ଅଭାବରୁ ନିରୀହ ଜନସାଧାରଣ ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନ୍ୟ ଦେଶ ଯେପରି ସେହି ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ କୌଣସି ପ୍ରକାର ମାନବୀୟ ସାହାଯ୍ୟ ପ୍ରେରଣ କରି ନ ପାରିବେ ସେଥିପାଇଁ ଇସ୍ରାଏଲ ସୈନ୍ୟମାନେ ଜଗି ରହିଛନ୍ତି। କ୍ରମେ ନେତାନ୍ୟାହୁଙ୍କ ଦୂରଭିସନ୍ଧି ସ୍ପଷ୍ଟ ହୋଇଉଠୁଛି। ହମାସ୍ ଉଗ୍ରପନ୍ଥୀଙ୍କୁ ଦମନ କରିବା ଆଳରେ ସେ ନିରୀହ ପାଲେଷ୍ଟିନୀୟମାନଙ୍କୁ ହତ୍ୟାକରି ଅଥବା ସେମାନଙ୍କୁ ବାସଭୂମିରୁ ବିତାଡ଼ିତକରି ଗାଜା ଅଞ୍ଚଳକୁ ଦଖଲ କରିବାକୁ ଚାହାନ୍ତି। କାରଣ ଏହି ଅମାନୁଷିକ ନରସଂହାର ମଧ୍ୟରେ ସେ କେତେଜଣ ହମାସ୍ ଉଗ୍ରପନ୍ଥୀଙ୍କୁ ନିପାତ କରିଛନ୍ତି ତାହାର କୌଣସି ସ୍ପଷ୍ଟ ଚିତ୍ର ମିଳିନାହିଁ। ଏହି ପରିପ୍ରେକ୍ଷୀରେ ୨୬ ଫେବୃୟାରୀ ୧୯୧୯ ରାତ୍ରିର ଅନ୍ଧକାରରେ ଭାରତୀୟ ବାୟୁସେନା ପାକିସ୍ତାନର ବାଲାକୋଟରେ ଥିବା ଜୈଶ୍-ଇ-ମହମ୍ମଦ ଉଗ୍ରପନ୍ଥୀ ଶିବିର ଉପରେ ଯେପରି ସର୍ଜିକାଲ ଏୟାରଷ୍ଟ୍ରାଇକ୍‌କରି ଧ୍ୱଂସକରି ଦେଇଥିଲେ ତାହା ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ ହୋଇ ରହିଛି। ଏହି ଅଭିଯାନରେ ପାକିସ୍ତାନର କୌଣସି ଧନଜୀବନ କ୍ଷୟ ହୋଇ ନ ଥିଲା। ଜୈଶ୍-ଇ-ମହମ୍ମଦ ଉଗ୍ରପନ୍ଥୀମାନେ କଶ୍ମୀରର ପୁଲ୍‌ୱାମାରେ ଆତ୍ମଘାତୀ ଆକ୍ରମଣକରି ୪୦ ସିଆରପି ଯବାନଙ୍କୁ ହତ୍ୟା କରିଥିବାରୁ ତାହାର ପ୍ରତିଶୋଧ ନେବା ପାଇଁ ଏହି ସର୍ଜିକାଲ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଅପର ପକ୍ଷରେ କେତେଜଣ ମୁଷ୍ଟିମେୟ ହମାସ୍ ସନ୍ତ୍ରାସବାଦୀଙ୍କ ଅପରାଧ ନିମନ୍ତେ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଅସଂଖ୍ୟ ନିରୀହ ଜନସାଧାରଣଙ୍କୁ ହତ୍ୟା କରିବା, ହସ୍ପିଟାଲ, ସ୍କୁଲ ଏବଂ ଜନବସତି ଉପରେ ମିଶାଇଲ ମାଡ଼କରି ଅଥବା ବୋମା ପକାଇ ଧ୍ୱଂସ କରିବା, ହଜାର ହଜାର ଦୁର୍ଦ୍ଦଶାଗ୍ରସ୍ତ ମଣିଷକୁ ଖାଦ୍ୟ, ପାନୀୟ, ଔଷଧର ମାନବୀୟ ଅଧିକାରରୁ ବଞ୍ଚିତ କରିବା ଏକ ଜଘନ୍ୟ ଅପରାଧ। ସବୁଠାରୁ ପରିତାପର ବିଷୟ ହେଲା ଇସ୍ରାଏଲ ସୈନ୍ୟଙ୍କ ଏହି ନିର୍ମମ ଗଣହତ୍ୟାରେ ମର୍ମାହତ ହୋଇ ଆନ୍ତର୍ଜାତିକ ସମୁଦାୟ ନୀରବଦ୍ରଷ୍ଟା ହୋଇ ରହିବାକୁ ବାଧହୋଇଛନ୍ତି। କାରଣ ଗାଜା ଅଞ୍ଚଳରେ ଯୁଦ୍ଧବିରତି ଅଥବା ଦୁର୍ଦ୍ଦଶାଗ୍ରସ୍ତ ପାଲେଷ୍ଟିନୀୟମାନଙ୍କୁ ମାନବୀୟ ସହାୟତା ପ୍ରଦାନ କରିବାର ସମସ୍ତ ପ୍ରସ୍ତାବକୁ ଗଣତନ୍ତ୍ରର ବଡ଼ପଣ୍ଡା ବୋଲାଉଥିବା ଆମେରିକା ଭିଟୋ ପ୍ରୟୋଗକରି ନାକଚ କରିଦେଉଛି। ୨୨ ଡିସେମ୍ବର ୨୦୨୩ରେ ଯୁଦ୍ଧ ବିଧ୍ୱସ୍ତ ଗାଜାକୁ ଖାଦ୍ୟ, ପାନୀୟ, ଔଷଧପତ୍ର ଯୋଗାଇଦେବା ପାଇଁ ନିରାପତ୍ତା ପରିଷଦର ପ୍ରସ୍ତାବକୁ ଆମେରିକା ଭିଟୋ ପ୍ରୟୋଗ କରି ଅଟକାଇଦେଲା। ସେହିପରି ୧୫ ଜାନୁୟାରୀ ୨୦୨୪ରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଗାଜାରେ ଯୁଦ୍ଧବିରତି ନିମନ୍ତେ ନିରାପତ୍ତା ପରିଷଦରେ ଏକ ପ୍ରସ୍ତାବ ଆଣିଥିଲେ, ଯାହା ଆମେରିକାର ଭିଟୋ ପ୍ରୟୋଗ ଯୋଗୁ ବ୍ୟର୍ଥ ହୋଇଥିଲା। ପୁନର୍ବାର ୨୦ ଫେବୃୟାରୀ ୨୦୨୪ରେ ଆଲ୍‌ଜେରିଆ ପକ୍ଷରୁ ଆଗତ ନିରାପତ୍ତା ପରିଷଦର ଯୁଦ୍ଧବିରତି ପ୍ରସ୍ତାବ ବିରୋଧରେ ମଧ୍ୟ ଆମେରିକା ଭିଟୋ ପ୍ରୟୋଗ କରିଛି। ଏହିପରି ଭିଟୋ କ୍ଷମତାର ଦୁରୁପଯୋଗକରି ଆମେରିକା ଗାଜା ଅଞ୍ଚଳରେ ବ୍ୟାପକ ଗଣହତ୍ୟା ଏବଂ ମାନବିକତା ବିରୋଧୀ ଅପରାଧକୁ ପ୍ରୋତ୍ସାହିତ କରିଛି। ଏହି ଅଗଣତାନ୍ତ୍ରିକ ଭିଟୋ କ୍ଷମତା ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ତଥା ଯୁଦ୍ଧ ଅପରାଧ ନିୟନ୍ତ୍ରଣର ପ୍ରଧାନ ପ୍ରତିବନ୍ଧକ ହୋଇ ଉଠିଛି। ତେଣୁ ପୃଥିବୀରେ ସ୍ଥାୟୀ ଶାନ୍ତି ତଥା ସତ୍ୟ, ନ୍ୟାୟ ଏବଂ ଗଣତନ୍ତ୍ରର ପ୍ରତିଷ୍ଠା ନିମନ୍ତେ ଏହି ଅଯୌକ୍ତିକ ଭିଟୋ କ୍ଷମତାର ଉଚ୍ଛେଦ ଏକାନ୍ତ ପ୍ରୟୋଜନ ମନେହୁଏ। ପୃଥିବୀର ଶାନ୍ତିକାମୀ ରାଷ୍ଟ୍ର ସମୁଦାୟ ଏ ସଂକ୍ରାନ୍ତରେ ବିଚାରବିମର୍ଶ କରିବାର ସମୟ ଆସିଛି।

ମୋ:୯୪୩୭୨୮୭୯୬୪

## ଏଇ ଭାରତରେ

ଭୋଟ ପାଇଁ ନିମନ୍ତ୍ରଣ ପତ୍ର। କଥାଟା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି କି! ହେଲେ ଏହା କୌଣସି ମନଗଢ଼ା କଥା ନୁହେଁ, ବରଂ ପ୍ରତି ଘରେ ଘରେ ଭୋଟରମାନଙ୍କୁ ଏବେ ନିମନ୍ତ୍ରଣ ପତ୍ର ବଣ୍ଟା ଆରମ୍ଭ ହୋଇଛି। ତେବେ ଏହା କୌଣସି ରାଜନୈତିକ ଦଳ ପକ୍ଷରୁ ନୁହେଁ, ଖୋଦ ନିର୍ବାଚନ କମିଶନ ଏମିତି ଏକ ପ୍ରୟାସ ଆରମ୍ଭ କରିଛନ୍ତି। ଆଉ ଏଭଳି ଏକ ଭିନ୍ନ ଧରଣର ଘଟଣା ଦେଖିବାକୁ ମିଳିଛି ହରିୟାଣାରେ। ପ୍ରକୃତ କଥା ହେଉଛି ମତଦାନ ନିମନ୍ତେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ନିର୍ବାଚନ କମିଶନଙ୍କର ଏଭଳି ନିମନ୍ତ୍ରଣ ପତ୍ରକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା ଆରମ୍ଭ ହୋଇଛି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ନିର୍ବାଚନ କମିଶନ ଭୋଟରଙ୍କୁ ସଚେତନ କରିବା ସହ ମତଦାନ ନିମନ୍ତେ ଉତ୍ସାହିତ କରିବା ସକାଶେ ଏଭଳି ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଯାଉଛନ୍ତି। ଏଥିପାଇଁ ସେ ଅବିକଳ ନିମନ୍ତ୍ରଣ ପତ୍ର ପରି ଲାଲ୍ ରଙ୍ଗର କାର୍ଡ ଛପାଇଛନ୍ତି; ଯେଉଁଥିରେ ବିବାହ କାର୍ଯ୍ୟସୂଚୀ ଥିବା ଭଳି ଡିଜାଇନ୍ କରି ମତଦାନ ତାରିଖ ଓ ଅନ୍ୟ ସବୁ ପ୍ରକାର ସୂଚନା ଦେଇଛନ୍ତି। ନିମନ୍ତ୍ରଣ ପତ୍ର ମାଧ୍ୟମରେ ଭୋଟଦାନ ଅଧିକାରକୁ ନେଇ ସଚେତନତା ସୃଷ୍ଟି କରିବା ହିଁ ମୁଖ୍ୟ ଲକ୍ଷ୍ୟ। ମତଦାନ ହାର ବୃଦ୍ଧି ପାଇବ କି ନାହିଁ ତାହା ତ ଆଉ କିଛିଦିନ ପରେ ସ୍ପଷ୍ଟ ହୋଇଯିବ, କିନ୍ତୁ ଏବେ ଏହି ନିମନ୍ତ୍ରଣ ପତ୍ରକୁ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଏଭଳି ଭାବେ ୫୦ ଲକ୍ଷରୁ ଅଧିକ ଘରକୁ ନିମନ୍ତ୍ରଣ ପତ୍ର ବାଣ୍ଟିବାର ଯୋଜନା କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ମେ ୧୯୭୫

- ରାଜ୍ୟ କଂଗ୍ରେସ ରିଲିଫ କମିଟି ପକ୍ଷରୁ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳଗୁଡ଼ିକରେ ମାଗଣା ଭୋଜନ କେନ୍ଦ୍ର ଖୋଲିବାର ବ୍ୟାପକ ବ୍ୟବସ୍ଥା।
- ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ହୋଇଥିବା ଚାରୋଟିଯାକ ଉପନିର୍ବାଚନରେ କଂଗ୍ରେସ ଦଳର ବିପୁଳ ବିଜୟ।

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ।
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଞ୍ଚଳିକ ଭାଷା ଜ୍ଞାନ ଜରୁରୀ

ମହାଶୟ,

ରାଜ୍ୟର ଲୋକେ ଆପତ୍ତି ଅଭିଯୋଗ ଲାଗି କଥିତ ଆଞ୍ଚଳିକ ଭାଷାରେ ପତ୍ର ଲେଖି ଗୁହାରି ଜଣାଇଥାଆନ୍ତି। ସମସ୍ତ ଜନତା ଇଂଲିଶ ଭାଷା କହିବା ଓ ଲେଖିବାରେ ପାରଙ୍ଗମ ବୋଲି ଇଂଲିଶ କହୁଥିବା ନେତା ମନ୍ତ୍ରୀଙ୍କ ଆକଳନ ଭୁଲ୍। ଭାଷାର ଅସ୍ମିତାକୁ ବିଜ୍ଞାପନ ମାଧ୍ୟମରେ ସୁରକ୍ଷିତ ରଖିବା ହାସ୍ୟାସ୍ପଦ । ଭାଷା ସୁରକ୍ଷିତ ରହି ନ ପାରିଲେ ରାଜ୍ୟର ସାମୂହିକ ବିକାଶ ହେବନାହିଁ। କୁହାଯାଏ, ପଡ଼ୋଶୀ ରାଜ୍ୟରୁ ଜୀବିକା ନିର୍ବାହରେ ଅନ୍ୟ ରାଜ୍ୟକୁ ଆସିଥିବା ବ୍ୟକ୍ତିମାନେ କିଛିଦିନ ଭିତରେ ଆଞ୍ଚଳିକ ଭାଷାଜ୍ଞାନକୁ ଆୟତ୍ତ କରି ପ୍ରାଞ୍ଜଳ ଭାବେ କହିଥାଆନ୍ତି। ଏପରି ବହୁ ଲୋକ ଅଛନ୍ତି, ଯେଉଁମାନେ ବାହାର ରାଜ୍ୟରୁ ଓଡ଼ିଶାକୁ ଆସି ସ୍ୱଳ୍ପ ଦିନରେ ଓଡ଼ିଆ ଲେଖିବା, ବୁଝିବା ଓ କହିବାରେ ପାରଙ୍ଗମତା ହାସଲ କରିପାରିଛନ୍ତି ଓ ଓଡ଼ିଶାବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିଛନ୍ତି। ଏଣୁ ଶାସକ, ପ୍ରଶାସକ ଏବଂ ନେତାମାନେ ନିଜ ରାଜ୍ୟର ଆଞ୍ଚଳିକ ଭାଷାର ଜ୍ଞାନଗରିମା ରଖିବା ଜରୁରୀ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତଳସରା ବିଧାନସଭା ଆସନ ହାତେଇବାକୁ ୩ ଦଳର କସରତ

ସୁନ୍ଦରଗଡ,୬।୫(ଜୟ ନାରାୟଣ ମେହେର୍)

ସୁନ୍ଦରଗଡ଼ ଜିଲ୍ଲାରେ ଆସନ୍ତା ୨୦ରେ ଭୋଟ ଗ୍ରହଣ ହେବ। ଜିଲ୍ଲାର ଏକଦା କଂଗ୍ରେସର ଗଡ ବୁହାଯାଉଥିବା ତଳସରା ବିଧାନସଭା ଆସନ ହାତେଇବାକୁ ଏବେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ କସରତ ଆରମ୍ଭ କରିଦେଇଛନ୍ତି। ପ୍ରାର୍ଥୀପତ୍ର ଦାଖଲ ପରଠୁ ପ୍ରାର୍ଥୀମାନେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ୨୦୧୯ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ ଏହି ଆସନରୁ ବିଧାୟକ ହୋଇଥିଲେ। ଏଥର ୨୦୨୪ ସାଧାରଣ ନିର୍ବାଚନରେ ଦଳ ତାଙ୍କ ଉପରେ ପୁଣି ଭରସା କରି ଏଠାରୁ ପ୍ରାର୍ଥୀ କରିଛି। ସେହିପରି ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ତାଲ୍ଲର ପ୍ରଫୁଲ୍ଲ କୁମାର ମାଝିଙ୍କ ଠାରୁ ପରାଜିତ ହୋଇଥିବା ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋଙ୍କୁ ଏଥର ପୁଣି ଏହି ଆସନରୁ ବିଜେଡି ପ୍ରାର୍ଥୀ କରିଛି। ବିଗତ ୨୪ବର୍ଷର ଶାସନ ମଧ୍ୟରେ ଏଠାରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇପାରି ନ ଥିଲା ବେଳେ ୨୦୧୯ରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲା। ଭାଜପା ଏହି ଆସନକୁ ପୁଣି ବଜାୟ ରଖିବାକୁ ତାର ରଣକୌଶଳ ଚଳାଉଥିବା ବେଳେ ବିଜେଡି ମଧ୍ୟ ଏହି ଆସନକୁ ନିଜ ଅକ୍ତିଆର କରିବ ସେ ନେଇ ତାର ପ୍ରଚାର ଅଭିଯାନକୁ ଜୋରଦାର କରି ଭୋଟରଙ୍କ ନିକଟରେ ହେବାକୁ ଉଦ୍ୟମ କରିଛି। ବାଲିଶଙ୍କର, ସବଡେଗା, ବଡ଼ଗାଁ ବ୍ଲକ ସହିତ ଲେଫ୍ରିପଡା ବ୍ଲକର ୧୦ଟି ଗ୍ରାମ ପଞ୍ଚାୟତକୁ ନେଇ ଏହି ତଳସରା ବିଧାନସଭା ଆସନରେ ଭୋଟର ସଂଖ୍ୟା ୧ ଲକ୍ଷ ୫୦ହଜାର୭୮୧ ରହିଛି। ୨୦୧୯ସାଧାରଣ ନିର୍ବାଚନରେ ଏହି ଆସନରୁ ଭାଜପା ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ-୬୦ ହଜାର୨୬୪ଖଣ୍ଡ

## ବିନୟଙ୍କ ବିଜୟ ପଥରେ ଅସନ୍ତୁଷ୍ଟ କଣ୍ଟା

ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଷ୍ଟିଫେନ ଓରାମ ସୋରେଙ୍ଗ ୪୪ହଜାର୭୬ଖଣ୍ଡ ଭୋଟ ପାଇଥିଲାବେଳେ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମାଝି ୪୧ହଜାର ୧୧୧ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଥିଲେ।୨୦୦୯ରୁ ଲଗାତାର ୩ଥର ବିଧାୟକ ହୋଇଥିବା କଂଗ୍ରେସ ଗଡରେ ୨୦୧୯ରେ ଭାଜପା ବିଜୟର ବାନା ଉଡାଇବା ପରେ ପ୍ରଫୁଲ୍ଲ ପରବର୍ତ୍ତୀ ସମୟରେ ବିଜେଡିରେ ଯୋଗଦେଇ ଏମପି କିମ୍ବା ବିଧାୟକ ଟିକେଟ ଆଶା ରଖିଥିଲେ। ହେଲେ ଚଳିତ ନିର୍ବାଚନରେ ତାଙ୍କୁ ନିରାଶା ହେବାକୁ ପଡିଛି। ଟିକେଟ ବଣ୍ଟନ ପୂର୍ବରୁ ପ୍ରଫୁଲ୍ଲ କାହାରି ନାମ ନ ନେଇ ବିନୟଙ୍କ କଡା ସମାଲୋଚନା କରିଥିଲେ। ସେହିପରି ବିଜେଡିର ଅନ୍ୟତମ ବିଧାୟକ ଟିକେଟ ଆଶାୟୀ ଥିବା ବଡଗାଁ ଜିଲ୍ଲା ପରିଷଦ ସଭ୍ୟ ଅମିୟ ପ୍ରଧାନଙ୍କୁ ମଧ୍ୟ ନିରାଶ ହେବାକୁ ପଡିଛି। ପ୍ରଫୁଲ୍ଲ ତଳସରା ପରିବର୍ତ୍ତେ ସୁନ୍ଦରଗଡ ବିଧାନସଭା ବିଜେଡି ପ୍ରାର୍ଥୀ ଯୋଗେଶ ସିଂହଙ୍କ ନିର୍ବାଚନ ପ୍ରଚାରରେ ଦେଖିବାକୁ ମିଳୁଛି। ଅନ୍ୟପଟେ ତଳସରା ବିଜେଡି ସହପର୍ଯ୍ୟବେକ୍ଷକ ତଥା ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲ୍ଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ମାଝି ବିନୟଙ୍କ ପ୍ରଚାର ମଙ୍ଗ ସମ୍ଭାଳିଛନ୍ତି। ସେହିପରି କଂଗ୍ରେସ ଭାରପ୍ରାପ୍ତ ଗୁକି ଦଳର ପୂର୍ବତନ ଅଧ୍ୟକ୍ଷ ପ୍ରବୋଧ ତିର୍କିଙ୍କୁ ପ୍ରଥମେ ପ୍ରାର୍ଥୀ କରି ଟିକେଟ ଦେଇଥିଲା। ହେଲେ ପରବର୍ତ୍ତୀ ସମୟରେ ଦଳ ପ୍ରବୋଧଙ୍କ ବଦଳରେ ପୂର୍ବତନ ବିଧାୟକ ରଞ୍ଜିତ ଭିତ୍ରିଆଙ୍କ ଭାଇ ଦେବେନ୍ଦ୍ର ଭିତ୍ରିଆଙ୍କୁ ପ୍ରାର୍ଥୀ କରିଛି। ଫଳରେ ପ୍ରବୋଧ ଏବେ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ୧୯୬୧ରୁ ଏହି ଆସନ ଗଠିତ ହେଲାଠାରୁ ଭୂୟାଁ ସମାଜର ପ୍ରାର୍ଥୀ ମାନେ ହିଁ ବିଜୟୀ ହୋଇ ଆସିଛନ୍ତି। ୧୯୮୦ରୁ ସ୍ୱର୍ଗତ ଗଜାଧର ମାଝିଲଗାତାର ୫ଥର କଂଗ୍ରେସ ଟିକେଟରେ ବିଧାୟକ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କର ପୁତୁରା ଭାଇ ପ୍ରଫୁଲ୍ଲ ମାଝି ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଲଗାତାର ୩ଥର କଂଗ୍ରେସ ଟିକେଟରେ ବିଧାୟକ ଥିଲେ। କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଭୂୟାଁ ସମାଜର ହୋଇଥିବାରୁ ଏଥର ମଧ୍ୟ ଭୂୟାଁ କାର୍ଡ ଖେଳାଯାଉଛି। ବିଜେଡି ପ୍ରାର୍ଥୀ ବିନୟଙ୍କ ବିଜୟ ପଥରେ ଅସନ୍ତୁଷ୍ଟ କଣ୍ଟା ସାଜିବେ କି ବୋଲି ରାଜନୈତିକ ବିଶାରଦ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ନିର୍ବାଚନୀ ରଣାଙ୍ଗନରେ ୧୦ ପ୍ରାର୍ଥୀ

## ବଣାଇଁ ବିଧାନସଭା

ବଣାଇଁ,୬।୫(ପ୍ରଦୀପ ତ୍ରିପାଠୀ)

ବଣାଇଁ ବିଧାନସଭା ନିର୍ବାଚନର ଚୂଡାନ୍ତ ପ୍ରାର୍ଥୀ ତାଲିକା ସୋମବାର ଉପ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ପ୍ରକାଶିତ କରିଛନ୍ତି। ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବା ନିଶ୍ଚିତ ହୋଇଛି। ତନ୍ମଧ୍ୟରେ ବିଜେଡିର ଭୀମସେନ ଚୌଧୁରୀ, ଭାଜପାର ସେବତୀ ନାୟକ, କଂଗ୍ରେସ ସମର୍ଥିତ ସିପିଆଇଏମର ଲକ୍ଷ୍ମଣ ମୁଣ୍ଡା, ଆମ ଆଦମୀ ପାର୍ଟିର ଜୁନି ମୁଣ୍ଡାଙ୍କ ସମେତ ୬ ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସ୍ୱାଧୀନ ପ୍ରାର୍ଥୀଭାବେ ନବୀନ ଚନ୍ଦ୍ର କିଷାନ, ଅଶୋକ କୁମାର ଲୋହାର, ଗୋପିନାଥ କିଷାନ, ବାଜି କିଷାନ, ମନାଇ ମୁଣ୍ଡା ଓ ମାଙ୍ଗା ଓରାମ ପ୍ରମୁଖ ରହିଛନ୍ତି। ବିଶେଷତଃ ଏହି ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ହେଉଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି।


**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/II, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖର **୧୨.୦୦ ଘଟିକାରେ** ବନ୍ଦ କରିଦିଆଯିବ। **ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୪୬୩-ଜିଆରସି-ସିଇ-ସି-II-୨୧-୨୦୨୪, ତାରିଖ: ୦୩।୦୫।୨୦୨୪ରିଖ। କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଡେପୁଟି ସିଇ (ସିଓଏନ୍), ଝାରସୁଗୁଡ଼ା, ଦକ୍ଷିଣ ପୂର୍ବ ରେଳପଥଙ୍କ କ୍ଷେତ୍ରାଧିକାର ଅଧୀନରେ ୟାର୍ଡ ରିମଡେଲିଂ କାର୍ଯ୍ୟ ତଥା ବିବିଧ କାର୍ଯ୍ୟ ସଂକ୍ରାନ୍ତରେ ଓଆରଏଚ୍, ଏଡିଇଏନ୍ କାର୍ଯ୍ୟାଳୟ, ସିଡ଼ବ୍ଲୁଆଇଏମ୍ କାର୍ଯ୍ୟାଳୟ ତଥା ସି ଆଣ୍ଡ ଡବ୍ଲ୍ୟୁ କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟର ନିର୍ବାହ, ସର୍କୁଲେଟିଂ ଏରିଆର କାର୍ଯ୍ୟ, ପ୍ଲାଟ୍‌ଫର୍ମ କାନ୍ଥ ନିର୍ମାଣ, ଯାତ୍ରୀ ସୁବିଧା ସମ୍ବନ୍ଧୀୟ କାର୍ଯ୍ୟ, ସେଣ୍ଟ୍ରାଲ ଡ୍ରେନ୍, ସାଇଡ୍ ଡ୍ରେନ୍ ଓ ଅନ୍ୟାନ୍ୟ ବିବିଧ କାର୍ଯ୍ୟ। **ଆନୁମାନିକ ମୂଲ୍ୟ:** ₹୧୬.୭୨ କୋଟି। **ବିଡ୍ ଅମାନତ:** ₹୯,୮୬,୦୦୦। **ସମାପ୍ତି ଅବଧି:** ୧୮ ମାସ। **ବନ୍ଦ ହେବା ତାରିଖ:** ତା୨୭।୦୫।୨୦୨୪ରିଖ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-112)


# ସୁଧାରାଣୀଙ୍କ ନିର୍ବାଚନୀ ପ୍ରଚାର



ସୁଧାରାଣୀ ସମର୍ଥକଙ୍କ ସହ ଗାଁ ଗାଁ ବୁଲି ନିର୍ବାଚନୀ ପ୍ରଚାର କରୁଛନ୍ତି।

ହେମଗିର,୬।୫(ଚୈତନ୍ୟ ପଟେଲ)

ସୁନ୍ଦରଗଡ ସଦର ବିଧାନସଭାର କଂଗ୍ରେସ ପ୍ରାର୍ଥୀ ସୁଧାରାଣୀ ରାଉଡିଆ ଗାଁଗାଁ ବୁଲି ପ୍ରଚାର କରୁଛନ୍ତି। ସଦର, ହେମଗିର,ଟାଙ୍ଗରପାଲି ଓ ଲେଫ୍ରିପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଭୋଟ ପ୍ରଚାର କରିବା ସହିତ କର୍ମି ସମ୍ମିଳନୀରେ ସେ ଯୋଗଦେଉଛନ୍ତି। ସୁଯୋଗ ମିଳିଲେ ଜିଲାବାସୀଙ୍କ ସେବା କରିବେ ବୋଲି ସୁଧାରାଣୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସୁଧାରାଣୀ ହେମଗିର ବ୍ଲକ ଅଧ୍ୟକ୍ଷଭାବେ କାମ କରୁଥିଲେ।

# ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଭାଜପାରେ ସାମିଲ ହୋଇଥିବା ଯୁବକମାନେ।

## ଯୋଗଦେଲେ ବିଭିନ୍ନ ଦଳର ୩୫ ଯୁବକ

ଅମରପାଲି,/ ଉଲୁଣ୍ଡା,୬।୫
(ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏବେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିର୍ବାଚନୀ ପ୍ରଚାର ଆରମ୍ଭ କରିଦେଲେଣି। କ୍ଷେତ୍ର ଅଧୀନ ବିଭିନ୍ନ ସ୍ଥାନକୁ ଯାଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ କେତେକ ସ୍ଥାନରେ ମିଶ୍ରଣ ପର୍ବ କରି ମତଦାତାଙ୍କୁ ନିଜ ଦଳରେ ସାମିଲ କରିବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳୁଛି। ସୋମବାର ଭାଜପା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ହିଙ୍ଗମାରେ ଏକ ମିଶ୍ରଣ ପର୍ବ କରି ଅନ୍ୟ ଦଳର ପ୍ରାୟ ୩୫ ଯୁବକଙ୍କୁ ଦଳରେ ସାମିଲ କରିଛି। ଅନୁଷ୍ଠିତ ମିଶ୍ରଣ ପର୍ବରେ ଭାଜପା ବିଧାୟକ ପ୍ରାର୍ଥୀ ଇଂ.ରଘୁନାଥ ଜଗଦଲା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନଳିନୀ ପଣ୍ଡା, ରାଧାକାନ୍ତ ମହାକୁର, ଶରତ ମିଶ୍ର, ରାଧାକାନ୍ତ ପଣ୍ଡା, ଆଦିତ୍ୟ ପୁରୋହିତ ପ୍ରମୁଖ ଯୋଗଦେଇ ଦଳର ସାମିଲ ହୋଇଥିବା ଯୁବକ ଙ୍କୁ ଭାଜପା ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ଉକ୍ତ ଯୁବକମାନେ ଦଳରେ ସାମିଲ ହେଲା ପରେ ଭାଜପାର ଶକ୍ତି ବୃଦ୍ଧି ପାଇବ ବୋଲି ଭାଜପା ପ୍ରାର୍ଥୀ ଜଗଦଲା ପ୍ରକାଶ କରିଛନ୍ତି।

# ୨ ଦିନରେ ଇସ୍ତଫା ଦେଲେଣି ୧୬୪ ଯୁବମୋର୍ଚ୍ଚା ପଦାଧିକାରୀ



ଇସ୍ତଫା ଦେବାକୁ ଆସିଥିବା ଭାଜପା ଯୁବମୋର୍ଚ୍ଚ ପଦାଧିକାରୀ।

## ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କ ଇସ୍ତଫାକୁ ସମର୍ଥନ

ବଣାଇଁ,୬।୫(ପ୍ରଦୀପ ତ୍ରିପାଠୀ)

ବଣାଇଁ ନିର୍ବାଚନ ମଣ୍ଡଳୀରେ ଭାଜପା ଯୁବ ମୋର୍ଚ୍ଚା ସାଙ୍ଗଠନିକ ଜିଲା ସଭାପତି ଶାନ୍ତନୁ କୁମାର ଦାସ ଗତ ୪ରେ ଦଳରୁ ଇସ୍ତଫା ଦେବା ପରେ ରବିବାର ୬୨ ଓ ସୋମବାର ୧୦୨ ଜଣ ଯୁବ ସଂଗଠକ ତାଙ୍କ ସମର୍ଥନରେ ମିଳିତ ଭାବେ ଇସ୍ତଫା ଦେଇଥିବା ଜଣାପଡିଛି। ରାଜାମୁଣ୍ଡାଠାରେ ଥିବା ଭାଜପା କାର୍ଯ୍ୟାଳୟରେ ବଣାଇଁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡଳରେ ଥିବା ଭାଜପା କାର୍ଯ୍ୟକର୍ତ୍ତା ଶାନ୍ତନୁଙ୍କ ସମର୍ଥନରେ ଏଭଳି ଇସ୍ତଫା ଦେଇ ପ୍ରକ୍ରିୟାକୁ ଚାଲୁ ରଖିଛନ୍ତି। ଏତେ ସଂଖ୍ୟକ କର୍ମକର୍ତ୍ତା ଦଳରୁ ଇସ୍ତଫା ଦେବା ପରେ ମଧ୍ୟ ଦଳର ବରିଷ୍ଠ କର୍ମକର୍ତ୍ତା ଧ୍ୟାନ ନ ଦେବା ସାଧାରଣରେ ଚର୍ଚ୍ଚାର ବିଷୟ ସାଜିଛି। ଏହି ଇସ୍ତଫା ପ୍ରକ୍ରିୟା ଜାରି ରହିବ ବୋଲି ସେମାନେ ଚେତାବାନୀ ଦେଇଛନ୍ତି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡ଼ା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ୍.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜେକେ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ତାରିଖ/ ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ଅଞ୍ଜନେୟ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଜେ ସତ୍ୟ ପ୍ରସାଦ,** ପାର୍ବତୀ ନଗର, ପୋ: ଅଣ୍ଡାମୋଡା, ଜେକେ ପୁର, ରାୟଗଡା, ପିନ୍ -୭୬୫୦୧୭ **/ଗ୍ୟାରେଣ୍ଟିଦାତା: ଶ୍ରୀମତୀ ପି. ପୂର୍ଣ୍ଣିମା,** ସ୍ୱାମୀ: ପି ଶ୍ୟାମ, ଡୋର ନଂ.: ୩୯-୨୨-୨୫-୫/୨, କଳିଙ୍ଗ ନଗର, ମାଧବଧର, ବିଶାଖାପଟ୍ଟନମ୍, ପିନ୍ -୫୩୦୦୦୭ | ୨୯.୦୧.୨୦୨୪ ସୁଦ୍ଧା **ଟ.୮୬,୯୫,୪୬୨.୭୪** + ସେବାବଦ ସୁଧ ଏବଂ ଦେୟ | ୩୦.୦୧.୨୦୨୪ / ୦୧.୦୫.୨୦୨୪ | **୧) ଶ୍ରୀ ଜେ ସତ୍ୟ ପ୍ରସାଦଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୭୬/୪୬୮, ଖାତା ନଂ.: ୪୯/୧୬, ବିକ୍ରୟ ଦଲିଲ ଅନୁସାରେ କ୍ଷେତ୍ର: ୨୧୦୦ ବର୍ଗଫୁଟ, ପାର୍ବତୀ ନଗର, ଅଣ୍ଡାମୋଡା, ଜେକେ ରୋଡ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ପଶ୍ଚିମ: ଆର. ଭି. ନରସହ୍ମ ରାଓ, ଉତ୍ତର: |

ଗ୍ରାମ ରାସ୍ତା, ଦକ୍ଷିଣ: ନାଳ ଏବଂ ଆର. ଭି. ନରସହ୍ମ, **୨) ଶ୍ରୀମତୀ ପି ପୂର୍ଣ୍ଣିମା,** ସ୍ୱାମୀ: ପି ଶ୍ୟାମଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ସା: ଏଫ୍‌ସିଆଇ ଗୋଡାଉନ୍ ଏବଂ ଶ୍ରୀମତୀ ସୁଶିଳା ଦେବୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସିଙ୍ଗ ଏଜୁକେସନର ବିପରୀତ ପାର୍ଶ୍ୱ, ସାଇପ୍ରିୟା ନଗର, ରାୟଗଡା, ମୌଜା: ରାୟଗଡାରେ ଅବସ୍ଥିତ, ପ୍ଲଟ୍ ନଂ.: ୯।୧।୩୬୪।୫୬୮।୫୭୩୩(ନୁଆ), ଲେଆଉଟ୍ : ନାହିଁ, କିସମ: ଘରବାରୀ, ଖାତା ନଂ.: ୫୦/୩୫୦(ପୁରୁଣା), ୫୦/୬୧୧୭ (ନୁଆ), କ୍ଷେତ୍ର: ୨୩୮୫ ବର୍ଗଫୁଟ, ରାୟଗଡା, ରାୟଗଡା ମ୍ୟୁନିସିପାଲିଟି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀମତୀ ବିଜୟ ଲକ୍ଷ୍ମୀ ମହାପାତ୍ର, ପଶ୍ଚିମ: ଶ୍ରୀମତୀ ଜେ. ପଟ୍ଟନାଏକ, ଉତ୍ତର: ଶ୍ରୀ ଏନ୍. ଭି. ରାଓ, ଦକ୍ଷିଣ: ୩୩ଫୁଟିଆ ଚଉଡା ରାସ୍ତା, **୩) ଶ୍ରୀମତୀ ପି ପୂର୍ଣ୍ଣିମା,** ସ୍ୱାମୀ: ପି. ଶ୍ୟାମଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ସା: ସାଇପ୍ରିୟା ନଗର, ଶ୍ରୀ ନିଳୟମର ବିପରୀତ, ରାୟଗଡା, ଜିଲ୍ଲା: ରାୟଗଡା, ମୌଜା: ଖଲ୍ଲିଗୁଡା, ପ୍ଲଟ୍ ନଂ.: ୯୨/୬୪୪, ଲେଆଉଟ: ନାହିଁ, କିସମ: ଘରବାରୀ, ଖାତା ନଂ.: ୪୧, ଏକର ୦.୦୩୪ ସେଣ୍ଟସ କିମ୍ବା ୧୪୮୧ ବର୍ଗଫୁଟ, ରାୟଗଡା, ରାୟଗଡା ମ୍ୟୁନିସିପାଲିଟି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ପଦ୍ମନାଭ ନିମଳପୁଇ, ପଶ୍ଚିମ: ଜେ. ପୁନ୍ନମ ଭରାଲକ୍ଷ୍ମୀ, ଉତ୍ତର: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଦକ୍ଷିଣ: ୩୩ ଫୁଟିଆ ମ୍ୟୁନିସିପାଲିଟି ରାସ୍ତା, **୪) ଶ୍ରୀମତୀ ପି. ପୂର୍ଣ୍ଣିମା,** ସ୍ୱାମୀ: ପି. ଶ୍ୟାମଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ପ୍ଲଟ୍ ଯାହାର ରେଭିନ୍ୟୁ ମୌଜା: ଖଲ୍ଲିଗୁଡା, ରାୟଗଡା, ପ୍ଲଟ୍ ନଂ.: ୯୨/୭୩୯, ଖାତା ନଂ.: ୩୦/୫୯୪, କ୍ଷେତ୍ର: ଏକର ୦.୦୩୪ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ କେ. ଜଗଦୀଶ, ପଶ୍ଚିମ: ନିଜସ୍ୱ ଜମି, ଉତ୍ତର: ଏନ୍. ରାମ ପ୍ରସାଦ, ଦକ୍ଷିଣ: ୩୩ ଫୁଟିଆ ମ୍ୟୁନିସିପାଲଟି ରାସ୍ତା

**ସ୍ଥାନ: ରାୟଗଡ଼ା**
**ତାରିଖ: ୦୬.୦୫.୨୦୨୪**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank (Together for the better)
Oriental United

**ମଣ୍ଡଳ ଶସ୍ତ୍ର କେନ୍ଦ୍ର, ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁର, ଟାଟା ବେଞ୍ଜ ସ୍କୋୟାର, ବ୍ରହ୍ମପୁର, ଓଡ଼ିଶା-୭୬୧୦୦୨**

[ରୁଲ ୮(୧)] **ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ସୁଧ, ଦେୟ ଏବଂ ଖର୍ଚ୍ଚ ପରିଶୋଧ କରିବା ପାଇଁ କୁହାଯାଇଥିଲା । ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହେବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩(୪) ଅନୁଯାୟୀ କଥିତ ରୁଲ୍ସର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଅଛନ୍ତି । ବିଶେଷକରି ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଅର୍ଥରାଶି ସହ ସେ ବାବଦ ସୁଧ, ଦେୟ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

| ଜୟପୁର ଶାଖା (୨୧୧୮୧୦) / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ଗୁପ୍ତେଶ୍ୱର ସାହୁ,** ପିତା: କାଳୀ ପ୍ରସାଦ ସାହୁ, **୨) ଶ୍ରୀମତୀ ମିନତୀ ସାହୁ,** ସ୍ୱାମୀ: ଶ୍ରୀ କାଳୀ ପ୍ରସାଦ ସାହୁ, ଉଭୟଙ୍କ ଠିକଣା- ସା/ପୋ.: ନିଉ ଷ୍ଟ୍ରିଟ୍, ୪ର୍ଥ ଲେନ୍, ଜୟପୁର-୭୬୪୦୦୧, ଜିଲ୍ଲା: କୋରାପୁଟ | ୨୦.୦୨.୨୦୨୪ / ୦୨.୦୫.୨୦୨୪ | ୩୦.୦୪.୨୦୨୪ ସୁଦ୍ଧା **ଟ.୨୧,୯୨,୪୯୫.୨୪** + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀମତୀ ମିନତୀ ସାହୁ,** ସ୍ୱାମୀ: କାଳୀ ପ୍ରସାଦ ସାହୁ ଏବଂ ଶ୍ରୀ ଗୁପ୍ତେଶ୍ୱର ସାହୁ, ପିତା: କାଳୀ ପ୍ରସାଦ ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୧୦ ଏବଂ ୭୧୧, ଖାତା ନଂ.: ୧୪୫୧/୭୩୨, ପରିମିତ କ୍ଷେତ୍ର: ଏକର୦.୦୮୫ଡିସିମିଲି, ମୌଜା: ଜଗଧାତ୍ରୀପୁର, ଥାନା: ଜୟପୁର, ଥାନା ନଂ.: ୯୮, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ଧର୍ମା ରାଓଙ୍କ ସମ୍ପତ୍ତି, ପଶ୍ଚିମ: ରାସ୍ତା, ଉତ୍ତର: ରଘୁନାଥ ପଣ୍ଡାଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା |
| **ଋଣଗ୍ରହୀତା: ମେସର୍ସ ଜୟ ଭେଞ୍ଚର୍ସ, ଅଂଶୀଦାରମାନେ: ୧) ଶ୍ରୀ ଆଇ କିରଣ କୁମାର,** ପିତା: ଆଇ ସାମ୍ବା ମୂର୍ତ୍ତୀ, ପି.ଆର ପେଟା, ୩ୟ ଲେନ୍, ଜୟପୁର-୭୬୪୦୦୧, ଜିଲ୍ଲା: କୋରାପୁଟ, **୨) ଶ୍ରୀ ଏମ୍. ଭାନୁ ପ୍ରକାଶ,** ପିତା: ୰ ଏମ୍. ମୋହନ ରାଓ, ସା: ମହାରାଣୀପେଟା, ଜୟପୁର-୭୬୪୦୦୧, ଜିଲ୍ଲା: କୋରାପୁଟ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଏମ୍. ଇନ୍ଦିରା,** ସ୍ୱାମୀ: ୰ ଏମ୍. ମୋହନ ରାଓ, ସା: ମହାରାଣୀପେଟା, ଜୟପୁର-୭୬୪୦୦୧, ଜିଲ୍ଲା: କୋରାପୁଟ | ୨୦.୦୨.୨୦୨୪ / ୦୨.୦୫.୨୦୨୪ | ୩୦.୦୪.୨୦୨୪ ସୁଦ୍ଧା **ଟ.୮,୭୫,୦୫୩.୦୧** + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀମତୀ ମାଡ୍ଡୀ ଇନ୍ଦିରା,** ସ୍ୱାମୀ: ମାଡ୍ଡୀ ମୋହନ ରାଓଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୦୮୯/୨୦୯୬, ଖାତା ନଂ.: ୯୮୮/୩୧୮, ପରିମିତ କ୍ଷେତ୍ର: ଏକର୦.୨୯୮ଡିସିମିଲି, ମୌଜା: ଲକ୍ଷ୍ମଣପୁର, ଥାନା: ଜୟପୁର, ଥାନା ନଂ.: ୯୮, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧ |
| **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୧) ଶ୍ରୀମତୀ ଏମ୍. ଶୈଳଜା,** ସ୍ୱାମୀ: ବି. ସତ୍ୟନାରାୟଣ, ସା: ପୁରୁଣାଗଡ, ମା କାଳୀ ମନ୍ଦିର ନିକଟ, ହିନ୍ଦୁସ୍ଥାନ ଅଟୋମୋଟିଭ୍ ନିକଟ, ଜୟପୁର-୭୬୪୦୦୧, **୨) ଶ୍ରୀ ବି. ସତ୍ୟନାରାୟଣ,** ମାର୍ଫତ୍: ବି. ସୀମାଚଳମ, ଗାନ୍ଧୀନଗର, ବି.ସି. ରୋଡ୍, ଜେ.କେ. ପୁର, ପୋ.: ଚାଦିଲ, ଜିଲ୍ଲା: ରାୟଗଡା, ପିନ୍-୭୬୫୦୧୭ | ୨୦.୦୨.୨୦୨୪ / ୦୨.୦୫.୨୦୨୪ | ୩୦.୦୪.୨୦୨୪ ସୁଦ୍ଧା **ଟ.୩,୧୨,୬୭୫.୧୯** + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଶ୍ରୀମତୀ ଏମ୍. ଶୈଳଜା,** ସ୍ୱାମୀ: ବି. ସତ୍ୟନାରାୟଣଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୭୮/୨୪୪୯, ଖାତା ନଂ.: ୨୬୩/୭୨୭୯, ପରିମିତ କ୍ଷେତ୍ର: ଏକର୦.୦୧୦ ସେଣ୍ଟସ୍, ମୌଜା: ଜୟପୁର, ଥାନା: ଜୟପୁର, ଥାନା ନଂ.: ୯୮, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧ |
| **ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନେ: ୧) ଶ୍ରୀମତୀ ମୋନାଲିସା ପଣ୍ଡା,** ସ୍ୱାମୀ: ବିଜୟ କୁମାର ପଣ୍ଡା, **୨) ଶ୍ରୀମତୀ ସରୋଜିନୀ ପଣ୍ଡା,** ସ୍ୱାମୀ: କ୍ଷେତ୍ର ମୋହନ ପଣ୍ଡା, ଉଭୟଙ୍କ ଠିକଣା- ସା: ଏମ୍.ଜି. ରୋଡ୍, ଗାନ୍ଧୀ ଛକ, ଜୟପୁର-୭୬୪୦୦୧, ଜିଲ୍ଲା: କୋରାପୁଟ | ୨୦.୦୨.୨୦୨୪ / ୦୨.୦୫.୨୦୨୪ | ୩୦.୦୪.୨୦୨୪ ସୁଦ୍ଧା **ଟ.୫,୨୩,୪୫୮.୧୯** + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୬୧୮/୨୯୯୯, ଖାତା ନଂ.: ୨୬୩/୧୬୦୦, ପରିମିତ କ୍ଷେତ୍ର: ଏକର୦.୦୩୦ଡିସିମିଲି, ମୌଜା: ଜୟପୁର, ଥାନା: ଜୟପୁର, ଥାନା ନଂ.: ୯୮, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧ |
| **ଋଣଗ୍ରହୀତା: ୰ ମାଦାସ୍ଥ୍ୟ ହେମଗିରି,** ପିତା: ୰ ଏମ୍. କ୍ରୀଷ୍ଣା ରାଓ, **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ମାଦାସ୍ଥ୍ୟ ମୀରାବାଇ,** ସ୍ୱାମୀ: ୰ ଏମ୍. କ୍ରୀଷ୍ଣା ରାଓ, ପାୱାର ହାଉସ୍ ଛକ ନିକଟ, ଜୟପୁର-ମାଲକାନାଗିରି ହାଇୱେ ପାଖ, ପ୍ରେଟୋଲ ପମ୍ପ ସମ୍ମୁଖ, ୨ୟ ଲାଇନ, ଲାଷ୍ଟ ହାଉସ୍, ଜିଲ୍ଲା: କୋରାପୁଟ, ପିନ୍-୭୬୪୦୦୧, **୨) ଶ୍ରୀମତୀ ଏ. ପଦ୍ମା,** ସ୍ୱାମୀ: ୰ ଏମ୍. ହେମଗିରି, ପିତା: ଏ. ଆପ୍ପା ରାଓ, ଗଣେଶ ବିଡି ଲାଇନ, ପି.ଆର. ପେଟା, ଜୟପୁର-୭୬୪୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଭଗବାନ ସାହୁ,** ପିତା: କୈଳାସ ଚନ୍ଦ୍ର ସାହୁ, ବେଡ଼ା ସାହି, ଦୁର୍ଗା ମନ୍ଦିର ନିକଟ, ଜୟପୁର-୭୬୪୦୦୧ | ୨୦.୦୨.୨୦୨୪ / ୦୨.୦୫.୨୦୨୪ | ୩୦.୦୪.୨୦୨୪ ସୁଦ୍ଧା **ଟ.୧,୯୯,୩୦୪.୮୫** + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | **ଏମ୍ ହେମଗିରି,** ପିତା: ଏମ୍. କ୍ରୀଷ୍ଣା ରାଓଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୮୨୪/୧/୯୬୫୫, ଖାତା ନଂ.: ୨୬୩/୭୧୦୮, ପରିମିତ କ୍ଷେତ୍ର: ଏକର୦.୦୨୪୯ ସେଣ୍ଟସ୍ (୧୦୮୬ ବର୍ଗଫୁଟ), ମୌଜା: ଜୟପୁର, ଥାନା: ଜୟପୁର, ଥାନା ନଂ.: ୯୮, ତହସିଲ: ଜୟପୁର, ଜିଲ୍ଲା: କୋରାପୁଟ-୭୬୪୦୦୧ |

**ସ୍ଥାନ : ବ୍ରହ୍ମପୁର, ତାରିଖ : ୦୬.୦୫.୨୦୨୪**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ**



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर।**

श्रावणी मेला, 2024
अति अल्पकालीन ई–प्रोक्योरमेंट सूचना (1st Call)
ई–निविदा प्रसंग संख्या - RCD/DEOGHAR/810/2024-25 (1st Call)
दिनांक – 04.05.2024

| | | |
|---|---|---|
| 1. | कार्य का नाम | पथ प्रमण्डल, देवघर अन्तर्गत "देवघर कॉलेज पथ (कुल लम्बाई–2.10 कि0मी0) का राईडिंग क्वालिटी में सुधार (Improvement of Riding Quality) / मजबूतीकरण कार्य। |
| 2. | प्राक्कलित राशि (रुपये में) | रुपये 1,01,07,294/- (एक करोड़ एक लाख सात हजार दो सौ चौरान्बे रुपये मात्र)। |
| 3. | कार्य समाप्ति की अवधि | 01 (एक) माह। |
| 4. | निविदा प्राप्ति की अंतिम तिथि एवं समय | 20.05.2024 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 13.05.2024 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई–प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट – अतिरिक्त जानकारी के लिए वेबसाईट http://jharkhandtenders .gov.in पर देखें।
प्राक्कलित राशि घट–बढ़ सकती है।

Relaxation from Model Code of Conduct of Parliamentary Election 2024, for the issuance of Tender invitation and its Award, Disposal, Agreement and Execution of the Works has been granted by Secretariat of Election Commission of India, Nirvachan Sadan, Ashoka Road, New Delhi-110001, vide letter no. 437/6/ES-1/JKD-HP/2024 dt 19.04.2024 which has been communicated by Engineer in Chief, RCD, Jharkhand, Ranchi vide letter no. RCD/06-Vividh-22/2024 (Ansh-I) 1984(S)WE dt 02.05.2024.

कार्यपालक अभियंता,
पथ निर्माण विभाग, पथ प्रमण्डल, देवघर।
PR.NO.324457 Road(24-25):D



**FORM NO. 14**
[See Regulation 33(2)]
By Regd. A/D, Dasti failing which by Publication

**OFFICE OF THE RECOVERY OFFICER-I/II**
**DEBTS RECOVERY TRIBUNAL, CUTTACK**
**C-71, Sector-7, CDA, Cuttack-753014, Odisha**

**DEMAND NOTICE**

**NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.**

**RC/153/2021** **19-04-2024**

**HDFC BANK LTD**
Versus
**MS KONARK CYLINDERS & CONTAINERS PRIVATE LIMITED AND ANOTHERS**

To
**(CD 1)** MS Konark Cylinders & Containers Private Limited And Anothers, Plot No.12, Sector-A, Zone-B, Mancheswar Industrial Estate, Bhubaneswar, Khordha-751001. **Also at:** MS Konark Cylinders & Containers Private Limited and Anothers, Plot No. 12, Sector-A, Zone-B, Mancheswar Industrial Estate, Bhubaneswar-751017.
**(CD 2)** Mr. Dev Prakash Mohapatra, At: Plot No.1, Sahid Nagar, Bhubaneswar, Dist-Khurda. **Also At:** Mr. Dev Prakash Mohapatra, At: Plot No.1, Sahid Nagar, Bhubaneswar, Dist-Khurda-751007.
**(CD 3)** Debasis Mohapatra, At: M/S Konark Cylinders & Containers Pvt. Ltd., Plot No.-12, Sector-A, Zone-B, Mancheswar Industrial Estate, Bhubaneswar, Dist.-Khurda. **Also At:** Debasis Mohapatra, At : M/s Konark Cylinders & Containers Pvt. Ltd., Plot No.-12, Sector-A, Zone-B, Mancheswar Industrial Estate Bhubaneswar, Dist-Khurda-751017.
**(CD 4)** Bidyutlata Mohapatra, At : M/s Konark Cylinders & Containers Pvt. Ltd., Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda. **Also At:** Bidyutlata Mohapatra, At : M/s Konark Cylinders & Containers Pvt. Ltd., Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda-751017.
**(CD 5)** Dillip Kumar Das, At : M/s Konark Cylinders & Containers Pvt. Ltd., Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda. **Also At:** Dillip Kumar Das, At: M/s Konark Cylinders & Containers Pvt. Ltd, Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda- 751017.
**(CD 6)** Debasis Mohapatra, At: M/S Konark Cylinders & Containers Pvt, Ltd., Plot No. 12, Zone-B, Mancheswar Industrial Estate, Bhubaneswar, Dist-Khurda. **Also At:** Debasis Mohapatra, At : M/s. Konark Cylinders & Containers Pvt. Ltd., Plot No.12, Zone-B, Mancheswar Industrial Estate, Bhubaneswar, Dist-Khurda-751017.
**(CD 7)** Debasis Mohapatra, At : M/S Konark Cylinders & Containers Pvt. Ltd., Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda. **Also At:** Debasis Mohapatra, At : M/s. Konark Cylinders And Containers Pvt. Ltd. Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda-751017.
**(CD 8)** Bidyutlata Mohapatra, At : M/S Konark. Cylinders and Containers Pvt, Ltd. Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda. **Also At:** Bidyutlata Mohapatra, At : M/S Konark Cylinders And Containers Pvt. Ltd., Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda-751017.
**(CD 9)** Dillip Kumar Das, At : M/S Konark Cylinders and Containers Pvt. Ltd. Plot No-12, Sector-A, Zone-B, Mancheswar Industrial Estate, Bhubaneswar, Dist-Khurda. **Also At:** Dillip Kumar Das, At : M/S Konark Cylinders And Containers Pvt. Ltd., Plot No-12, Sector-A, Zone-B, Mancheswar, Industrial Estate, Bhubaneswar, Dist-Khurda-751017.

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/87/2011** an amount of **Rs.7852353.54 (Rupees Seventy Eight Lakhs Fifty Two Thousands Three Hundred Fifty Three And Paise Fifty Four Only)** along with pendentellite and future interest @10 % Simple Interest Yearly w.e.f. **18/11/2010** till realization and costs of **Rs.79000 (Rupees Seventy Nine Thousands Only)** has become due against you (Jointly and severally/ Fully/Limited).


2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **20/06/2024** at **10:30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **19.04.2024. Afresh Demand Notice by way of paper Publication.**

**Sd/- Recovery Officer**
**DEBTS RECOVERY TRIBUNAL, CUTTACK**

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଭେଡେନ,୬।୫(ସୁଦନ ମହାକୁର)



ବରଗଡ଼ ଜିଲା ଭେଡେନ ବ୍ଲକ ଟିଣ୍ଡିା ଗ୍ରାମର ଶିକ୍ଷକ ତଥା ବକଟି ଗ୍ରାମପଞ୍ଚାୟତ ହାଇସ୍କୁଲର ଇଂଲିଶ ଶିକ୍ଷକ ଦୁର୍ଲବ ଚନ୍ଦ୍ର ଭୋଇଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ (୫୫) ବର୍ଷ ବୟସ ହୋଇଥିଲା। ରବିବାର ପୂର୍ବାହ୍ନ ୧୧ଟାରେ ବରଗଡର୍ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେଲା ସ୍ୱାସ୍ଥ୍ୟଜନିତ ଅସୁବିଧା ଯୋଗୁ ବରଗଡର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ଛାତ୍ର ବତ୍ସଳ ଶିକ୍ଷକ ସହ ସେ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ବିଧବା ପତ୍ନୀ କମଳିନୀ ଭୋଇ, ପୁଅ ଅଭିଷେଖ ଓ ଝିଅ ସୋନି ଅଛନ୍ତି। ପୁଅ ଅଭିଷେଖ ମୁଖାଗ୍ନି ଦେଇଥିଲେ।

# ନିର୍ବାଚନ ନେଇ ପୋଲିସର ଧରପଗଡ଼

### କୃଷକ ବଜାରରୁ ମଦ ଜବତ, ୩ ଗିରଫ

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ସାଧାରଣ ନିର୍ବାଚନକୁ ନେଇ ପୋଲିସ ଧରପଗଡ଼ ଜାରି ରହିଛି। ବରଗଡ଼ ଟାଉନ ଥାନା ପୋଲିସ ସୋମବାର ସ୍ଥାନୀୟ କୃଷକ ବଜାରରୁ ଲକ୍ଷାଧିକ ଟଙ୍କାର ବିଦେଶୀ ମଦ ଅର୍ଥାତ୍ ୪୩ କାର୍ଟୁନରେ ରହିଥିବା ୪୨୭ ଲିଟର ୯୨୦ ମିଲି ଲିଟର ମଦ ଜବତ କରିଛି। ଏହା ସହିତ ମଦ ବୋଝେଇ ଏକ ବୋଲେରୋ (ନଂ.ଓଡ଼ି୦୭ବି ୨୭୮୯), ଏକ ବାଇକ୍ (ନଂ. ଓଡ଼ି୧୭ଏସ୍ ୩୭୨୨), ଏକ ଫ୍ରିଜର ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫମାନେ ହେଲେ ବରଗଡ଼ ସଦର ଥାନା ନୂଆଗଡ଼ ଗ୍ରାମର ଘନଶ୍ୟାମ ସାହୁ (୩୬), ବେଦବ୍ୟାସ ସାହୁ (୪୦) ଏବଂ ବରଗଡ଼ ଟାଉନ ଥାନା ରେଳ ଷ୍ଟେଶନ ପଡ଼ାର ଦିଲୀପ କୁମାର (୨୮)। ଏ ନେଇ ଟାଉନ ଥାନା ପୋଲିସ ଏକ ମାମଲା (ନଂ. ୩୧୦/୨୪) ରୁଜୁ କରିଛି। ନିର୍ବାଚନ ସମୟରେ ସହରରୁ ଏଭଳି ବିପୁଳ ପରିମାଣରେ ମଦ ଜବତ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ବରଗଡ଼ ଟାଉନ ଥାନା ପରିସରରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପଦରାବିନ୍ଦ ତ୍ରିପାଠୀ ସୂଚନା ଦେଇ କହିଥିଲେ, ଜବତ ବୋଲେରୋରେ ମଦ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ଏସ୍‌ପି ପି.ଏସ. ମୀନାଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲଙ୍କ ନେତୃତ୍ୱରେ ଏକ ଟିମ୍ ସେଥିପ୍ରତି ନଜର ରଖିଥିଲା। ସେହି ମଦ ବୋଝେଇ ବୋଲେରୋ ବରଗଡ଼ କୃଷକ ବଜାରରେ ରହିଥିବା ଖବର ପାଇ ଉକ୍ତ ଟିମ ସେଠାରେ ପହଞ୍ଚିଥିଲା। ସେଠାରୁ ମଦ ବୋଝେଇ ବୋଲେରୋ ଜବତ କରାଯାଇ ଥିବାବେଳେ ଉକ୍ତ ବୋଲେରୋକୁ ଏସକର୍ଟ କରୁଥିବା ବାଇକ୍ ମଧ୍ୟ ଜବତ ହୋଇଥିଲା। ଏହା ସହିତ ଉପରୋକ୍ତ ୩ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ଜେରାବେଳେ ଜବତ ମଦ ନୂଆଗଡ଼କୁ ଚାଲାଣ ହେଉଥିବା ଜଣାପଡ଼ିଥିଲା ଏବଂ ପୋଲିସ ସେଠାରେ ପହଞ୍ଚି ଏକ ଫ୍ରିଜର ଜବତ କରିଥିଲା ବୋଲି ଏସ୍‌ଡିପିଓ କହିଥିଲେ। ଖବରଦାତା ସମ୍ମିଳନୀରେ ଆଇଆଇସି କଣ୍ଡାନକେଲ ମଧ୍ୟ ଉପସ୍ଥିତ ଥିଲେ।



ଜବତ ମଦ ସହିତ ୩ ଅଭିଯୁକ୍ତଙ୍କୁ ପୋଲିସ ଖବରଦାତା ସମ୍ମିଳନୀରେ ହାଜର କରିଛି।

## ତାତି ଯୋଗୁ ସନ୍ଧ୍ୟାରେ ଜମୁଛି ପ୍ରଚାର



ଝାରବନ୍ଧ ବ୍ଲକ ଏକ ନିର୍ବାଚନୀ ସଭାରେ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ପ୍ରଚାର କରୁଛନ୍ତି।

ପଦ୍ମପୁର,୬।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳରେ ଏବେ ପ୍ରଚଣ୍ଡ ତାତି। ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରୁଛି। ଏଭଳି ପ୍ରତିକୂଳ ଅବସ୍ଥାରେ ନିର୍ବାଚନ ପ୍ରଚାର କରିବା ସମ୍ଭବ ହେଉନାହିଁ। ଫଳରେ ସନ୍ଧ୍ୟା ସମୟରେ ହିଁ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପ୍ରଚାରରେ ବାହାରୁଛନ୍ତି। ଆଭ୍ୟନ୍ତରୀଣ ଅଞ୍ଚଳର ବିଭିନ୍ନ ଗାଁରେ ନାମଯଜ୍ଞ, ସଭାସମିତି ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନେତାମାନେ ଯୋଗଦେଉଛନ୍ତି। ସେମାନେ ଲୋକଙ୍କଠାରୁ ଆଶୀର୍ବାଦ ନେବା ସହିତ ଲୋକଙ୍କୁ ନିଜ ସପକ୍ଷରେ ପ୍ରଭାବିତ କରୁଛନ୍ତି। ପଦ୍ମପୁର ନିର୍ବାଚନମଣ୍ଡଳୀରେ ବିଶେଷ କରି ବିଜେଡି ଓ ଭାଜପା ମଧ୍ୟରେ ଏଭଳି ପ୍ରତିଦ୍ୱନ୍ଦ୍ୱମୂଳକ ପରିସ୍ଥିତି ଅଧିକ ଦେଖିବାକୁ ମିଳୁଛି। ଏହାରି ସୁଯୋଗ ଭୋଟର ମଧ ହାତଛଡା କରୁନାହାନ୍ତି।

## ସ୍ୱାମୀଙ୍କ ପାଇଁ ସ୍ତ୍ରୀଙ୍କ ପ୍ରଚାର

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ବିଜେଡିର ପ୍ରଚାର ଜୋର୍ ଧରିଥିବା ବେଳେ ପୌର ପରିଷଦରେ ବରଗଡ଼ ବିଧାନସଭା ପ୍ରାର୍ଥୀ ତଥା ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସ୍ତ୍ରୀ ମାହେଶତା ନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇ ବ୍ୟାପକ ପ୍ରଚାର କରୁଛନ୍ତି। ତାଙ୍କ ସହିତ ପୌର ଅଧକ୍ଷା କଳ୍ପନା ମାଝି, ବିଜେଡି ନେତ୍ରୀ ଅନୁରାଧା ଅଗ୍ରୱାଲଙ୍କ ସମେତ ବହୁ ନାରୀ ନେତ୍ରୀ ପ୍ରଚାର କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଘରକୁ ଘର ଓ ପ୍ରତି ୱାର୍ଡର ପ୍ରତି ଘରକୁ ଯାଇ ଦଳୀୟ ପ୍ରାର୍ଥୀ ଦେବେଶ ଓ ଲୋକ ସଭା ପ୍ରାର୍ଥୀନୀ ପରିଣୀତା ମିଶ୍ରଙ୍କୁ ବିପୁଳ ସଂଖ୍ୟାରେ ଆଶୀର୍ବାଦ ପ୍ରଦାନ ପାଇଁ ନିବେଦନ କରିଥିଲେ। ୱାର୍ଡ ନମ୍ବର ୮ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ ବିଧାୟକ ଦେବେଶଙ୍କ ଉଦ୍ୟମ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବରଗଡ଼ର ବ୍ୟାପକ ବିକାଶ ହେଉଥିବାରୁ ପୁଣି ଥରେ ବିଜେଡିକୁ ସମର୍ଥନ କରିବା ପାଇଁ ସଂକଳ୍ପ ନେଇଥିଲେ। ପୌର ଅଧକ୍ଷା କଳ୍ପନା ମାଝି ରାଜ୍ୟରେ ଡବଲ ଇଞ୍ଜିନ ଦରକାର ନାହିଁ, ଡବଲ ବିକାଶ ପାଇଁ ପୁଣି ଥରେ କେବଳ ନବୀନ ଇଞ୍ଜିନ ହିଁ ଦରକାର ବୋଲି ଉଲ୍ଲେଖ କରିଥିଲେ।



ବରଗଡ଼ ସହରରେ ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କ ସ୍ତ୍ରୀ ନିର୍ବାଚନୀ ପ୍ରଚାର କରୁଛନ୍ତି।

## କୋଲାବିରା ବ୍ଲକରେ ଭାଜପାର ମିଶ୍ରଣ ପର୍ବ

### ନୂତନ କର୍ମୀଙ୍କ ଯୋଗଦାନ ସଙ୍ଗଠନକୁ ସୁଦୃଢ଼ କରୁଛି: ଟଙ୍କଧର ତ୍ରିପାଠୀ



ଭାଜପାର ମିଶ୍ରଣ ପର୍ବରେ ସାମିଲ କର୍ମକର୍ତ୍ତା।

ଝାରସୁଗୁଡ଼ା,୬।୫(ସଞ୍ଜୟ ମାଲି)

ଝାରସୁଗୁଡା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ପଣ୍ଡକିମାଲ ଗ୍ରାମରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଆୟୋଜିତ ମିଶ୍ରଣ ପର୍ବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ଓ ଦକ୍ଷ ନେତୃତ୍ୱ ପ୍ରତି ଆସ୍ଥା ରଖି ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ଶତାଧିକ କର୍ମକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ପ୍ରଭାରୀ ବାବୁଲୁ ଦାଶ, ମଣ୍ଡଳ ସଭାପତି ରାଜେଶ ଦାସ, ସଞ୍ଜୟ ପୂଜାରୀ, ସମରେନ୍ଦ୍ର ରାଏ, ବସନ୍ତ ପଟେଲ, ଗୋକୁଲା ଜୟପୁରିଆ ଓ ଚଞ୍ଚଳ ପୂଜାରୀ ନୂତନ ଭାବେ ଯୋଗ ଦେଇଥିବା କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ନୂତନ କର୍ମୀଙ୍କ ଯୋଗଦାନ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ଲୋକେ ମୋଦିଙ୍କ ନେତୃତ୍ୱ ସମର୍ଥନରେ ଯେଭଳି ଉତ୍ସାହ ଦେଖାଉଛନ୍ତି ତାହା ଭାଜପାର ବିଜୟର ସଂକେତ ଦେଉଛି ବୋଲି ଏହି ଅବସରରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ।

## ପଦ୍ମପୁର, ପାଇକମାଳ ବ୍ଲକରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର



ପାଇକମାଳ ଅଞ୍ଚଳରେ ଭାଜପା ପ୍ରାର୍ଥୀଙ୍କ ନିର୍ବାଚନୀ ସଭା।

ପଦ୍ମପୁର,୬।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ଓ ପାଇକମାଳ ବ୍ଲକରେ ଭାଜପା ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏଙ୍କ ପ୍ରଚାର କରିଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ ଭୋଏ ପଦ୍ମପୁର ବ୍ଲକର ଜମଲା ଗ୍ରାମ ଏବଂ ପାଇକମାଳ ବ୍ଲକର ଝାରମୁଣ୍ଡା, କେଛୋମାଲ, ଛେଲିଆମାଲ, ନୂଆଗାଁ, ହୀରାପୁର, ଚୁହାପାଲି, ମାଣ୍ଡିଆଡିପା, କେନାବୁଦା ଗ୍ରାମର ଘରକୁ ଘର ଯାଇ ଭୋଟରଙ୍କୁ ଭେଟିଥିଲେ। ସ୍ୱଚ୍ଛ ସୁଶାସନ, ଉତ୍ତରଦାୟୀ ସରକାର ଗଠନ ପାଇଁ ତୃତୀୟ ଥର ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ବନେଇବା ଲାଗି ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ଭୋଟ ଦେବା ଏବଂ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ପଦ୍ମ ଫୁଲରେ ଭୋଟ ଦେଇ ବିଜୟୀ କରି ବିଧାନ ସଭାକୁ ପଠେଇବାକୁ ଭୋଟ ଭିକ୍ଷା କରିଥିଲେ। ମଣ୍ଡଳ ସଭାପତି ଭିଷ୍ମଦେବ ସାହୁ, ଜିଲା ପରିଷଦ ସୁରେନ୍ଦ୍ର ପ୍ରତାପ ସିଂହ ବରିହା, ସୁରଭି ବରିହା, ପୁରନ୍ଦର ସାହୁ, ପୂର୍ବତନ ଜିଲା ପରିଷଦ ବଳରାମ ସାହୁ, ଅଜିତ ସାହୁ, ପୂର୍ବତନ ସରପଞ୍ଚ ବାବୁଲାଲ ଧରୁଆ, ବଳରାମ ବନଛୋର ପ୍ରମୁଖ ସହଯୋଗ କରିଥିଲେ।

## ଆପ୍‌ର ନିର୍ବାଚନୀ ଇସ୍ତାହାର ପ୍ରକାଶ




ଖବରଦାତା ସମ୍ମିଳନୀରେ ଆପ୍ କାର୍ଯ୍ୟକର୍ତ୍ତା ବୃନ୍ଦ।

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ନିର୍ବାଚନୀ ଇସ୍ତାହାର ସୋମବାର ପ୍ରକାଶ ପାଇଛି। ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଏହି ଇସ୍ତାହାର ପ୍ରକାଶ କରିଥିଲେ। ଏଥିରେ ପ୍ରତି ପରିବାରକୁ ୨୦୦ ୟୁନିଟ୍ ବିଦ୍ୟୁତ ମାଗଣା, ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ଭତ୍ତା, ଶିଳ୍ପସଂସ୍ଥାର ପୁନରୁଦ୍ଧାର ଏବଂ ନିଯୁକ୍ତି ଉପରେ ଫୋକସ୍ କରାଯାଇଛି। ଏହା ସହିତ ଉନ୍ନତମାନର ଶିକ୍ଷାଦାନ, ସ୍ୱାସ୍ଥ୍ୟସେବା ଏବଂ ଶ୍ରମିକଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ଇସ୍ତାହାର ପ୍ରକାଶ ସମୟରେ ଖବରଦାତା ସମ୍ମିଳନୀରେ ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଦଳର ବରଗଡ଼ ବିଧାନସଭା ପ୍ରାର୍ଥୀ ଡା. ଆଶିଷ ଶତପଥି, ସ୍ୱରୂପ ଭୋଇ, ଅବିନାଶ ବାଗ, ଅସିତ ସାହୁ, ମେରିୟମ ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଚାର ବେଳେ ଭାଜପା ମହିଳା କର୍ମୀଙ୍କୁ ଗାଳିଗୁଲଜ

### ଟାଉନ ଥାନାରେ ଲିଖିତ ଅଭିଯୋଗ

ଝାରସୁଗୁଡ଼ା,୬।୫(ସଞ୍ଜୟ ମାଲି)

ଝାରସୁଗୁଡା ବିଜେଡି କର୍ମୀମାନେ ଭାଜପା ଜିଲା ସଭାନେତ୍ରୀ ସହ ତାଙ୍କ ସାଙ୍ଗରେ ଥିବା ଅନ୍ୟ ମହିଳାମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଟଣା ଓଟରା କରିଥିବା ଅଭିଯୋଗ ହୋଇଛି। ଏ ନେଇ ସୋମବାର ଝାରସୁଗୁଡା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସୂଚନା ଯୋଗ୍ୟ ଯେ, ଝାରସୁଗୁଡା ଜିଲା ଭାଜପା ମହିଳା ସଭାନେତ୍ରୀ ରିନା ପଟେଲ ସହ ମହିଳା ମୋର୍ଚ୍ଚାର ଅନ୍ୟ ମହିଳା ସଦସ୍ୟାମାନେ ରବିବାର ଅପରାହ୍ନ ୫.୩୦ ମିନିଟରେ ସହର ୱାର୍ଡ ନମ୍ବର ୨୧ ବୁରୋମାଲ ଗ୍ରାମକୁ ନିର୍ବାଚନ ପ୍ରଚାର କରିବାକୁ ଯାଇଥିଲେ। ଘରକୁ ଘର ବୁଲି ପ୍ରଚାର ମଧ କରୁଥିଲେ। ଏହି ସମୟର ବୁରୋମାଲ ଅଞ୍ଚଳ ୧୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଦଳୀୟ ପତାକା ଧରି ହଠାତ୍ ପଶି ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଟଣା ଓଟରା କରିବା ସହିତ ପ୍ରଚାର କରିବାକୁ ଅବରୋଧ କରିଥିଲେ। ଭାଜପା ମହିଳା କର୍ମୀମାନେ ଚିତ୍କାର କରିବାରୁ ଆଖପାଖ ଅଞ୍ଚଳର କିଛି ବ୍ୟକ୍ତି ଆସି ମହିଳାମାନଙ୍କୁ ଉଦ୍ଧାର କରିଥିଲେ। ଝାରସୁଗୁଡା ବିଜେଡି ଏହିପରି କାର୍ଯ୍ୟ କଳାପକୁ ଲୋକେ ପରିହାସ କରିବା ସହିତ ଜନସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।



ଟାଉନ ଥାନାରେ ଅଭିଯୋଗ କରାଯାଉଛି।

## ଅସହାୟ ଲୋକଙ୍କ ପାଇଁ ମିଶନ ଆଶ୍ରା ଆଶ୍ରୟସ୍ଥଳୀ

ଝାରସୁଗୁଡ଼ା,୬।୫(ସଞ୍ଜୟ ମାଲି)

ଝାରସୁଗୁଡା ଏଚ. କଟାପାଲିରେସ୍ଥିତ ମିଶନ ଆଶ୍ରା ଅନେକ ଅସହାୟ ଓ ମାନସିକ ରୋଗିଙ୍କ ପାଇଁ ଆଶ୍ରୟସ୍ଥଳୀ। ଅନେକ ଅସହାୟ, ପରିଚୟ ବିହୀନ ଓ ମାନଶିକ ରୋଗି ଏଠାରେ ରହନ୍ତି। ଗତ ଦିନରେ ଅନେକ ମାନସିକ ରୋଗି ଚିକିତ୍ସିତ ହୋଇ ତାଙ୍କ ଠିକଣା ସ୍ଥାନକୁ ଫେରି ଯାଇଛନ୍ତି। ଗତ ଶୁକ୍ରବାର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଜଣେ ଅସହାୟ ମାନସିକ ରୋଗୀଙ୍କୁ ସ୍ଥାନୀୟ ମିଶନ ଆଶ୍ରାଠାରେ ମାନସିକ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବେଲପାହାଡ଼ ଗୁମାଡେରାସ୍ଥିତ ଅଞ୍ଚଳରର ମହେଶର ଭୋଇଙ୍କ ଝିଅ ମାନଶିକ ରୋଗରେ ଗ୍ରସ୍ତ ଥିବାରୁ ଉପଯୁକ୍ତ ଚିକିତ୍ସା ଓ ଥଇଥାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିବେଦନ କରିଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ ରୁବୀ ସିଂଙ୍କ ଜରିଆରେ ନିବେଦନକୁ ପ୍ରାଧିକରଣ ସଚିବ ସୁଶ୍ରୀ ନେହା ଦାସ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଝାରସୁଗୁଡ଼ାଙ୍କୁ ଉକ୍ତ ମାନସିକ ରୋଗୀଙ୍କ ଥଇଥାନ ଓ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଏହିକ୍ରମରେ ମାନସିକ ରୋଗୀଙ୍କୁ ସ୍ଥାନୀୟ ଏଚ. କଟାପାଲିସ୍ଥିତ ମିଶନ ଆଶ୍ରାଠାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ବରଗଡ଼ ଜିଲାରେ ଏନ୍‌ଟିଏ ନିଟ୍ ପରୀକ୍ଷା



ଏନ୍‌ଟିଏ ନିଟ୍ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା କାର୍ଯ୍ୟକର୍ତ୍ତାବୃନ୍ଦ।

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବିବାର ଏନଟିଏ ନିଟ୍ ପରୀକ୍ଷା ସମାପନ ହୋଇଛି। ବରଗଡ଼ ସହରର ବିଭିନ୍ନ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ୧୭୭୬ ପରୀକ୍ଷାର୍ଥି ଏଥିରେ ଅଂଶଗ୍ରହଣ କରିଥିଲେ। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ରୋଟାରୀ ପବ୍ଲିକ ସ୍କୁଲ, ବିଦ୍ୟାସାଗର ଏକାଡ଼େମୀ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥିମାନେ ଏହି ପରୀକ୍ଷା ଦେଇଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ କୋଅର୍ଡ଼ିନେଟର ଭାବେ ପରୀକ୍ଷା ପରିଚାଳନା କରିଥିଲେ। ଏହି ପରୀକ୍ଷାର ସଫଳ ରୂପାୟନ ପାଇଁ ଗତ ୪ ତାରିଖରେ ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ କନଫେରେନ୍ସ ହଲରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ପ୍ରାକ୍ ତାଲିମ ଶିବିର ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ରଥ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ ରଏ, ରୋଟାରୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର, ବିଦ୍ୟାସାଗର ଏକାଡ଼େମୀ ଅଧ୍ୟକ୍ଷ ସବିତାପ୍ରଭା ସାହୁ ପ୍ରମୁଖ ପରୀକ୍ଷାକେନ୍ଦ୍ର ସୁପରିନଷ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ସମସ୍ତ ପରୀକ୍ଷାର୍ଥିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆସ ଆମେ ପଢ଼ିବା କାର୍ଯ୍ୟକ୍ରମରେ ଶିଶୁମାନେ ସାମିଲ

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌରାଞ୍ଚଳ ଅଧୀନ ବସ୍ତି ଅଞ୍ଚଳର ଗରିବ ତଥା ଆର୍ଥିକ ଅନଗ୍ରସର ପିଲାମାନଙ୍କୁ ମାଗଣା ଶିକ୍ଷାଦାନ କରିବା ଉଦ୍ଦେଶ୍ୟରେ ବରଗଡ଼ର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ବସ୍ତି ପରିକ୍ରମା ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ସ୍ଥାନୀୟ ୱାର୍ଡ଼ ନଂ-୧ ନିଳିବନ୍ଧପଡ଼ାସ୍ଥିତ ପ୍ରବୀଣା ପ୍ରତିବେଶୀ ମହିଳା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିଶୁଶ୍ରୀ ଅନୁଷ୍ଠାନ ସଭାପତି ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭ୍ୟାସଭ୍ୟ ଯୋଗଦେଇ ପିଲାମାନଙ୍କୁ ଗଳ୍ପ, କଥନ, କବିତା, ଗୀତ, ନୃତ୍ୟ ମାଧ୍ୟମରେ ପିଲାମାନଙ୍କୁ ମନୋରଞ୍ଜନ କରିବା ସହିତ ପାଠ୍ୟ ପୁସ୍ତକରୁ ଶିକ୍ଷାଦାନ କରିଥିଲେ। ଶିକ୍ଷକ ସେବାରାମ ଦାଶ, ଟିକେଲାଲ ତ୍ରିପାଠୀ ଅତିଥିଭାବେ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ରେଣୁ ଦାଶଶର୍ମା, ଶିକ୍ଷକ ଦୁଃଖିସେବକ ସାହୁ, ପ୍ରତ୍ୟୁଷ ଷଡ଼ଙ୍ଗୀ, ପାର୍ବତୀ ଜେନା, ରିତୁ ପ୍ରଧାନ, ମମତା ବେହେରା, ଯଶୋବନ୍ତୀ ପୋଢ଼ ପ୍ରମୁଖ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଖାତା, କଲମ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ଆବାହକ ଡ. ରବି ନାରାୟଣ ସାହୁ ପିଲାମାନଙ୍କୁ ମହାପୁରୁଷଙ୍କ ଜୀବନୀ କହିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।



ଆସ ଆମେ ପଢ଼ିବା କାର୍ଯ୍ୟକ୍ରମରେ ଶିଶୁମାନେ।

## ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

ବ୍ରଜରାଜନଗର,୬।୫(ବିଜୟ ବରାଡ଼)

ଝାରସୁଗୁଡା ଜିଲା ବ୍ରଜରଜନଗର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳର ନିର୍ବାଚନୀ କାର୍ଯ୍ୟାଳୟ ସ୍ଥାନୀୟ ଇଏସଆଇ ଛକସ୍ଥିତ ଦୁର୍ଗା ମଣ୍ଡପଠାରେ ଉଦଘାଟିତ ହୋଇଯାଇଛି। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟିକା ପ୍ରାର୍ଥିନୀ ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଆସନ୍ତା ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ବିକାଶ ଭିମୁଖୀ କାର୍ଯ୍ୟ ଧାରାକୁ ଆଗେଇ ନେବା ସହିତ ଯୋଡି ଶଙ୍ଖରେ ଭୋଟ ଦେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ମଙ୍ଗଳବାରଠାରୁ କର୍ମୀମାନେ ଘର ଘର ବୁଲି ନବୀନଙ୍କ ବିକାଶ ବାର୍ତ୍ତା ପହଞ୍ଚାଇବା ସହିତ ଯୋଡି ଶଙ୍ଖରେ କିପରି ଭୋଟ ଦେବା ସେ ବାବଦରେ ଅବଗତ କରାଇବାକୁ କହିଥିଲେ। କାର୍ଯ୍ୟମକ୍ରରେ ଉପସ୍ଥିତ ନେତାମାନେ ଦୁଇ ଜାତୀୟ ଦଳକୁ ସମାଲୋଚନା କରିଥିଲେ। ଯେଉଁ ନେତାଙ୍କୁ ଭାଜପା ଏମପି ହଟାଇଲା ସେହି ନେତା କିପରି ବ୍ରଜରନଗରରେ ବିଧାନ ସଭାରେ ଲଢ଼ିବାକୁ ଦେଲେ ବୋଲି ପ୍ରଶ୍ନ କରିଥିଲେ। ବ୍ରଜରଜନଗରରେ ସମସ୍ତ କର୍ମୀ ବାଦବିବାଦ ଭୁଲି ଚଳିତ ନିର୍ବାଚନରେ ଏକଜୁଟ ହୋଇ ଅଳକା ମହାନ୍ତିଙ୍କୁ ଜିତାଇବା ପାଇଁ ସଂକଳ୍ପ ନେଇଥିଲେ। ସଭାରେ ନଗରପାଳ ଯଜ୍ଞସେନୀ ଓରାମ, ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ବରିଷ୍ଟ ନେତା କୁଳମଣି ଦାସ ଭାନୁ ସିଂ, ବାବୁଲାଲ ରୁଙ୍ଗଟା, ନୃପ ତଣ୍ଡିଆ, ନାରୀ ନେତ୍ରୀ ସାଧନା ସାମନ୍ତରାୟ, ନଳିନୀ ପ୍ରଧାନ, ସୁଜାତା ଜେନା ଓ ୱାର୍ଡ କାଉନ୍‌ସିଲାରମାନେ ଉପସ୍ଥିତ ଥିଲେ।

# ସରକାରୀ ଜମିରୁ ଜବରଦଖଲ ହଟାଅ



ବଡ଼ମାଳ ଗ୍ରାମବାସୀ ଜବରଦଖଲ ଉଚ୍ଛେଦ କରିବା ଦାବିରେ ତହସିଲ କାର୍ଯ୍ୟାଳୟ ଆସିଛନ୍ତି।

### ତହସିଲଦାରଙ୍କୁ ଦାବିପତ୍ର ଦେଲେ ବଡ଼ମାଳ ଗ୍ରାମବାସୀ

ଅମରପାଲି, ୬।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ବହଳପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଡ଼ମାଳ ଗ୍ରାମରେ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରିବାକୁ ଦାବି ହୋଇଛି। ଏନେଇ ବଡମାଳ ଗ୍ରାମବାସୀ ବୀରମହାରାଜପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦନ କରି ଜବର ଦଖଲ ଉଛେଦ କରିବାକୁ ଦାବି କରିଛନ୍ତି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ଗ୍ରାମର କେତେକ ଖଳ ପ୍ରକୃତିର ବ୍ୟକ୍ତି ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରିଛନ୍ତି। ଏପରିକି ଜବର ଦାଖଲକାରୀ ଉକ୍ତ ସରକାରୀ ଜମି ଦେଇଯାଇଥିବା ରାସ୍ତାକୁ ମଧ୍ୟ ଜବରଦଖଲ କରିଛନ୍ତି। ଯାହା ଫଳରେ ଗ୍ରାମର ଲୋକେ ଯାତାୟତ କରିବାରେ ସମସ୍ୟା ହେଉଛି। ଗୃହପାଳିତ ପଶୁମାନେ ଜଙ୍ଗଲକୁ ଚରିବାକୁ ମଧ୍ୟ ଉକ୍ତ ରାସ୍ତା ଦେଇ ଯାଇ ପାରୁନାହାନ୍ତି। ତେଣୁ ବହୁତ ସମସ୍ୟା ହେଉଛି। ଉକ୍ତ ସରକାରୀ ଜମିରେ କେନ୍ଦୁ ପତ୍ର ତୋଳିବାକୁ ଗଲେ ମଧ୍ୟ ଜବର ଦଖଲକାରୀ ମନା କରୁଛନ୍ତି। ତେଣୁ ଗ୍ରାମର ତୋଳାଳିମାନେ କେନ୍ଦୁପତ୍ର ସଂଗ୍ରହ କରିପାରୁ ନାହାନ୍ତି। ଗ୍ରାମର ଉକ୍ତ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ଗତ ଫେବୃଆରୀ ୨୭ରେ ବୀରମହାରାଜପୁର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରି ଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ କରିବାରେ ବିଭାଗ କୌଣସି ପଦକ୍ଷେପ ନେଲାନାହିଁ। ତେଣୁ ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆସି ଗ୍ରାମର ସରକାରୀ ଜବରଦଖଲ ଜମି ଉଚ୍ଛେଦ କରିବାକୁ ଦାବି କରିଛନ୍ତି। ଗ୍ରାମର ୱାର୍ଡସଭ୍ୟ ବାବୁ ପ୍ରଧାନ, ଦାମୋଦର ମହାକୁର, ସୁମନ୍ତ ମହାକୁର, ନେପୁର ଘିବିଲା, ମେନକା ପ୍ରଧାନ, ଶକୁନ୍ତଳା ଭୋଇ, ଯୁଗେଶ୍ୱରି ମହାକୁର, ମିନାକ୍ଷୀ ଭୋଇ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ଗ୍ରାମର ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ଜବର ଦଖଲ ହୋଇଥିବା ସରକାରୀ ଜମିକୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହେଉଛି।

## ସୋନାଲିଙ୍କୁ ମିଳିଲା କଇଁଚି ଚିହ୍ନ

ସୋନପୁର,୬।୫(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ଚର୍ଚ୍ଚାରେ ଥିବା ଉଚ୍ଚ ଶିକ୍ଷିତା ମହିଳା ସୋନାଲି ବିଶିଙ୍କୁ ମିଳିଛି କଇଁଚି ଚିହ୍ନ। ସୋନପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସୁରଜ କୁମାର ପଟ୍ଟନାୟକ ସୋମବାର ଏହି ନିର୍ବାଚନୀ ଚିହ୍ନ ପ୍ରଦାନ କରିଛନ୍ତି। ସୋନାଲି ଚାଷୀ ସରକାର ସ୍ଲୋଗାନ ଦେଇ ଗତ ତିନି ମାସ ହେବ ନିର୍ବାଚନମଣ୍ଡଳୀର ଗାଁକୁ ଗାଁ ବୁଲୁଛନ୍ତି। ଏଥିପାଇଁ ଜିଲାର ଚାଷୀ ସଂଗଠନଗୁଡିକ ପକ୍ଷରୁ ତାଙ୍କୁ ସହଯୋଗ ମିଳୁଛି। ଜୟ କୋସଲ, ଜୟ କିଷାନ ଓ ଚାଷୀ ସରକାର ସ୍ଲୋଗାନ୍ ଦେଇ ସେ ଭୋଟ ଭିକ୍ଷା କରୁଛନ୍ତି। କେତେବେଳ ନିଜେ ଟ୍ରାକ୍ଟର ଚଳାଇ ରାଲି କରୁଛନ୍ତି ତ ଆଉ କେତେବେଳେ ନିର୍ବାଚନୀ ଖର୍ଚ୍ଚ ପାଇଁ ଲୋକଙ୍କ ନିକଟରୁ ଅର୍ଥ ଭିକ୍ଷା କରୁଛନ୍ତି। ପ୍ରାର୍ଥିପତ୍ର ଦାଖଲ ଦିନ ୧୨ଟି ଶଗଡ ଗାଡିରେ ନିଜର ଶୁଭେଚ୍ଛୁ ଓ ସମର୍ଥକଙ୍କୁ ନେଇ ଜିଲା ସଦର ମହକୁମାରେ ରାଲି କରିଥିଲେ। ପଥପ୍ରାନ୍ତ ସଭା ଜରିଆରେ ଆଗାମୀ ଦିନରେ ଚାଷୀ ସ୍ୱାର୍ଥ ଓ ଅଧିକାର ପାଇଁ ଲଢେଇ କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ରାଜ୍ୟରେ ବିଗତ ୨୪ ବର୍ଷର ସ୍ଥିର ସରକାରରେ ସୁବର୍ଣ୍ଣପୁର ଜିଲାରେ ଆଖିଦୃଶିଆ ବିକାଶ ହୋଇପାରିନି। ନିଯୁକ୍ତିର ସୁଯୋଗ ନାହିଁ। ତେଣୁ ଜମିକୁ ଜଳସେଚନ, କୃଷିର ବିକାଶ ଓ କୃଷି ଆଧାରିତ ଶିଳ୍ପ ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଚଳିତ ଥର ପାର୍ଟି ସରକାରକୁ ପ୍ରତ୍ୟାଖ୍ୟାନ କରି ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ କଇଁଚି ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ସେ ଏହି ଅବସରରେ ନିବେଦନ କରିଛନ୍ତି।

## ରାସ୍ତାପାର୍ଶ୍ୱକୁ ଓଲଟିଲା ଯାତ୍ରୀବାହୀ ବସ୍

### ୨ ଆହତ, ୪୦ ଯାତ୍ରୀ ବର୍ତ୍ତିଲେ

ସୋନପୁର,୬।୫(ମୃତ୍ୟୁଞ୍ଜୟ ଶତପଥୀ)

ଡ୍ରାଇଭର ଭାରସାମ୍ୟ ହରାଇବାରୁ ଯାତ୍ରୀବାହୀ ବସ୍ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ସୋମବାର ଭୋର ପ୍ରାୟ ୪ଟା ୪୦ରେ ଏହି ଦୁର୍ଘଟଣା ଘଟିଛି। ଏଥିଯୋଗୁ ୨ ଯାତ୍ରୀ ଆହତ ହୋଇଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ସୋନପୁର ଥାନା ହରଡଖୋଲ ନିକଟରେ ଏହି ଘଟଣା ଘଟିଛି। ଭୁବନେଶ୍ୱରରୁ ବଲାଙ୍ଗୀର ଜିଲାର ପାଟଣାଗଡକୁ ଯାଉଥିବା ସାଇରାଜ ନାମକ ଯାତ୍ରୀବାହୀ ବସ୍ ନମ୍ବର ଓଡି୦୨ବିଜି-୪୧୯୯ ଓଲଟି ପଡିଥିଲା। ଦୁର୍ଘଟଣା ଆହତ ୨ଯାତ୍ରୀଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହି ବସରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ତେବେ ସୌଭାଗ୍ୟକ୍ରମେ ସମସ୍ତ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ଯାତ୍ରାମାନଙ୍କୁ ଅନ୍ୟ ଏକ ବସ୍‌ରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଛି। ହରଡଖୋଲ ଫାଣ୍ଡି ପୋଲିସ ବସ୍‌କୁ ଜବତ କରିଛି। ସୋନପୁର ଥାନାରେ ଏକ ମାମଲା(୧୫୮/୨୪)ରୁଜୁ ହୋଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ଦିଲ୍ଲିପ କୁମାର ସାହୁ କହିଛନ୍ତି। ପ୍ରକାଶ ଯେ, ସମାନ ସ୍ଥାନରେ ଅପ୍ରେଲ ୨୭ ତାରିଖ ବିଳମ୍ବିତ ରାତିରେ ସଡକ ଦୁର୍ଘଟଣା ଘଟିଥିଲା। ପ୍ରଧାନ ନାମକ ଏକ ଯାତ୍ରୀବାହୀ ବସ୍ ସମ୍ମୁଖ ପଟୁ ଏକ ଟ୍ରକ୍ ପଛକୁ ଧକ୍କା ଦେବା ଫଳରେ ବସ୍ ଡ୍ରାଇଭର ଓ ହେଲପରଙ୍କ ମୃତ୍ୟୁ ହୋଇଥିଲା।



ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍।

## ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ, ମଇଦାନରେ ୮ ପ୍ରାର୍ଥୀ

### ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ

ସୋନପୁର,୬।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡାନ୍ତ ବିଧାୟକ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ସୋନପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ସୁରଜ କୁମାର ପଟ୍ଟନାୟକ ଅପରାହ୍ନରେ ୭(ଏ) ଫର୍ମରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିଛନ୍ତି। ସେହିପରି ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ନିର୍ବାଚନୀ ଚିହ୍ନ ପ୍ରଦାନ କରାଯାଇଛି। ତାଲିକା ଅନୁଯାୟୀ ମଇଦାନରେ ୮ ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ବିଜେଡିରୁ ନିରଞ୍ଜନ ପୂଜାରୀ, ଭାଜପାରୁ ପ୍ରମୋଦ ମହାପାତ୍ର, କଂଗ୍ରେସରୁ ପ୍ରିୟବ୍ରତ ସାହୁ, ଜାତୀୟ ଆପନି ପାର୍ଟିରୁ ଶଶୀଭୂଷଣ ପଧାନ, ବିଏସ୍‌ପିରୁ ମନ୍ଦୋଦରୀ ଛତ୍ରିଆ, ଆମ୍ବେଡକ୍ରାଇଟ୍ ପାର୍ଟି ଅଫ ଇଣ୍ଡିଆରୁ ସୁରଜ କୁଶଳ, ସ୍ୱାଧୀନରୁ ସୋନାଲି ବିଶି ଓ ଉତ୍ତମ ଆଡବାଙ୍କ। ପ୍ରକାଶ ଯେ, ପୂର୍ବ ବିଜ୍ଞପ୍ତି ଅନୁଯାୟୀ ସୋମବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଧାର୍ଯ୍ୟ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଆସି ନଥିଲେ। ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଉଷ୍ମ ହୋଇଛି।

## ସୁନ୍ଦରଗଡ଼ର ବିକାଶ ହିଁ ମୋର ସଙ୍କଳ୍ପ

### ମେଢାଠାରେ ଭାଜପାର ମହିଳା ସମାବେଶ

ସୁନ୍ଦରଗଡ଼,୬।୫
(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ସୋମବାର ସଦର ବ୍ଲକ ମଝାପଡ଼ା ପଞ୍ଚାୟତର ମେଢା ମନ୍ଦିର ନିକଟରେ ଆୟୋଜିତ ବିଶାଳ ମହିଳା ସମାବେଶକୁ ଉଦବୋଧନ ଦେଇ ସୁନ୍ଦରଗଡର ବିକାଶ ହିଁ ମୋର ସଂକଳ୍ପ ବୋଲି କହିଥିଲେ। ହଜାର ହଜାର ମହିଳାଙ୍କୁ ସମ୍ବୋଧିତ କରି ବିଧାୟିକା ତଥା ଭାଜପା ପ୍ରାର୍ଥୀନୀ କୁସୁମ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ପ୍ରତି ମହିଳାଙ୍କୁ ମାସକୁ



ଜଣେ ମହିଳା କୁସୁମଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ହଜାର ଟଙ୍କା ଭତ୍ତା ଓ ୫୦ ହଜାରର ସ୍ମାର୍ଟ କାର୍ଡ ପ୍ରଦାନ କରାଯିବ ବୋଲି ଅଭିଭାଷଣ କହିଥିଲେ। ଏହି ସଭାରେ ଏମ୍‌ପି ପ୍ରତିନିଧି ବଟକିଶୋର ମିଶ୍ର, ବରିଷ୍ଠ ନେତା ସନ୍ତୋଷ ଅମାତ, ଅଶୋକ ସାଏ, ଯୁବନେତା ଅସୀମ ପଟେଲ, ମଝାପଡ଼ା ମଣ୍ଡଳ ସଭାପତି ହେମନ୍ତ କିଷାନ ପ୍ରମୁଖ ଯୋଗ ଦେଇଥିଲେ।

## ବିଭିନ୍ନ ପଞ୍ଚାୟତରେ ବିଜେଡିର ନିର୍ବାଚନୀ ସଭା

କୁଚିଣ୍ଡା, ୬।୫(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସୋମବାର ବିଜେଡି ପକ୍ଷରୁ ମାରାଥନ ପ୍ରଚାର ଆରମ୍ଭ ହୋଇଛି। କୁଚିଣ୍ଡା ବ୍ଲକର କୁଲେଇଗଡ, କୁତୁରାଚୁଆଁ, ଅର୍ଡାବହାଲ, ବାଉରୀଗୋଡା ଆଦି ପଞ୍ଚାୟତରେ ଦଳ ସଭା କରି ଭୋଟ ମାଗିଛି। ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଓ ନିର୍ବାଚନ ପରିଚାଳକ ସଞ୍ଜିତ ମହାନ୍ତି ଯୋଗଦେଇ ବିଜେଡ଼ି ସରକାରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ଓଡ଼ିଶା ସରକାରଙ୍କ ବିକାଶ ବାର୍ତ୍ତା ଦେଇଛନ୍ତି। ଏହି ଅବସରରେ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ଛତ୍ରିଆଙ୍କ ସହ ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଛନ୍ତି। ଏହାଛଡା ଓଡ଼ିଶାର ଚାଷୀ, ଶ୍ରମିକ,ମହିଳା, ଯୁବକ ଓ ଛାତ୍ରଙ୍କ ସହଯୋଗରେ ନବୀନ ପଟ୍ଟନାୟକ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ସେମାନେ କହିଛନ୍ତି। ନିର୍ବାଚନୀ ସଭା ମାନଙ୍କରେ ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ପର୍ଯ୍ୟବେକ୍ଷକ ଦେବାଶିଷ ପାତ୍ର, ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଜେଡ଼ି ନେତା ସୁଶିଳ ନାୟକ, ଲମ୍ବୋଦର କୁମୁରା, ଗୁରୁଦେବ ମହାପାତ୍ର, ତୁଳାରାମ ବାଘ, ମହାମନ୍ତ୍ର ପଟେଲ, କିଶୋର ପ୍ରଧାନ, ଲହୁଣୀ ବାଗ, ପ୍ରସନ୍ନ ନାୟକ, ରିଙ୍କୁ ନାୟକ, ଅନିତା ପଟେଲ, ତ୍ରିବିକ୍ରମ ପଧାନ, ମିଲନ ନାୟକ, ସରପଞ୍ଚ ସୁଲୁଶ୍ୱରୀ ନାଏକ, ଗୋବର୍ଦ୍ଧନ ବାଘ, ସମିତି ସଭ୍ୟ ପରେଶ ପଟେଲ, ଚମ୍ପାବତୀ ବେହେରା,ଗଦାଧର ପୋଢ଼,ସୁମିତ ପଟେଲ, ଚୁମନ ପ୍ରଧାନ, ମିକୁ ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ବିଜେଡି କର୍ମୀ ଯୋଗ ଦେଇଥିଲେ।

## ବିଭିନ୍ନ ଗ୍ରାମରେ କଂଗ୍ରେସର ନିର୍ବାଚନୀ ପ୍ରଚାର



କୁଞ୍ଜାମହୁଲରେ ଲୋକଙ୍କ ସହ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସେଠୀ।

ଅମରପାଲି,୬।୫(ପୀତାମ୍ବର ସାହୁ)

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପିତାମହୁଲ, କମିରା ଓ ସଂଗ୍ରାମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୋମବାର କଂଗ୍ରେସ ପ୍ରଚାର କରିଥିଲା। ବୀରମହାରାଜପୁର ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ସେଠୀ, ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ, ବୀରମହାରାଜପୁର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ବସନ୍ତ ମହାକୁର, ବିଦ୍ୟାଧର ଖର୍ଡିଆ, ବରିଷ୍ଠ କଂଗ୍ରେସ ନେତା ଧରଣୀଧର ପାଢ଼ୀ, ବିକାଶ ପଣ୍ଡା,ସୁରେଶ ପଣ୍ଡା, ଆପର ଜିଲା ଉପସଭାପତି ପୃଥ୍ୱୀରାଜ ଜଗଦଲା ପ୍ରଚାରରେ ଯୋଗଦେଇ କଂଗ୍ରେସକୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହା ସହିତ ଅଞ୍ଚଳ ପାଇଁ କଂଗ୍ରେସ ଶାସନ ସମୟର ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଲୋକଙ୍କୁ କହିଥିଲେ। ପିତାମହୁଲ ପଞ୍ଚାୟତର ଗାରିଆମୁଣ୍ଡା, କୁଞ୍ଜାମହୁଲ, ଠାକୁରଗଡ, ଡୁଲେଶ୍ୱର, ଦୁରଦୁରା, ଟେଭାପଦର ଗ୍ରାମରେ ପଥପ୍ରାନ୍ତ ସଭା କରିଥିଲା କଂଗ୍ରେସ। ଏହା ପରେ କମିରା ପଞ୍ଚାୟତର ବିକଳପୁର, କମିରା, ଆମ୍ବସରଭଟା, ସଂଗ୍ରାମପୁର ପଞ୍ଚାୟତର ଯୁବରାଜପୁର, ତିଲେଇମାଲ, ସେରଗେଡା, ଭାଟପଦର, ଟାମକିଆଦାଦର, ସଂଗ୍ରାମପୁର ଆଦି ଗ୍ରାମରେ କଂଗ୍ରେସ ପ୍ରଚାର କରିଥିଲା। କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ ବିଭିନ୍ନ ବର୍ଗର ଲୋକଙ୍କ ସହିତ ଭେଟି ସେମାନଙ୍କ ସହିତ ଆଲୋଚନା କରି ଭୋଟ ଦେବାକୁ ଅନୁରୋଧ କରିଥିଲେ।

## କୋସଲ ସଂଗ୍ରାମୀ ସମ୍ମିଳନୀ

ଲୋଇସିଂହା,୬।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ସପ୍ତାହିକ ବଜାର ପ୍ରାଙ୍ଗଣରେ କୋସଲ ସଂଗ୍ରାମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ସୁଶୀଲ ବିଶ୍ୱାଳ ଅଧକ୍ଷତା କରିଥିଲେ । ଏଥିରେ ଯୁବଶକ୍ତି ସଭାପତି ସନୀତ ସାହୁ, କୋସଲ ମୁକ୍ତି ସେନାର ଆକାଶ ପାଣ୍ଡା, ପ୍ରୀତମ ଠାକୁର, ନୀତିଶ ପଧାନ, ସବ୍ୟସାଚୀ ପୂଜାରୀ, ବିଭୁଦତ୍ତ ମିଶ୍ର, ସୂର୍ଯ୍ୟ ସ୍ୱାଇଁଙ୍କ ସମେତ ବହୁ କୋସଲ ପ୍ରେମୀ ଉପସ୍ଥିତ ରହିଥିଲେ । ସମ୍ମିଳନୀରେ କୋସଲ ରାଜ୍ୟ ଉପରେ ଲୋକଙ୍କୁ ସଚେତନ କରିବାକୁ ମତ ପ୍ରକାଶ ପାଇଥିଲା । ଖଣିଜ ସମ୍ପଦରେ ଓଡିଶା ଭରି ରହିଛି । ଏହାସତ୍ତ୍ୱେ ଲୋକମାନେ କର୍ମସଂସ୍ଥାନ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବାରୁ ସଭାରେ ଚିନ୍ତା ପ୍ରକଟ କରାଯାଇଥିଲା । ଦାଦନ ସମସ୍ୟା ଦୂର ପାଇଁ ସ୍ଥାନୀୟ ଅଞ୍ଚଳରେ କିପରି କାମ ଯୋଗାଇବେ ସେ ନେଇ ରାଜ୍ୟ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ମତ ପ୍ରକାଶ ପାଇଥିଲା । ଅପରପକ୍ଷେ ଶ୍ରମଜୀବୀଙ୍କୁ ସଚେତନ କରିବା ପାଇଁ 'ମୁଁ ନାଇଯାଏ ତାମିଲନାଡୁ 'ଶୀର୍ଷକ ଉପରେ ସଚେତନ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି । ଆଗାମୀ ନିର୍ବାଚନରେ କୋସଲକୁ ସମର୍ଥନ କରୁଥିବା ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ମତପ୍ରକାଶ ପାଇଥିଲା ।

## ମହିଳା ସମାବେଶରେ ଯୋଗଦେଲେ ଯୋଗେଶ

ସୁନ୍ଦରଗଡ,୬।୫(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲେଫ୍ରିପଡା ବ୍ଲକ ସ୍ତରୀୟ ବିଜେଡି ମହିଳା ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇ ମହିଳାଙ୍କ ପାଇଁ ମିଶନ ଶକ୍ତି ଯୋଜନା, ବିଏସକେୱାଇ ଚିକିତ୍ସା ସୁବିଧା ବିଷୟରେ ଆଲୋଚନା କରିଥିଲେ। ଏଥିରେ ୩୦୦ ରୁ ଅଧିକ ମହିଳା ଉପସ୍ଥିତ ଥିଲେ। ଏହି ସମାବେଶରେ ଆସନ୍ତା ସାଧାରଣ ନିର୍ବାଚନରେ ସୁନ୍ଦରଗଡ ଲୋକସଭା ପ୍ରାର୍ଥୀ ଡ. ଦିଲୀପ ତିର୍କୀ ଏବଂ ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଯୋଗେଶଙ୍କୁ ଭୋଟ ଦେଇ ବିଜୟୀ କରାଇବା ପାଇଁ ଉପସ୍ଥିତ ମହିଳାମାନେ ସଙ୍କଳ୍ପ ନେଇଥିଲେ। ଏହି ସମାବେଶରେ ବିଜେଡି ଜିଲା ମହିଳା ସଭାନେତ୍ରୀ ରଞ୍ଜନା ପଣ୍ଡା, ଜିଲା ପରିଷଦ ସଭ୍ୟା ଗେଲବତୀ ପଟେଲ, ପୁଷ୍ପା ପଟେଲ,



ମହିଳାଙ୍କ ସମାବେଶରେ ଯୋଗେଶ ସାମିଲ ହୋଇଛନ୍ତି।

ନିତ୍ୟାନନ୍ଦ ପଟେଲ ଉପସ୍ଥିତ ଥିଲେ। ଏହାପରେ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରବିରା,କୁଲଟା ପଞ୍ଚାୟତ ଏବଂ ମଝାପଡା ଅଞ୍ଚଳର ୧୦୦ ରୁ ଅଧିକ ମହିଳା ପୁରୁଷ ଯୋଗେଶଙ୍କ ଉପସ୍ଥିତିରେ ଏବଂ ଲବନି ବାବୁଙ୍କ ନେତୃତ୍ୱରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ଅଶିନୀ କୁମାର ନାଏକ, କାର୍ଯକାରୀ ସଭାପତି ଜଗଦୀଶ ସାହୁ, ବରିଷ୍ଠ ନେତା ବସନ୍ତ ଶେଖର ଦେଓ, ସନ୍ତୋଷ ମଗର ପ୍ରମୁଖ ଉପସ୍ଥିତ ଥିଲେ।

## ସୁବର୍ଣ୍ଣପୁର ସହରରେ ପୋଲିସର ଫ୍ଲାଗମାର୍ଚ୍ଚ

ସୋନପୁର,୬।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୨୦ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛି। ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଓ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସୋମବାର ସୁବର୍ଣ୍ଣପୁର ସହରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଛି। ଏସ୍‌ପି ଯଶପ୍ରତାପ ଶ୍ରୀମାଲଙ୍କ ନିର୍ଦ୍ଦେଶକ୍ରମେ ଜିଲାକୁ ଆସିଥିବା ତ୍ରିପୁରା ଷ୍ଟେଟ୍ ରାଇଫଲ ଆର୍ମଡ୍ ପୋଲିସ ପକ୍ଷରୁ ଏହି ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ସୋନପୁର ଆଇଆଇସି ଲୋକନାଥ ସାହୁଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ସହର ପରିକ୍ରମା କରିଥିଲା।



ତ୍ରିପୁରା ଷ୍ଟେଟ୍ ରାଇଫଲ ଆର୍ମଡ୍ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

## ବଜ୍ରପାତରେ ଶ୍ରମିକ ମୃତ

ରାଇରଙ୍ଗପୁର,୬।୫(ମାନସ ମହାନ୍ତି)

ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଅସନବଣିରେ ବଜ୍ରପାତ ଯୋଗୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାମଦା ଥାନା ଅନ୍ତର୍ଗତ ତେଣ୍ଡରା ଗ୍ରାମର ଗଗନ ତିରିଆ(୬୫)। ସୋମବାର ଅପରାହ୍ନରେ ସେ କାମ କରୁଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୪) ରୁଜୁ ହୋଇଛି।

## ରାସ୍ତା କାମ ସରୁନି, ବଢୁଛି ଦୁର୍ଘଟଣା

### କମିରା ଓ ପିତାମହୁଲ ଛକ ରାସ୍ତା ବିପଦସଙ୍କୁଳ

ସୁବଳୟା,୬।୫(ଜୟାନନ୍ଦ ରଥ)

ଗମନାଗମନର ଉନ୍ନତି ସକାଶେ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କିନ୍ତୁ ମନ୍ଥର ଗତିରେ କାର୍ଯ୍ୟ ପାଇଁ ସୁବର୍ଣ୍ଣପୁର ଜିଲାର ଗୁରୁତ୍ୱପୂର୍ଣ୍ଣ ବୀରମହରାଜପୁର-ରେଢ଼ାଖୋଲ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ଅଛି। ଏହି ରାସ୍ତାକୁ ଅନେକ ସ୍ଥାନରେ ଅଣଓସାରିଆ ଭାବେ ଛାଡି ଦିଆଯାଇଛି । ସେହିପରି କମିରା ଓ ପିତମହୁଲ ଛକରେ ରାସ୍ତା କାମ ଦୁଇ ମାସ ହେବ ବନ୍ଦ ରହିଛି। ବୀରମହାରାଜପୁର ବ୍ଲକ କମିରା ଛକର ବୁଲାଣି ରାସ୍ତା ଅସମ୍ପୂର୍ଣ୍ଣ ରହିଛି । ରାସ୍ତା ଉପରେ ବିଛେଇ ହୋଇ ପଡ଼ିଥିବା ଚିପ୍ସ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ରାସ୍ତା କାମ ଚାଲିଥିବା ନେଇ କୌଣସି ସତର୍କ ସୂଚନା ଫଳକ ଦିଆଯାଇନି। ବୌଦ୍ଧ ଓ ରେଢ଼ାଖୋଲକୁ ସୁବର୍ଣ୍ଣପୁର ସହ ସଂଯୋଗ କରୁଥିବା ଏହି ମୁଖ୍ୟରାସ୍ତାରେ ସବୁବେଳେ ଯାନବାହନ ଚଳାଚଳ କରୁଛି। ତେବେ ରାସ୍ତାକାମ ଠିକ୍ ଭାବେ ହେଉ ନଥିବାରୁ ଦୁର୍ଘଟଣା ବଢୁଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଇଞ୍ଜିନିୟରଙ୍କୁ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକାର କରାଯାଇନି । ରାସ୍ତା ପାଇଁ କୌଣସି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବେ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ କୁହାଯାଇଛି । ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



କମିରା ଛକର ବୁଲାଣି ରାସ୍ତା ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି।

# ଓଡ଼ିଶା ଧନୀ, ଲୋକେ ଗରିବ: ମୋଦି

## ବ୍ରହ୍ମପୁର ସମାବେଶରେ ବିଜେଡିକୁ ଟାର୍ଗେଟ କଲେ ପ୍ରଧାନମନ୍ତ୍ରୀ




ବ୍ରହ୍ମପୁର ନିକଟ କନିଷିଠାରେ ସୋମବାର ଭାଜପା ପକ୍ଷରୁ ଆୟୋଜିତ ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦଳର ଏମ୍‌ପି, ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ।

ବ୍ରହ୍ମପୁର,୬।୫
(ସ୍ମୃତି ରଞ୍ଜନ ମହାଲିକ)

ଓଡ଼ିଶାରେ ଭରପୂର ପାଣି, ଖଣିଜ ପଦାର୍ଥ ଓ ଲମ୍ବା ସମୁଦ୍ର ତଟ ରହିଛି। ଓଡ଼ିଶା ଧନୀ, ହେଲେ ଲୋକେ ଗରିବ। ଏଥିପାଇଁ କଂଗ୍ରେସ ଓ ବିଜେଡି ନେତାମାନେ ଦାୟୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବ୍ରହ୍ମପୁର ନିକଟ କନିଷିଠାରେ ଆୟୋଜିତ ଜନସଭାରେ କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାରେ ପ୍ରଥମ ଥର ଡବଲ ଇଞ୍ଜିନ ସରକାର ହେବ। ଆସନ୍ତା ଜୁନ ୪ ତାରିଖରେ ବିଜେଡି ସରକାରର ଏକ୍ସପାଏରୀ ଡେଟ୍। ଜୁନ ୬ ତାରିଖରେ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ କରାଯିବ ଏବଂ ୧୦ ତାରିଖରେ ଭାଜପା ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ହେବ। ଶପଥଗ୍ରହଣ ଉତ୍ସବରେ ଯୋଗଦେବାକୁ ସମସ୍ତଙ୍କୁ ନିମନ୍ତ୍ରଣ ରହିଲା ବୋଲି ମୋଦି କହିଥିଲେ। ଓଡ଼ିଶାବାସୀ ଭାଜପାକୁ ନିଶ୍ଚିତ ଭାବେ ଆଶୀର୍ବାଦ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ବର୍ତ୍ତମାନ ଦେଶରେ ୨ଟି ଯଜ୍ଞ ହେବ। ଗୋଟିଏ ଦେଶରେ ସୁଶାସନ ମଜଭୁତ ସରକାର ହେବ। ଅନ୍ୟଟି ଓଡ଼ିଶାରେ ଭାଜପା ନେତୃତ୍ୱରେ ସରକାର ଗଠନ ହେବ। ଓଡ଼ିଶାରେ ଭାଜପା ସଂକଳ୍ପପତ୍ର ଜାରି କରିଛି, ଯେଉଁଥିରେ ଯୁବକମାନେ ରୋଜଗାରକ୍ଷମ ଓ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ଓଡ଼ିଶାରେ ପର୍ଯ୍ୟଟନର ବିକାଶ ହେବ। ସଙ୍କଳ୍ପପତ୍ରର ଗୋଟିଏ ଗୋଟିଏ ପ୍ରତିଶ୍ରୁତି ପୂରଣ କରିବୁ। ଏହା ମୋଦି ଗ୍ୟାରେଣ୍ଟି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଓଡ଼ିଶାରେ ବିଜେଡିର କୁଜି ନେତାମାନେ ବଡ଼ ବଡ଼ ବଙ୍ଗଳାର ମାଲିକ। ମୁଖ୍ୟମନ୍ତ୍ରୀଙ୍କ ଜିଲାରୁ ଅଧିକ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ହସ୍ପିଟାଲରେ ପଦବୀ ଖାଲି ପଡ଼ିଛି। ଛାତ୍ରୀଛାତ୍ରମାନେ ଅଧାରୁ ପାଠପଢା ଛାଡି ଦେଉଛନ୍ତି। ହିଞ୍ଜିଳିରେ ଶୀତଳ ଭଣ୍ଡାର ନାହିଁ। ପିଇବା ପାଣି ସମସ୍ୟା ମଧ୍ୟ ରହିଛି। କେନ୍ଦ୍ରରେ କଂଗ୍ରେସର ମନମୋହନ ସିଂ ସରକାର ଥିବା ସମୟରେ ଓଡ଼ିଶାକୁ ୧୦ ବର୍ଷରେ ୧ଲକ୍ଷ କୋଟି ଟଙ୍କା ଦେଇଥିଲେ। କିନ୍ତୁ ମୋଦି ୧୦ ବର୍ଷରେ ଓଡ଼ିଶାକୁ ସାଢେ ୩ ଲକ୍ଷ କୋଟିରୁ ଅଧିକ ଟଙ୍କା ଦେଇଥିଲେ ମଧ୍ୟ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନି। କେନ୍ଦ୍ର ସରକାର ମାଗଣାରେ ଚାଉଳ ଦେଉଥିବା ବେଳେ ବିଜେଡି ସେଥିରେ ନିଜର ଷ୍ଟିକର ଲଗାଉଛି। ଜଳ ଜୀବନ ମିଶନ ପାଇଁ ୧୦ ହଜାର କୋଟି ଟଙ୍କା ଓଡ଼ିଶାକୁ ଦେଇଥିଲୁ। ବିଜେଡି ସରକାର ଖର୍ଚ୍ଚ କଲେ ନାହିଁ। ପ୍ରତି ଗ୍ରାମରେ ରାସ୍ତା ପାଇଁ ଟଙ୍କା ଦିଆଯାଇଥିଲା। କିନ୍ତୁ ଗ୍ରାମଗୁଡିକରେ ରାସ୍ତା ଖରାପ ହୋଇପଡ଼ିଛି। ଦେଶରେ ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ କରାଯାଇଛି। ଓଡିଶାରେ ଏହି ଯୋଜନା ଲାଗୁ ହୋଇନାହିଁ। ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଓଡିଶା ଲୋକେ ଏହି ଯୋଜନାର ସୁବିଧା ପାଇପାରୁନାହାନ୍ତି। ତେଣୁ ରାଜ୍ୟରେ ଭାଜପା ସରକାର ଆସିଲେ ଗରିବଙ୍କ ସମେତ ବିଭିନ୍ନ ବର୍ଗର ଲୋକେ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟସେବା ସୁବିଧା ପାଇବେ। ୭୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ମଧ୍ୟ ଏହି ସୁବିଧା ପାଇବେ। ଓଡିଶାରେ ସୁଭଦ୍ରା ଯୋଜନା ଲାଗୁ ହେବ। ଯାହାଦ୍ୱାରା ମହିଳାମାନେ ଆର୍ଥିକ କ୍ଷେତ୍ରରେ ମଜଭୁତ ହେବେ। ୨୫ ଲକ୍ଷ ମହିଳା ଲକ୍ଷପତି ଦିଦି ହେବେ। ଓଡିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରାଯାଇଛି। ତାଙ୍କ ମାର୍ଗ ଦର୍ଶନରେ ଓଡିଶାରେ ବହୁତ କିଛି କାର୍ଯ୍ୟ କରିବି ବୋଲି ମୋଦି କହିଛନ୍ତି। ଭାଜପା ଥରେ ସରକାରକୁ ଆସିଲେ ଓଡିଶା ଦେଶରେ ୧ ନଂ ରାଜ୍ୟରେ ପରିଣତ ହେବ। ତ୍ରିପୁରା, ଉତ୍ତରପ୍ରଦେଶ ଓ ଛତିଶଗଡରେ ଭାଜପା ସରକାର ଆସିବା ପରେ ବିକାଶମୂଳକ କାର୍ଯ୍ୟ ହୋଇଛି। ଓଡିଶାରେ ଡବଲ ଇଞ୍ଜିନ ସରକାର ହେଲେ ବିକାଶ ହେବ। ଓଡିଶା ଉପକୂଳବର୍ତ୍ତୀ ଅର୍ଥନୀତିର ବିକାଶ ପାଇଁ ମୋଦି ଅଧିକ ଗୁରୁତ୍ୱ ଦେଇଛନ୍ତି। ଭାରତ ସାଗରମାଳା ଯୋଜନାରେ ଓଡିଶାରେ ବିଭିନ୍ନ କାର୍ଯ୍ୟ କରାଯାଇଛି। ସି ଫୁଡ ପ୍ରୋସେସିଂ, ମତ୍ସ୍ୟଜୀବୀଙ୍କ ଉନ୍ନତି, ବେଳାଭୂମି ଉନ୍ନତୀକରଣ କାର୍ଯ୍ୟ ବି ଚାଲିଛି। ଗଞ୍ଜାମ ଜିଲା ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେବା ନେଇ ସଂକଳ୍ପ କରାଯାଇଛି। ଏଠାରେ ଭାଜପା ସରକାର ହେବା ପରେ ଦେଶର ୧୦ ପ୍ରମୁଖ ରାଜ୍ୟ ମଧ୍ୟରେ ଓଡିଶା ରହିବ ବୋଲି ମୋଦି କହିଥିଲେ। ଜନସଭାରେ ବ୍ରହ୍ମପୁର ଭାଜପା ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ ଆସିକା ଏମ୍‌ପି ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ ବୁଢୀ ଠାକୁରାଣୀ ଫଟୋଚିତ୍ର ଦେଇ ପ୍ରଧାନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦିକା ବବିତା ପାତ୍ର ସଭା ସଂଚାଳନା କରିଥିଲେ। ଦିବ୍ୟାଙ୍ଗ କୁମାରୀ ବେହେରା ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନିତ କରିଥିଲେ। ଭାଜପା ଗଞ୍ଜାମ ଜିଲା ସଭାପତି ସୁବାସ ସାହୁ ଓ ପାରଳାଖେମୁଣ୍ଡି ବିଧାୟକ ପ୍ରାର୍ଥୀ କେ. ନାରାୟଣ ରାଓ ପ୍ରଧାନମନ୍ତ୍ରୀଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିକା ଓ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିଲେ।

# ସୁଯୋଗ ଦେଲେ ୫ବର୍ଷରେ ଓଡ଼ିଶାକୁ ନଂ.୧ କରିଦେବୁ

ନବରଙ୍ଗପୁର,୬।୫
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦର ବ୍ଲକ୍ ଚିକିଲି ଗାଁ ଛକ ପଡ଼ିଆରେ ସୋମବାର ଭାଜପା ପକ୍ଷରୁ ଆୟୋଜିତ ଜନସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଜେଡି ଓ କଂଗ୍ରେସକୁ କଟୁ ସମାଲୋଚନା କରିବା ସହ ଏଥର ଓଡ଼ିଶାରେ ଭାଜପା ସରକାର ଗଢ଼ିବ। ଥରେ ଭାଜପାକୁ ସୁଯୋଗ ଦେଲେ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ନମ୍ବର ୱାନ୍ କରିବୁ ଏହା ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ। ନବରଙ୍ଗପୁର, କୋରାପୁଟ ଓ କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ଓ ଏହା ଅଧୀନରେ ଆସୁଥିବା ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ମୋଦିଙ୍କ ପ୍ରଚାର ମଞ୍ଚରେ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀ ସଭାସ୍ଥଳରେ ପହଞ୍ଚିବା ପରେ ପ୍ରଥମେ ଖରାରେ ଅପେକ୍ଷା କରିଥିବା ଜନସାଧାରଣଙ୍କୁ କ୍ଷମା ମାଗିଥିଲେ। ଆପଣମାନଙ୍କ ତପସ୍ୟା ବେକାର ଯିବାକୁ ଦେବି ନାହିଁ ବୋଲି ସେ କହିଥିଲେ। କେନ୍ଦ୍ର ସରକାର ଯେଉଁ ଯୋଜନା କରୁଛନ୍ତି ସେ ସବୁକୁ ରାଜ୍ୟ ବିଜେଡି ସରକାର କାର୍ଯ୍ୟକାରୀ କରୁନାହାନ୍ତି। ଯେଉଁ କିଛିଟା ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେଥିରେ ନିଜର ଭ୍ରଷ୍ଟାଚାରର ଥପା ମାରିଦେଲେ ବୋଲି ସେ କହିଥିଲେ। ଚାଉଳ ଯୋଜନାରେ ବିଜେଡି ସରକାର ଗଡ଼ବଡ଼ କରିଥିବା ବେଳେ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ କରାଇ ଦେଉନାହିଁ। ଏବେ ଆଉ ବିଜେଡିର ଗଡ଼ବଡ଼ିଆ ଚଳିବ ନାହିଁ। ଏହାର ପ୍ରଚାର କରନ୍ତୁ ବୋଲି ସେ କହିଥିଲେ। ଓଡ଼ିଶାରେ ଭାଜପା ସରକାର ଆସିଲେ ଧାନର ଏମ୍‌ଏସ୍‌ପି ୩ହଜାର ୧ଶହ ଟଙ୍କା କରିବା ମୋଦିଙ୍କ ଗ୍ୟାରେଣ୍ଟି ବୋଲି କହିଥିଲେ। ଏଥିସହ କେନ୍ଦୁପତ୍ରର ଦାମ୍ ବଢ଼ାଇବା ଓ କେନ୍ଦୁପତ୍ର ସଂଗ୍ରହକାରୀଙ୍କୁ ବୋନସ ଦେବାକୁ ଘୋଷଣା କରିଥିଲେ। ଏଠାରେ ଇନ୍ଦ୍ରାବତୀ ଜଳଭଣ୍ଡାର ରହିଥିବା ସତ୍ତ୍ୱେ ନବରଙ୍ଗପୁର ଓ କୋରାପୁଟ ଚାଷୀଙ୍କୁ ପର୍ଯ୍ୟାପ୍ତ ପାଣି ମିଳୁନାହିଁ। କୃଷକ ଏଠାରେ ଚାଷ କରିପାରୁନାହାନ୍ତି। ରୋଜଗାର ପାଇଁ ଯୁବକମାନେ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ମୋଦି ସରକାର ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରୁଛି। ଗତ ବର୍ଷ ୧୫ ନଭେମ୍ବରରେ ବିର୍ସା ମୁଣ୍ଡାଙ୍କ ଜନ୍ମଦିନରେ ପିଏମ୍ ଜନମନ ଯୋଜନା ଆରମ୍ଭ କରାଗଲା ଏହା ମାଧ୍ୟମରେ ୨୪ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଓଡ଼ିଶାରେ ରହୁଥିବା ଜନଜାତିଙ୍କ ବିକାଶ ହେବ ବୋଲି ସେ କହିଥିଲେ। ଜଣେ ଆଦିବାସୀ ମହିଳାଙ୍କୁ ଭାଜପା ରାଷ୍ଟ୍ରପତି କରିଛି। ଓଡ଼ିଶାର ଜଣେ ମହିଳା ଦେଶର ରାଷ୍ଟ୍ରପତି, ଏହା ଦେଶର ମାତୃଶକ୍ତି ପାଇଁ ଗୌରବର କଥା ବୋଲି ମୋଦି ନିଜ ଅଭିଭାଷଣରେ କହିଥିଲେ। ଆପଣମାନଙ୍କ ହକ୍ ଟଙ୍କା ବଞ୍ଚାଇବା ମୋର କର୍ତ୍ତବ୍ୟ ବୋଲି ମୋଦି କହିଥିଲେ। ଜନଧନ ଖାତା, ଆଧାର ଓ ମୋବାଇଲକୁ ନେଇ ଏମିତି ତ୍ରିଶକ୍ତି କରାଯାଇଛି। ଗରିବଙ୍କ ଟଙ୍କା ଲୁଟ୍ ଏବେ ବନ୍ଦ ହୋଇଯାଇଛି। ଗୃହ ନିର୍ମାଣ, ଗ୍ୟାସ୍ ଟଙ୍କା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ ଟଙ୍କା, କିଷାନ ସମ୍ମାନ ନିଧି ଟଙ୍କା ସିଧାସଳଖ ଖାତାକୁ ଯାଉଛି। ଏହାଦ୍ୱାରା ସମସ୍ତଙ୍କୁ ଲାଭ ମିଳୁଛି ବୋଲି ସେ କହିଥିଲେ। ଜି୨୦ ସମ୍ମିଳନୀରେ ଓଡ଼ିଶାର କୋଣାର୍କ ଚକ୍ରକୁ ସମସ୍ତେ ଜାଣିଲେ। ଏବେ ଦୁନିଆର ସବୁ ବଡ଼ ନେତାଙ୍କ ଘରେ ଓଡ଼ିଶାର କୋଣାର୍କ ଚକ୍ରର ଫଟୋ ଲାଗିଛି ବୋଲି ସେ କହିଥିଲେ। କାଶୀ ବିଶ୍ୱନାଥ କରିଡର ନିର୍ମାଣ, ରାମମନ୍ଦିର ପରିସର ଭବ୍ୟ କରାଯାଉଥିବାବେଳେ ଜଗନ୍ନାଥ ମନ୍ଦିର ଅଞ୍ଚଳକୁ ମଧ୍ୟ ଭବ୍ୟ କରାଯିବ ବୋଲି କହିଥିଲେ। ଏହାପରେ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝି, କୋରାପୁଟ ଏମ୍‌ପି ପ୍ରାର୍ଥୀ କାଳିରାମ ମାଝି, କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ମାଳବିକା ଦେଓଙ୍କ ସମେତ ଭାଜପାର ସମସ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ମୋଦି ନିବେଦନ କରିଛନ୍ତି। ଜୁନ୍ ୧୦ ରେ ଭାଜପାର ଶପଥ ସମାରୋହ ହେବ। ଆପଣଙ୍କୁ ନିମନ୍ତ୍ରଣ ରହିଲା ବୋଲି କହିଥିଲେ। ଓଡ଼ିଶାବାସୀ ପ୍ରଥମ ଥର ପାଇଁ ଭାଜପାର ମୁଖ୍ୟମନ୍ତ୍ରୀ ଦେଖିବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ।




ନବରଙ୍ଗପୁର ଜିଲା ସଦର ବ୍ଲକ୍ ଚିକିଲି ଗାଁ ଛକ ପଡ଼ିଆରେ ସୋମବାର ଭାଜପା ପକ୍ଷରୁ ଆୟୋଜିତ ଜନସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦଳୀୟ ପ୍ରାର୍ଥୀ।

# ଗୋପାଳପୁରରେ ପାଣ୍ଡିଆନଙ୍କ ପ୍ରଚାର



ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ପ୍ରଚାର କରୁଛନ୍ତି।

ଗୋପାଳପୁର,୬।୫
(ନବୀନ ରାଜ ଆଚାରୀ)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଚାର ଜୋର ଧରିଛି। ଗଞ୍ଜାମ ଜିଲା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ସୋମବାର ବିଜେଡି ଓ ଭାଜପା ପକ୍ଷରୁ ହାଇଭୋଲ୍‌ଟେଜ ପ୍ରଚାର କରାଯାଇଛି। ପୂର୍ବାହ୍ନରେ କନିଷିଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସମାବେଶରେ ବିଜେଡିକୁ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷରେ ରାତି ପ୍ରାୟ ୮ଟାରେ ଝିପି ଝିପି ବର୍ଷାକୁ ଖାତିର ନ କରି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ରୋଡ଼ ଶୋ'ରେ ପ୍ରଚାର କରିଛନ୍ତି। ଗୋପାଳପୁର ଏନ୍‌ଏସି ନୂଆ ବସଷ୍ଟାଣ୍ଡଠାରେ ବିଜେଡି କର୍ମୀ ଓ ଜନସାଧାରଣ ପାଣ୍ଡିଆନଙ୍କୁ ସ୍ୱାଗତ କରୁଥିବା ଦେଖାଯାଇଥିଲା। ବ୍ରହ୍ମପୁର ବିଜେଡି ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ଗୋପାଳପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କୁ ସମର୍ଥନ କରି ଆଶୀର୍ବାଦ ଦେବାକୁ ପାଣ୍ଡିଆନ ନିବେଦନ କରିଛନ୍ତି। ସେମାନେ ଭଲ ଲୋକ, ଆପଣଙ୍କ ପଛରେ ୨୪ ଘଣ୍ଟା ଛିଡା ହେବେ ବୋଲି ପାଣ୍ଡିଆନ କହିଥିଲେ। ରୋଡ଼ ଶୋ'ରେ ଷ୍ଟାର ପ୍ରଚାରକ ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ଓ ଚାନ୍ଦିନୀ ସାମିଲ ହୋଇ ବିଜେଡି ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ। ରାଜ୍ୟସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ, ବିଜେଡି ନେତା ଚନ୍ଦ୍ରଶେଖର ସାହୁ, ଗୋପାଳପୁର ଏନ୍‌ଏସି ଚେୟାରମ୍ୟାନ ଜାନକୀ ରାମ, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ସମିତି ସଭ୍ୟ ଆଶିଷ ରାଉଳ, ନରେଶ ପାତ୍ର, ଶଶିଭୂଷଣ ମହାନ୍ତି, ଜୟ ସାହୁ, ବିନୋଦ କୁମାର ମହାକୁଡ଼, ଦିଲେଶ୍ୱର ରେଡ୍ଡୀ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଓଡ଼ିଶାରେ ହେବ ଭାଜପା ସରକାର: ଧର୍ମେନ୍ଦ୍ର

## ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ.୬।୫ (ଅମିତ କୁମାର ସାମଲ)/ ଢେଙ୍କାନାଳ (ରତନ ନାୟାର)

ଓଡ଼ିଶାରେ ମୋଦି ଲହର ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଓଡ଼ିଶାର ଭରସା ରହିଛି। ୨୪ ବର୍ଷ ପରେ ଏଥର ନିଶ୍ଚିତ ଭାବେ ଓଡ଼ିଶାରେ ଭାଜପା ସରକାର ହେବ ଏବଂ ରାଜ୍ୟର ସର୍ବାଙ୍ଗୀନ ବିକାଶ ହେବ। ସୋମବାର ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ, ଢେଙ୍କାନାଳ ଜିଲା କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ପ୍ରଧାନଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମୋଦି ଗ୍ୟାରେଣ୍ଟି ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରିଛି। ଦେଶ ଆଗକୁ ବଢୁଥିବା ବେଳେ ଗରିବ, ମହିଳା, ଚାଷୀ, ବଞ୍ଚିତ ଓ ଯୁବକମାନେ ସଶକ୍ତ ତଥା ଆତ୍ମନିର୍ଭର ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିକାଶମୁଖୀ ଯୋଜନାର ବଡ଼ ଲାଭାର୍ଥୀ ହୋଇଛି ଓଡ଼ିଶା। ଏଥର ନିର୍ବାଚନରେ ଲୋକମାନେ ବିଜେଡିକୁ ହଟାଇ ଭାଜପାର ସରକାର କରିବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି ଅନୁଗୋଳରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବିଶିଷ୍ଟ ଶ୍ରମିକ ନେତା ତଥା ନାଲ୍‌କୋ ପ୍ରୋଗ୍ରେସିଭ ଏମ୍ପ୍ଲୋଇଜ ୟୁନିଅନର ପୂର୍ବତନ ସଭାପତି ବିନୋଦ ବିହାରୀ ସେଠଙ୍କ ସମେତ ଅନେକ ସମର୍ଥକମାନେ ଭାଜପାରେ ସାମିଲ ହୋଇଥିଲେ।



କାମାକ୍ଷାନଗରରେ ଦଳୀୟ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ବିଜେଡି ଛାଡ଼ିଲେ ବାସନ୍ତୀ ମହାପାତ୍ର

ଖୋର୍ଦ୍ଧା,୬।୫(ପ୍ରଭାତ ପାଣିଗ୍ରାହୀ)

ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର ସୋମବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ସେ ଦଳର ସମସ୍ତ ପଦପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ର ଇ-ମେଲ ଜରିଆରେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ମହାପାତ୍ର ସୂଚନା ଦେଇଛନ୍ତି।

ଉଲ୍ଲେଖଥାଉ କି, ବାସନ୍ତୀ ଟିକେଟ ଆଶାରେ ୨ବର୍ଷ ହେବ ଖୋର୍ଦ୍ଧା, ଟାଙ୍ଗୀ ବ୍ଲକରେ ତୃଣମୂଳ ସ୍ତରରେ ପ୍ରଚାର, ଦଳୀୟ ବୈଠକ ଆଦି ଜାରି ରଖିଥିଲେ। ଖୋର୍ଦ୍ଧାରେ ଶକ୍ତିପ୍ରଦର୍ଶନ ସହ ଶତାଧିକ ସମର୍ଥକଙ୍କ ସହ ଶଙ୍ଖ ଭବନ ଆଗରେ ଟିକେଟ ପାଇଁ ମଧ୍ୟ ଶକ୍ତି ପ୍ରଦର୍ଶନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଟିକେଟ ଆଶାରେ ରହିଥିଲେ। ହେଲେ ଦଳ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରିଥିଲା। ଫଳରେ ଟିକେଟ ନ ପାଇ ବାସନ୍ତୀ ଅସନ୍ତୁଷ୍ଟ ରହିଥିଲେ। ସେ ସ୍ୱାଧୀନଭାବେ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଚର୍ଚ୍ଚା ହୋଇଥିଲା। ତେବେ ନାମାଙ୍କନ ପରିବର୍ତ୍ତେ ଦଳରୁ ଇସ୍ତଫା ଦେଇଥିବା ଜଣାପଡିବା ପରେ ଖୋର୍ଦ୍ଧା ରାଜନୀତି ସରଗରମ ହୋଇଉଠିଛି। ଏବେ ନିର୍ବାଚନରେ ସେ ବିଜେଡି ପାଇଁ ବିଦ୍ରୋହୀ ସାଜି ଅଡୁଆ ସୃଷ୍ଟି କରିପାରନ୍ତି ଆଲୋଚନା ହେଉଛି।

# ନାଁ ନ ନେଇ ଭାଜପା ନେତାଙ୍କ ଉପରେ ବର୍ଷିଲେ ସ୍ମୃତିରେଖା

ଧର୍ମଶାଳା,୬।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ମାଫିଆ ଓ ବେପାରୀ ଶାସନ ଶେଷ କରିବାକୁ ଆହ୍ୱାନ ଦେଇଛନ୍ତି ଭାଜପା ପ୍ରାର୍ଥିନୀ ସ୍ମୃତିରେଖା ପହି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାନ୍ତି ବଜାରସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସ୍ମୃତିରେଖା ନାଁ ନ ନେଇ ନିଜ ଦଳର ଜଣେ ନେତାଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ରାଜ୍ୟ ଭାଜପା ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଛି। ତାଙ୍କୁ ଧର୍ମଶାଳା ଜନସାଧାରଣଙ୍କ ସେବା କରିବାର ସୁଯୋଗ ଦିଆଯାଇଛି। ସାଧାରଣ ଜନତାଙ୍କ ତାଙ୍କ ପ୍ରତି ଓ ଦଳ ପ୍ରତି ଭଲ ପାଇବା ଥିବାରୁ ଏଠାରେ ଭାଜପା ଭଲ ପ୍ରଦର୍ଶନ କରିବ। ଏଥିସହିତ ସେ କହିଛନ୍ତି, ଗତ ଡିସେମ୍ବରରେ ଜଣେ ବ୍ୟବସାୟୀ ବିଜେଡିରୁ ଭାଜପାକୁ ଆସି ଟିକେଟ ଆଶାୟୀ ଥିଲେ। ତାଙ୍କୁ ଟିକେଟ ନ ମିଳିବାରୁ ସେ ବିଭିନ୍ନ ସ୍ଥାନରେ ଦଳୀୟ ପୋଷ୍ଟର ଲଗାଇ ସଭା ସମିତି କରି ତାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ଏହାଦ୍ୱାରା ଭାଜପାର ଭୋଟ ପ୍ରଭାବିତ ହେଉଛି। ଏ ନେଇ ସେ ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଖୁବ୍‌ଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଆଶାବାଦୀ ଅଛନ୍ତି। ଜଣେ ମହିଳା ପ୍ରାର୍ଥୀ ଭାବେ ସେ ଧର୍ମଶାଳାବାସୀଙ୍କ ସେବା କରିବା ପାଇଁ ଆସିଛନ୍ତି। କିନ୍ତୁ କେତେଜଣ ଖଳ ଶ୍ରେଣୀର ଲୋକେ ତାଙ୍କୁ ଧମକଚମକ ଦେଇ ଡରାଇବାକୁ ଚେଷ୍ଟା କରୁଥିବା ସ୍ମୃତିରେଖା କହିଛନ୍ତି। ଖବରଦାତା ସମ୍ମିଳନୀରେ ଅଶୋକ କୁମାର ସାହୁ, ହିମାଂଶୁ ମହାପାତ୍ର, ନୀଳମଣି ଦାସ, କୁଳମଣି ମଲ୍ଲିକ ଓ ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଧର୍ମଶାଳା ଭାଜପା ପ୍ରାର୍ଥୀ ସ୍ମୃତିରେଖା ପହି ଓ ଅନ୍ୟମାନେ।



ବାରବାଟୀ-କଟକ ବିଧାନସଭା ଆସନରୁ ଭାଜପା ବିଧାୟକ ପ୍ରାର୍ଥୀ ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର କଟକ ସଦର ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ଭୁବନେଶ୍ୱର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ୟାସିର ନୱାଜ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ପୁରୀ ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଜୟନାରାୟଣ ପଟ୍ଟନାୟକ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

# ଅଗଷ୍ଟରେ ୪ଜି ସେବା ଆରମ୍ଭ କରିବ ବିଏସ୍‌ଏନ୍‌ଏଲ୍

ନୂଆଦିଲ୍ଲୀ,୬ା୫ (ଅଭୟ ଦାଶ)

ଚଳିତ ବର୍ଷ ଅଗଷ୍ଟରେ ଭାରତ ସଞ୍ଚାର ନିଗମ ଲିମିଟେଡ ବା ବିଏସ୍‌ଏନ୍‌ଏଲ୍ ୪ଜି ସେବା ଆନୁଷ୍ଠାନିକ ଭାବେ ସର୍ବଭାରତୀୟ ସ୍ତରରେ ଆରମ୍ଭ କରିବ ବୋଲି ଜାତୀୟ ଗଣମାଧ୍ୟମରେ ଆଲୋଚନା ଓ ଚର୍ଚ୍ଚା ହେଉଛି। ଏପରିକି ବିଏସ୍‌ଏନ୍‌ଏଲ୍ ସାରା ଦେଶରେ ୪ଜି ସେବା ଆରମ୍ଭ କରିବାକୁ ଯାଉଛି ବୋଲି ସରକାରୀ ସୂତ୍ରରୁ ଜଣାପଡିଛି। ସେହିଭଳି ବିଏସ୍‌ଏନ୍‌ଏଲ୍‌ର ୪ଜି ସେବାକୁ ନେଇ ରହିଥିବା କଳ୍ପନା-ଜଳ୍ପନା ଓ ବହୁ ପ୍ରଶ୍ନବାଚୀ ପରେ ମଧ୍ୟ ବିଏସଏନଏଲର ଅଧିକାରୀମାନେ ଦାବି କରିଛନ୍ତି, ବ୍ରାଣ୍ଡର ୪ଜି ନେଟୱର୍କରେ ଅନେକ ପ୍ରକାର ସୁବିଧା ସାଙ୍ଗକୁ ପ୍ରତି ସେକେଣ୍ଡରେ ୪୦-୪୫ ମେଗାବିଟ ଶିଖର ଗତି ରେକର୍ଡ କରାଯାଇଛି, ଯାହା ପାଇଲଟ ପର୍ଯ୍ୟାୟରେ ୭୦୦ ମେଗାହର୍ଜ (ଏମ୍‌ଏଚ୍‌ଜେଡ/Mhz)ର ପ୍ରିମିୟମ ସ୍ପେକ୍ଟ୍ରମ ବ୍ୟାଣ୍ଡରେ ରୋଲ କରାଯାଇଛି। ସେହିପରି ଦେଶର ପ୍ରମୁଖ ଆଇଟି କମ୍ପାନୀ ଟାଟା କନସଲଟାଣ୍ଟି ସର୍ଭିସ ବା ଟିସିଏସ୍ ଏବଂ ରାଷ୍ଟ୍ରାୟତ୍ତ ଟେଲିକମ୍ ଅନୁସନ୍ଧାନ ସଂଗଠନ ସି-ଡଟ୍-ନେତୃତ୍ୱାଧୀନ କନ୍ସୋର୍ଟିୟମ୍ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳର ବିକଶିତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପଞ୍ଜାବରେ କମ୍ପାନୀ ୪ଜି ସେବା ଆରମ୍ଭ କରିଛି ଏବଂ ପ୍ରାୟ ୮ ଲକ୍ଷ ଗ୍ରାହକଙ୍କୁ ବୋର୍ଡରେ ରଖିଛି। ଏପରିକି ସି-ଡଟ୍ ଦ୍ୱାରା ବିକଶିତ ୪ଜି କୋର ପଞ୍ଜାବର ବିଏସ୍‌ଏନ୍‌ଏଲ ନେଟୱର୍କରେ ବହୁତ ଭଲ ପ୍ରଦର୍ଶନ କରୁଛି। ବିଶେଷ କରି ଏହା ଗତ ବର୍ଷ ଜୁଲାଇରେ ସ୍ଥାପିତ ହୋଇଥିଲା। ଏହିପରି ଜଟିଳ ପ୍ରଯୁକ୍ତିବିଦ୍ୟାର ସଫଳତା ପ୍ରମାଣ କରିବାକୁ ଅତି କମରେ ୧୨ ମାସ ସମୟ ଲାଗିଥାଏ। କିନ୍ତୁ ସି-ଡଟ-କୋର ୧୦ମାସ ମଧ୍ୟରେ ଏହାକୁ ପ୍ରମାଣିତ କରିପାରିଛି। ଅପରପକ୍ଷରେ ଆଉ କିଛି ମାସ ମଧ୍ୟରେ ବିଏସ୍‌ଏନ୍‌ଏଲ୍ ଆଟମାନୀର ୪ଜି ଟେକ୍ନୋଲୋଜି ଲଞ୍ଚ କରିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଜାତୀୟ ଗଣମାଧ୍ୟମକୁ ବିସ୍ତୃତ ଭାବେ କହିଛନ୍ତି।

ସମଗ୍ର ଭାରତରେ ୪ଜି ଏବଂ ୫ଜି ସେବା ପାଇଁ ବିଏସ୍‌ଏନ୍‌ଏଲ ୧.୧୨ ଲକ୍ଷ ଟାୱାର ନିୟୋଜନ ପ୍ରକ୍ରିୟାରେ ଅଛି। କମ୍ପାନୀ ସାରା ଦେଶରେ ୪ଜି ସେବା ପାଇଁ ୯,୦୦୦ରୁ ଅଧିକ ଟାୱାର ସ୍ଥାପନ କରିଛି, ସେଥିମଧ୍ୟରୁ ପଞ୍ଜାବ, ହିମାଚଳ ପ୍ରଦେଶ, ୟୁପି ୱେଷ୍ଟ ଏବଂ ହରିୟାଣା ସର୍କଲରେ ୬,୦୦୦ରୁ ଅଧିକ ଟାୱାର ସକ୍ରିୟ ଅଛି। ବିଏସ୍‌ଏନ୍‌ଏଲ ଗତ ୪-୫ବର୍ଷ ମଧ୍ୟରେ ୪ଜି ସକ୍ଷମ ସିମ ବିକ୍ରି କରୁଛି। କେବଳ ସେହି ଗ୍ରାହକମାନଙ୍କର ପୁରୁଣା ସିମ୍ ଥିବା ଏହି ସେବାକୁ ଅନୁଭବ କରିବା ପାଇଁ ନୂତନ ସିମ୍ ପାଇବାକୁ ପଡ଼ିବ ବୋଲି ବିଏସ୍‌ଏନ୍‌ଏଲ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଶେୟାର ବଜାର ନିବେଶକ ନିରୁତ୍ସାହିତ

ନୂଆଦିଲ୍ଲୀ,୬ା୫

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇପଡିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୧୭ (୧୭.୩୯) ପଏଣ୍ଟ ବୃଦ୍ଧି ପାଇ ୭୩,୮୯୬ (୭୩,୮୯୫.୫୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୩ (୩୩.୧୫) ପଏଣ୍ଟ ହ୍ରାସ ଘଟି ୨୨,୪୪୩ (୨୨,୪୪୨.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଟିପିସିଓଡିଏଲ୍ ପକ୍ଷରୁ ଟିଏମ୍‌ୟୁର ଶୁଭାରମ୍ଭ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୬ା୫

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ ତଥା ନୂତନ ଜ୍ଞାନକୌଶଳରେ ନିର୍ମିତ ଟ୍ରାନ୍ସଫର୍ମର ମନିଟରିଂ ୟୁନିଟ୍ ବା ଟିଏମ୍‌ୟୁର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଉନ୍ନତ ବୈଷୟିକ ସମାଧାନ ମାଧ୍ୟମରେ କମ୍ପାନୀ ଗୁଣାତ୍ମକ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି, ଗ୍ରାହକ ସେବାରେ ଉନ୍ନତି ଆଣିବାକୁ କମ୍ପାନୀ ନିରନ୍ତର ପ୍ରୟାସ କରୁଛି। ଟିପିସିଓଡିଏଲ୍ ପକ୍ଷରୁ ନିକଟରେ ଟ୍ୱିନ୍‌ସିଟି ଭୁବନେଶ୍ୱର ଓ କଟକଠାରେ ଥିବା ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେଶନରେ ଅତ୍ୟାଧୁନିକ ଟିଏମ୍‌ୟୁର ବ୍ୟବହାର ଆରମ୍ଭ କରିଛି। ବିଶେଷକରି ଏହା ଏକା ସମୟରେ ଅନୁଧ୍ୟାନ, ନିୟନ୍ତ୍ରଣ ଏବଂ ଯୋଗାଯୋଗର ଏକ ଅସାଧାରଣ ମିଶ୍ରଣ ପ୍ରଦାନ କରୁଛି। ଏହି ବୈଷୟିକ ଉପକରଣ ଭୋଲଟେଜ୍, କରେଣ୍ଟ, ଗ୍ୟାସ୍, ଅନଲୋଡ୍ ଟ୍ୟାପ୍ ଚେଞ୍ଜର, ତୈଳ ଏବଂ ୱାଇଣ୍ଡିଂ ତାପମାତ୍ରା ପରି ଟ୍ରାନ୍ସଫର୍ମର ମାନଦଣ୍ଡଗୁଡିକ ବିଷୟରେ ବାସ୍ତବ ସମୟ ସୂଚନା ପ୍ରଦାନ କରୁଛି। ସେହିଭଳି ଟ୍ରାନ୍ସଫର୍ମର ମନିଟରିଂ ୟୁନିଟ୍‌ଗୁଡ଼ିକ ତ୍ରୁଟିକୁ ଶୀଘ୍ର ଚିହ୍ନଟ କରିବାରେ ଏବଂ ୩୩/୧୧ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରର ବିଫଳତାକୁ ଏଡାଇବାରେ ମଧ୍ୟ ସାହାଯ୍ୟ କରିବ। ଏହି ଟିଏମ୍‌ୟୁଗୁଡିକ ପାରମ୍ପରିକ ପ୍ୟାନେଲ ସୁଇଚ୍, ତାପମାତ୍ରା ମାପକ ଏବଂ ଲାଟିଂ ରିଲେର ସ୍ଥାନ ନେଇଛି, କୌଣସି ମାନବୀୟ ହସ୍ତକ୍ଷେପ ବିନା ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଲଟେଜ୍ ବଢ଼ାଇବା/କମାଇବା ପାଇଁ ସେଗୁଡ଼ିକୁ ପ୍ରସ୍ତୁତ କରାଯାଇଛି।

# ଗୃହଋଣରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୬ା୫(ଅନୁରାଧା ମହାରଣା)

କ୍ରମାଗତ ଭାବେ ଗୃହଋଣରେ ଉଲ୍ଲେଖନୀୟ ଅଭିବୃଦ୍ଧି ହେଉଛି। ଏପରିକି ଦେଶରେ ଗୃହ ଋଣ ପରିମାଣ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିବାରେ ଲାଗିଛି। ଗତ ୨ ବର୍ଷ ମଧ୍ୟରେ ଗୃହ ଋଣ ପରିମାଣ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ଋଣ ୨୭.୨୩ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ୨୦୨୪ ମାର୍ଚ୍ଚରେ ବାଣିଜ୍ୟିକ ରିୟଲ ଇଷ୍ଟେଟର ଋଣ ୪,୪୮,୧୪୫ କୋଟିରେ ପହଞ୍ଚିଥିବାବେଳେ ୨୦୨୨ ମାର୍ଚ୍ଚରେ ଏହା ମାତ୍ର ୨,୯୭,୨୩୧ କୋଟି ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ରବିବାର ପ୍ରକାଶିତ ତଥ୍ୟରୁ ଏପରି ସୂଚନା ମିଳିଛି। ଆରବିଆଇ ତଥ୍ୟ ଅନୁଯାୟୀ, କୋଭିଡ ୧୯ ପରେ ଗୃହ କ୍ଷେତ୍ରର ଚାହିଦା ବହୁତ ବୃଦ୍ଧି ପାଇଛି। ଆବାସିକ ସମ୍ପତ୍ତି କ୍ରୟରେ ବହୁତ ବୃଦ୍ଧି ଘଟିଛି। ୨୦୨୪ ମାର୍ଚ୍ଚରେ ଗୃହ ପାଇଁ ବକେୟା ଋଣ ୨୭,୨୨,୭୨୦ କୋଟି ଟଙ୍କା ଥିଲା। ୨୦୨୩ ମାର୍ଚ୍ଚରେ ଏହି ସଂଖ୍ୟା ୧୯,୮୮,୫୩୨ କୋଟି ଏବଂ ୨୦୨୨ ମାର୍ଚ୍ଚରେ ୧୭,୨୬,୬୯୭ କୋଟି ଟଙ୍କା ଥିଲା। ଶିଳ୍ପ ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ଗୃହ ବିକ୍ରୟ ଏବଂ ମୂଲ୍ୟରେ ଏକ ବଡ଼ ଧରଣର ବୃଦ୍ଧି ଘଟିଛି। କୋଭିଡ ମହାମାରୀ ପରବର୍ତ୍ତୀ ସମୟରେ ସମସ୍ତ ମୂଲ୍ୟର ଘରଗୁଡିକର ଚାହିଦା ବୃଦ୍ଧି ପାଇଛି। ସୁଲଭ ଘରର ଚାହିଦା ବୃଦ୍ଧିରେ ସରକାରୀ ଉଦ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗୃହ ଋଣର ଏହି ଅଭିବୃଦ୍ଧି ଭବିଷ୍ୟତରେ ମଧ୍ୟ ସୁଦୃଢ଼ ରହିବ ବୋଲି ଆଶା କରାଯାଉଛି। କୋଭିଡ କାରଣରୁ ଅଟକି ରହିଥିବା କ୍ରେତାମାନେ ମଧ୍ୟ ଏହି ସମୟ ମଧ୍ୟରେ ଘର କିଣିଛନ୍ତି। ତେଣୁ ଆଗକୁ ଏହି ଋଣ ପରିମାଣ ୧୫ ରୁ ୨୦ ପ୍ରତିଶତ ହ୍ରାସ ହୋଇପାରେ। ତେବେ ଅର୍ଥନୀତି ବିଶେଷଜ୍ଞଙ୍କ ପ୍ରଥମ ପର୍ଯ୍ୟାୟରେ ସହରଗୁଡିକରେ ୨୦୨୦-୨୧ ଆର୍ଥିକ ବର୍ଷ ପରେ ଘରର ମୂଲ୍ୟ ୫୦ ରୁ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଏହି କାରଣରୁ ପ୍ରତ୍ୟେକ ଘରର ବିକ୍ରୟ ଉପରେ ଋଣ ମଧ୍ୟ ବୃଦ୍ଧି ପାଇଛି।

# ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂ ଆରମ୍ଭ

### ଖୁବ୍‌ଶୀଘ୍ର ନୂଆ ରୂପରେ ବଜାରକୁ ଆସିବ

ଭୁବନେଶ୍ୱର,୬ା୫




ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡ୍ ବା ଏମ୍‌ଏସ୍‌ଆଇଏଲ୍‌ର ବହୁ ପ୍ରତୀକ୍ଷିତ ତଥା ୪ର୍ଥ ପିଢ଼ିର ନୂତନ ମଡେଲ 'ଏପିକ୍ ନ୍ୟୁ ସ୍ୱିଫ୍ଟ'ର ୱାର୍ଲଡ ପ୍ରିମିୟର (ଟ୍ରିଜର) ରିଲିଜ ନିକଟରେ ହୋଇଯାଇଛି। ଏପରିକି ଏହାର ପ୍ରି-ବୁକିଂ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂ ମାତ୍ର ୧୧,୦୦୦ ଟଙ୍କା ରହିଥିଲାବେଳେ କମ୍ପାନୀର ଲକ୍ଷ ଲକ୍ଷ ଗ୍ରାହକ ଓ ଆଶାୟୀ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବା ଏମ୍‌ଏସ୍‌ଆଇଏଲ୍ ପକ୍ଷରୁ କୁହାଯାଇଛି। ସେହିଭଳି ଏପିକ୍ ନ୍ୟୁ ସ୍ୱିଫ୍ଟ ବ୍ରାଣ୍ଡର ସିଗ୍ନେଚର ସ୍ପୋର୍ଟି ଡିଜାଇନ୍ ଉପରେ ନିର୍ମିତ ହୋଇଥିବା ବେଳେ ଏହାର ଗତିଶୀଳତା ଏବଂ ଫନ୍-ଟୁ-ଡ୍ରାଇଭ୍ ଅନୁଭବକୁ ବଢ଼ାଇଥାଏ।

ଏ ସମ୍ପର୍କରେ ଏମ୍‌ଏସ୍‌ଆଇଏଲ୍‌ର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ (ମାର୍କେଟିଂ ଆଣ୍ଡ ସେଲ୍‌ସ) ପାର୍ଥୋ ବାନାର୍ଜୀ କହିଛନ୍ତି, ଆମେ ଆମର ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ଆଶାକୁ ପୁନଃ ନିର୍ଦ୍ଧାରଣ କରିବା ପାଇଁ ପରିବର୍ତ୍ତିତ ସମୟ ସହିତ ବିକଶିତ ହୋଇଥିବା ଏହି ନୂତନ ମଡେଲ ମାରୁତି ସୁଜୁକୀ ପାଇଁ ସ୍ୱିଫ୍ଟ ଏକ ଆଇକନିକ୍ ବ୍ରାଣ୍ଡ ହୋଇଛି। ସେହିଭଳି ବ୍ରାଣ୍ଡର ୨୯ ଲକ୍ଷ ଶକ୍ତିଶାଳୀ ଗ୍ରାହକ ଭିତ୍ତିଭୂମି, ଅନେକ ପୁରସ୍କାର ଏବଂ ପ୍ରଶଂସା ପ୍ରମାଣ କରୁଛି ଯେ ଆଇକନିକ୍ ସ୍ୱିଫ୍ଟ କିପରି ଶକ୍ତିଶାଳୀ ହୋଇପାରିଛି। ସେହିପରି ଏପିକ୍ ନ୍ୟୁ ସ୍ୱିଫ୍ଟ ବ୍ରାଣ୍ଡର ଲୋକପ୍ରିୟ ସ୍ପୋର୍ଟି ଡିଏନ୍‌ଏ ପ୍ରତି ସଚ୍ଚୋଟ ରହୁଥିବା ବେଳେ ପରିବେଶ ଅନୁକୂଳତାର ନୂତନ ଯୁଗର ଆଶାକୁ ଅତ୍ୟଧିକ ନିମ୍ନ ନିର୍ଗମନ ସହିତ ସନ୍ତୁଳିତ କରିଥାଏ।

# ଏଇଏଲ୍‌ର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୬ା୫

ଆଦାନି ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଆଦାନି ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ (ଏଇଏଲ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ଆଲୋଚନା ସହ ୨୦୨୩-୨୪ ଆର୍ଥିକ ବର୍ଷ ଓ ଏହି ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ଇବିଆଇଡିଟିଏ ୩୨% ବୃଦ୍ଧି ଘଟି ୧,୩୪,୨୩୭ କୋଟି ଟଙ୍କା ହୋଇଥିବା ବେଳେ ଟିକସ ପୂର୍ବବର୍ତ୍ତୀ ଲାଭ ୫୬% ବୃଦ୍ଧି ପାଇ ୫୬୪୦ କୋଟି ଟଙ୍କା ହୋଇଛି। ସେହିଭଳି ଏଏନ୍‌ଆଇଏଲ୍‌ର ଇବିଆଇଡିଟିଏ ୪.୫ଗୁଣା ବୃଦ୍ଧି ପାଇ ୨୨୯୬ କୋଟି ଟଙ୍କା ହୋଇଥିବାବେଳେ ବିମାନବନ୍ଦରର ଇବିଆଇଡିଟିଏ ୪୫% ବୃଦ୍ଧି ପାଇ ୨୪୩୭ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ବିମାନ ଯାତ୍ରୀ ସଂଖ୍ୟା ୧୯% ବୃଦ୍ଧି ପାଇ ୮୮.୬ ନିୟୁତରେ ପହଞ୍ଚିଛି। ସେହିପରି ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଚତୁର୍ଥ ତ୍ରୈମାସିକରେ କମ୍ପାନୀର ଇବିଆଇଡିଟିଏ ୩୯୭୪ କୋଟି ଟଙ୍କା ହୋଇଥିବା ବେଳେ ଟିକସ ପୂର୍ବବର୍ତ୍ତୀ ଲାଭ ୧୫୫୪ କୋଟି ଟଙ୍କା ହୋଇଛି। ଏଏନଆଇଏଲ୍‌ର ଇବିଆଇଡିଟିଏ ୬.୨ ଗୁଣା ବୃଦ୍ଧି ପାଇ ୬୪୧ କୋଟି ଟଙ୍କା ହୋଇଥିବା ବେଳେ ବିମାନ ବନ୍ଦର ଇବିଆଇଡିଟିଏ ୧୩୦% ବୃଦ୍ଧି ପାଇ ୬୬୨ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ଏଏନ୍‌ଆଇଏଲ୍ ସୋଲାର ମାନୁଫାକ୍ଟରିଂ ଡିଭିଜନ୍ ପକ୍ଷରୁ ସଫଳତାର ସହ ଭାରତର ପ୍ରଥମ ବୃହତ ମୋନୋକ୍ରିଷ୍ଟାଲିନ୍ ୨ଗିଗାୱାଟ୍ କ୍ଷମତାର ଇନ୍‌ଗଟ୍ ଓ ୱାଫର ୟୁନିଟ୍‌କୁ କାର୍ଯ୍ୟକ୍ଷମ କରାଯାଇଥିଲା। କଚ୍ଛ କପର ଲିମିଟେଡ୍ ଅଧୀନରେ ଆଦାନି କପର ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିଲା,ଯାହା ବୃହତ ପ୍ରକଳ୍ପର ଯୋଜନା ପ୍ରସ୍ତୁତ କରି ରେକର୍ଡ ସମୟ ଭିତରେ ତାହାକୁ କାର୍ଯ୍ୟକାରୀ କରିବାରେ ଆଦାନି ଗ୍ରୁପ୍‌ର ଦକ୍ଷତାକୁ ଦର୍ଶାଉଛି।

## ରାଜ୍ୟ ଖବର

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଗରେ ବଗ! ଧାନ କୁଟିବୁ?**
**ନା ମୋ ନଳୀ ଗୋଡ଼ମାନ ବଙ୍କା;**
**ବଗରେ ବଗ! ମାଛ ଖାଇବୁ,**
**ନା ତେହିଁକି ଆଗ।**

କଷ୍ଟ କରି କାମ କରିବା ଅଥବା ଖାଦ୍ୟ ସଂଗ୍ରହ କରିବାକୁ କହିଲେ କେତେଜଣ ବ୍ୟକ୍ତି ନିଜ ଶରୀର ଦୁର୍ବଳ ହୋଇଥିବା କିମ୍ବା ରୋଗଗ୍ରସ୍ତ ହୋଇଥିବାର ବାହାନା କରିଥାନ୍ତି। ଅଥଚ ସେହି ବ୍ୟକ୍ତିଙ୍କୁ ଭଲ ଭଲ ଜିନିଷ ଜିନିଷ ଆହରଣ କରିବାର ସୁଯୋଗ ମିଳିଗଲେ ଖାଇବା ଲାଗି ଆଗ୍ରହର ସହ ଆଗଭର ହୋଇଯାଇଥାନ୍ତି। କାମ କରିବାକୁ ଅମଙ୍ଗ ବା ଇଚ୍ଛା ରଖୁ ନ ଥିବା ଏପରି ନିକମା ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବଣିଆ ଘଇତା ଯାହାର,**
**ନିତି ନୂଆ ଅଳଙ୍କାର ତାହାର।**

ସ୍ୱାମୀ ଯାହାର ସୁନା ରୁପା ବ୍ୟବସାୟ କରେ, ତା' ପାଇଁ ନୂଆ ଅଳଙ୍କାର ଅପୂର୍ବ ହୋଇ ନ ଥାଏ। ପରୋକ୍ଷରେ ସ୍ୱାମୀ ଯୋଗ୍ୟ ହୋଇଥିଲେ ସ୍ତ୍ରୀ ସର୍ବସୁଖ ଲାଭ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




ଭୁବନେଶ୍ୱରସ୍ଥିତ ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନର ୬୧ ତମ ବାର୍ଷିକ ଉତ୍ସବରେ ସୋମବାର ରାଜ୍ୟପାଳ ରଘୁବର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ ଭିତ୍ତିହୀନ: ଏନ୍‌ଟିଏ

ଭୁବନେଶ୍ୱର, ୬ା୫(ଅସମାପିକା ସାହୁ)

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ରବିବାର ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଥିଲା। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଘୂରିବୁଲୁଥିବା ନେଇ ଦେଶର ବିଭିନ୍ନ ସହରରେ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ତେବେ ଏହାକୁ ଖଣ୍ଡନ କରିଛି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)। ଏନ୍‌ଟିଏ ପକ୍ଷରୁ ଏ ନେଇ ସୋମବାର ସ୍ପଷ୍ଟୀକରଣ ଦିଆଯାଇଛି। କୌଣସି ବି ପରୀକ୍ଷା କେନ୍ଦ୍ରରେ ଗେଟ୍ ବନ୍ଦ ହେବା ପରେ ଜଣେ ବି ବାହାର ଲୋକ ପଶିନଥିବା ସିସି କ୍ୟାମେରାରେ ଦେଖାଯାଇଛି। ଏଥିସହିତ ପରୀକ୍ଷା ହୋଇଥିବା ପ୍ରଶ୍ନପତ୍ର ସହିତ ସୋସିଆଲ ମିଡିଆରେ ଭାଇରାଲ ପ୍ରଶ୍ନପତ୍ର ସମାନ ନୁହେଁ। ତେଣୁ ଏହି ଅଭିଯୋଗ ଭିତ୍ତିହୀନ ବୋଲି ଏନ୍‌ଟିଏ ସ୍ପଷ୍ଟ କରିଛି। ଏଥିସହିତ ଛାତ୍ରୀଛାତ୍ର, ଅଭିଭାବକ ଏହି ଗୁଜବକୁ ବିଶ୍ୱାସ ନ କରିବାକୁ ଏନ୍‌ଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେପଟେ ଏହି ପ୍ରଶ୍ନପତ୍ର ଲିକ୍ ଘଟଣାରେ ପାଟଣା ପୋଲିସ ୬ରୁ ୭ଜଣ ଲୋକଙ୍କୁ ଅଟକ ରଖିଥିବା ଜାତୀୟ ଗଣମାଧ୍ୟମରୁ ସୂଚନା ମିଳିଛି।

# ୯୧ ହଜାର ଟଙ୍କାରେ ବିକ୍ରି ନାବାଳିକା ହରିୟାଣାରୁ ଉଦ୍ଧାର

ମୁନିଗୁଡ଼ା,୬ା୫
(ନନ୍ଦ କିଶୋର ପଟ୍ଟନାୟକ)

### ଜଣେ ମହିଳାଙ୍କ ସହ ୨ ଦଲାଲ କୋର୍ଟଚାଲାଣ

ରାୟଗଡ଼ା ଜିଲା ମୁନିଗୁଡ଼ାରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ହରିୟାଣା ଜିନ୍ଦ ଜିଲାରୁ ସୋମବାର ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଜଣେ ମହିଳା ଓ ପୁରୁଷ ଦଲାଲଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମୁନିଗୁଡା ଥାନା ଅନ୍ତର୍ଗତ ଖଜୁରିପଦରର ସାଇବତୀ କିଲ୍ଲାକା (୪୩) ଓ ଟିକର୍ପଡ଼ାର ଗୋପାଳ ନାଗ (୫୩)। ଦଲାଲ ଦ୍ୱୟ ନାବାଳିକାଙ୍କୁ ସେଠାରେ ବିବାହ ପାଇଁ ୯୧ହଜାର ଟଙ୍କାରେ ବିକ୍ରି କରିଥିବା ତଦନ୍ତ ବେଳେ ଜଣାପଡିଛି। ପୋଲିସ ୨ ଅଭିଯୁକ୍ତଙ୍କ ନାମରେ ନଂ.୭୭/୨୪ରେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ବିଷମକଟକ ଥାନା ଅଞ୍ଚଳର ଜଣେ ନାବାଳିକା ମାର୍ଚ୍ଚ ୧ରେ ମୁନିଗୁଡ଼ା ଥାନା ଅନ୍ତର୍ଗତ ଖଜୁରିପଦର ଗ୍ରାମକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ବାହାଘରକୁ ଆସିଥିଲେ। ଏହାର ୨ ଦିନ ପରେ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ଓ ସମ୍ପର୍କୀୟମାନେ ଖୋଜାଖୋଜି କରିବା ପରେ ଝିଅ ନ ମିଳିବାରୁ ମେ ୧ରେ ମୁନିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ଏସ୍‌ଆଇ ମନୋରଞ୍ଜନ ବିଶ୍ୱାଳ ଘଟଣାର ତଦନ୍ତ କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ହରିୟାନାର ଜିନ୍ଦ ଜିଲାକୁ ଯାଇ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ପୋଲିସ ୨୩,୨୮୦ଟଙ୍କା, ୩ଟି ମୋବାଇଲ ଫୋନ୍ ଜବତ କରିଛି। ଏଥିସହ ଏହି ମାମଲାରେ ସମ୍ପୃକ୍ତ ଥିବା ମୁନିଗୁଡାର ଜଣେ ଆଧାରକେନ୍ଦ୍ର ମାଲିକଙ୍କଠାରୁ ଗୋଟେ ଲାପ୍‌ଟପ୍, ପ୍ରିଣ୍ଟର ଓ ପ୍ରିଣ୍ଟିଂ ମେଶିନ ଜବତ କରିବା ସହ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ମୁନିଗୁଡ଼ା ପୋଲିସ ସୋମବାର ନାବାଳିକାଙ୍କୁ ତାଙ୍କ ଘରକୁ ପଠାଇ ଦେଇଛି। ଯେଉଁଠୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା, ସେମାନେ ନାବାଳିକା ଜାଣିବା ପରେ ତାଙ୍କ ପ୍ରତି ଦୁର୍ବ୍ୟବହାର କରି ନ ଥିବା ପୋଲିସ ସୂଚନା ଦେଇଛି। ଯୁବତୀ ଚାଲାଣ ର୍‍ୟାକେଟ୍‌ରେ ଅନ୍ୟ କେହି ସମ୍ପୃକ୍ତ ଥାଇପାରନ୍ତି ସନ୍ଦେହ କରି ଘଟଣାର ତଦନ୍ତ କରାଯାଉଥିବା ମୁନିଗୁଡା ଆଇଆଇସି ସୌଦାମିନୀ ବେହେରା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ବଲାଙ୍ଗୀରରେ ଅଗ୍ନିବର୍ଷା, କର୍ଫ୍ୟୁ ସ୍ଥିତି

ବଲାଙ୍ଗୀର,୬ା୫
(ବୀରେନ୍ଦ୍ର କୁମାର ଝାଙ୍କର)

- ବଲାଙ୍ଗୀର ସହର ତାପମାତ୍ରା ୪୪.୫ ଡିଗ୍ରୀ
- ନିର୍ବାଚନୀ ପ୍ରଚାର କାର୍ଯ୍ୟ ପ୍ରଭାବିତ
- ଗଛଛାଇରେ ଅଟକି ରହୁଛନ୍ତି ପଥଚାରୀ, ଗୋରୁ
- ଖରାରୁ ରକ୍ଷା ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ ଦାବି

ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ତାପମାତ୍ରା ବୃଦ୍ଧି ବଲାଙ୍ଗୀରବାସୀଙ୍କୁ କଲବଲ କରୁଛି। ସୋମବାର ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ବଲାଙ୍ଗୀର ସହରରେ ରେକର୍ଡ କରାଯାଇଛି। ବଲାଙ୍ଗୀର ସହରରେ ତାପମାତ୍ରା ୪୪.୫ ଡିଗ୍ରୀ ଓ ଟିଟିଲାଗଡ଼ ସହରର ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ଜିଲାର ଅନ୍ୟ ସହରାଞ୍ଚଳ କଣ୍ଟାବାଞ୍ଜି, ପାଟଣାଗଡ଼, ତୁଷୁରା ଓ ସମସ୍ତ ଗ୍ରାମାଞ୍ଚଳରେ ତାପମାତ୍ରା ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରି ପକାଇଲାଣି। ବଲାଙ୍ଗୀର ସହରରେ ଏପ୍ରିଲ ୧୧ ପରଠାରୁ ବର୍ଷା ହୋଇନାହିଁ। ଦୀର୍ଘ ୨୫ ଦିନ ହେଲା ଲଗାତର ତାପମାତ୍ରା ବୃଦ୍ଧି ଏବଂ ପ୍ରଚଣ୍ଡ ଖରା ଲୋକଙ୍କୁ ଉହଳ ବିକଳ କରୁଛି। ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିଲେ ଲୋକଙ୍କ ମୁହଁ ପୋଡିଯାଉଛି। ଫଳରେ ଲୋକେ ଦିନବେଳା ଘରୁ ବାହାରିବାକୁ ଭୟ କରୁଛନ୍ତି। ବିଶେଷ କରି ପଥଚାରୀ ଓ ଯାତ୍ରୀମାନେ କୌଣସି ସ୍ଥାନକୁ ଯିବା ଆସିବା ବେଳେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋଟର ସାଇକେଲ, ଯାତ୍ରୀବାହୀ ବସ୍ ଏବଂ ଅନ୍ୟାନ୍ୟ ଯାନବାହନରେ ଯିବା ଆସିବା ବେଳେ ଲୋକେ ମୁହଁରେ ଗାମୁଛା ଘୋଡ଼େଇ ହେବା ସହ ଗଛ ଛାଇରେ କିଛି ସମୟ ଅଟକୁଥିବା ଦେଖିବାକୁ ମିଳୁଛି।

ପ୍ରଚଣ୍ଡ ଖରା ଯୋଗୁ ଗାଁରୁ ଲୋକେ ସହରକୁ ଆସୁ ନ ଥିବାରୁ ସହର ରାସ୍ତାଘାଟ ଖାଁ ଖାଁ ଲାଗୁଛି। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସହରରେ କର୍ଫ୍ୟୁ ଭଳି ସ୍ଥିତି ଦେଖାଯାଉଛି। ଲୋକେ ଜରୁରୀ କାମ ନ ଥିଲେ ଘରୁ ବାହାରୁ ନାହାନ୍ତି। ଅପରାହ୍ନ ୫ଟା ପରେ ଘରୁ ବାହାରିବାକୁ ନିରାପଦ ମଣୁଛନ୍ତି। ଏବେ ନିର୍ବାଚନୀ ପ୍ରଚାର ମାହୋଲ ଜମିବାରେ ଲାଗିଥିଲେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପ୍ରଚାର କାର୍ଯ୍ୟକୁ ପ୍ରଭାବିତ କରିଛି। ବିଭିନ୍ନ ଦଳର ନେତା, କର୍ମୀ ଓ ସମର୍ଥକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରଚାର କରିପାରୁ ନ ଥିବା ଦେଖାଯାଉଛି। ପ୍ରାର୍ଥୀ ଓ କର୍ମୀ ବିଭିନ୍ନ ସ୍ଥାନରେ ଛାଇରେ ଅଟକି ରହୁଥିବା ଦେଖାଯାଉଛି। ବଲାଙ୍ଗୀର ସହର ଭିତରେ ରାସ୍ତା କଡ଼ରେ ପୂର୍ବଭଳି ଗଛ ନ ଥିବାରୁ ତାପମାତ୍ରା ବୃଦ୍ଧି ଅଧିକ ଅନୁଭୂତ ହେଉଛି। ବଲାଙ୍ଗୀର ସହର ମୁଖ୍ୟ ମାର୍କେଟ ନିକଟରେ ରାସ୍ତାକଡ଼ରେ ଗଛ ନ ଥିବାରୁ ଲୋକେ କେଉଁଠି ଠିଆ ହୋଇପାରୁ ନାହାନ୍ତି। ମୋଟର ସାଇକଲ ଓ ଗାଡି ପାର୍କିଂରେ ଅସୁବିଧା ସୃଷ୍ଟି ହେଉଛି। କୌଣସି ଜରୁରୀ କାମରେ ବାହାରିଲେ ସହରରେ ଆଶ୍ରୟ ସ୍ଥଳୀ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଜରୁରୀ କାମରେ ଖରାରେ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ଅଂଶୁଘାତ ଭୟ ଲାଗିରହିଛି। ଅନେକ ଗାଁରେ ଗାଧୋଇବାକୁ ପାଣି ନାହିଁ। ପିଇବା ପାଣି ମିଳୁ ନ ଥିବାରୁ ଲୋକେ ବାଧହୋଇ ଖରାରେ ଦୂରଦୂରାନ୍ତକୁ ଯାଇ ପାଣି ସଂଗ୍ରହ କରୁଛନ୍ତି। ଗନ୍ଧମାର୍ଦ୍ଦନ ଜଙ୍ଗଲ ଅଞ୍ଚଳରେ ମଧ୍ୟ ଉତ୍ତାପ ବୃଦ୍ଧି ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି।



ପ୍ରଚଣ୍ଡ ଖରା ଯୋଗୁ ବଲାଙ୍ଗୀର ସହର ରାସ୍ତାଘାଟ ଶୂନଶାନ୍ ହୋଇପଡିଛି।

# ଅଗଷ୍ଟରେ ୪ଜି ସେବା ଆରମ୍ଭ କରିବ ବିଏସ୍ଏନ୍ଏଲ୍

ନୂଆଦିଲ୍ଲୀ,୬।୫ (ଅଭୟ ଦାଶ)

ଚଳିତ ବର୍ଷ ଅଗଷ୍ଟରେ ଭାରତ ସଞ୍ଚାର ନିଗମ ଲିମିଟେଡ ବା ବିଏସ୍ଏନ୍ଏଲ୍ ୪ଜି ସେବା ଆନୁଷ୍ଠାନିକ ଭାବେ ସର୍ବଭାରତୀୟ ସ୍ତରରେ ଆରମ୍ଭ କରିବ ବୋଲି ଜାତୀୟ ଗଣମାଧ୍ୟମରେ ଆଲୋଚନା ଓ ଚର୍ଚ୍ଚା ହେଉଛି। ଏପରିକି ବିଏସ୍ଏନ୍ଏଲ୍ ସାରା ଦେଶରେ ୪ଜି ସେବା ଆରମ୍ଭ କରିବାକୁ ଯାଉଛି ବୋଲି ସରକାରୀ ସୂତ୍ରରୁ ଜଣାପଡିଛି। ସେହିଭଳି ବିଏସ୍ଏନ୍ଏଲ୍‌ର ୪ଜି ସେବାକୁ ନେଇ ରହିଥିବା କଳ୍ପନା-ଜଳ୍ପନା ଓ ବହୁ ପ୍ରଶ୍ନବାଚୀ ପରେ ମଧ୍ୟ ବିଏସଏନଏଲର ଅଧିକାରୀମାନେ ଦାବି କରିଛନ୍ତି, ବ୍ରାଣ୍ଡର ୪ଜି ନେଟୱର୍କରେ ଅନେକ ପ୍ରକାର ସୁବିଧା ସାଙ୍ଗକୁ ପ୍ରତି ସେକେଣ୍ଡରେ ୪୦-୪୫ ମେଗାବିଟ ଶିଖର ଗତି ରେକର୍ଡ କରାଯାଇଛି, ଯାହା ପାଇଲଟ ପର୍ଯ୍ୟାୟରେ ୭୦୦ ମେଗାହର୍ଜ (ଏମ୍ଏଚ୍ଜେଡ/ Mhz)ର ପ୍ରିମିୟମ ସ୍ପେକ୍ଟ୍ରମ ବ୍ୟାଣ୍ଡରେ ରୋଲ କରାଯାଇଛି। ସେହିପରି ଦେଶର ପ୍ରମୁଖ ଆଇଟି କମ୍ପାନୀ ଟାଟା କନସଲଟାଣ୍ଟି ସର୍ଭିସ ବା ଟିସିଏସ୍ ଏବଂ ରାଷ୍ଟ୍ରାୟତ୍ତ ଟେଲିକମ୍ ଅନୁସନ୍ଧାନ ସଂଗଠନ ସି-ଡଟ୍-ନେତୃତ୍ୱାଧୀନ କନ୍ସୋର୍ଟିୟମ୍ ଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳର ବିକଶିତ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ପଞ୍ଜାବରେ କମ୍ପାନୀ ୪ଜି ସେବା ଆରମ୍ଭ କରିଛି ଏବଂ ପ୍ରାୟ ୮ ଲକ୍ଷ ଗ୍ରାହକଙ୍କୁ ବୋର୍ଡରେ ରଖିଛି। ଏପରିକି ସି-ଡଟ୍ ଦ୍ୱାରା ବିକଶିତ ୪ଜି କୋର ପଞ୍ଜାବର ବିଏସ୍ଏନ୍ଏଲ ନେଟୱର୍କରେ ବହୁତ ଭଲ ପ୍ରଦର୍ଶନ କରୁଛି। ବିଶେଷ କରି ଏହା ଗତ ବର୍ଷ ଜୁଲାଇରେ ସ୍ଥାପିତ ହୋଇଥିଲା। ଏହିପରି ଜଟିଳ ପ୍ରଯୁକ୍ତିବିଦ୍ୟାର ସଫଳତା ପ୍ରମାଣ କରିବାକୁ ଅତି କମରେ ୧୨ ମାସ ସମୟ ଲାଗିଥାଏ। କିନ୍ତୁ ସି-ଡଟ-କୋର ୧୦ମାସ ମଧ୍ୟରେ ଏହାକୁ ପ୍ରମାଣିତ କରିପାରିଛି। ଅପରପକ୍ଷରେ ଆଉ କିଛି ମାସ ମଧ୍ୟରେ ବିଏସ୍ଏନ୍ଏଲ୍ ଆଟମାନୀର ୪ଜି ଟେକ୍ନୋଲୋଜି ଲଞ୍ଚ କରିବ ବୋଲି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଜାତୀୟ ଗଣମାଧ୍ୟମକୁ ବିସ୍ତୃତ ଭାବେ କହିଛନ୍ତି।

ସମଗ୍ର ଭାରତରେ ୪ଜି ଏବଂ ୫ଜି ସେବା ପାଇଁ ବିଏସ୍ଏନ୍ଏଲ ୧.୧୨ ଲକ୍ଷ ଟାୱାର ନିୟୋଜନ ପ୍ରକ୍ରିୟାରେ ଅଛି। କମ୍ପାନୀ ସାରା ଦେଶରେ ୪ଜି ସେବା ପାଇଁ ୯,୦୦୦ରୁ ଅଧିକ ଟାୱାର ସ୍ଥାପନ କରିଛି, ସେଥିମଧ୍ୟରୁ ପଞ୍ଜାବ, ହିମାଚଳ ପ୍ରଦେଶ, ୟୁପି ୱେଷ୍ଟ ଏବଂ ହରିୟାଣା ସର୍କଲରେ ୬,୦୦୦ରୁ ଅଧିକ ଟାୱାର ସକ୍ରିୟ ଅଛି। ବିଏସ୍ଏନ୍ଏଲ ଗତ ୪-୫ବର୍ଷ ମଧ୍ୟରେ ୪ଜି ସକ୍ଷମ ସିମ ବିକ୍ରି କରୁଛି। କେବଳ ସେହି ଗ୍ରାହକମାନଙ୍କର ପୁରୁଣା ସିମ୍ ଥିବା ଏହି ସେବାକୁ ଅନୁଭବ କରିବା ପାଇଁ ନୂତନ ସିମ୍ ପାଇବାକୁ ପଡ଼ିବ ବୋଲି ବିଏସ୍ଏନ୍ଏଲ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ଶେୟାର ବଜାର ନିବେଶକ ନିରୁତ୍ସାହିତ

ନୂଆଦିଲ୍ଲୀ,୬।୫

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇପଡିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୧୭ (୧୭.୩୯) ପଏଣ୍ଟ ବୃଦ୍ଧି ପାଇ ୭୩,୮୯୬ (୭୩,୮୯୫.୫୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୩ (୩୩.୧୫) ପଏଣ୍ଟ ହ୍ରାସ ଘଟି ୨୨,୪୪୩ (୨୨,୪୪୨.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଟିପିସିଓଡିଏଲ୍ ପକ୍ଷରୁ ଟିଏମ୍ୟୁର ଶୁଭାରମ୍ଭ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୬।୫

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ ତଥା ନୂତନ ଜ୍ଞାନକୌଶଳରେ ନିର୍ମିତ ଟ୍ରାନ୍ସଫର୍ମର ମନିଟରିଂ ୟୁନିଟ୍ ବା ଟିଏମ୍ୟୁର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଉନ୍ନତ ବୈଷୟିକ ସମାଧାନ ମାଧ୍ୟମରେ କମ୍ପାନୀ ଗୁଣାତ୍ମକ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି, ଗ୍ରାହକ ସେବାରେ ଉନ୍ନତି ଆଣିବାକୁ କମ୍ପାନୀ ନିରନ୍ତର ପ୍ରୟାସ କରୁଛି। ଟିପିସିଓଡିଏଲ୍ ପକ୍ଷରୁ ନିକଟରେ ଟ୍ୱିନ୍‌ସିଟି ଭୁବନେଶ୍ୱର ଓ କଟକଠାରେ ଥିବା ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେଶନରେ ଅତ୍ୟାଧୁନିକ ଟିଏମ୍ୟୁର ବ୍ୟବହାର ଆରମ୍ଭ କରିଛି। ବିଶେଷକରି ଏହା ଏକା ସମୟରେ ଅନୁଧ୍ୟାନ, ନିୟନ୍ତ୍ରଣ ଏବଂ ଯୋଗାଯୋଗର ଏକ ଅସାଧାରଣ ମିଶ୍ରଣ ପ୍ରଦାନ କରୁଛି। ଏହି ବୈଷୟିକ ଉପକରଣ ଭୋଲଟେଜ୍, କରେଣ୍ଟ, ଗ୍ୟାସ୍, ଅନଲୋଡ୍ ଟ୍ୟାପ୍ ଚେଞ୍ଜର, ତୈଳ ଏବଂ ୱାଇଣ୍ଡିଂ ତାପମାତ୍ରା ପରି ଟ୍ରାନ୍ସଫର୍ମର ମାନଦଣ୍ଡଗୁଡିକ ବିଷୟରେ ବାସ୍ତବ ସମୟ ସୂଚନା ପ୍ରଦାନ କରୁଛି। ସେହିଭଳି ଟ୍ରାନ୍ସଫର୍ମର ମନିଟରିଂ ୟୁନିଟ୍‌ଗୁଡ଼ିକ ତ୍ରୁଟିକୁ ଶୀଘ୍ର ଚିହ୍ନଟ କରିବାରେ ଏବଂ ୩୩/୧୧ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରର ବିଫଳତାକୁ ଏଡାଇବାରେ ମଧ୍ୟ ସାହାଯ୍ୟ କରିବ। ଏହି ଟିଏମ୍ୟୁଗୁଡିକ ପାରମ୍ପରିକ ପ୍ୟାନେଲ ସୁଇଚ୍, ତାପମାତ୍ରା ମାପକ ଏବଂ ଲାଟିଂ ରିଲେର ସ୍ଥାନ ନେଇଛି, କୌଣସି ମାନବୀୟ ହସ୍ତକ୍ଷେପ ବିନା ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଲଟେଜ୍ ବଢ଼ାଇବା/କମାଇବା ପାଇଁ ସେଗୁଡ଼ିକୁ ପ୍ରସ୍ତୁତ କରାଯାଇଛି।

## ଗୃହଋଣରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୬।୫(ଅନୁରାଧା ମହାରଣା)

କ୍ରମାଗତ ଭାବେ ଗୃହଋଣରେ ଉଲ୍ଲେଖନୀୟ ଅଭିବୃଦ୍ଧି ହେଉଛି। ଏପରିକି ଦେଶରେ ଗୃହ ଋଣ ପରିମାଣ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିବାରେ ଲାଗିଛି। ଗତ ୨ ବର୍ଷ ମଧ୍ୟରେ ଗୃହ ଋଣ ପରିମାଣ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ଋଣ ୨୭.୨୩ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ୨୦୨୪ ମାର୍ଚ୍ଚରେ ବାଣିଜ୍ୟିକ ରିୟଲ ଇଷ୍ଟେଟର ଋଣ ୪,୪୮,୧୪୫ କୋଟିରେ ପହଞ୍ଚିଥିବାବେଳେ ୨୦୨୨ ମାର୍ଚ୍ଚରେ ଏହା ମାତ୍ର ୨,୯୭,୨୩୧ କୋଟି ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ରବିବାର ପ୍ରକାଶିତ ତଥ୍ୟରୁ ଏପରି ସୂଚନା ମିଳିଛି। ଆରବିଆଇ ତଥ୍ୟ ଅନୁଯାୟୀ, କୋଭିଡ ୧୯ ପରେ ଗୃହ କ୍ଷେତ୍ରର ଚାହିଦା ବହୁତ ବୃଦ୍ଧି ପାଇଛି। ଆବାସିକ ସମ୍ପତ୍ତି କ୍ରୟରେ ବହୁତ ବୃଦ୍ଧି ଘଟିଛି। ୨୦୨୪ ମାର୍ଚ୍ଚରେ ଗୃହ ପାଇଁ ବକେୟା ଋଣ ୨୭,୨୨,୭୨୦ କୋଟି ଟଙ୍କା ଥିଲା। ୨୦୨୩ ମାର୍ଚ୍ଚରେ ଏହି ସଂଖ୍ୟା ୧୯,୮୮,୫୩୨ କୋଟି ଏବଂ ୨୦୨୨ ମାର୍ଚ୍ଚରେ ୧୭,୨୬,୬୯୭ କୋଟି ଟଙ୍କା ଥିଲା। ଶିଳ୍ପ ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ଆର୍ଥିକ ବର୍ଷରେ ଗୃହ ବିକ୍ରୟ ଏବଂ ମୂଲ୍ୟରେ ଏକ ବଡ଼ ଧରଣର ବୃଦ୍ଧି ଘଟିଛି। କୋଭିଡ ମହାମାରୀ ପରବର୍ତ୍ତୀ ସମୟରେ ସମସ୍ତ ମୂଲ୍ୟର ଘରଗୁଡିକର ଚାହିଦା ବୃଦ୍ଧି ପାଇଛି। ସୁଲଭ ଘରର ଚାହିଦା ବୃଦ୍ଧିରେ ସରକାରୀ ଉଦ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗୃହ ଋଣର ଏହି ଅଭିବୃଦ୍ଧି ଭବିଷ୍ୟତରେ ମଧ୍ୟ ସୁଦୃଢ଼ ରହିବ ବୋଲି ଆଶା କରାଯାଉଛି। କୋଭିଡ କାରଣରୁ ଅଟକି ରହିଥିବା କ୍ରେତାମାନେ ମଧ୍ୟ ଏହି ସମୟ ମଧ୍ୟରେ ଘର କିଣିଛନ୍ତି। ତେଣୁ ଆଗକୁ ଏହି ଋଣ ପରିମାଣ ୧୫ ରୁ ୨୦ ପ୍ରତିଶତ ହ୍ରାସ ହୋଇପାରେ। ତେବେ ଅର୍ଥନୀତି ବିଶେଷଜ୍ଞଙ୍କ ପ୍ରଥମ ପର୍ଯ୍ୟାୟରେ ସହରଗୁଡିକରେ ୨୦୨୦-୨୧ ଆର୍ଥିକ ବର୍ଷ ପରେ ଘରର ମୂଲ୍ୟ ୫୦ ରୁ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଏହି କାରଣରୁ ପ୍ରତ୍ୟେକ ଘରର ବିକ୍ରୟ ଉପରେ ଋଣ ମଧ୍ୟ ବୃଦ୍ଧି ପାଇଛି।

## ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂ ଆରମ୍ଭ

**ଖୁବ୍‌ଶୀଘ୍ର ନୂଆ ରୂପରେ ବଜାରକୁ ଆସିବ**

ଭୁବନେଶ୍ୱର,୬।୫




ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡ୍ ବା ଏମ୍ଏସ୍ଆଇଏଲ୍‌ର ବହୁ ପ୍ରତୀକ୍ଷିତ ତଥା ୪ର୍ଥ ପିଢ଼ିର ନୂତନ ମଡେଲ 'ଏପିକ୍ ନ୍ୟୁ ସ୍ୱିଫ୍ଟ'ର ୱାର୍ଲଡ ପ୍ରିମିୟର (ଟ୍ରିଜର) ରିଲିଜ ନିକଟରେ ହୋଇଯାଇଛି। ଏପରିକି ଏହାର ପ୍ରି-ବୁକିଂ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂ ମାତ୍ର ୧୧,୦୦୦ ଟଙ୍କା ରହିଥିଲାବେଳେ କମ୍ପାନୀର ଲକ୍ଷ ଲକ୍ଷ ଗ୍ରାହକ ଓ ଆଶାୟୀ ଗ୍ରାହକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବା ଏମ୍ଏସ୍ଆଇଏଲ୍ ପକ୍ଷରୁ କୁହାଯାଇଛି। ସେହିଭଳି ଏପିକ୍ ନ୍ୟୁ ସ୍ୱିଫ୍ଟ ବ୍ରାଣ୍ଡର ସିଗ୍ନେଚର ସ୍ପୋର୍ଟି ଡିଜାଇନ୍ ଉପରେ ନିର୍ମିତ ହୋଇଥିବା ବେଳେ ଏହାର ଗତିଶୀଳତା ଏବଂ ଫନ୍-ଟୁ-ଡ୍ରାଇଭ୍ ଅନୁଭବକୁ ବଢ଼ାଇଥାଏ।

ଏ ସମ୍ପର୍କରେ ଏମ୍ଏସ୍ଆଇଏଲ୍‌ର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ (ମାର୍କେଟିଂ ଆଣ୍ଡ ସେଲ୍‌ସ) ପାର୍ଥୋ ବାନାର୍ଜୀ କହିଛନ୍ତି, ଆମେ ଆମର ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ଆଶାକୁ ପୁନଃ ନିର୍ଦ୍ଧାରଣ କରିବା ପାଇଁ ପରିବର୍ତ୍ତିତ ସମୟ ସହିତ ବିକଶିତ ହୋଇଥିବା ଏହି ନୂତନ ମଡେଲ ମାରୁତି ସୁଜୁକୀ ପାଇଁ ସ୍ୱିଫ୍ଟ ଏକ ଆଇକନିକ୍ ବ୍ରାଣ୍ଡ ହୋଇଛି। ସେହିଭଳି ବ୍ରାଣ୍ଡର ୨୯ ଲକ୍ଷ ଶକ୍ତିଶାଳୀ ଗ୍ରାହକ ଭିତ୍ତିଭୂମି, ଅନେକ ପୁରସ୍କାର ଏବଂ ପ୍ରଶଂସା ପ୍ରମାଣ କରୁଛି ଯେ ଆଇକନିକ୍ ସ୍ୱିଫ୍ଟ କିପରି ଶକ୍ତିଶାଳୀ ହୋଇପାରିଛି। ସେହିପରି ଏପିକ୍ ନ୍ୟୁ ସ୍ୱିଫ୍ଟ ବ୍ରାଣ୍ଡର ଲୋକପ୍ରିୟ ସ୍ପୋର୍ଟି ଡିଏନ୍ଏ ପ୍ରତି ସଚ୍ଚୋଟ ରହୁଥିବା ବେଳେ ପରିବେଶ ଅନୁକୂଳତାର ନୂତନ ଯୁଗର ଆଶାକୁ ଅତ୍ୟଧିକ ନିମ୍ନ ନିର୍ଗମନ ସହିତ ସନ୍ତୁଳିତ କରିଥାଏ।

## ଏଇଏଲ୍‌ର ଆର୍ଥିକ ଫଳାଫଳ

ଭୁବନେଶ୍ୱର,୬।୫

ଆଦାନି ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଆଦାନି ଏଣ୍ଟରପ୍ରାଇଜେସ୍ ଲିମିଟେଡ୍ (ଏଇଏଲ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ବିଷୟର ବିସ୍ତୃତ ଆଲୋଚନା ସହ ୨୦୨୩-୨୪ ଆର୍ଥିକ ବର୍ଷ ଓ ଏହି ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ,୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ଇବିଆଇଡିଟିଏ ୩୨% ବୃଦ୍ଧି ଘଟି ୧,୩୪,୨୩୭ କୋଟି ଟଙ୍କା ହୋଇଥିବା ବେଳେ ଟିକସ ପୂର୍ବବର୍ତ୍ତୀ ଲାଭ ୫୬% ବୃଦ୍ଧି ପାଇ ୫୬୪୦ କୋଟି ଟଙ୍କା ହୋଇଛି। ସେହିଭଳି ଏଏନ୍ଆଇଏଲ୍‌ର ଇବିଆଇଡିଟିଏ ୪.୫ଗୁଣା ବୃଦ୍ଧି ପାଇ ୨୨୯୬ କୋଟି ଟଙ୍କା ହୋଇଥିବାବେଳେ ବିମାନବନ୍ଦରର ଇବିଆଇଡିଟିଏ ୪୫% ବୃଦ୍ଧି ପାଇ ୨୪୩୭ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ବିମାନ ଯାତ୍ରୀ ସଂଖ୍ୟା ୧୯% ବୃଦ୍ଧି ପାଇ ୮୮.୬ ନିୟୁତରେ ପହଞ୍ଚିଛି। ସେହିପରି ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଚତୁର୍ଥ ତ୍ରୈମାସିକରେ କମ୍ପାନୀର ଇବିଆଇଡିଟିଏ ୩୯୭୪ କୋଟି ଟଙ୍କା ହୋଇଥିବା ବେଳେ ଟିକସ ପୂର୍ବବର୍ତ୍ତୀ ଲାଭ ୧୫୫୪ କୋଟି ଟଙ୍କା ହୋଇଛି। ଏଏନଆଇଏଲ୍‌ର ଇବିଆଇଡିଟିଏ ୬.୨ ଗୁଣା ବୃଦ୍ଧି ପାଇ ୬୪୧ କୋଟି ଟଙ୍କା ହୋଇଥିବା ବେଳେ ବିମାନ ବନ୍ଦର ଇବିଆଇଡିଟିଏ ୧୩୦% ବୃଦ୍ଧି ପାଇ ୬୬୨ କୋଟି ଟଙ୍କା ହୋଇଛି। ଏହି ସମୟ ମଧ୍ୟରେ ଏଏନ୍ଆଇଏଲ୍ ସୋଲାର ମାନୁଫାକ୍ଚରିଂ ଡିଭିଜନ୍ ପକ୍ଷରୁ ସଫଳତାର ସହ ଭାରତର ପ୍ରଥମ ବୃହତ ମୋନୋକ୍ରିଷ୍ଟାଲିନ୍ ୨ଗିଗାୱାଟ୍ କ୍ଷମତାର ଇନ୍‌ଗଟ୍ ଓ ୱାଫର ୟୁନିଟ୍‌କୁ କାର୍ଯ୍ୟକ୍ଷମ କରାଯାଇଥିଲା। କଚ୍ଛ କପର ଲିମିଟେଡ୍ ଅଧୀନରେ ଆଦାନି କପର ୟୁନିଟ୍ କାର୍ଯ୍ୟକ୍ଷମ ହୋଇଥିଲା,ଯାହା ବୃହତ ପ୍ରକଳ୍ପର ଯୋଜନା ପ୍ରସ୍ତୁତ କରି ରେକର୍ଡ ସମୟ ଭିତରେ ତାହାକୁ କାର୍ଯ୍ୟକାରୀ କରିବାରେ ଆଦାନି ଗ୍ରୁପ୍‌ର ଦକ୍ଷତାକୁ ଦର୍ଶାଉଛି।

## ରାଜ୍ୟ ଖବର



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଗରେ ବଗ! ଧାନ କୁଟିବୁ?**
**ନା ମୋ ନଳୀ ଗୋଡ଼ମାନ ବଙ୍କା;**
**ବଗରେ ବଗ! ମାଛ ଖାଇବୁ,**
**ନା ତେହିଁକି ଆଗ।**

କଷ୍ଟ କରି କାମ କରିବା ଅଥବା ଖାଦ୍ୟ ସଂଗ୍ରହ କରିବାକୁ କହିଲେ କେତେଜଣ ବ୍ୟକ୍ତି ନିଜ ଶରୀର ଦୁର୍ବଳ ହୋଇଥିବା କିମ୍ବା ରୋଗଗ୍ରସ୍ତ ହୋଇଥିବାର ବାହାନା କରିଥାନ୍ତି। ଅଥଚ ସେହି ବ୍ୟକ୍ତିଙ୍କୁ ଭଲ ଭଲ ଜିନିଷ ଜିନିଷ ଆହରଣ କରିବାର ସୁଯୋଗ ମିଳିଗଲେ ଖାଇବା ଲାଗି ଆଗ୍ରହର ସହ ଆଗଭର ହୋଇଯାଇଥାନ୍ତି। କାମ କରିବାକୁ ଅମଙ୍ଗ ବା ଇଚ୍ଛା ରଖୁ ନ ଥିବା ଏପରି ନିକମା ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବଣିଆ ଘଇତା ଯାହାର,**
**ନିତି ନୂଆ ଅଳଙ୍କାର ତାହାର।**

ସ୍ୱାମୀ ଯାହାର ସୁନା ରୁପା ବ୍ୟବସାୟ କରେ, ତା' ପାଇଁ ନୂଆ ଅଳଙ୍କାର ଅପୂର୍ବ ହୋଇ ନ ଥାଏ। ପରୋକ୍ଷରେ ସ୍ୱାମୀ ଯୋଗ୍ୟ ହୋଇଥିଲେ ସ୍ତ୍ରୀ ସର୍ବସୁଖ ଲାଭ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଭୁବନେଶ୍ୱରସ୍ଥିତ ରିଜିଓନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନର ୬୧ ତମ ବାର୍ଷିକ ଉତ୍ସବରେ ସୋମବାର ରାଜ୍ୟପାଳ ରଘୁବର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୯୧ ହଜାର ଟଙ୍କାରେ ବିକ୍ରି ନାବାଳିକା ହରିୟାଣାରୁ ଉଦ୍ଧାର

ମୁନିଗୁଡ଼ା,୬।୫ (ନନ୍ଦ କିଶୋର ପଟ୍ଟନାୟକ)


ରାୟଗଡ଼ା ଜିଲା ମୁନିଗୁଡ଼ାରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ହରିୟାଣା ଜିନ୍ଦ ଜିଲାରୁ ସୋମବାର ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଜଣେ ମହିଳା ଓ ପୁରୁଷ ଦଲାଲଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମୁନିଗୁଡା ଥାନା ଅନ୍ତର୍ଗତ ଖଜୁରିପଦରର ସାଇବତୀ କିଲ୍ଲାକା (୪୩) ଓ ଟିକର୍ପଡ଼ାର ଗୋପାଳ ନାଗ (୫୩)। ଦଲାଲ ଦ୍ୱୟ ନାବାଳିକାଙ୍କୁ ସେଠାରେ ବିବାହ ପାଇଁ ୯୧ହଜାର ଟଙ୍କାରେ ବିକ୍ରି କରିଥିବା ତଦନ୍ତ ବେଳେ ଜଣାପଡିଛି। ପୋଲିସ ୨ ଅଭିଯୁକ୍ତଙ୍କ ନାମରେ ନଂ.୭୭/୨୪ରେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ବିଷମକଟକ ଥାନା ଅଞ୍ଚଳର ଜଣେ ନାବାଳିକା ମାର୍ଚ୍ଚ ୧ରେ ମୁନିଗୁଡ଼ା ଥାନା ଅନ୍ତର୍ଗତ ଖଜୁରିପଦର ଗ୍ରାମକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ବାହାଘରକୁ ଆସିଥିଲେ। ଏହାର ୨ ଦିନ ପରେ ନାବାଳିକା ଜଣକ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ଓ ସମ୍ପର୍କୀୟମାନେ ଖୋଜାଖୋଜି କରିବା ପରେ ଝିଅ ନ ମିଳିବାରୁ ମେ ୧ରେ ମୁନିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ସୌଦାମିନୀ ବେହେରାଙ୍କ ନେତୃତ୍ୱରେ ଏସ୍ଆଇ ମନୋରଞ୍ଜନ ବିଶ୍ୱାଳ ଘଟଣାର ତଦନ୍ତ କରିଥିଲେ। ବିଶେଷ ସୂତ୍ରରୁ ଖବରପାଇ ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ହରିୟାନାର ଜିନ୍ଦ ଜିଲାକୁ ଯାଇ ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ପୋଲିସ ୨୩,୨୮୦ଟଙ୍କା, ୩ଟି ମୋବାଇଲ ଫୋନ୍ ଜବତ କରିଛି। ଏଥିସହ ଏହି ମାମଲାରେ ସମ୍ପୃକ୍ତ ଥିବା ମୁନିଗୁଡାର ଜଣେ ଆଧାରକେନ୍ଦ୍ର ମାଲିକଙ୍କଠାରୁ ଗୋଟେ ଲାପ୍‌ଟପ୍, ପ୍ରିଣ୍ଟର ଓ ପ୍ରିଣ୍ଟିଂ ମେଶିନ ଜବତ କରିବା ସହ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ମୁନିଗୁଡ଼ା ପୋଲିସ ସୋମବାର ନାବାଳିକାଙ୍କୁ ତାଙ୍କ ଘରକୁ ପଠାଇ ଦେଇଛି। ଯେଉଁଠୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା, ସେମାନେ ନାବାଳିକା ଜାଣିବା ପରେ ତାଙ୍କ ପ୍ରତି ଦୁର୍ବ୍ୟବହାର କରି ନ ଥିବା ପୋଲିସ ସୂଚନା ଦେଇଛି। ଯୁବତୀ ଚାଲାଣ ର୍ୟାକେଟ୍‌ରେ ଅନ୍ୟ କେହି ସମ୍ପୃକ୍ତ ଥାଇପାରନ୍ତି ସନ୍ଦେହ କରି ଘଟଣାର ତଦନ୍ତ କରାଯାଉଥିବା ମୁନିଗୁଡା ଆଇଆଇସି ସୌଦାମିନୀ ବେହେରା କହିଛନ୍ତି।

## ଏନ୍ଇଇଟି-ୟୁଜି ପ୍ରଶ୍ନପତ୍ର ଭାଇରାଲ ଅଭିଯୋଗ ଭିତ୍ତିହୀନ: ଏନ୍‌ଟିଏ

ଭୁବନେଶ୍ୱର, ୬।୫(ଅସମାପିକା ସାହୁ)

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ପାଇଁ ରବିବାର ଅନୁଷ୍ଠିତ ଏନ୍ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଥିଲା। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଘୂରିବୁଲୁଥିବା ନେଇ ଦେଶର ବିଭିନ୍ନ ସହରରେ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ତେବେ ଏହାକୁ ଖଣ୍ଡନ କରିଛି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ)। ଏନ୍‌ଟିଏ ପକ୍ଷରୁ ଏ ନେଇ ସୋମବାର ସ୍ପଷ୍ଟୀକରଣ ଦିଆଯାଇଛି। କୌଣସି ବି ପରୀକ୍ଷା କେନ୍ଦ୍ରରେ ଗେଟ୍ ବନ୍ଦ ହେବା ପରେ ଜଣେ ବି ବାହାର ଲୋକ ପଶିନଥିବା ସିସି କ୍ୟାମେରାରେ ଦେଖାଯାଇଛି। ଏଥିସହିତ ପରୀକ୍ଷା ହୋଇଥିବା ପ୍ରଶ୍ନପତ୍ର ସହିତ ସୋସିଆଲ ମିଡିଆରେ ଭାଇରାଲ ପ୍ରଶ୍ନପତ୍ର ସମାନ ନୁହେଁ। ତେଣୁ ଏହି ଅଭିଯୋଗ ଭିତ୍ତିହୀନ ବୋଲି ଏନ୍‌ଟିଏ ସ୍ପଷ୍ଟ କରିଛି। ଏଥିସହିତ ଛାତ୍ରୀଛାତ୍ର, ଅଭିଭାବକ ଏହି ଗୁଜବକୁ ବିଶ୍ୱାସ ନ କରିବାକୁ ଏନ୍‌ଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେପଟେ ଏହି ପ୍ରଶ୍ନପତ୍ର ଲିକ୍ ଘଟଣାରେ ପାଟଣା ପୋଲିସ ୬ରୁ ୭ଜଣ ଲୋକଙ୍କୁ ଅଟକ ରଖିଥିବା ଜାତୀୟ ଗଣମାଧ୍ୟମରୁ ସୂଚନା ମିଳିଛି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କେନାଲରେ ପାଣି ଛାଡ଼ିବାକୁ ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ବୌଦ୍ଧ,୬।୫ ( ଅଜିତ କୁମାର ବାରିକ )

ବୌଦ୍ଧ ଏକ କୃଷିପ୍ରଧାନ ଜିଲା । ଏଠାରେ ଚାଷ କହିଲେ ମୁଖ୍ୟତଃ ଧାନ । ଜିଲାରେ ଚିରସ୍ରୋତା ମହାନଦୀ, ସାଲୁଙ୍କୀ, ବାଘ, ତେଲନଦୀ ପ୍ରବାହିତ ହେଉଥିବା ବେଳେ ଚାଷୀ ଚାଷ ନିମନ୍ତେ ପାଣି ପାଇଁ ହନ୍ତସନ୍ତ ହୋଇଥାନ୍ତି । ଖରିଫ ଓ ରବି ଧାନଚାଷ ସମୟରେ ପାଣି ପାଇଁ ଚାଷୀମାନେ ବହୁବାର ଆନ୍ଦୋଳନ କରିଆସୁଥିବା ବେଳେ ଏହାର କୌଣସି ସମାଧାନ ହୋଇପାରୁ ନାହିଁ । ବର୍ତ୍ତମାନ ରବି ଧାନଚାଷ (ଡାଲୁଅ) ପାଇଁ ପାଣି ଅଭାବ ନେଇ ସୋମବାର ଚାଷୀମାନେ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡିଛି । ଏହି ଅବସରରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ବୌଦ୍ଧ ବ୍ଲକର ମୁଣ୍ଡାପଡା, ଖମାରୀପଡା, ବଡ଼ମାଳ, ଖୁଣ୍ଟିଆପଡ଼ା, ପନଖମାଲ ଓ ଲକ୍ଷ୍ମୀପଦର ଗ୍ରାମରେ ଚାଷୀମାନେ ୫୦୦ ହେକ୍ଟରରୁ ଅଧିକ ଜମିରେ ରବି ଧାନ ଚାଷ କରିଛନ୍ତି । ଏହି ଚାଷ ପାଇଁ ପାଣି ଦରକାର ଥିବା ବେଳେ କେନାଲରେ ବର୍ତ୍ତମାନ ପାଣି ଆସୁ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଯାଇଛନ୍ତି । ଚାଷୀଙ୍କ କହିବା ଅନୁଯାୟୀ, ସାଲୁଙ୍କୀ ଜଳସେଚନ ପ୍ରକଳ୍ପରୁ ଉପରୋକ୍ତ ଗାଁର ଜମିକୁ ପାଣି ମାଡିଥାଏ । ତେବେ କେନାଲରେ ପାଣି ଛଡା ଯାଉ ନ ଥିବାରୁ ଧାନଗଛ ମରିବାକୁ ବସିଲାଣି । ଏନେଇ ଚାଷୀମାନେ ବୌଦ୍ଧ ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ସାଲୁଙ୍କୀ କେନାଲରେ ପାଣି ଛାଡିବାକୁ ଅନୁରୋଧ କରିଥିଲେ । ନିର୍ବାହୀ ଯନ୍ତ୍ରୀ ପାଣି ଛଡାଯିବ ନାହିଁ ବୋଲି ମନା କରି ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏନେଇ ସୋମବାର ଶତାଧିକ ଚାଷୀ କେନାଲର ଉଭୟ ପାର୍ଶ୍ୱରେ ପାଣି ଛାଡିବା ଲାଗି ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ଚାଷୀ ଧର୍ମୁଧର ପୋଢ଼, ଗୋବିନ୍ଦ ବିଶି, ନବୀନ ହାତୀ, ବାବୁଲି ସିଂହ, ପ୍ରମୋଦ ବିଶି, ଶତ୍ରୁଘ୍ନ ବାଦୀ, ଧବଳେଶ୍ୱର ପୋଢ, ସିଦ୍ଧେଶ୍ୱର ସାହୁ, ଭ୍ରମୁରୁ ତରିଆ, ବିନକେତନ ବେରିହା, ବିଜୟ ନାଗ, ଅଜିତ ପ୍ରଧାନ ପ୍ରମୁଖ ଜିଲାପାଳଙ୍କ ନିକଟକୁ ଯାଇ ଦାବିପତ୍ର ଦେଇଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ ଆସିଥିବା ଚାଷୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆତଙ୍କବାଦୀଙ୍କ ଟାର୍ଗେଟରେ ଟି୨୦ ବିଶ୍ୱକପ୍

**ପୋର୍ଟ ଅଫ୍ ସ୍ପେନ୍, ୬।୫(ପି.ଟି.)**

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁ ଥିବା ଆସନ୍ତା ଟି୨୦ ବିଶ୍ୱକପ୍‌କୁ ଆତଙ୍କବାଦୀ ଟାର୍ଗେଟରେ ରଖିଛନ୍ତି। ତ୍ରିନିଦାଦ ପ୍ରଧାନମନ୍ତ୍ରୀ ଡ. କେଥ ରାଓଲି ଏହି ସୂଚନା ଦେଇଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ସେ କହିଛନ୍ତି। ଚଳିତବର୍ଷ ଟୁର୍ନାମେଣ୍ଟରେ ୨୦ ଦଳ ଅଂଶଗ୍ରହଣ କରୁଥିବା ବେଳେ ଜୁନ୍ ୧ରୁ ଜୁନ୍ ୨୯ ଯାଏ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଆମେରିକାରେ ପ୍ରାରମ୍ଭିକ ପର୍ଯ୍ୟାୟର ଟୁର୍ନାମେଣ୍ଟ ଖେଳାଯିବାକୁ ଥିବା ବେଳେ ସୁପର୍-୮ ସମେତ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବ। ବର୍ତ୍ତମାନ ବିଶ୍ୱ ଏକବିଂଶ ଶତାବ୍ଦୀରେ ପାଦ ଦେଇଥିବା ବେଳେ ଆତଙ୍କବାଦର ପରିଭାଷା ମଧ୍ୟ ବଦଳିବାରେ ଲାଗିଛି। ଏହା ସର୍ବଦା ସମଗ୍ର ବିଶ୍ୱ ପାଇଁ ବିପଦ ଭାବେ ଉଭା ହୋଇଛି ବୋଲି ଏକ ସ୍ଥାନୀୟ ଖବରକାଗଜକୁ ସାକ୍ଷାତ୍‌କାର ଅବସରରେ କହିଛନ୍ତି କେଥ୍ ରାଓଲି। କେଉଁ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଧମକ ମିଳିଛି ସେ ସମ୍ପର୍କରେ ରାଓଲି ସ୍ପଷ୍ଟ କରି ନାହାନ୍ତି। ତେବେ ଏହା ପଛରେ ଇସ୍‌ଲାମିକ ଷ୍ଟେଟ୍ ଆତଙ୍କୀ ସଙ୍ଗଠନ


ଡ. କେଥ ରାଓଲି

### ତ୍ରିନିଦାଦ ପ୍ରଧାନମନ୍ତ୍ରୀଙ୍କ ସୂଚନା

ଥିବା ଅନୁମାନ କରାଯାଉଛି। ରାଓଲି ଆହୁରି ମଧ୍ୟ କହିଛନ୍ତି, ବିଶ୍ୱର ସମସ୍ତ ରାଷ୍ଟ୍ର ଆମ ଅଞ୍ଚଳକୁ ପସନ୍ଦ କରିଥାନ୍ତି, ତେଣୁ ବିଶ୍ୱକପ୍ ଭଳି ମେଗା ଇଭେଣ୍ଟର ଆୟୋଜନ ସମୟରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ହେବ। ରାଷ୍ଟ୍ରୀୟ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ସମୁଦାୟ ୯ ଭେନ୍ୟୁରେ ବିଶ୍ୱକପ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ଏଥିରୁ ୬ଟି ଭେନ୍ୟୁ ୱେଷ୍ଟଇଣ୍ଡିଜରେ ରହିଛି। ସେଠାରେ ଖେଳା ଯିବାକୁ ଥିବା ମ୍ୟାଚ୍‌ଗୁଡ଼ିକ ଉପରେ ମଧ୍ୟ ତୀକ୍ଷ୍ଣ ନଜର ରଖିବା ସହ ଯେଭଳି କୌଣସି ସୁରକ୍ଷାଗତ ବିଭ୍ରାଟ ନ ଉପୁଜେ ତା' ଉପରେ ଧ୍ୟାନ ଦେବାକୁ ହେବ ବୋଲି ରାଓଲି କହିଛନ୍ତି।

ଏପରି ଘଟଣାକୁ ଏଡ଼ାଇବା ପାଇଁ ସ୍ଥାନୀୟ ଅଞ୍ଚଳରେ ସମସ୍ତେ ଅଧିକ ସତର୍କ ରହିଛନ୍ତି। ଏହା ସହ ଗୋଇନ୍ଦା ବିଭାଗ ମଧ୍ୟ ଏହି ଅଞ୍ଚଳରେ ନିଜର ଗତିବିଧିକୁ ଆହୁରି ସକ୍ରିୟ କରିଥିବା ସେ କହିଛନ୍ତି। ସ୍ଥାନୀୟ ଜନ ସାଧାରଣ ଓ ଦେଶର ସୁରକ୍ଷା ପାଇଁ ସମସ୍ତେ ତତ୍ପର ଥିବା ବେଳେ ଟୁର୍ନାମେଣ୍ଟର ସମସ୍ତ ଭେନ୍ୟୁ ଉପରେ ନଜର ରହିବ ବୋଲି ରାଓଲି କହିଛନ୍ତି। ୱେଷ୍ଟଇଣ୍ଡିଜ୍‌ରେ ଆଣ୍ଟିଗୁଆ ଓ ବାର୍ବୁଡା, ବାର୍ବାଡୋସ, ଗୁୟନା, ସେଣ୍ଟ ଲୁସିଆ, ସେଣ୍ଟ ଭିନସେଣ୍ଟ ଓ ଦ ଗ୍ରେନାଡା ଓ ତ୍ରିନିଦାଦ ଆଣ୍ଡ ଟବାଗୋରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ସେହିପରି ଆମେରିକାରେ ଫ୍ଲୋରିଡା, ନ୍ୟୁୟର୍କ ଓ ଟେକ୍ସାସରେ ମ୍ୟାଚ୍ ଖେଳାଯିବ। ନ୍ୟୁୟର୍କରେ ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯିବ। ଏହି ମେଗା ଇଭେଣ୍ଟ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଫୁଲପ୍ରୁଫ ରହିଛି ବୋଲି କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ କୁହାଯାଇଛି। ବିଭିନ୍ନ ଦେଶର ଅଧିକାରୀଙ୍କ ସହ ଆଲୋଚନା କରାଯାଇ ସୁରକ୍ଷା ବ୍ୟବସ୍ଥାର ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି କ୍ରିକେଟ ୱେଷ୍ଟଇଣ୍ଡିଜ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜନି ଗ୍ରେଭ୍‌ସ କହିଛନ୍ତି। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ସମସ୍ତଙ୍କ ସୁରକ୍ଷା ଆମର ପ୍ରାଥମିକତା ବୋଲି ସେ କହିଛନ୍ତି।

## ଝାଡ଼ଖଣ୍ଡକୁ ୨-୦ରେ ହରାଇଲା ଓଡ଼ିଶା


ଏସ୍. ଲିଣ୍ଡା କମ୍


ମାଳତୀ ମୁଣ୍ଡା

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ):** କୋଲକାତାର ଏଆଇଏଫ୍ଏଫ୍ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପରିସରରେ ଚାଲିଥିବା ରାଜମାତା ଜିଜାବାଇ ଟ୍ରଫି ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ସୋମବାର ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶାର ଏହା ଥିଲା ତୃତୀୟ ମ୍ୟାଚ। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଓଡ଼ିଶା ୮ମ ମିନିଟରେ ମାଳତୀ ମୁଣ୍ଡାଙ୍କ ଗୋଲ ବଳରେ ଅଗ୍ରଣୀ ନେଇଥିଲା। ୧୯ତମ ମିନିଟରେ ଏସ୍. ଲିଣ୍ଡା କମ୍ ଏହାକୁ ୨-୦ରେ ପରିଣତ କରିଥିଲେ। ମ୍ୟାଚର ଅବଶିଷ୍ଟାଂଶରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଆଉ ଗୋଲ ହୋଇପାରି ନ ଥିଲା। ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ହରିୟାଣା ବିପକ୍ଷରେ ୧-୧ ଗୋଲରେ ଡ୍ର ରଖିଥିବାବେଳେ ଦ୍ୱିତୀୟ ମ୍ୟାଚରେ ମହାରାଷ୍ଟ୍ରକୁ ୪-୧ରେ ପରାସ୍ତ କରିଥିଲା।

# ଧର୍ମଶାଳାରେ ଭାରତର ପ୍ରଥମ ହାଇବ୍ରିଡ ପିଚ୍



ହାଇବ୍ରିଡ୍ ପିଚ୍‌ରେ ଆଇପିଏଲ ଚେୟାରମ୍ୟାନ୍ ଅରୁଣ କୁମାର ଧୂମାଲ ବ୍ୟାଟିଂ କରୁଛନ୍ତି।

**ଧର୍ମଶାଳା,୬।୫(ପି.ଟି.)**

ଭାରତର ସର୍ବପ୍ରଥମ ହାଇବ୍ରିଡ ପିଚ୍ ଧର୍ମଶାଳା କ୍ରିକେଟ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ପକ୍ଷରୁ ସୋମବାର ଏହି କାର୍ଯ୍ୟକ୍ରମ କରାଯାଇଛି। ଆଇପିଏଲ ଚେୟାରମ୍ୟାନ୍ ଅରୁଣ କୁମାର ଧୂମାଲ, ପୂର୍ବତନ ଇଂଲଣ୍ଡ କ୍ରିକେଟର ତଥା ଏସ୍ଆଇଏସ୍ କ୍ରିକେଟ ନିର୍ଦ୍ଦେଶକ ପଲ୍ ଟେଲର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭାରତୀୟ କ୍ରିକେଟରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ହାଇବ୍ରିଡ ପିଚ୍ ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ଅରୁଣ କୁମାର ଧୂମାଲ। ପୂର୍ବରୁ ଇଂଲଣ୍ଡର ଲର୍ଡ୍ସ ଓ ଓଭାଲ ପରି ଗ୍ରାଉଣ୍ଡରେ ହାଇବ୍ରିଡ ପିଚ୍ ସ୍ଥାପନ କରାଯାଇଛି।

ହାଇବ୍ରିଡ୍ ପିଚ୍‌ର ବ୍ୟବହାର ଦ୍ୱାରା ପିଚ୍ ରକ୍ଷଣା ବେକ୍ଷଣକୁ ନେଇ ଗ୍ରାଉଣ୍ଡ ଷ୍ଟାଫଙ୍କ ଉପରେ ଚାପ କମିଥାଏ। ସେହିପରି ପ୍ରାକୃତିକ ଟର୍ଫ ସହିତ ସିନ୍ଥେଟିକ୍ ଫାଇବର ମିଶ୍ରଣରେ ଏହା ପ୍ରସ୍ତୁତ ହେଉଥିବାରୁ ପିଚ୍‌ର ବ୍ୟବହାର ପରିବର୍ତ୍ତନ ସମ୍ଭାବନା ମଧ୍ୟ କମ ରହିଥାଏ। ଏହି ପିଚ୍ ପ୍ରସ୍ତୁତରେ ମାତ୍ର ୫ ପ୍ରତିଶତର ସିନ୍ଥେଟିକ୍ ଫାଇବର ବ୍ୟବହାର କରାଯାଉଥିବା କାରଣରୁ କ୍ରିକେଟ ପାଇଁ ଆବଶ୍ୟକ ପରିବେଶର ଅଭାବ ରହି ନ ଥାଏ। ଏହି ପିଚ୍ ନିର୍ମାଣ ପାଇଁ ଏସ୍ଆଇଏସ୍ କ୍ରିକେଟ ସହ ହାତ ମିଶାଇ ଥିବାରୁ ଏଚ୍‌ପିସିଏକୁ ଧନ୍ୟବାଦ ଜଣାଇଛନ୍ତି ପଲ୍ ଟେଲର। ଆଇସିସି ପକ୍ଷରୁ ଏହି ପିଚ୍‌କୁ ମଞ୍ଜୁରୀ ମିଳିଥିବା ବେଳେ ଆଗାମୀ ଦିନରେ ମୁମ୍ବାଇ ଓ ଅହମଦାବାଦରେ ଏହିପରି ପିଚ୍ ସ୍ଥାପନ କରାଯିବ ବୋଲି ଟେଲର ସୂଚନା ଦେଇଛନ୍ତି।

# ପୁରୁଷ, ମହିଳା ରିଲେ ଦଳକୁ ଅଲିମ୍ପିକ୍ସ ଯୋଗ୍ୟତା



ଅଲିମ୍ପିକ୍ସ ଯୋଗ୍ୟତା ପାଇଥିବା ଭାରତୀୟ ମହିଳା ରିଲେ ଦଳ।

**ନାସାଉ, ୬।୫ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛନ୍ତି ଭାରତୀୟ ପୁରୁଷ ଓ ମହିଳା ୪x୪୦୦ ମିଟର ରିଲେ ଦଳ। ବାହାମାସରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ରିଲେରେ ଦ୍ୱିତୀୟ ସ୍ଥାନରେ ରହି ଉଭୟ ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ରୂପାଲ ଚୌଧାରୀ, ଏମ୍. ଆର. ପୁଭାମ୍ମା, ଜ୍ୟୋତିକା ଶ୍ରୀ ଦାଣ୍ଡି ଓ ଶୁଭା ଭେଙ୍କଟେସନଙ୍କ ମହିଳା ଦଳ ୩:୨୯.୩୫ ସେକେଣ୍ଡର ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜାମାଇକା ଦଳ ୩:୨୮.୫୪ ସେକେଣ୍ଡର ସମୟ ନେଇ ପ୍ରଥମ ସ୍ଥାନରେ ରହିଥିଲା। ପରେ ମହମ୍ମଦ ଅନସ ୟାହିଆ, ମହମ୍ମଦ ଅଜମଲ, ଅରୋକିଆ ରାଜୀବ ଓ ଆମୋଜ ଜାକବଙ୍କ ପୁରୁଷ ରିଲେ ଦଳ ୩:୩.୨୩ ସେକେଣ୍ଡର ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଆମେରିକା ପୁରୁଷ ରିଲେ ଦଳ ୨:୫୯.୯୫ ସେକେଣ୍ଡର ସମୟ ନେଇ ପ୍ରଥମ ସ୍ଥାନରେ ରହିଥିଲା। ହିଟ୍‌ରେ ପ୍ରଥମ ୨ ସ୍ଥାନରେ ରହୁଥିବା ଦଳ ହିଁ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ଉଲ୍ଲେଖଯୋଗ୍ୟ ଯେ, ପ୍ୟାରିସ୍ ଅଲିମ୍ପିକ୍ସ ଜୁଲାଇ ୨୬ରୁ ଅଗଷ୍ଟ ୧୧ ମଧ୍ୟରେ ଅନୁଷ୍ଠିତ ହେବ।

୪x୪୦୦ ମିଟର ପୁରୁଷ ରିଲେ ଦଳ ନିକଟ ଅତୀତରେ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ବେଳେ ମହିଳା ଦଳ କିନ୍ତୁ ସମସ୍ତଙ୍କୁ ଚକିତ କରିଥିଲା। ପୁରୁଷ ଦଳ ଟୋକିଓ ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିୟନଶିପ୍‌ରେ ଏସିଆନ୍ ରେକର୍ଡ ଭାଙ୍ଗିବା ସହ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ରବିବାର ୩:୨୯.୭୪ ସେକେଣ୍ଡର ଟାଇମିଂ ସହ ପଞ୍ଚମ ସ୍ଥାନରେ ଥିବା ମହିଳା ଦଳ ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ରାଜେଶ ରମେଶଙ୍କ ଗୋଡ ମାଂସପେଶୀ ଟାଣିହେବା କାରଣରୁ ଭାରତୀୟ ଦଳ ରେସ୍ ଫିନିଶ କରିପାରି ନ ଥିଲା। ସୋମବାର ରାଜୀବ ଅରୋକିଆ ତାଙ୍କ ସ୍ଥାନରେ ଭାଗ ନେଇଥିଲେ। ଆଙ୍କର ଲେଗ ରନର୍ ଆମୋଜ ଜାକବ ବାଟନ୍ ପାଶ୍ କରିବା ବେଳକୁ ଭାରତ ତୃତୀୟ ସ୍ଥାନରେ ରହିଥିଲା। ତେବେ ଦିଲ୍ଲୀର ରାଜୀବ ଅରୋକିଆ ଚମତ୍କାର ଦୌଡ ଲଗାଇଥିଲେ। ମେକ୍ସିକୋ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅତିକ୍ରମ କରିବା ସହ ସେ ଭାରତକୁ ଦ୍ୱିତୀୟ ସ୍ଥାନରେ ପହଞ୍ଚାଇଥିଲେ। ଭାରତୀୟ ପୁରୁଷ ଦଳ ନିଜ ଶ୍ରେଷ୍ଠ ଟାଇମିଂ ୩:୦୦.୨୫ ସେକେଣ୍ଡ ହାସଲ କରିବାରେ ବିଫଳ ହୋଇଥିଲେ ମଧ୍ୟ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ଖୁସି ବୋଲି ସମସ୍ତ ଖେଳାଳି କହିଛନ୍ତି। ତେବେ ରମେଶ ଆହତ ହେବା କାରଣରୁ ଭାରତ ମିକ୍ସଡ ଟିମ୍ ଇଭେଣ୍ଟରୁ ଓହରି ଯାଇଛି। ମହିଳା ରିଲେ ଦଳ ପ୍ରଥମ ଥର ୧୯୮୪ରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ବେଳେ ଅଷ୍ଟମ ଥର ପାଇଁ ଏହା ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟପକ୍ଷରେ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ପୁରୁଷ ଦଳ ଚତୁର୍ଥ ଥର ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛି। ଏହା ସହ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ସମୁଦାୟ ୧୯ ଜଣ ଭାରତୀୟ ଆଥ୍‌ଲେଟ ଯୋଗ୍ୟତା ଅର୍ଜନ କରିଛନ୍ତି।

# ଜୁନିୟର ମହିଳା ହକି ଦଳରେ ଓଡ଼ିଶାର ୪


ୟୁରୋପ ଟୁର୍ ପାଇଁ ମନୋନୀତ ଭାରତୀୟ ଜୁନିୟର ମହିଳା ହକି ଦଳ।

**ନୂଆଦିଲ୍ଲୀ, ୬।୫ (ପି.ଟି.)**

ମେ ୨୧ରୁ ୨୯ ପର୍ଯ୍ୟନ୍ତ ୟୁରୋପ ଟୁର୍ ପାଇଁ ହକି ଇଣ୍ଡିଆ ସୋମବାର ୨୨ଜଣିଆ ଭାରତୀୟ ମହିଳା ଦଳ ଘୋଷଣା କରିଛି। ଏଥିରେ ଓଡ଼ିଶାର ୪ ଜଣ ଖେଳାଳି ଅଞ୍ଜଲୀ ବାରୱା, ପୂଜା ସାହୁ, ମମିତା ଓରାମ ଓ ସୁପ୍ରିୟା କୁଜୁର ସ୍ଥାନ ପାଇଛନ୍ତି। ଡିଫେଣ୍ଡର ଜ୍ୟୋତି ସିଂଙ୍କୁ ଅଧିନାୟିକା ଏବଂ ସାକ୍ଷୀ ରାଣାଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରିଛନ୍ତି। ଟୁର୍ ସମୟରେ ଭାରତ ତିନୋଟି ଦେଶ ବେଲଜିୟମ, ଜର୍ମାନୀ ଏବଂ ନେଦରଲାଣ୍ଡସରେ ଦୁଇଟି କ୍ଲବ ଟିମ୍ ବ୍ରିଡେସ୍ ହକି ଭେରେନିଗିଙ୍ଗ ପୁଶ୍ ଏବଂ ଅରେଞ୍ଜ ରୁଡ୍‌ଙ୍କ ସହ ସହିତ ୬ଟି ମ୍ୟାଚ ଖେଳିବ।

### ୟୁରୋପ ଟୁର୍

**ଭାରତୀୟ ଜୁନିୟର ମହିଳା ଦଳ:** ଗୋଲକିପର: ଅଦିତି ମାହେଶ୍ୱରୀ, ନିଧି। ଡିଫେଣ୍ଡର:ଜ୍ୟୋତି ସିଂ (ଅଧିନାୟକ), ଲାଲଥାଣ୍ଟଲୁଆଙ୍ଗି, ଅଞ୍ଜଲୀ ବରୱା, ପୂଜା ସାହୁ, ମମିତା ଓରାମ, ନିରୁ କୁଲୁ। ମିଡ୍‌ଫିଲ୍ଡର: ଖେତ୍ରିମାୟୁମ ସୋନିଆ ଦେବୀ, ରଜନୀ, କେରକେଟା, ପ୍ରିୟଙ୍କା ଯାଦବ ଖେଦେମ ଶିଲିମା ଚାନୁ, ସାକ୍ଷୀ ରାଣା (ଉପଅଧିନାୟିକା), ଅନିଶା ସାହୁ, ସୁପ୍ରିୟା କୁଜୁର। **ଫରୱାର୍ଡ :** ବିନିମା ଧନ, ହୀନା ବାନୋ, ଲାଲରିନପୁଇ, ଇଶିକା, ସଞ୍ଜନା ହେରୋ, ସୋନୋମ, କନିକା ସିୱାଚ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଡ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ

ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଷ୍ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା
9810432170
7606841840

BINET SCIENCE ACADEMY
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Classified Everyday
0674-2580101, 2549949


REAL ESTATE
SALE

Duplex sale at Bhubaneswar @ 57 Lakhs only. Contact: 9777433701. D-75954

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.-1850/-, 950/-, 650/-. 9938016295. D-75952

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ 30ft. ରୋଡ୍, ଘରବାଡ଼ି boundary ଇଲେକ୍ଟ୍ରିସିଟି ସୁବିଧା ଥାଇ Govt. Roadକୁ ଲାଗି SC ପ୍ଲଟ୍ ବିକ୍ରିହେବ। 9777617151, 9090142564. D-75951

Land for sale:- (Under BDA), Mouza/RI Office-Brahmanasadangi, Near Tankapani-Bentapur Road from Sai Temple, BBSR, Area- 6 acres, Price 1acre-5 crores for- Housing Project, Educational Institution, Hospital, Industry, Farming, no middle man, Price negotiable, Ph: 9938677366, 8249806871. D-148

2/3 BHK premium completed flat sale Patia Mainroad side - 9776866520. D-75953

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Relax, refresh your body, mind by expert therapist. Contact- 9938843929. D-76118

Monalisa massage Club:All types Body massage with hiprofile smart lady rooms service available. 9708545108. D-226

Kerala body Massage best Therapist, Bhubaneswar. 9337672475. D-210

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT
By the virtue of an affidavit before the Executive Magistrate, Bhubaneswar-1 I, Sri Sukant Kumar Nayak do hereby declare that my son name is wrongly mentioned at School record. I want to correct my son's name Subham Nayak instead of Subaham Nayak for all future purposes. D-233

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୫।୨୦୦୮
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୮୮

ଦଶାହ ଉପଲକ୍ଷେ

୰ରାଜକିଶୋର ଦାଶ
ଶିକ୍ଷାବିତ ଓ ସାମ୍ବାଦିକ
ଗ୍ରାମ/ପୋ- ଉଚ୍ଛୁପୁର, ଥାନା: ବଳଙ୍ଗା, ଜିଲ୍ଲା: ପୁରୀ
ଆବିର୍ଭାବ: ୦୪।୦୧।୧୯୫୭
ତିରୋଧାନ: ୨୮।୦୪।୨୦୨୪
ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଆପଣଙ୍କ ହସ ହସ ମୁହଁ, ଦୃଢ଼ ମନୋବଳ, ନୀତି, ଆଦର୍ଶକୁ ପାଥେୟ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବୁ। ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭାଇ, ଭଉଣୀ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୪


### ଟି୨୦ କ୍ରିକେଟ ବିଶ୍ୱକପ୍

## ଉଗାଣ୍ଡାର ଏନ୍‌ସୁବୁଗା ସବୁଠାରୁ ବୟସ୍କ ଖେଳାଳି

**କାମ୍ପାଲା ୬।୫ (ପି.ଟି.):** ଆସନ୍ତା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସବୁଠାରୁ ବୟସ୍କ ଖେଳାଳି ଭାବେ ଖେଳିବେ ଉଗାଣ୍ଡାର ଅଫ୍ ସ୍ପିନର ଫ୍ରାଙ୍କ୍ ଏନ୍‌ସୁବୁଗା। ତାଙ୍କୁ ବର୍ତ୍ତମାନ ୪୩ ବର୍ଷ ବୟସ। ଜୁନ୍ ୩ରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ଉଗାଣ୍ଡାର କ୍ରିକେଟ ଆସୋସିଏଶନ



ଏକ ୧୫ ଜଣିଆ ଦଳ ଘୋଷଣା କରିଛି। ଏହି ଆଇସିସି ଇଭେଣ୍ଟର ମୁଖ୍ୟ ରାଉଣ୍ଡରେ ଉଗାଣ୍ଡା ପ୍ରଥମ ଥର ଅଂଶଗ୍ରହଣ କରିବ। ବ୍ରାଏନ୍ ମାସାବାଙ୍କୁ ଦଳର ଅଧିନାୟକ ମନୋନୀତ କରିଛନ୍ତି। ରିଆଜତ ଅଲି ସାହାଙ୍କୁ ତାଙ୍କ ଡେପୁଟି କରାଯାଇଛି। ଆଫ୍ରିକାନ କ୍ୱାଲିଫାୟର୍ସରେ ଉଗାଣ୍ଡା ରିଜିଓନାଲ ଫାଇନାଲରେ ନାମ୍ବିଆ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଦଳ ବିଶ୍ୱକପ୍‌ରେ ଜୁନ୍ ୩ରେ ଗୁୟାନାଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳିବ।

## ସଂକ୍ଷେପରେ

### ରାଉରକେଲା କଂଗ୍ରେସର ବ୍ଲକ ଷ୍ଟିଅରିଂ କମିଟି ଗଠିତ

**ରାଉରକେଲା, ୬।୫(ସଙ୍ଗୀତା ଜେନା):** ନିର୍ବାଚନ ସୁପରିଚାଳନା ପାଇଁ ରାଉରକେଲା ଓ ରଘୁନାଥପାଲି କଂଗ୍ରେସ ପକ୍ଷରୁ ସୋମବାର ଡିସିସି ସଭାପତି ରବି ରାୟ ୧୦ଟି ବ୍ଲକ ପାଇଁ ଷ୍ଟିଅରିଂ କମିଟି ଘୋଷଣା କରିଛନ୍ତି। ସ୍ଥାୟୀ ଷ୍ଟିଅରିଂ କମିଟି ସଦସ୍ୟଭାବେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଦସ୍ୟ, କ୍ୟାମ୍ପେନିଂ କମିଟି, ପୂର୍ବତନ ଡିସିସି ସଭାପତି, ମହିଳା କଂଗ୍ରେସ, ଯୁବ ଓ ଛାତ୍ର କଂଗ୍ରେସ, ମାଇନରିଟି ସେଲ୍, ଏସ୍‌ଟି/ଏସସି ସେଲ୍ ସଦସ୍ୟଙ୍କୁ ଏଥିରେ ସାମିଲ କରାଯାଇଛି। ରାଉରକେଲା ନିର୍ବାଚନ ମଣ୍ଡଳୀର ବ୍ଲକ-୧ ଇନଚାର୍ଜ ଏସ୍ ଅଶୋକ କୁମାର, ସଭାପତି ବିଶ୍ୱନାଥ ବାରିକ, ବ୍ଲକ -୨ର ଇନଚାର୍ଜ ପ୍ରବୋଧ ଦାସ, ସଭାପତି ମନୁସାମଲ, ବ୍ଲକ-୩ ଇନଚାର୍ଜ ଆଶିଷ ମହାନ୍ତି, ସଭାପତି ସେକ୍ ଫିରଦୌସ୍ ,ବ୍ଲକ-୪ ଇନଚାର୍ଜ ଆର୍ ପି ସିଂ, ସଭାପତି ଭୀମ ମହତୋ, ବ୍ଲକ -୫ ଇନଚାର୍ଜ ନଚିକେତା ମହାପାତ୍ର, ସଭାପତି ରମେଶ ଗୁପ୍ତା, ବ୍ଲକ-୬ ଇନଚାର୍ଜ ସରୋଜ ଲେଙ୍କା ଓ ସଭାପତି ରଘୁ ଦାସ, ବ୍ଲକ -୭ ଇନଚାର୍ଜ ଆଶିଷ ମହାନ୍ତି ଓ ସଭାପତି ପ୍ରଫୁଲ ପ୍ରଧାନ, ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ବ୍ଲକ-୮ ଇନଚାର୍ଜ ସନ୍ତୋଷ ବିଶ୍ୱାଳ ଓ ସଭାପତି ବିନୋଦ ତନ୍ତୀ, ବ୍ଲକ -୯ ଇନଚାର୍ଜ ଜ୍ଞାନେନ୍ଦ୍ର ଦାସ ଓ ସଭାପତି ଧୂସା ନାୟକ, ବ୍ଲକ -୧୦ ଇନଚାର୍ଜ ବି ରୀନା ଓ ସଭାପତି ସର୍ବେଶ ସିଂହ ସମେତ ୧୦୦ ଜଣ କର୍ମୀଙ୍କୁ ଷ୍ଟିଅରିଂ କମିଟିରେ ସାମିଲ କରାଯାଇଛି।

### ନାବାଳିକାଙ୍କୁ ଅପହରଣ: ଜଣେ ଗିରଫ

**ରାଉରକେଲା,୬।୫(ସଙ୍ଗୀତା ଜେନା) :** ଝିରପାଣି ଥାନା ଅଞ୍ଚଳର ଜଣେ ନାବାଳିକା(୧୫)ଙ୍କୁ ଅପହରଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ସୋମବାର ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଅବଧେଶ କୁମାର ସାମନ୍ତ ରାୟ(୨୮)। ଏ ନେଇ ପୋଲିସ ମାମଲା ନଂ.୬୮/୨୪ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଏପ୍ରିଲ ୧୬ରେ ନାବାଳିକା ନିଖୋଜ ହୋଇଯାଇଥିବା ଏତଲା ହୋଇଥିଲା। ଏହାର ତଦନ୍ତ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

### ଆରପିଏଫ ପଡ଼ିଆରେ ବିଜେଡିର ଜନସଭା

**ରାଉରକେଲା,୬।୫(ଦିନେଶ ମିଶ୍ର):** ଲୋକସଭା ଓ ବିଧାନସଭା ଆଶାୟୀ ପ୍ରାର୍ଥୀଙ୍କୁ ନେଇ ବନ୍ଧମୁଣ୍ଡା ବି-ସେକ୍ଟର ଆରପିଏଫ ପଡିଆରେ ବିଜେଡି ପକ୍ଷରୁ ଜନସଭା ଆୟୋଜିତ ହୋଇଥିଲା। ଏଥିରେ ଲୋକସଭା ପ୍ରାର୍ଥୀ ଦିଲୀପ ତିର୍କୀ ଓ ବିଧାନସଭା ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ବୈଠକରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ବନ୍ଧମୁଣ୍ଡା ଯୁବ ବିଜେଡି ପକ୍ଷରୁ ଆୟୋଜିତ ଏହି ଜନସଭା କାର୍ଯ୍ୟକ୍ରମରେ ନବୀନ ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ଦିଲୀପ ତିର୍କୀ ଭୋଟରମାନଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜେଡିର ପିଙ୍କୁ ଜସୱାଲ, ପଦ୍ମା ରାଓ, ପରମଜିତ ସିଂ ସିନ୍ଧୁ, ନରେଶ ଅଗ୍ରୱାଲ, ଲଲ ଛତ୍ରି, ଜୋନା ଭେଙ୍ଗା, ଆକାଶ ଏକ୍କା, ନରେଶ ଅଗ୍ରୱାଲ, ଅଭିକ କୁମାର, ମାନସୀ ସରକାରଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

### ହକର୍ସ ଆସୋସିଏଶନକୁ ଭେଟିଲେ କଂଗ୍ରେସ ପ୍ରାର୍ଥୀ

**ରାଉରକେଲା, ୬।୫(ସଙ୍ଗୀତା ଜେନା) :** ରାଉରକେଲା ନିବାର୍ଚନ ମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବିରେନ୍ଦ୍ର ନାଥ ପଟ୍ଟନାୟକ ସୋମବାର ପୂର୍ବାହ୍ନରେ ରାଉରକେଲା ବସ ଷ୍ଟାଣ୍ଡ ସ୍ଥିତ ହକର୍ସ ପଏଣ୍ଟରେ ଖବରାକଗଜ ବିତରକଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ପଟ୍ଟନାୟକ ଆଗାମୀ ଦିନରେ ହକରଙ୍କ ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲାର ବିଭିନ୍ନ ଅଞ୍ଚଳର ହକରମାନେ ଏଠାର ଉପସ୍ଥିତ ଥିଲେ।



ଗରମରୁ ଆଶ୍ୱସ୍ତି ପାଇବା ପାଇଁ ରାଉରକେଲା ଗୋପବନ୍ଧୁପାଲି ଦଳ ପୋଖରୀରେ ପିଲାମାନେ ଗାଧୋଇବାର ମଜା ନେଉଛନ୍ତି।

## ଇସ୍ପାତ ସହରରେ ବର୍ଷାଜଳ ଅମଳ ଯୋଜନା କ୍ଷୀଣ

**ରାଉରକେଲା,୬।୫(ସଙ୍ଗୀତା ଜେନା)**

୨୦୨୪ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ପାଇପ ଜଳ ଯୋଗାଣ କରାଯିବ। ନୂତନ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେବ। ସେହିପରି ବର୍ଷାଜଳ ଅପଚୟକୁ ରୋକାଯିବ। ବର୍ଷାଜଳକୁ ଅମଳକ୍ଷମ କରିବା ସହ ଭୂତଳ ଜଳ ପୁନଃ ଭରଣା କରାଯିବ। ଏହି ଜଳକୁ ପାନୀୟ, କୃଷି, କାରଖାନା ଆଦିରେ ବ୍ୟବହାର କରାଯିବ ବୋଲି ୨୦୧୯ରେ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏଥିପାଇଁ ଦେଶର ୧୫୯୨ଟି ବ୍ଲକକୁ ଚିହ୍ନଟ କରାଗଲା। ଯେଉଁ ବ୍ଲକଗୁଡିକରେ ଉତ୍କଟ ଜଳ ଅଭାବ ଥିଲା, ତାହାକୁ ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରାଗଲା। ଅଦ୍ୟାବଧି ଜଳଶକ୍ତି ଅଭିଯାନରେ ସମ୍ପ୍ରତି ଦେଶର ବିଭିନ୍ନ ରାଜ୍ୟରେ ୨୫୬ଟି ଜିଲାରେ ଏହି ଅଭିଯାନ ଜାରି ରହିଛି। ଓଡ଼ିଶାରେ ଏହି ବର୍ଷାଜଳ ଅମଳ ଯୋଜନା 'ଛାତ ଯୋଜନା'ଭାବେ କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ଇସ୍ପାତ ସହରରେ କ୍ଷୀଣ କାର୍ଯ୍ୟକ୍ଷମ ହୋଇଥିବା ଦେଖାଯାଇଛି। ସହରରେ ସରକାରୀ କୋଠା ଓ ଗୃହକୁ ବାଦ୍ ଦେଇ ଘରୋଇ ଜମିରେ ନିର୍ମିତ

**ଅପଚୟ ହେଉଛି ବର୍ଷା ଜଳ**



କୋଠା ବା ଆବାସଗୁଡ଼ିକରେ ଏହି ଛାତ ଯୋଜନା କାର୍ଯ୍ୟକାରୀ କରାଯାଇପାରିବ। ସାଧାରଣତଃ ଛାତ ଉପର ବର୍ଷାଜଳକୁ ସିମେଣ୍ଟ ତିଆରି ଫିଲଟର୍ ଟାଙ୍କିରେ ସଂଗୃହୀତ କରାଯାଇଥାଏ। ବର୍ଷାଜଳକୁ ଏକାଠି କରି ଏହାକୁ ଭୂତଳରେ ରିଚାର୍ଜ କରାଯିବା ସହ ସଞ୍ଚିତ ବର୍ଷାଜଳକୁ ଦୈନନ୍ଦିନ ଜଳ ଆବଶ୍ୟକତା ମେଣ୍ଟାଇବାରେ ବ୍ୟବହୃତ କରାଯିବାକୁ ଛାତ ଯୋଜନାର ଅନ୍ତର୍ଭୁକ୍ତ ରହିଛି।

ଏହାପାଇଁ ହିତାଧିକାରୀଙ୍କୁ ୫୦ ପ୍ରତିଶତ ସରକାର ରିହାତି ରାଶି ପ୍ରଦାନ କରିଥାନ୍ତି। ପାଣିପାଗ ବିଭାଗ ଅନୁଯାୟୀ, ବାର୍ଷିକ ସୁନ୍ଦରଗଡ଼ ସମେତ ରାଉରକେଲା ଓ ଅନ୍ୟ ଅଞ୍ଚଳରେ ୧୪୫.୯୫ ମିଲିମିଟର ବର୍ଷା ହୋଇଥାଏ। ଏହି ବର୍ଷା ଜଳ ସାଧାରଣତଃ କୋଏଲ ଓ ବ୍ରାହ୍ମଣୀ ନଦୀରେ ପ୍ରବାହିତ ହୋଇ ସମୁଦ୍ରକୁ ଚାଲିଯାଇଥାଏ। ଇସ୍ପାତ ସହରର କୋଏଲନଗର, ଜଗଦା, ଶକ୍ତିନଗର, ସିଭିଲଟାଉନଶିପ୍, ବାସନ୍ତୀକଲୋନୀ, ଛେଣ୍ଡ କଲୋନୀ ସମେତ ଘରୋଇ ଜମିରେ ହଜାର ହଜାର ବାସଗୃହ ଓ କୋଠା ରହିଛି। ଏଥିରେ ଆଖିଦୃଶିଆ ଛାତ ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବା ଦେଖାଯାଇଛି। କିଛି ଦିନ ପୂର୍ବେ ସହରରେ ଏହାର ଏକ ଘରୋଇ ସଂସ୍ଥା ଦ୍ୱାରା ସର୍ଭେ କରାଯାଇଥିଲା। ସମ୍ପ୍ରତି ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ଅଧିକୃତ ଜଗଦାରେ ୨୨ଟି, ବାସନ୍ତୀକଲୋନୀରେ ୬୨ଟି, ସିଭିଲଟାଉନଶିପ୍‌ରେ ୧୧ଟି, ଶକ୍ତିନଗରରେ ୧୨ଟି ସମେତ ଅନ୍ୟ କିଛି ଅଞ୍ଚଳରେ ଅଳ୍ପକିଛି ଘରଗୁଡ଼ିକରେ ଏହା କାର୍ଯ୍ୟକାରୀ ହୋଇଛି। ରାଜ୍ୟ ଜଳସମ୍ପଦ ବିଭାଗ, ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା ପରିଚାଳିତ ଏକ ଠିକା ସଂସ୍ଥା ଦ୍ୱାରା ରାଉରକେଲା ଓ ଅନ୍ୟ ସହରଗୁଡ଼ିକରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଉରକେଲାରେ ଯୋଜନା କାର୍ଯ୍ୟକାରୀ କରୁଥିବା ଠିକା ସଂସ୍ଥା ଅଧିକାରୀ ମନୋଜ ମଲ୍ଲିକଙ୍କୁ ପଚାରିବାରୁ, ଏହି ଛାତ ଯୋଜନା ଭୁବନେଶ୍ୱର ଜଳସମ୍ପଦ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଛି। ଘରୋଇ ଜମିରେ ଥିବା କୋଠା ଓ ଘରଗୁଡ଼ିକରେ ବୋରିଂ କିମ୍ବା କୂଅ ଥିଲେ ସେମାନଙ୍କୁ ଏହି ଯୋଜନା ସମ୍ପର୍କରେ କୁହାଯାଉଛି। ହିତାଧିକାରୀମାନେ ନିଜ ଘର ଛାତ ଉପରେ ବର୍ଷାଜଳ ଅମଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଦାୟିତ୍ୱ ନିଜେ ବହନ କରିବେ। ଗୃହ ମାଲିକ ନିଜ ଖର୍ଚ୍ଚରେ ଅମଳ ପ୍ରକଳ୍ପ କରି ସାରିବା ପରେ ରିହାତି ପାଇଁ ଆବେଦନ କରିବେ । କ୍ରମଶଃ ରାଉରକେଲାରେ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରି ସମସ୍ତ ଆନୁଷଙ୍ଗିକ କାଗଜପତ୍ର ଦ୍ୱାରା ଯୋଜନା ପ୍ରଦାନ ପାଇଁ ପ୍ରକ୍ରିୟା କରାଯାଉଛି। ଯଥାଶୀଘ୍ର ଏହି ଯୋଜନା ସମ୍ପୂର୍ଣ୍ଣ ହେବ। ଏହାପାଇଁ ଲୋକ ସଚେତନତା ନିହାତି ଭାବେ ଆବଶ୍ୟକ ବୋଲି ମଲ୍ଲିକ କହିଥିଲେ।

## ଆଇସିଏସ୍‌ଇ, ଆଇଏସ୍‌ସି ବୋର୍ଡ ପରୀକ୍ଷାଫଳ ପ୍ରକାଶିତ

**ରାଉରକେଲା,୬।୫(ସଙ୍ଗୀତା ଜେନା)**

ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେସନ୍(ଆଇସିଏସଇ) ବୋର୍ଡର ୧୦ମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ରାଉରକେଲା ହମିରପୁର ସ୍ଥିତ କାର୍ମେଲ ସ୍କୁଲରେ ୧୦ମ ଶ୍ରେଣୀରେ ୧୨୨ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ପାସହାର ଶତପ୍ରତିଶତ ରହିଛି। ଆଶ୍ରିତା ପଣ୍ଡା ପ୍ରଥମ ୯୮.୪୦ ପ୍ରତିଶତ, ସାକ୍ଷୀ କୁମାରୀ ୯୮.୨୦ ପ୍ରତିଶତ, ପ୍ରତୀକ୍ଷା ରାୟ ୯୮ ପ୍ରତିଶତ, ସମରତ କୌର ୯୬.୬୦ ପ୍ରତିଶତ, ଗାରିମା ସିହ୍ନା ୯୫.୮୦ ପ୍ରତିଶତ, ରକ୍ଷିତା କର ୯୫.୮୦ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଦ୍ୱାଦଶରେ ୭୦ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ଶତପ୍ରତିଶତ ପାସହାର ରହିଛି। ବିଜ୍ଞାନରେ ସାକ୍ଷୀ ଠାକୁର ୯୩.୭୫ ପ୍ରତିଶତ, ବାଣିଜ୍ୟରେ ପଲକ ବାଗାରିଆ ୯୦ପ୍ରତିଶତ, କଳାରେ ଶୁଭ୍ରା ଶ୍ୱେତପଦ୍ମା ୯୧.୨୫ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି। ଅନୁରୂପ ଭାବେ ଇଣ୍ଡୋ ଇଂଲିଶ ସ୍କୁଲରେ ୧୦ମରେ ଅଙ୍କିତା ବେହେରା ୯୭ ପ୍ରତିଶତ, ଆୟୁଷ ସାହୁ ୯୫ ପ୍ରତିଶତ, ନିତେଶ ସାହୁ ୯୩ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଉକ୍ତ ସ୍କୁଲରେ ମୋଟ ୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରେ ଶତ ପ୍ରତିଶତ ପାସହାର ରହିଛି। ସେହିପରି ଦ୍ୱାଦଶ ଶ୍ରେଣୀରେ ୧୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଶତପ୍ରତିଶତ ପାସହାର ରହିଛି। ବୀନା ରମାନୀ ୮୭.୫ ପ୍ରତିଶତ, କଣିଷ ସିଂହ ୮୬.୮ପ୍ରତିଶତ, ଜିଜ୍ଞାସା ମିଶ୍ର ୮୧ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ରାଉରକେଲାରେ ସେଣ୍ଟ ଯୋଶେଫ୍, ସେକ୍ଟର-୨ ଡିସୌଜା ସ୍କୁଲ, ଜଗଦା ଏମ୍‌ଜିଏମ୍ ସ୍କୁଲ, ସେଣ୍ଟ ମେରୀ ସ୍କୁଲ, ସେକ୍ଟର-୨୦ ଇସ୍ପାତ ଇଂଲିଶ ସ୍କୁଲ, ସେଣ୍ଟ ଗ୍ରେଗୋରିୟସ ସ୍କୁଲରେ ପରୀକ୍ଷାଫଳ ଆଶାଜନକ ରହିଥିବା ସୂଚନା ମିଳିଛି।

## ୩ କଂଗ୍ରେସ ପ୍ରାର୍ଥୀଙ୍କ ଭୋଟ ଭିକ୍ଷା




ସେକ୍ଟର-୧୮ ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ୩ ଜଣ ପ୍ରାର୍ଥୀ ଓ ଅନ୍ୟମାନେ।

**ରାଉରକେଲା, ୬।୫(ସଙ୍ଗୀତା ଜେନା)**

ସେକ୍ଟର-୧୮ସ୍ଥିତ ସ୍ଥିତ ଆଇଏନ୍‌ଟିୟୁସି ସହବନ୍ଧିତ ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍ ଏସ୍) ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସଭାପତିତ୍ୱରେ ଉକ୍ତ ବୈଠକରେ ରାଉରକେଲା ନିବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ବୀରେନ୍ଦ୍ରନାଥ ପଟ୍ଟନାୟକ, ଲୋକ ସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ, ରଘୁନାଥପାଲୀ ପ୍ରାର୍ଥୀ ଗୋପାଳ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଜେଡି ଓ ଭାଜପା ରାଜ୍ୟ ଓ ଦେଶର ବିକାଶ ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ଲୋକଙ୍କୁ ବଡ଼ ପ୍ରତିଶ୍ରୁତି ଦିଆଯାଉଛି ଓ ପରବର୍ତ୍ତୀ ସମୟରେ ଲୋକେ ପ୍ରତାରଣାର ଶିକାର ହେଉଛନ୍ତି। କେଉଁଠି ଧର୍ମକୁ ନେଇ ରାଜନୀତି ତ, କେଉଁଠି ରୋଜଗାର ଓ ଅନ୍ୟ ପ୍ରସଙ୍ଗକୁ ନେଇ ତୁଚ୍ଛ ରାଜନୀତି କରାଯାଉଛି। ଠିକ୍ ସମୟରେ ଲୋକେ ଏହାର ଜବାବ ନିଶ୍ଚୟ ଦେବେ। କଂଗ୍ରେସ ସରକାରରେ ଆସିଲେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦିଆଯିବ ବୋଲି ପ୍ରାର୍ଥୀମାନେ କହିଥିଲେ। ବୈଠକରେ ଉପସ୍ଥିତ ଶତାଧିକ ଇସ୍ପାତ କର୍ମଚାରୀଙ୍କୁ ଭୋଟ ଭିକ୍ଷା କରାଯାଇଥିଲା। ଦିଲୀପ ମହାପାତ୍ର, ନୀହାର ଦାସ, ନୀହାର ସାମଲ, ବିକେ ଶେଖରଦେଓ, ଅକ୍ଷୟ ଜେନାଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ।

## ନୀଳଗାଇ ଖୁଆଡ଼ ଉଦ୍‌ଘାଟିତ

**ରାଉରକେଲା,୬।୫(ବିପ୍ଳବ ରଞ୍ଜନ ଦାଶ)**

ଇନ୍ଦିରା ଗାନ୍ଧୀ ପାର୍କଠାରେ ଏକ ନୀଳଗାଇ ଖୁଆଡ଼କୁ ଆର୍‌ଏସ୍‌ପିର ବିତ୍ତ ଏବଂ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ. ବେହୁରିଆ ସୋମବାର ଉଦ୍‌ଘାଟନ କରିଥିଲେ। ସେବା ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ପି.କେ. ସ୍ୱାଇଁ, ସହର ପ୍ରଶାସନ ଓ କାର୍ମିକ ବିଭାଗର ଜି.ଏମ୍. ଇନଚାର୍ଜ ପି.କେ. ଦାସ, ଟାଉନ ଇଞ୍ଜିନିୟରିଂ ବିଭାଗର ଜି.ଏମ୍. ଇନଚାର୍ଜ ବି.କେ. ଜୋଜୋ, ସହର ସେବା ବିଭାଗର ଜି.ଏମ୍. ଇନଚାର୍ଜ ଟି.ଜି. କାନେକର, ଜଳ ଯୋଗାଣ ବିଭାଗର ଜି.ଏମ୍. ବି. ଓରାମ, ଟାଉନ୍ ଇଞ୍ଜିନିୟରିଂ ଇଲେକ୍ଟ୍ରିକାଲ ବିଭାଗର ଜି.ଏମ୍. ଏସ.କେ. ପ୍ରଧାନ, ସୁରକ୍ଷା ବିଭାଗର ଜି.ଏମ୍. ଏଚ୍. ପଟ୍ଟନାୟକ, ସହର ସେବା ବିଭାଗର ଜି.ଏମ୍. ବି. ମଲ୍ଲିକ, ଟାଉନ୍



ଅତିଥିମାନେ ନୀଳଗାଇ ଖୁଆଡ଼ ଉଦ୍‌ଘାଟନ କରୁଛନ୍ତି।

ଇଞ୍ଜିନିୟରିଂ ଜଳ ଯୋଗାଣ ବିଭାଗର ଜି.ଏମ୍. ଏସ୍.ଏନ୍. ସାହୁ, ଉଦ୍ୟାନ କୃଷି ବିଭାଗର ଡିଜିଏମ୍ ଡ. ଅଭିଜିତ ବିଶ୍ୱାସ ଏବଂ ଆର୍‌ଏସ୍‌ପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଇନ୍ଦିରା ଗାନ୍ଧୀ ପାର୍କ ପରିସରରେ ୨୨ଶହ ବର୍ଗ ମିଟର ପରିମିତ ଜାଗାରେ ନବନିର୍ମିତ ନୀଳଗାଇ ଖୁଆଡ଼ଟିରେ ୧୪ ଘଣ୍ଟା ପାନୀୟ ଜଳ ଯୋଗାଣ, ବିଶ୍ରାମାଗାର, ଖାଦ୍ୟ ଯୋଗାଣ ପ୍ରମୁଖ ସମସ୍ତ ବ୍ୟବସ୍ଥା ରହିଛି। ପୁରୁଣା ନୀଳ ଗାଇ ଖୁଆଡରୁ ନବନିର୍ମିତ ଖୁଆଡ଼କୁ ଏକ ସୁଗମ ରାସ୍ତା ନିର୍ମାଣ ପରେ ୩ଟି ନୀଳଗାଇ( ୧ ଅଣ୍ଡିରା ଓ ୨ମାଈ) ସ୍ଥାନାନ୍ତର କରାଯାଇଛି।

## ବିଜେଡିର ଯୁବ ଛାତ୍ର ସମାବେଶ

**ରାଉରକେଲା,୬।୫(ଦିନେଶ ମିଶ୍ର)**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପାନପୋଷ ସ୍ଥିତ ଏକ ହୋଟେଲରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଓ ଛାତ୍ର ଜନତାଦଳ ପକ୍ଷରୁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ସେନାପତିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଙ୍ଗଠନିକ ଯୁବ ସଭାପତି ବିଭୂତି ଭୂଷଣ ପୁହାଣ, ରଣାପ୍ରତାପ ସିଂ, ତରିକ ଆଜିଜ, ଦିଲୀପ ଲେହେରୀ, ମହେନ୍ଦ୍ର ବଡିକ, ମୁବାରକ ଆନସାରୀ, ହିମାଂଶୁ ତ୍ରିପାଠୀ, ସୁମିତ ମିଶ୍ର, ଅନିଲ ବେହେରା, ବିକ୍ରମ ସିଂ, ସାଗର କୁଆଁରୀଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

## ଶୌଚାଳୟ ଅଛି, ପାଣି ନାହିଁ



କଲୋନୀବାସୀଙ୍କ ପାଇଁ ନିର୍ମାଣ ହୋଇଥିବା ଶୌଚାଳୟ।

**ରାଉରକେଲା,୬।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା-୧୫ ଟିସ୍କୋ କ୍ୱାରି ସଡିଙ୍ଗ କଲୋନୀବାସୀଙ୍କ ପାଇଁ ସ୍ୱଚ୍ଛ ଭାରତ ଯୋଜନାରେ ଆର୍‌ଏମ୍‌ସି ପକ୍ଷରୁ ହକି ବିଶ୍ୱକପ ପୂର୍ବରୁ ୨୦ଟି ଶୌଚାଳୟ ନିର୍ମାଣ ହେଲା। ମାତ୍ର ପରିତାପର ବିଷୟ ପ୍ରାୟ ୪ ଦିନ ହେବ ଉକ୍ତ ଶୌଚାଳୟରେ ପାଣି ସମସ୍ୟା ଦେଖାଦେଇଛି। ଫଳରେ ବାଧ୍ୟ ହୋଇ କଲୋନୀବାସୀ ନିକଟସ୍ଥ କୋଏଲ ନଦୀ କୂଳରେ ଶୌଚ ହେଉଛନ୍ତି। ଶୌଚାଳୟଗୁଡ଼ିକରେ ଜଳଜନିତ ସମସ୍ୟା କିପରି ଦୂରହେବ ସେ ଦିଗରେ ଆରଏମସି ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ କଲୋନୀର କାନ୍ଧୁ ନାଇକ, କୁନୁ ଖାଡିଆ, ରଶ୍ମି ଖାଡିଆ, ମୀନା କେରକେଟା ପ୍ରମୁଖ ଦାବି କରିଛନ୍ତି। ଏନେଇ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ, ଶୌଚାଳୟ ସାନିଟାଇଜ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବା ନେଇ କୁହାଯିବ ବୋଲି କହିଥିଲେ।

## ଆର୍‌ଆଇକେଏସ୍‌ର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ରାଉରକେଲା, ୬।୫(ସଙ୍ଗୀତା ଜେନା)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ କାର୍ଯ୍ୟରତ ରାଉରକେଲା ଇସ୍ପାତ କର୍ମଚାରୀ ସଂଘ (ଆର୍‌ଆଇକେଏସ୍)ର ୯ମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୃଷ୍ଣଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବ୍ରିଜଭୂଷଣ କୁଶବାହା, ସୁରେନ୍ଦ୍ର ଶର୍ମା, ଉଦୟନାଥ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଠିକା କର୍ମଚାରୀଙ୍କ ସହ ହେଉଥିବା ଶୋଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସାମାଜିକ କର୍ମୀ କ୍ଷୀତିଶ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶତାଧିକ ମହିଳା, ପୁରୁଷ ଶ୍ରମିକ ସାମିଲ ହୋଇଥିଲେ।

## ଆର୍‌ଏସ୍‌ପି ଇଂରାଜୀ ମାଧ୍ୟମ ସ୍କୁଲର ଉତ୍କୃଷ୍ଟ ପ୍ରଦର୍ଶନ


**ରାଉରକେଲା,୬।୫(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପରିଚାଳିତ ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆଇସିଏସଇ, ଆଇଏସସି ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଛାତ୍ରୀଛାତ୍ର ଉତ୍କୃଷ୍ଟ ପ୍ରଦର୍ଶନ ହାସଲ କରିଛନ୍ତି। ଆଇସିଏସଇ ବୋର୍ଡ ପରୀକ୍ଷାରେ ୨୫ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସେହିଭଳି ୯୦ଜଣ ଛାତ୍ରୀଛାତ୍ର ୬୦ପ୍ରତିଶତରୁ ୮୯ ପ୍ରତିଶତ ମଧ୍ୟରେ ମାର୍କ ହାସଲ କରିଥିବା ବେଳେ ୧୨ଜଣ ୫୦ପ୍ରତିଶତରୁ ୫୯ ପ୍ରତିଶତ ମାର୍କ ରଖିଛନ୍ତି। ୯ଜଣ ୫୦ପ୍ରତିଶତରୁ କମ ମାର୍କ ରଖିଛନ୍ତି। ତ୍ରିଲୋଚନ ପଣ୍ଡାଙ୍କ ସୁପୁତ୍ର ମୋହିତ ପଣ୍ଡା ୯୯.୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚିତରଞ୍ଜନ ପଣ୍ଡାଙ୍କ ସୁପୁତ୍ରୀ ସୁଚିସ୍ମିତା ପଣ୍ଡା ୯୭.୪ ପ୍ରତିଶତ ମାର୍କ ରଖି ୨ୟ ସ୍ଥାନ ଏବଂ କୋକ ଓଭେନ ବିଭାଗର ରନ କୁମାର ପୃଷ୍ଟିଙ୍କ ସୁପୁତ୍ରୀ ନବୀନିତା ପୃଷ୍ଟି ୯୭.୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଅ । ଇ ଏ ସ ର୍ସି ପରୀକ୍ଷାରେ ୧୧ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତ ଏବଂ ତଦୁର୍ଦ୍ଧ୍ୱ ୪୩ଜଣ ଛାତ୍ରୀଛାତ୍ର ୬୦ରୁ ୮୯ପ୍ରତିଶତ ନମ୍ବର ରଖିଥିବା ବେଳେ ୧୩ଜଣ ୫୦ପ୍ରତିଶତ ନମ୍ବର ହାସଲ କରିଛନ୍ତି। ଏସଏମଏସ-୨ ବିଭାଗର ବନବାସ ପ୍ରଧାନଙ୍କ ସୁପୁତ୍ରୀ ସୁବର୍ଣ୍ଣିକା ପ୍ରଧାନ ୯୭ ପ୍ରତିଶତ ମାର୍କ ସହିତ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଆରଏମଏଚପି ବିଭାଗର ବିଷ୍ଣୁ ମୋହନ ମିଶ୍ରଙ୍କ ସୁପୁତ୍ରୀ ସିପ୍ରା ସ୍ୱରୁପା ମିଶ୍ର ୯୫ପ୍ରତିଶତ ନମ୍ବର ରଖିବା ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏସ.କେ ନାୟକଙ୍କ ସୁପୁତ୍ର ଅନୁରାଗ ନାୟକ ୯୪ ପ୍ରତିଶତ ନମ୍ବର ସହିତ ୩ୟ ସ୍ଥାନ ଅଧିକାର କରିଛନ୍ତି। ତେବେ ବିଦ୍ୟାଳୟର ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଅଭିବାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶିକ୍ଷା ପ୍ରତି ଏଭଳି ଆବେଗତା ପିଲାଙ୍କ ଭବିଷ୍ୟତକୁ ନିଶ୍ଚିତ ଉଜ୍ଜ୍ୱଳ କରିବ ବୋଲି ସେ କହିଥିଲେ।

**ଆଇସିଏସ୍‌ଆଇ, ଆଇଏସ୍‌ସ ପରୀକ୍ଷା ଫଳ**



ନବନୀତା



ଅନୁରାଗ

# ସନ୍‌ରାଇଜର୍ସର ସମ୍ମାନଜନକ ସ୍କୋର



ଉଇକେଟ ନେବା ପରେ ହାର୍ଦ୍ଦିକ ପାଣ୍ଡ୍ୟା।

**ମୁମ୍ବାଇ, ୬।୫** ମୁମ୍ବାଇ ଇଣ୍ଡିଆନ୍ସ ବୋଲରଙ୍କ ପ୍ରଭାବ ସତ୍ତ୍ୱେ ସନ୍‌ରାଇଜର୍ସ ହାଇଦ୍ରାବାଦ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସମ୍ମାନଜନକ ସ୍କୋର କରିଛି। ଆରମ୍ଭରେ ଟ୍ରାଭିସ ହେଡ୍ ଓ ଶେଷ ଭାଗରେ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ଦୃଢ଼ ବ୍ୟାଟିଂ ବଳରେ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୭୩ ରନ କରିବାକୁ ସକ୍ଷମ ହୋଇଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ମୁମ୍ବାଇ ଇଣ୍ଡିଆନ୍ସ ୭ ଓଭରରେ ୩ ଉଇକେଟ ହରାଇ ୭୪ ରନ ସଂଗ୍ରହ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସ ଓପନିଂ ଯୋଡ଼ିରେ ୫୬ରନ ଯୋଗ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇବାରୁ ଇନିଂସ ଦିଗହରା ହୋଇଥିଲା। ଫଳରେ ୧୨.୧ ଓଭର ବେଳକୁ ସ୍କୋର ୯୬/୫ ଏବଂ ୧୭ ଓଭର ବେଳକୁ ୧୩୬/୮ ହୋଇ ଯାଇଥିଲା। ମାତ୍ର ଶେଷ ଭାଗରେ କମିନ୍ସ ୧୭ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହ ୩୫ ରନକରି ଅପରାଜିତ ରହିବାରୁ ସ୍କୋର ୧୭୩ରେ ପହଞ୍ଚିଥିଲା। ଓପନର ଟ୍ରାଭିସ ହେଡ୍ ୩୦ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୪୮ ରନ କରିଥିଲେ। ଅନଶୁଲ କମ୍ବୋଜ ଏହି ମ୍ୟାଚରେ ମୁମ୍ବାଇ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଥିଲେ। ସେ ଓ ଯଶପ୍ରୀତ୍ ବୁମ୍‌ରା ଗୋଟିଏ ଲେଖାଏ ଏବଂ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ପୀୟୂଷ ଚାୱଲା ୩ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୩/୮ (ଟ୍ରାଭିସ ହେଡ୍-୪୮, ପ୍ୟାଟ୍ କମିନ୍ସ-୩୫*, ହାର୍ଦ୍ଦିକ ପାଣ୍ଡ୍ୟା-୩/୩୧, ପୀୟୂଷ ଚାୱଲା-୩/୩୩, ଯଶପ୍ରୀତ୍ ବୁମ୍‌ରା-୧/୨୩, ଅନଶୁଲ କମ୍ବୋଜ-୧/୪୨)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଦିଲ୍ଲୀ ବନାମ ରାଜସ୍ଥାନ**

ସ୍ଥାନ: ନୂଆଦିଲ୍ଲୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୦ | ୮ | ୨ | ୧୬ | +୦.୬୨୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୫ | ୧୨ | +୦.୭୦୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୬ | ୫ | ୧୨ | -୦.୩୭୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | -୦.୪୪୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ କିଙ୍ଗ୍ସ | ୧୧ | ୪ | ୭ | ୮ | -୦.୧୮୭ |
| ଗୁଜରାଟ ଟାଇଟନ୍ସ | ୧୧ | ୪ | ୭ | ୮ | -୧.୩୨୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୩ | ୮ | ୬ | -୦.୩୫୬ |

# କ୍ୱାର୍ଟର ଫାଇନାଲରେ ସହିଦ ସ୍ପୋର୍ଟିଂ

**ଭୁବନେଶ୍ୱର, ୬।୫ (ତପନ ସ୍ୱାଇଁ):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏହାର ପଡ଼ିଆରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ସହିଦ ସ୍ପୋର୍ଟିଂ। ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ସହିଦ ସ୍ପୋର୍ଟିଂ ୭ ଉଇକେଟରେ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ)କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଏସ୍‌ଜେଏସ୍‌ଏ ୩୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ କରିଥିଲା। ଦଳ ପକ୍ଷରୁ ଦେବାଂଶୁ ଜେନା ସର୍ବାଧିକ ୪୩ ଓ ଆୟୂଷ ଶେଠୀ ୩୫ ରନ କରିଥିବାବେଳେ ବିପକ୍ଷ ବୋଲରମାନେ ଅତିରିକ୍ତଭାବେ ତୃତୀୟ ସର୍ବାଧିକ ୩୪ ରନ ବ୍ୟୟ କରିଥିଲେ। ଆଦିତ୍ୟ କୁମାର ପ୍ରଧାନ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ଆଦିତ୍ୟ କୁମାର ପ୍ରଧାନଙ୍କ ଦ୍ରୁତ ୭୬ ଓ ଆଦିତ୍ୟ ରାଜ ମିଶ୍ରଙ୍କ ଅପରାଜିତ ୪୧ରନ ବଳରେ ୨୨.୫ ଓଭରରେ ୩ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରି ନେଇଥିଲା। ପରାଜିତ ଦଳର ବୋଲରଙ୍କ ମଧ୍ୟରେ ସରୱନ କୁମାର ସାହୁ ୨ଟି ଉଇକେଟ ନେଇଥିଲେ। ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂ କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରଥ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଆଦିତ୍ୟ କୁମାର ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା–୧୪+୪
ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୭/୨୦୨୪ (୧୪+୪=୧୮ ପୃଷ୍ଠା) Bhubaneswar, Tuesday, May 7/2024 Page 18 ₹ 7.00 SAMBALPUR




ବଲାଙ୍ଗୀର ସହରର ମୁଖ୍ୟ ରାସ୍ତାରେ ଲୋକେ ପ୍ରଚଣ୍ଡ ଖରା ଯୋଗୁ ମୁହଁ ଘୋଡ଼େଇହୋଇ ଯାଉଛନ୍ତି।

# ନକଲି ବିହନ କମ୍ପାନୀ ଜାଲରେ ଚାଷୀ

## ଧାନ ବଦଳରେ ବାହାରୁଛି ଅଗାଡ଼ି

ବରଗଡ଼,୬।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଏକ କୃଷିପ୍ରଧାନ ଜିଲା। ମାତ୍ର ଏହି ଜିଲାର ଚାଷୀମାନଙ୍କୁ ବିଭିନ୍ନ ଆଳରେ ଶୋଷଣ କରାଯାଉଛି। ଚାଷୀଙ୍କ ସରଳତାର ସୁଯୋଗ ନେଇ ଏଠାରେ ନକଲି ସାର, ବିହନ ଓ କୀଟନାଶକ ବିକ୍ରି ହେବା ସାଧାରଣରେ ପରିଣତ ହୋଇଥିବାବେଳେ ଜିଲାର ଗାଇସିଲେଟ ବ୍ଲକ ଅନ୍ତର୍ଗତ ହଲନକନାସୀ ଏବଂ ଜାମୁଟପାଲି ଗ୍ରାମର ଅନେକ ଚାଷୀ ଏକ ତଥାକଥିତ କମ୍ପାନୀର ନକଲି ବିହନ ବ୍ୟବହାର କରି ଶୋଷଣର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଚାଷୀମାନେ ସମ୍ପୃକ୍ତ କମ୍ପାନୀର ନକଲି ବିହନରୁ ଧାନଚାଷ କରିଥିବାବେଳେ ଅମଳ ଅବସ୍ଥାରେ ଧାନକେଣ୍ଡାରୁ ଧାନ ବଦଳରେ ଅଗାଡ଼ି ବାହାରୁଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅଭିଯୋଗ ନେଇ କ୍ଷତିଗ୍ରସ୍ତ ଧାନକେଣ୍ଡା ଧରି ସୋମବାର ପ୍ରଭାବିତ ଚାଷୀମାନେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଥିଲେ ଏବଂ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସ୍ମାରକପତ୍ର ଗ୍ରହଣ କରିଥିଲେ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ରବିଚାଷ ପୂର୍ବରୁ ଏକ ତଥାକଥିତ ବିହନ କମ୍ପାନୀର ପ୍ରତିନିଧିମାନେ ଉପରୋକ୍ତ ଗ୍ରାମକୁ ଆସିଥିଲେ। ସେମାନେ ଉକ୍ତ କମ୍ପାନୀ ପ୍ରସ୍ତୁତ କରୁଥିବା ରାଜାରାନୀ କିସମ ଧାନ କରିବାକୁ ପ୍ରଲୋଭନ ଦେଖାଇଥିଲେ ଏବଂ ସେହି କିସମ ଧାନ ଅମଳ ହେଲେ କୁଇଣ୍ଟାଲ ପ୍ରତି ୭ ହଜାର ଟଙ୍କା ଦରରେ କିଣିବେ ବୋଲି କହିଥିଲେ। ସେହିପରି କୌଣସି କାରଣରୁ ଫସଲକ୍ଷତି ହେଲେ କମ୍ପାନୀ ଏକର ପ୍ରତି ୪୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ କହି ସେମାନେ ଏକ ଚୁକ୍ତିନାମା କରିଥିଲେ। ଉପରୋକ୍ତ ଗ୍ରାମର ୧୨ଜଣ ଚାଷୀ ପ୍ରଲୋଭନରେ ପଡ଼ି ସେହି କିସମର ବିହନ କିଣି ଚାଷ କରିଥିଲେ। ମାତ୍ର ଧାନ ଅମଳକ୍ଷମ ଅବସ୍ଥାକୁ ଆସିଯାଇ ଥିବାବେଳେ ଧାନକେଣ୍ଡାରେ ରହିଥିବା କେଣ୍ଡାରୁ ଧାନ ବାହାରୁ ନାହିଁ ଏବଂ କେବଳ ଅଗାଡ଼ି ବାହାରୁ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ସମ୍ପୃକ୍ତ କମ୍ପାନୀର ପ୍ରତିନିଧିମାନେ ଆଉ ଦେଖା ମଧ୍ୟ ଦେଉନାହାନ୍ତି। ଫଳରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଭାବିତ ଚାଷୀମାନେ ଦାବି କରିଛନ୍ତି। ଡାଲିମ୍ବ ସାହୁ, ଶ୍ୟାମସୁନ୍ଦର ସାହୁ, ମୋହନ ସାହୁଙ୍କ ସମେତ ପ୍ରଭାବିତ ଚାଷୀମାନେ ସ୍ମାରକପତ୍ର ଦେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।



ଧାନକେଣ୍ଡା ଧରି କ୍ଷତିଗ୍ରସ୍ତ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

# ବଲାଙ୍ଗୀରରେ ଅଗ୍ନିବର୍ଷା

- ବଲାଙ୍ଗୀର ସହର ତାପମାତ୍ରା ୪୪.୫ ଡିଗ୍ରୀ
- ନିର୍ବାଚନୀ ପ୍ରଚାର କାର୍ଯ୍ୟ ପ୍ରଭାବିତ
- ଗଛଛାଇରେ ଅଟକି ରହୁଛନ୍ତି ପଥଚାରୀ, ଗୋରୁ
- ଖରାରୁ ରକ୍ଷା ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ ଦାବି

ବଲାଙ୍ଗୀର,୬।୫(ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ତାପମାତ୍ରା ବୃଦ୍ଧି ବଲାଙ୍ଗୀରବାସୀଙ୍କୁ କଲବଲ କରୁଛି। ସୋମବାର ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ବଲାଙ୍ଗୀର ସହରରେ ରେକର୍ଡ କରାଯାଇଛି। ବଲାଙ୍ଗୀର ସହରରେ ତାପମାତ୍ରା ୪୪.୫ ଡିଗ୍ରୀ ଓ ଟିଟିଲାଗଡ଼ ସହରର ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇଛି। ଜିଲାର ଅନ୍ୟ ସହରାଞ୍ଚଳ କଣ୍ଟାବାଞ୍ଜି, ପାଟଣାଗଡ଼, ତୁଷୁରା ଓ ସମସ୍ତ ଗ୍ରାମାଞ୍ଚଳରେ ତାପମାତ୍ରା ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରି ପକାଇଲାଣି। ବଲାଙ୍ଗୀର ସହରରେ ଏପ୍ରିଲ ୧୧ ପରଠାରୁ ବର୍ଷା ହୋଇନାହିଁ। ଦୀର୍ଘ ୨୫ ଦିନ ହେଲା ଲଗାତର ତାପମାତ୍ରା ବୃଦ୍ଧି ଏବଂ ପ୍ରଚଣ୍ଡ ଖରା ଲୋକଙ୍କୁ ଡହଳ ବିକଳ କରୁଛି। ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିଲେ ଲୋକଙ୍କ ମୁହଁ ପୋଡ଼ିଯାଉଛି। ଫଳରେ ଲୋକେ ଦିନବେଳା ଘରୁ ବାହାରିବାକୁ ଭୟ କରୁଛନ୍ତି। ବିଶେଷ କରି ପଥଚାରୀ ଓ ଯାତ୍ରୀମାନେ କୌଣସି ସ୍ଥାନକୁ ଯିବା ଆସିବା ବେଳେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୋଟର ସାଇକେଲ, ଯାତ୍ରୀବାହୀ ବସ୍ ଏବଂ ଅନ୍ୟାନ୍ୟ ଯାନବାହନରେ ଯିବା ଆସିବା ବେଳେ ଲୋକେ ମୁହଁରେ ଗାମୁଛା ଘୋଡ଼େଇ ହେବା ସହ ଗଛ ଛାଇରେ କିଛି ସମୟ ଅଟକୁଥିବା ଦେଖିବାକୁ ମିଳୁଛି।

ପ୍ରଚଣ୍ଡ ଖରା ଯୋଗୁ ଗାଁରୁ ଲୋକେ ସହରକୁ ଆସୁ ନ ଥିବାରୁ ସହର ରାସ୍ତାଘାଟ ଖାଁ ଖାଁ ଲାଗୁଛି। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସହରରେ କର୍ଫ୍ୟୁ ଭଳି ସ୍ଥିତି ଦେଖାଯାଇଛି। ଲୋକେ ଜରୁରୀ କାମ ନ ଥିଲେ ଘରୁ ବାହାରୁ ନାହାନ୍ତି। ଅପରାହ୍ନ ୫ଟା ପରେ ଘରୁ ବାହାରିବାକୁ ନିରାପଦ ମଣୁଛନ୍ତି। ଏବେ ନିର୍ବାଚନୀ ପ୍ରଚାର ମାହୋଲ ଜମିବାରେ ଲାଗିଥିଲେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ପ୍ରଚାର କାର୍ଯ୍ୟକୁ ପ୍ରଭାବିତ କରିଛି। ବିଭିନ୍ନ ଦଳର ନେତା, କର୍ମୀ ଓ ସମର୍ଥକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରଚାର କରିପାରୁ ନ ଥିବା ଦେଖାଯାଉଛି। ପ୍ରାର୍ଥୀ ଓ କର୍ମୀ ବିଭିନ୍ନ ସ୍ଥାନରେ ଛାଇରେ ଅଟକି ରହୁଥିବା ଦେଖାଯାଉଛି। ବଲାଙ୍ଗୀର ସହର ଭିତରେ ରାସ୍ତା କଡ଼ରେ ପୂର୍ବଭଳି ଗଛ ନ ଥିବାରୁ ତାପମାତ୍ରା ବୃଦ୍ଧି ଅଧିକ ଅନୁଭୂତ ହେଉଛି। ବଲାଙ୍ଗୀର ସହର ମୁଖ୍ୟ ମାର୍କେଟ ନିକଟରେ ରାସ୍ତାକଡ଼ରେ ଗଛ ନ ଥିବାରୁ ଲୋକେ କେଉଁଠି ଠିଆ ହୋଇପାରୁ ନାହାନ୍ତି। ମୋଟର ସାଇକଲ ଓ ଗାଡି ପାର୍କିଂରେ ଅସୁବିଧା ସୃଷ୍ଟି ହେଉଛି। କୌଣସି ଜରୁରୀ କାମରେ ବାହାରିଲେ ସହରରେ ଆଶ୍ରୟ ସ୍ଥଳୀ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଜରୁରୀ କାମରେ ଖରାରେ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ଅଂଶୁଘାତ ଭୟ ଲାଗିରହିଛି। ଗ୍ରାମାଞ୍ଚଳଗୁଡିକରେ ମଧ୍ୟ ଖରା ଯୋଗୁ ଅବସ୍ଥା ସାଂଘାତିକ ହୋଇପଡିଛି। ଗୃହପାଳିତ ପଶୁ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଅନେକ ଗାଁରେ ଗାଧୋଇବାକୁ ପାଣି ନାହିଁ। ପିଇବା ପାଣି ମିଳୁ ନ ଥିବାରୁ ଲୋକେ ବାଧହୋଇ ଖରାରେ ଦୂରଦୂରାନ୍ତକୁ ଯାଇ ପାଣି ସଂଗ୍ରହ କରୁଛନ୍ତି। ଗନ୍ଧମାର୍ଦ୍ଦନ ଜଙ୍ଗଲ ଅଞ୍ଚଳରେ ମଧ୍ୟ ଉତ୍ତାପ ବୃଦ୍ଧି ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ଜଙ୍ଗଲରେ ପାଣି ନ ଥିବାରୁ ବନ୍ୟଜନ୍ତୁଙ୍କ ଜୀବନ ବିପଦରେ ରହିଛି। ଏହି ସମୟରେ ଜଙ୍ଗଲରେ ନିଆଁ ପରିସ୍ଥିତିକୁ ସଙ୍ଗିନ କରିଛି। ବଲାଙ୍ଗୀର ସହର ନିକଟ ଗନ୍ଧରେଲଠାରେ ନିଆଁ ଲାଗିଥିବା ସୂଚନା ପାଇବା ପରେ ବନବିଭାଗ ପକ୍ଷରୁ ନିଆଁ ଲିଭାଇବା ଉଦ୍ୟମ କରାଯାଇଥିବା ଜଣାପଡିଛି।

# ଗନ୍ଧମାର୍ଦ୍ଦନ ପର୍ବତ ଜଳୁଛି

## ନିଆଁ ଆୟତ୍ତ କରିବାକୁ ଯାଇ ବନବିଭାଗ ନାକେଦମ୍

ଖପ୍ରାଖୋଲ, ୬।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଥିବା ହରିଶଙ୍କର ବନାଞ୍ଚଳ ଅଧୀନ ଗନ୍ଧମାର୍ଦ୍ଦନ ପାହାଡ଼ରେ ଦୁଇଦିନ ହେଲା ନିଆଁ ଲାଗିଛି। ଫଳରେ ବିଭିନ୍ନ ମୂଲ୍ୟବାନ ଗଛ ଓ ବିରଳ ଔଷଧୀୟ ବୃକ୍ଷ ନିଆଁରେ ପୋଡି ନଷ୍ଟ ହେବାରେ ଲାଗିଥିବା ବେଳେ ବନ୍ୟଜନ୍ତୁଙ୍କ ଜୀବନ ବିପଦରେ ରହିଛି। ବନବିଭାଗ ନିଆଁକୁ ଆୟତ୍ତ କରିବାକୁ ୩୦ ଜଣ ଫାୟାର ସ୍କ୍ୱାଡ୍ ଲାଗି ପଡ଼ିଛନ୍ତି। ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ମଧ୍ୟ ସହଯୋଗର ହାତ ବଢାଇଛନ୍ତି। ହେଲେ ସୋମବାର ସନ୍ଧ୍ୟା ଯାଏ ନିଆଁ ଆୟତ୍ତ ହୋଇ ନ ଥିବା ଜଣାଯାଇଛି। ରବିବାର ଦିନ ହରିଶଙ୍କର ମନ୍ଦିର ପାଖ, ନୂଆପାଲି ଗାଁ ଉପରପଟ, କନ୍ଦରାଭଟା, ମହୁଲପାଲି ଉପରପଟ ଓ ତୁର୍ଲା ଗାଁ ଉପରପଟ ଜଙ୍ଗଲରେ ନିଆଁ ଲାଗିଥିବା ବନବିଭାଗକୁ ସୂଚନା ମିଳିଥିଲା। ଏନେଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କୁ ପଚାରିବାରେ ହରିଶଙ୍କର ବନପାଳ, ବନରକ୍ଷୀଙ୍କ ସମେତ ୩୦ଜଣ ଫାୟାର ସ୍କ୍ୱାଡ୍ ନିଆଁ ଲିଭାଇବାକୁ ଦୁଇଦିନ ହେଲା ଲାଗି ପଡ଼ିଛନ୍ତି। ଅନେକ ସ୍ଥାନରେ ନିଆଁ ଆୟତ୍ତ ହେଲାଣି। ଏବେ ବି ନିଆଁ ଲିଭା କାମ ଜାରି ରହିଛି ବୋଲି ସେ କହିଥିଲେ।।

ଅସାମାଜିକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଅଭିଯୋଗ ହୋଇଆସୁଛି। ଏଥିପାଇଁ ପୂର୍ବରୁ ବନ ବିଭାଗ ସଚେତନ କରିଥିଲେ ମଧ୍ୟ ସେମାନଙ୍କ ଉପରେ ପ୍ରଭାବ ପଡିଲା ପରି ମନେହେଉନାହିଁ। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ପାହାଡ ତଳି ଅଞ୍ଚଳରେ ତାପମାତ୍ରା ବହୁତ ବଢ଼ିଯାଉଛି। ଲୋକେ ଗରମରେ ଆଉଟୁ ପାଉଟୁ ହେଉଛନ୍ତି।



ବନ ବିଭାଗ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ଘରକୁ ଫେରିଲେ ବନ୍ଧାପଡ଼ିଥିବା ୨୨ ଶ୍ରମିକ



ଶ୍ରମିକମାନେ ଜୁନାଗଡ଼ ବସ୍‌ଷ୍ଟାଣ୍ଡରେ ପହଞ୍ଚିଛନ୍ତି।

ଭବାନୀପାଟଣା, ୬।୫ (ଉତ୍ତମ କୁମାର ଦାଶ)

ହାଇଦ୍ରାବାଦକୁ କାମ କରିବାକୁ ଯାଇ କଳାହାଣ୍ଡି ଜିଲା ଜୁନାଗଡ଼ ସହରର ୪ଜଣ ଶ୍ରମିକ ନିର୍ଯାତନା ସହି ନ ପାରି ଶୁକ୍ରବାର ଲୁଚି ଘରକୁ ଫେରିଆସିଥିଲେ। ହେଲେ ସେଠାରୁ ଆହୁରି ୨୨ ଜଣ ଶ୍ରମିକ ଠିକାଦାରଙ୍କ କବଳରୁ ଆସି ନ ପାରି ବନ୍ଧାପଡ଼ିଥିଲେ। ଠିକାଦାର ସେମାନଙ୍କୁ ଅନେକ ନିର୍ଯାତନା ଦେଉଥିବା ଫେରିଥିବା ଶ୍ରମିକ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରୀ ଭୂପେନ୍ଦ୍ର ସିଂ ଯାଦବଙ୍କୁ ଅବଗତ କରିଥିଲେ। ଶୀଘ୍ର ସେମାନଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଯାଦବ ପ୍ରୟାସ ଆରମ୍ଭ କରିଥିଲେ। ଏହାପରେ ସ୍ଥାନୀୟ ଶ୍ରମ ବିଭାଗ ଓ ପୋଲିସ ହାଇଦ୍ରାବାଦରୁ ୨୨ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ସମସ୍ତେ ବସ୍ ଯୋଗେ ସୁରକ୍ଷିତ ଭାବେ ସୋମବାର ସକାଳେ ଜୁନାଗଡ଼ରେ ପହଞ୍ଚିଛନ୍ତି। ଘରେ ପହଞ୍ଚିବା ପରେ ସେମାନେ ଖୁସି ହୋଇଛନ୍ତି।

ପ୍ରକାଶ ଯେ, ଗତ ୬ମାସ ତଳେ ଧର୍ମଗଡ ଥାନା ତାରାପୁରର ଜଣେ ଦାଦନ ଦଲାଲଙ୍କ କଥାରେ ପଡ଼ି ଜୁନାଗଡ଼ ସହରର ଫଟେନଗରପଡ଼ା, ଗୋଡିପଡା ଓ ତାଲବନ୍ଦପଡ଼ାର ୨୬ଜଣ ଶ୍ରମିକ ଦାଦନ ଖଟିବାକୁ ହ୍ରାଇଦାବାଦ ଯାଇଥିଲେ। ସେଠାରେ ସେମାନେ ଏକ ଇଟାଭାଟିରେ କାମ କରୁଥିଲେ। କାମର ପାଉଣା ମାଗିବା ସମୟରେ ଠିକାଦାର ସେମାନଙ୍କୁ ମାଡ ମାରିବା ସହ ମହିଳାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସେମାନେ ଘରକୁ ଯିବା ଲାଗି କହିବାରୁ ଠିକାଦାର ସେମାନଙ୍କୁ ମାଡ ମାରିବା ସହ ଗାଳିଗୁଲଜ କରିଥିଲେ। ପରେ ସମସ୍ତ ଶ୍ରମିକ ଅନ୍ଧାର ରାତିର ସୁଯୋଗ ନେଇ ଚାଲିଆସୁଥିବାବେଳେ ଖବରପାଇ ଠିକାଦାର ବାଟରେ ଅଟକାଇ ସେମାନଙ୍କୁ ଜୋରଜବରଦସ୍ତ ପୁଣି ନେଇଯାଇଥିଲେ। ତେବେ ୪ ଜଣ ଶ୍ରମିକ କୌଶଳକ୍ରମେ ସେଠାରୁ ଜଙ୍ଗଲ ରାସ୍ତା ଦେଇ ନିକଟସ୍ଥ ସହରର ଏକ ଛକକୁ ଚାଲିଆସିଥିଲେ। ସେଠାରୁ ସେମାନେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କୁ ଫୋନରେ ଘଟଣା ସମ୍ପର୍କରେ କହିଥିଲେ। ଏହା ପରେ ବସ୍‌ରେ ଘରକୁ ଯିବା ପାଇଁ ଟଙ୍କା ପଠାଇବାକୁ ନଗରପାଳ ଅଗ୍ରୱାଲଙ୍କୁ ନିବେଦନ କରିଥିଲେ। ନଗରପାଳ ଟଙ୍କା ପଠାଇବା ପରେ ସେମାନେ ଘରକୁ ଫେରିଆସିଥିଲେ।

# ୪୮ ପ୍ରାର୍ଥୀଙ୍କ ନାମରେ ଜଘନ୍ୟ ଆପରାଧିକ ମାମଲା, ୭୦ କୋଟିପତି

## ଏଡିଆର୍, ଇଲେକ୍ସନ ୱାଚ୍ ରିପୋର୍ଟ

## ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ୨୮ ବିଧାନସଭା ଆସନ ପାଇଁ ୨୪୩ ପ୍ରାର୍ଥୀ


ଭୁବନେଶ୍ୱର,୬।୫(ଅନିଲଦାସ)

ରାଜ୍ୟରେ ଆସନ୍ତା ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଏହି ପର୍ଯ୍ୟାୟରେ ୨୮ଟି ବିଧାନସଭା ଆସନ ପାଇଁ ମୋଟ ୨୪୩ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରୁ ୬୫ ଜଣଙ୍କ ନାଁରେ ଆପରାଧିକ ମାମଲା ରହିଥିବା ବେଳେ ୪୮ଜଣଙ୍କ ନାଁରେ ଜଘନ୍ୟ ଅପରାଧ ରହିଛି। ସୋମବାର ଆସୋସିଏଶନ ଫର୍ ଡେମୋକ୍ରାଟିକ ରିଫର୍ମସ(ଏଡିଆର୍) ଏବଂ ଓଡ଼ିଶା ଇଲେକ୍ଶନ ୱାଚ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ପ୍ରାର୍ଥୀଙ୍କ ସତ୍ୟପାଠରୁ ତଥ୍ୟ ସଂଗ୍ରହ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ସୂଚନା ଦିଆଯାଇଛି।

ଉକ୍ତ ରିପୋର୍ଟ ଅନୁସାରେ, ଭାଜପାର ୧୮ ଜଣ ବିଧାନସଭା ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ଥିବାବେଳେ କଂଗ୍ରେସ ୧୭, ବିଜେଡି ୯ ଏବଂ ଆମ୍ ଆଦ୍‌ମୀ ପାର୍ଟିର ୩ଜଣ ପ୍ରାର୍ଥୀଙ୍କ ନାମରେ ମାମଲା ରହିଛି। ସେହିପରି ଭାଜପାର ୧୫, କଂଗ୍ରେସ ୧୦, ବିଜେଡି ୪ ଏବଂ ଆମ୍ ଆଦ୍‌ମୀ ପାର୍ଟିର ୩ ଜଣ ପ୍ରାର୍ଥୀଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୭୦ ଜଣ ପ୍ରାର୍ଥୀ କୋଟିପତି । ସେମାନଙ୍କ ମଧ୍ୟରେ ବିଜେଡିରୁ ୨୫ଜଣ, ଭାଜପା ୧୪, କଂଗ୍ରେସ ୧୪ ଓ ଆମ୍ ଆଦ୍‌ମୀ ପାର୍ଟିରୁ ୨ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଦିଗପହଣ୍ଡିର ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଲବ ପାତ୍ର ସବୁଠୁ ଧନୀ ପ୍ରାର୍ଥୀ । ତାଙ୍କର ମୋଟ ସମ୍ପତ୍ତି ହେଲା ୩୩ କୋଟି ୩୬ ଲକ୍ଷରୁ ଅଧିକ। ସେହିପରି ଗୋପାଳପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୧୫.୯୪ କୋଟି ଥିବା ସତ୍ୟପାଠରେ ଦର୍ଶାଇଛନ୍ତି।

ସତ୍ୟପାଠରେ ୨ ଜଣ ପ୍ରାର୍ଥୀ କହିଛନ୍ତି, ତାଙ୍କ ପାଖରେ କୌଣସି ସମ୍ପତ୍ତି ନାହିଁ। ସେମାନେ ହେଲେ ଭବାନୀପାଟଣାରୁ ସ୍ୱାଧୀନ ପ୍ରାର୍ଥୀ ରମେଶ ମହାନନ୍ଦ ଏବଂ ରାୟଗଡାରୁ ବିଏସ୍‌ପିରୁ ନିର୍ବାଚନ ଲଢୁଥିବା ପୂର୍ଣ୍ଣଚନ୍ଦ୍ର ମାଝି। ଲକ୍ଷ୍ମୀପୁର ଆସନରୁ ରିପବ୍ଲିକାନ ପାର୍ଟିର ବିଧାୟକ ପ୍ରାର୍ଥୀ ରମେଶ ଜାନି କହିଛନ୍ତି, ତାଙ୍କ ପାଖରେ ମାତ୍ର ହଜାରେ ଟଙ୍କା ଅଛି । ସେହିପରି ସ୍ୱାଧୀନ ପ୍ରାର୍ଥୀ ଶିବ ପ୍ରସାଦ ଶଗଡିଆଙ୍କ ପାଖରେ ୧୯୨୧ ଟଙ୍କା ଏବଂ ସ୍ୱାଧୀନ ପ୍ରାର୍ଥୀ ଭୁବନ ଖୋରାଙ୍କ ପାଖରେ ୬ ହଜାର ଟଙ୍କା ଥିବା ସତ୍ୟପାଠରେ ଦର୍ଶାଇଛନ୍ତି।

ଶିକ୍ଷାଗତ ଯୋଗ୍ୟତାକୁ ଦେଖିଲେ ୪ ଜଣ ଆଦୌ ପାଠ ପଢ଼ି ନାହାନ୍ତି। ୧୩୨ ପ୍ରାର୍ଥୀ ୫ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ବେଳେ ୧୦୦ ଜଣ ଗ୍ରାଜୁଏଟ ଓ ଏହାଠାରୁ ଅଧିକ ଏବଂ ୭ ଜଣ ଡିପ୍ଲୋମାଧାରୀ ପ୍ରାର୍ଥୀ ରହିଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧରେ ୭୩ ଜଣଙ୍କର ବୟସ ୨୫ ରୁ ୪୦, ୧୪୪ ଜଣଙ୍କର ୪୦ରୁ ୬୦ ଏବଂ ୨୬ ଜଣଙ୍କର ବୟସ ୬୧ରୁ ୮୦ ବର୍ଷ ମଧରେ ରହିଛି।



# ମହିମା ଡଙ୍ଗରରେ ନିଆଁ
## ଆୟତ୍ତ କଲେ ଅଗ୍ନିଶମ କର୍ମଚାରୀ

**କୋକସରା,୬।୫ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଓ ମହିମା ପଞ୍ଚାୟତକୁ ଲାଗି ରହିଥିବା ମହିମା ଡଙ୍ଗରରେ ସୋମବାର କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ଏନେଇ ବେହେରା ଫରେଷ୍ଟ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବେହେରା ଫରେଷ୍ଟ ବିଭାଗ କୋକସରା ଅଗ୍ନିଶମ ବିଭାଗଙ୍କୁ ନିଆଁ ଲିଭାଇବା ପାଇଁ ଖବର ଦେଇଥିଲେ। ପରେ କୋକସରା ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ସହ କର୍ମଚାରୀମାନେ ମହିମା ଡଙ୍ଗରରେ ପହଞ୍ଚି ଦୀର୍ଘ ସମୟ ଧରି ଜଙ୍ଗଲରେ ବ୍ୟାପିଥିବା ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଏହି ନିଆଁ ଲିଭାଇବା କାର୍ଯ୍ୟରେ ଅଗ୍ନିଶମ ବିଭାଗର କର୍ମଚାରୀ ମନୋଜ ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନୀ, ଶ୍ୟାମଲାଲ ଗଣ୍ଡ, ଗିରିଧାରୀ ଦଣ୍ଡସେନା ପ୍ରମୁଖ ସାମିଲ ଥିଲେ।



କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଓ ମହିମା ପଞ୍ଚାୟତକୁ ଲାଗି ରହିଥିବା ମହିମା ଡଙ୍ଗରରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଲିଭାଉଛନ୍ତି।

# କେସିଙ୍ଗା ବ୍ଲକରେ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

**କେସିଙ୍ଗା,୬।୫(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୯ଟି ଗ୍ରାମପଞ୍ଚାୟତ୍‌ରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭକ୍ତ ଦାସଙ୍କ ଜନସମ୍ପର୍କ ପଦଯାତ୍ରା ଜୋରଦାର କରିଛନ୍ତି। ନିର୍ବାଚନ ଯେତେ ପାଖେଇ ଆସୁଛି, ଗ୍ରାମାଞ୍ଚଳରେ ଉଷ୍ମତା ସରଗରମ ହୋଇ ଉଠୁଛି। ନର୍ଲା ନିର୍ବାଚନମଣ୍ଡଳୀ ଅଧୀନରେ କେସିଙ୍ଗା ବ୍ଲକର ୯ଗ୍ରାମ ପଞ୍ଚାୟତ ରହିଛି। ସେଥିମଧ୍ୟରୁ ପ୍ରଥମେ ତୁଣ୍ଡଲା ଗ୍ରାମ ପଞ୍ଚାୟତରୁ କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ତୁଣ୍ଡଲା, ଦିଗଶିରା, ସିରଜାପାଲି, ହାତିଖୋଜ, ବେଲଖଣ୍ଡି ଆଦି ବିଭିନ୍ନ ଗ୍ରାମ ପଞ୍ଚାୟତର ଗାଁକୁ ଗାଁ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଗ୍ରାମ ପରିକ୍ରମା ବେଳେ ଗ୍ରାମବାସୀ ଭକ୍ତଚରଣ ଦାସଙ୍କୁ ଫୁଲମାଳ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବହୁ ଗ୍ରାମରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ। କଂଗ୍ରେସର ବିଭିନ୍ନ ଗ୍ୟାରେଣ୍ଟି ଲୋକଲୋଚନକୁ ଆଣିଥିଲେ। ନର୍ଲା ନିର୍ବାଚନମଣ୍ଡଳୀର ବିଭିନ୍ନ ଦାବିକୁ ନେଇ ମୁଁ ଜିତିଲେ ବିଧାନସଭାରେ ଉପସ୍ଥାପନ କରିବି ଏବଂ ଲୋକଙ୍କ ଅନେକ ସମସ୍ୟାକୁ ସମାଧାନ କରିବା ମୋର ପ୍ରଥମ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ଜିଲାର ଲୋକ ସଭା ପ୍ରାର୍ଥିନୀ ଦ୍ରୌପଦୀ ମାଝିଙ୍କ ସମେତ କଂଗ୍ରେସର ବରିଷ୍ଠ କର୍ମୀ ସାମିଲ ହୋଇଥିଲେ।

# ବିପଦକୁ ଆମନ୍ତ୍ରଣ କରୁଛି ଭାଙ୍ଗିପଡିଥିବା ଗଛ



ରାସ୍ତାରେ ଗଛ ପଡ଼ିଛି।

**କୋକସରା,୬।୫(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ସଦର ମହକୁମା ଠାରୁ ବେହେରାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତାର କୋକସରା ଶିଶୁ ମନ୍ଦିର ନିକଟରେ ଗତ ୫ ତାରିଖ ଅପରାହ୍ନରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ଏକ ବମ୍ବୁର ଗଛ ରାସ୍ତାକୁ ଅବରୋଧ କରି ଭାଙ୍ଗି ପଡିଛି। ତେବେ ଏହି ରାସ୍ତା ଦେଇ ପ୍ରତିଦିନ ଅନେକ ସଂଖ୍ୟକ ଗାଡିମୋଟର ଯାତାୟାତ ହେଉଥିବାବେଳେ ରାସ୍ତା ମଝିରେ ଗଛ ପଡି ରହିଥିବା କାରଣରୁ ଅନେକ ସମୟରେ ବାଇକ ଚାଳକମାନେ ଦୁର୍ଘଟଣା ହେଉଥିବା ଜଣାପଡିଛି। ଘଟଣାକୁ ଏକ ସପ୍ତାହ ହୋଇଥିଲେ ମଧ୍ୟ ଗଛଟି ରାସ୍ତାକୁ ଅବରୋଧ କରି ରଖିଛି। ଅନ୍ୟପଟେ ପୂର୍ତ୍ତ ବିଭାଗ ଦ୍ୱାରା ଲଗା ହୋଇଥିବା ଏକ ସରକାରୀ ଯୋଜନାର ହୋର୍ଡିଂ ମଧ୍ୟ ସେହି କାଳବୈଶାଖୀ ପବନରେ ରାସ୍ତା ଉପରେ ସେହି ଦିନଠାରୁ ପଡିରହିଛି। ଫଳରେ ରାସ୍ତାରେ ଯାଉଥିବା ବାଇକ୍ ଚାଳକମାନେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଗୋଚର ହେଉନାହିଁ। ଏଣୁ ପୂର୍ତ୍ତ ବିଭାଗ ରାସ୍ତାରେ ପଡି ରହିଥିବା ଗଛ ଓ ହୋର୍ଡିଂ ହଟାଇବାକୁ ସାଧାରଣରେ ଦାବି ହେଉଛି।

# ବିଜେଡିରେ ଯୋଗଦେଲେ ଶତାଧିକ ଯୁବତୀଯୁବକ

**ନୂଆପଡା,୬।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା ଖଡିଆଳଠାରେ ଆୟୋଜିତ ନିର୍ବାଚନୀ ସଭାରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲ, ଖଡିଆଳ ବିଧାୟକ ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ଉପସ୍ଥିତିରେ ଖଡିଆଳ ବିଜ୍ଞାପିତ ଅଞ୍ଚଳର କାଉନସିଲରମାନଙ୍କ ସମେତ ଅଞ୍ଚଳର ଶତାଧିକ ଯୁବତୀ, ଯୁବକ ଅନ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ଶତାଧିକ ଯୁବତୀ ଯୁବକ ଓ ଅନ୍ୟମାନେ ବିଜେଡିରେ ଯୋଗଦେଇଛନ୍ତି।

# ଡକାୟତି ଘଟଣାରେ ସମ୍ପୃକ୍ତ ୧୨ ଦୋଷୀ ସାବ୍ୟସ୍ତ

**ଧର୍ମଗଡ଼, ୬।୫(ହିମାଂଶୁ ଶେଖର ପଣ୍ଡା)**

କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଖଇରପଦର ଗ୍ରାମରେ ହୋଇଥିବା ଡକାୟତି ଘଟଣାରେ ଗିରଫ ୧୨ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୭ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଏହି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ପ୍ରକାଶ ଯେ, ଖଇରପଦର ଗ୍ରାମରେ ଗତ ୨୦୨୨ରେ ପଦ୍ମଲୋଚନ ଆଚାର୍ଯ୍ୟଙ୍କ ଘରେ ଡକାୟତମାନେ ପଶି ୧ଲକ୍ଷ ୪୪ ହଜାର ଟଙ୍କା ଓ ତିନି ତୋଳା ସୁନା ଅଳଙ୍କାର ଡକାୟତି କରି ନେଇ ଯାଇଥିବା ଧର୍ମଗଡ଼ ଥାନାରେ ଗୃହକର୍ତ୍ତା ଲିଖିତ ଏତାଲା ପ୍ରଦାନ କରିଥିଲେ। ଏତଲାକୁ ଭିତ୍ତିକରି ଧର୍ମଗଡ଼ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ହେଁ ତୁରନ୍ତ କୌଣସି ସଫଳତା ମିଳି ନ ଥିଲା। ଜୟପାଟଣାଠାରେ ଥିବା ଏକ ଅଳଙ୍କାର ଦୋକାନକୁ ଆସୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ ଚଢ଼ାଉ କରି ପୋଲିସ ଶେଷରେ ସଫଳତା ପାଇବା ସହ ଡକାୟତ ଘଟଣାରେ ସମ୍ପୃକ୍ତ ଦୁଇଜଣଙ୍କୁ ଗହଣା ଦୋକାନରୁ ଗିରଫ କରିଥିଲା। ପୋଲିସ ଅନୁସନ୍ଧାନ ବେଳେ ଉଭୟ ଅଭିଯୁକ୍ତ ସେମାନେ ଖଇରପଦର ଗ୍ରାମ ଡକାୟତିରେ ସମ୍ପୃକ୍ତ ଥିବା ସ୍ୱୀକାର କରିବା ସହ ଏକ ବଡ ଡକାୟତ ଦଳ ଟୁନା ହରିଜନଙ୍କ ନେତୃତ୍ୱରେ ସମଗ୍ର ଅଞ୍ଚଳରେ ଡକାୟତି କରିଥିବା ସତ ମାନିଯାଇଥିଲେ। ଏପରିକି ଚୋରି ସୁନା ଅଳଙ୍କାର ସେମାନେ ସମ୍ପୃକ୍ତ ଅଳଙ୍କାର ଦୋକାନରେ ବିକ୍ରି କରି ପ୍ରଚୁର ଅର୍ଥ ପାଉଥିବା ସ୍ୱୀକାର କରିଥିଲେ। ଖଇରପଦର ଡକାୟତି ପାଇଁ ସେହି ଗ୍ରାମର ଡାକ କର୍ମଚାରୀ ପରମେଶ୍ୱର ବାଗଙ୍କ ସୂଚନା ଓ ମୁଖ୍ୟ କାର୍ପଟଦାର ଟୁନା ହରିଜନ ଦ୍ୱାରା ପ୍ରସ୍ତୁତ ନକ୍ସା ଅନୁସାରେ

**୭ବର୍ଷ ଜେଲ ଦଣ୍ଡାଦେଶ**

ସେମାନେ ଦଳଗତ ଭାବେ ଏହି ଡକାୟତି ଭିଆଇ ଥିବା ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କ ସୂଚନାକୁ ଭିତ୍ତିକରି ତଦନ୍ତଭାର ଗ୍ରହଣ କରିଥିବା ଧର୍ମଗଡ଼ ଥାନା ଅଧିକାରୀ ଦୀପାଞ୍ଜଳି ପ୍ରଧାନ ସମସାମୟିକ ଡକାୟତି ଘଟଣାରେ ଗିରଫ ସହଯୋଗୀ ଡକାୟତମାନଙ୍କୁ ଠାବ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଅଭିଯୁକ୍ତମାନେ ଏହି ଡକାୟତି ଘଟଣାରେ ପ୍ରମାଣ କ୍ରମେ ସମ୍ପୃକ୍ତ ହୋଇ ବିଚାର ସମ୍ମୁଖୀନ ହୋଇଥିଲେ। ପ୍ରାୟ ଦୁଇ ବର୍ଷ ଧରି ଏହି ମାମଲା ଧର୍ମଗଡ଼ ଅଦାଲତରେ ସାକ୍ଷ୍ୟ ଗ୍ରହଣ ଓ ବିଚାର ନିମନ୍ତେ ଚାଲିଥିଲା। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ, ସାକ୍ଷୀମାନଙ୍କ ବୟାନ, ଉପଲବ୍ଧ ପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ଧର୍ମଗଡ଼ ସହାୟକ ଦୌରାଜଜ ବିଶ୍ୱବିସ୍ତୃତ କର ମୋକଦ୍ଦମାର ବୃତ୍ତାନ୍ତ ଶୁଣାଣି କରି ଅଭିଯୁକ୍ତ ଡକାୟତ ଦଳର ବାର ଜଣ ଜଗନ୍ନାଥ ହରିଜନ, ଲାଲଧର ହରିଜନ, ସୋମେଶ୍ୱର ନାଏକ, ରୋହିତେଶ୍ୱର ନିଆଲ, ଗୋବିନ୍ଦ ହରିଜନ, କୁମାର ହରିଜନ, ସଲମାନ ହରିଜନ, ଦଳପତି ହରିଜନ, ଦୀନେଶ ବୈଠାରୁ, ମୋହନ ପୁଝାରୀ, ପରମେଶ୍ୱର ବାଗ ଓ ଟୁନା ଓରଫ ସିମନ ନାଗଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ସହ କୋଡିଏ ହଜାର ଟଙ୍କା ଜରିମାନା ଓ ଅନାଦେୟ ସ୍ଥଳେ ଅତିରିକ୍ତ ଛଅ ମାସ ଜେଲ ଦଣ୍ଡ ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ମାମଲା ପରିଚାଳନା କରିଥିଲେ।

# ଚର୍ଚ୍ଚାରେ ସ୍ୱାଧୀନ ପ୍ରାର୍ଥୀ ରୋହିତ ଦୁର୍ଗା

**ଭବାନୀପାଟଣା, ୬।୫(ଉତ୍ତମ କୁମାର ଦାଶ)**

**ଭବାନୀପାଟଣା ନିର୍ବାଚନମଣ୍ଡଳୀ**

କଳାହାଣ୍ଡି ଜିଲା ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ଏବେ ରାଜନୀତି ଉଷ୍ମତା ବଢିବାରେ ଲାଗିଛି। ହାତରେ ଆଉ ଅଳ୍ପ କମ୍ ସମୟ ଥିବାରୁ ଏଠାକାର ବିଧାୟକ ପ୍ରାର୍ଥିନୀ/ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଭାଜପାରୁ ଏଠାରେ ପ୍ରଦୀପ୍ତ ନାଏକ, ବିଜେଡିର ଲଳିତା ନାଏକ ଓ କଂଗ୍ରେସ ପକ୍ଷରୁ ସାଗର ଚରଣ ଦାସଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେବାର ସମ୍ଭାବନା ରହିଛି। ଏହାରି ଭିତରେ ସ୍ୱାଧୀନ ପ୍ରାର୍ଥୀ ରୋହିତ ଦୁର୍ଗା ମଧ୍ୟ ଏବେ ଚର୍ଚ୍ଚାକୁ ଆସିଛନ୍ତି। ରୋହିତଙ୍କ ସଙ୍ଗଠନ ତୃଣମୂଳ ସ୍ତରରେ ମଜବୁତ୍ ଥିବାରୁ ସେ ମଧ୍ୟ ଏହି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ସାଜିପାରନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ନାମାଙ୍କନ ପରେ ରୋହିତ ନିଜ ପ୍ରଚାର ଜୋରସୋର ଚଳାଇଛନ୍ତି। ଅଟୋରିକ୍ସା ତାଙ୍କ ଚିହ୍ନ ହୋଇଥିବାବେଳେ ୪୦ଟି ବୁଥ୍‌ରେ ସେ ପହଞ୍ଚି ଅଟୋରିକ୍ସା ଶୋଭାଯାତ୍ରା କରିବା ସହ ସଭା ମାଧ୍ୟମରେ ଲୋକଙ୍କ ମନଜିଣିବାକୁ ଚେଷ୍ଟା କରୁଛନ୍ତି। ବିଶେଷକରି ଭବାନୀପାଟଣା ସହରର ଯୁବ ଗୋଷ୍ଠୀ ରୋହିତଙ୍କ ପ୍ରତି ଆକୃଷ୍ଟ ରହିଥିବା ଜଣାପଡିଛି।



ସ୍ୱାଧୀନ ପ୍ରାର୍ଥୀ ରୋହିତ ଦୁର୍ଗା ପ୍ରଚାର କରୁଛନ୍ତି।

# ଇଗ୍ନୋର ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ

**ଖଡ଼ିଆଳ,୬।୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଗ୍ନୋର ଛାତ୍ରୀଛାତ୍ର ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଇଗ୍ନୋ ସଂଯୋଜକ ତଥା ଯୁକ୍ତ ଦୁଇ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ପ୍ରାଧ୍ୟାପକ ଡ଼.ପ୍ରମୋଦ କୁମାର ସାହୁ, ସହ ସଂଯୋଜକ ଅଧ୍ୟାପିକା ନିବେଦିତା ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଡ଼. ତରୁଣ କୁମାର ପ୍ରଧାନ ୨୦୨୪ ବର୍ଷ ଇଗ୍ନୋର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ସମଗ୍ର ଭାରତରେ ଦୂର ନିରନ୍ତର ଶିକ୍ଷା କ୍ଷେତ୍ରରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ମୁଖ୍ୟ ଭୂମିକା ନେଇଥିବା ବିଷୟ ସହିତ ଇଗ୍ନୋ ପାଠ୍ୟକ୍ରମ ଅଧାରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ଥିବା ବିଦ୍ୟାର୍ଥୀଙ୍କ ପାଇଁ ସୁଯୋଗ ଦେଇଥିବା ବିଷୟରେ ଉଲ୍ଲେଖ କରିଥିଲେ। ଇଗ୍ନୋର ସଂଯୋଜକ ତଥା ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ନୂତନ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟକ୍ରମ ଚୟନ ସହ ପଞ୍ଜିକରଣ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ।

# ଜୁନାଗଡ଼ରେ ମନୋଜ, ଭବାନୀପାଟଣାରେ ପ୍ରଦୀପ୍ତଙ୍କ ପ୍ରଚାର





ଜୁନାଗଡ ଭାଜପା ବିଧାୟକ ପ୍ରାର୍ଥୀ ମନୋଜ ମେହେରଙ୍କ ମାରାଥନ୍ ପ୍ରଚାର। ଭବାନୀପାଟଣା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ କର୍ମୀଙ୍କ ସହ ପ୍ରଚାର କରୁଛନ୍ତି।

**ଭବାନୀପାଟଣା,୬।୫(ଉତ୍ତମ କୁମାର ଦାଶ)**

**ବିକାଶ ପାଇଁ ଭାଜପାକୁ ଭୋଟ ଦେବାକୁ ନିବେଦନ**

କଳାହାଣ୍ଡି ଜିଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ମନୋଜ ମେହେର ଓ ଭବାନୀପାଟଣା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ ସୋମବାର ନିଜ ନିର୍ବାଚନ ମଣ୍ଡଳୀରେ ମାରାଥନ ପ୍ରଚାର କରିଛନ୍ତ। ଭାଜପା ବିଧାୟକ ପ୍ରାର୍ଥୀ ମନୋଜ ଗୋଲାମୁଣ୍ଡା ବ୍ଲକର କନକପୁର, କାଲିପୁର, ଚପ୍ରିଆ, ତୁରେକେରା, ଉଦେଶୃଙ୍ଗ, ଡଙ୍ଗରୀଗୁଡା, ମାନଝରୀ, କାନ୍ଧୁଲଡଙ୍ଗରୀ, ତୁଡକେଲ, ଗ୍ରେଣ୍ଟୁଲ, ଲିମସେର ବୃନ୍ଦାବାହାଲ, ଗଣ୍ଡାମେର ଆଦି ଗ୍ରାମରେ ମାରାଥନ୍ ପ୍ରଚାର କରିଥିବା ଜଣାପଡିଛି। ସେହିପରି ଭାଜପା ପ୍ରାର୍ଥୀ ପ୍ରଦୀପ୍ତ ବୋର୍ଡା ଅଞ୍ଚଳରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ହୋଇଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ଏହା ଦ୍ୱାରା ସାଧାରଣ ଲୋକେ କିପରି ଉପକୃତ ହୋଇଛନ୍ତି ତାହା ଉପରେ ବିଧାୟକ ପ୍ରାର୍ଥୀ ମନୋଜ ଓ ପ୍ରଦୀପ୍ତ ଲୋକଙ୍କୁ ଅବଗତ କରିଛନ୍ତି। କେନ୍ଦ୍ରରେ ଓ ରାଜ୍ୟରେ ବିକାଶ ପାଇଁ ଭାଜପାର ଡବଲ ଇଞ୍ଜିନ ସରକାରକୁ ଗ୍ରହଣ କରିବାକୁ ଉଭୟ ବିଧାୟକ ପ୍ରାର୍ଥୀ ଭୋଟରଙ୍କୁ ନିବେଦନ କରିଛନ୍ତି। ବିଧାୟକ ପ୍ରାର୍ଥୀ ମନୋଜଙ୍କ ସହ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବରିଷ୍ଠ ନେତା ଚିନ୍ମୟ ବେହେରା, ରୂପେଶ ଜୈନ ପ୍ରମୁଖ ସାମିଲ ହୋଇଛନ୍ତି।

# ନିର୍ବାଚନୀ ସଭାରେ ପ୍ରେସ ଗ୍ୟାଲେରିରେ ବିଜେଡି କର୍ମୀ

**ନୂଆପଡା,୬।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖଡିଆଳଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଖବରଦାତାମାନଙ୍କ ପାଇଁ ତିଆରି କରାଯାଇଥିବା ପ୍ରେସ ଗ୍ୟାଲେରିରେ ଦଳୀୟ କର୍ମୀ ବସି ରହିଥିଲେ। ସେଠାରେ ଗଣମାଧ୍ୟମ ପ୍ରତିନିଧିମାନେ ରହି ସଭାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରିବା କଥା । ହେଲେ ଗଣମାଧ୍ୟମ ପ୍ରତିନିଧିମାନେ ଫଟୋ ଉଠାଇବା ପାଇଁ ଗଲେ କର୍ମୀମାନେ ଆମକୁ ଦିଶୁ ନାହିଁ ବୋଲି ମନା କରୁଥିଲେ। ଫଳରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଫଟୋ ନେବାରେ ଅସୁବିଧା ହେଉଥିଲା ।

# କର୍ଲାମୁଣ୍ଡାରେ କଂଗ୍ରେସର ମିଶ୍ରଣ ପର୍ବ



କଂଗ୍ରେସ ବିଧାୟକ ପ୍ରାର୍ଥୀ ଭକ୍ତଚରଣ ଦାସଙ୍କ ସହ କଂଗ୍ରେସରେ ସାମିଲ ହୋଇଥିବା ସମିତି ସଭ୍ୟମାନେ।

**କର୍ଲାମୁଣ୍ଡା, ୬।୫(ପ୍ରଦୀପ କୁମାର ସାହୁ)**

**୬ ସମିତି ସଭ୍ୟ କଂଗ୍ରେସରେ ମିଶିଲେ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସରଦାପୁରଠାରେ କଂଗ୍ରେସର ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭକ୍ତଚରଣ ଦାସ ଯୋଗ ଦେଇ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ରେଗଡା ଗ୍ରାମପଞ୍ଚାୟତ ସମିତି ସଭ୍ୟା ଗେଲ କମ୍ପ, ସ.ମାଲପଡା ପଞ୍ଚାୟତ ସମିତି ସଭ୍ୟ ଗୋଲାପ ସାହୁ, ବୋରପଦର ଗ୍ରାମପଞ୍ଚାୟତ ସମିତି ସଭ୍ୟା ଆରତୀ ସାହୁ, ରିଞ୍ଜା ଗ୍ରାମପଞ୍ଚାୟତ ସମିତି ସଭ୍ୟ ଆନନ୍ଦ ବାଗ, ସାପଲହରା ଗ୍ରାମପଞ୍ଚାୟତ ସମିତି ସଭ୍ୟା ଦିଶାନ୍ତି ସୁନା ଆନୁଷ୍ଠାନିକ ଭାବେ କଂଗ୍ରେସରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ଭାରତ ବେମାଲ, କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀ, କଂଗ୍ରେସ ନେତା ଚିତ୍ତରଞ୍ଜନ ମଣ୍ଡଳ, କର୍ଲାମୁଣ୍ଡା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା କଂଗ୍ରେସ ନାରୀ ନେତ୍ରୀ ମାଣିକ୍ୟ ସୁନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଖୁଣ୍ଟିଆ, ମୋଟେର ପଞ୍ଚାୟତରେ ବିଜେଡିର ମାରାଥନ ପ୍ରଚାର

**କୋକସରା,୬।୫(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ନିର୍ବାଚନ ପାଇଁ ଆଉ ମାତ୍ର କେତେ ଦିନ ବାକି ରହିଥିବା ବେଳେ ଧର୍ମଗଡ ବିଧାନସଭା କ୍ଷେତ୍ରରେ ତିନି ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାଣମୂର୍ଚ୍ଛା ପ୍ରଚାର ଜାରି ରହିଛି। ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ନିଜ ସମର୍ଥକଙ୍କ ସହ ପ୍ରଚାର ଜୋରଦାର କରି ଜନ ସମର୍ଥନରେ ଲାଗି ପଡିଛନ୍ତି। କୋକସରା ବ୍ଲକର ଖୁଣ୍ଟିଆ ଓ ମୋଟେର ପଞ୍ଚାୟତର ବିଭିନ୍ନ ଗ୍ରାମରେ ସେ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ସ୍ୱଚ୍ଛ ଶାସନରେ ବିଗତ ବର୍ଷରେ ଧର୍ମଗଡ଼ ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଚାଲିଛି। ସବୁବର୍ଗର ଜନସାଧାରଣଙ୍କ ପାଇଁ ବିଜେଡି ସରକାର ଯୋଜନା କରିଛନ୍ତି। ତେଣୁ ଭୋଟ ଦେବାକୁ ପୁଷ୍ପେନ୍ଦ୍ର ସିଂଦେଓ ନିବେଦନ କରୁଛନ୍ତି। ତାଙ୍କ ନିର୍ବାଚନ ପ୍ରଚାରରେ ବିଜେଡିର କର୍ମକର୍ତ୍ତା ମାନସ ରଞ୍ଜନ ବାଗ, ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଝାରି, ମୂଷାପାଲି ସମିତି ସଭ୍ୟା ଅଞ୍ଜନା ଦୁର୍ଗା, କାଉଡୋଲା ସମିତି ସଭ୍ୟା ବୈଦେହୀ ବେଶ୍ରା, ଟେମରା ସମିତି ସଭ୍ୟା ଅନୁସୂୟା ମାଝି, କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ମୋଟେର ସରପଞ୍ଚ ବାସନ୍ତୀ ନାଏକ, ସମିତି ସଭ୍ୟା ଉଆଁସି ପାନ, ବରାଡୋଙ୍ଗା ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ, ରେଙ୍ଗାଲପାଲି ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକ, ସମିତି ସଭ୍ୟ ରାଜୀବ ଖମାରି, ପଞ୍ଚାୟତ ସଭାପତି କୁମୁଦ ଚନ୍ଦ୍ର ବେହେରା, ମୋଟେର ପୂର୍ବତନ ସରପଞ୍ଚ ବଙ୍କିମ ଚନ୍ଦ୍ର ଦାସ, ବିନ୍ଦୁ ଭୂଷଣ ପାଙ୍ଗଯୋଷୀ, ଦୁଷ୍ମନ୍ତ ପାଙ୍ଗଯୋଷୀ, ମହେଶ୍ୱର ସରାଫ, ହୃଷିକେଶ ଦାସଙ୍କ ସହ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି।



ଶତାଧିକ କାର୍ଯ୍ୟକର୍ତ୍ତାଙ୍କ ସହ ବିଜେଡି ପ୍ରାର୍ଥୀ ପ୍ରଚାର କରୁଛନ୍ତି।

## ମହିମା ଡଙ୍ଗରରେ ନିଆଁ

**କୋକସରା,୬।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଓ ମହିମା ପଞ୍ଚାୟତକୁ ଲାଗି ରହିଥିବା ମହିମା ଡଙ୍ଗରରେ ସୋମବାର କୌଣସି କାରଣବଶତଃ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ଏନେଇ ବେହେରା ଫରେଷ୍ଟ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବେହେରା ଫରେଷ୍ଟ ବିଭାଗ କୋକସରା ଅଗ୍ନିଶମ ବିଭାଗଙ୍କୁ ନିଆଁ ଲିଭାଇବା ପାଇଁ ଖବର ଦେଇଥିଲେ। ପରେ କୋକସରା ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ସହ କର୍ମଚାରୀମାନେ ମହିମା ଡଙ୍ଗରରେ ପହଞ୍ଚି ଦୀର୍ଘ ସମୟ ଧରି ଜଙ୍ଗଲରେ ବ୍ୟାପିଥିବା ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଏହି ନିଆଁ ଲିଭାଇବା କାର୍ଯ୍ୟରେ ଅଗ୍ନିଶମ ବିଭାଗର କର୍ମଚାରୀ ମନୋଜ ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନୀ, ଶ୍ୟାମଲାଲ ଗଣ୍ଡ, ଗିରିଧାରୀ ଦଣ୍ଡସେନା ପ୍ରମୁଖ ସାମିଲ ଥିଲେ।

## ଦେଶୀ ରନ୍ଧାମଦ, ମହୁଲ ଜବତ: ଜଣେ ଗିରଫ



**ଦେବଗଡ଼,୬।୫(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ ଆଦର୍ଶ ଥାନା ପୋଲିସ ବିଜୟନଗର ଗ୍ରାମର ଗୋଲବଦନ ପାଲ(୫୦)ଙ୍କ ଘରେ ଅତର୍କିତ ଚଢଉ କରିଛି। ସେଠାରୁ ୧୨ ଲିଟର ଦେଶୀମଦ, ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ୪୦ କିଲୋ ମହୁଲ ଏବଂ ବହୁ ମଦ ରନ୍ଧା ସରଞ୍ଜାମ ଜବତ କରିଛି। ବେଆଇନ ମଦ ପ୍ରସ୍ତୁତକାରୀ ଗୋଲବାଦନଙ୍କୁ ବିଭିନ୍ନ ଦଫାରେ ଗିରଫ କରି କୋର୍ଟ ଚାଲଣ କରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

## ନିର୍ବାଚନୀ ସଭାର ପ୍ରେସ୍ ଗ୍ୟାଲେରିରେ ବିଜେଡି କର୍ମୀ

**ନୂଆପଡା,୬।୫ (ମକାରୁ ବେମାଲ):** ଖଡିଆଳଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭାରେ ଖବରଦାତାଙ୍କ ପାଇଁ ଥିବା ପ୍ରେସ ଗ୍ୟାଲେରିରେ ଦଳୀୟ କର୍ମୀ ବସି ରହିଥିଲେ। ସେଠାରେ ଗଣମାଧ୍ୟମ ପ୍ରତିନିଧିମାନେ ସଭାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରିବା କଥା। ଗଣମାଧ୍ୟମ ପ୍ରତିନିଧିମାନେ ଫଟୋ ଉଠାଇବା ପାଇଁ ଗଲେ କର୍ମୀମାନେ ଆମକୁ ଦିଶୁ ନାହିଁ ବୋଲି ମନା କରୁଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଫଟୋ ନେବାରେ ଅସୁବିଧା ହେଉଥିଲା।

# ବିଜେଡି ବିଧାନସଭା ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



**ଦେବଗଡ଼,୬।୫(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ବିଧାନସଭା ଆସନ ନିମନ୍ତେ ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସୋମବାର ତାଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଶ୍ୱାଳ ପୁରୁଣାଗଡସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରୁ ହଜାର ହଜାର ବିଜେଡି ନେତା, କର୍ମୀ ଓ ସମର୍ଥକଙ୍କ ଗହଣରେ ଡିଜେ ସାଉଣ୍ଡ ଓ ବିଭିନ୍ନ ବାଦ୍ୟଯନ୍ତ୍ରରେ ବିଭିନ୍ନ ସ୍ଲୋଗାନ ସହ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଶେଷରେ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ମନୋନୟନ ପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରା ଓ ମନୋନୟନ ପତ୍ର ଦାଖଲ ସମୟରେ ଜିଲା ବିଜେଡି ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ଦେବଗଡ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପାଞ୍ଜିଆ ଭୋଇ, ଜିଲା ମହିଳା ବିଜେଡି ସଭାନେତ୍ରୀ ଅରୁଣି ପ୍ରଧାନ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ, ଉମାଶଙ୍କର ସାହୁ, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ରିଆମାଳ ବ୍ଲକ ବିଜେଡି ସଭାପତି ବୈକୁଣ୍ଠ ପାଇକରାୟ, ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ, ବିଜେଡି ଦେବଗଡ ଜିଲା ପର୍ଯ୍ୟବେକ୍ଷକ ଅଶ୍ୱିନୀ କୁମାର ତ୍ରିପାଠୀ, ସହ ପର୍ଯ୍ୟବେକ୍ଷକ ସୌମ୍ୟରଞ୍ଜନ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସୁଷମା ବେହେରା, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ଅନିତା ପାତ୍ର, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଲଳିତ ମୋହନ ପ୍ରଧାନ, ବରିଷ୍ଠ ବିଜେଡି ନେତା ଲିଙ୍ଗରାଜ ସାହୁ, ମହିଳା ବିଜେଡି ନେତ୍ରୀ ଅର୍ଚ୍ଚନା ପ୍ରଧାନ, ଶକୁନ୍ତଳା ପ୍ରଧାନ, ପାର୍ବତୀ ସାହୁ, ମାନଓ ପ୍ରଧାନ, ଶରତ ନେହେର, ରୂପକ ମାଝି ଓ ସମୀର ରଞ୍ଜନ ପ୍ରଧାନଙ୍କ ସମେତ ହଜାର ହଜାର ବିଜେଡି କର୍ମୀ ସାମିଲ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବହୁ ସଂଖ୍ୟକ ସୁରକ୍ଷା କର୍ମୀ ନିୟୋଜିତ ଥିଲେ।

## ଶେଷ ଦିବସ ସୁଦ୍ଧା ୪ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ୯ ପ୍ରାର୍ଥୀଙ୍କ ମନୋନୟନପତ୍ର ଦାଖଲ

**ଦେବଗଡ ବିଧାନସଭା**

**ଦେବଗଡ଼,୬।୫(ଶଶାଙ୍କ ଶେଖର ଝାଙ୍କର)**

ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିବସରେ ସୋମବାର ୨ଜଣ ଦଳୀୟ ପ୍ରାର୍ଥୀଙ୍କ ସମେତ ୫ଜଣ ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିଛନ୍ତି। ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ବହୁଜନ ସମାଜ ପାର୍ଟୀ ପ୍ରାର୍ଥୀ ନିରାକାର ପ୍ରଧାନଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରମୋଦ କୁମାର ଝାଙ୍କର, ସୁଲେମାନ ଲାକ୍ରା ଓ ଜୁଲିଆନ ଲାକ୍ରା ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ମନୋନୟନପତ୍ର ଦଖଲ କରିଥିଲେ। ସେମାନଙ୍କୁ ମିଶାଇ ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ୪ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ ୯ଜଣ ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଭାଜପା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ, ପ୍ରାଉଟିଷ୍ଟ ବ୍ଲକ ଅଫ ଇଣ୍ଡିଆ ପ୍ରାର୍ଥୀ ଡୋଳାକର ଭୋଇ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ଶ୍ରୀମନ୍ତ ସାହୁ ମନୋନୟନ ପତ୍ର ଦାଖଲ କରିଥିଲେ।




ସ୍ୱାଧୀନପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ନାମାଙ୍କନ ପୂର୍ବରୁ ଅଙ୍ଗଦାନ ପାଇଁ ଘୋଷଣା ପତ୍ରରେ ସ୍ୱାକ୍ଷର କଲେ ରୋମାଞ୍ଚ ରଞ୍ଜନ

**ଦେବଗଡ଼,୬।୫(ଶଶାଙ୍କ ଶେଖର ଝାଙ୍କର)**



ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସରେ ଦେବଗଡ଼ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ତାଙ୍କ ନାମାଙ୍କନ ଦାଖଲ କରିଛନ୍ତି। ଏହା ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତ୍ୟୁ ପରବର୍ତ୍ତୀ ନିଜ ଶରୀରର ଅଙ୍ଗ ଦାନ ପାଇଁ ଘୋଷଣା ନାମାରେ ସ୍ୱାକ୍ଷର କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ପୂର୍ବାହ୍ନରେ ବିଶ୍ୱାଳ ମନ୍ଦିର ଦର୍ଶନ କରି ଫେରିବା ପରେ ନିଜ ସମର୍ଥକଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପହଞ୍ଚିଥିଲେ। ପରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମନୋରଞ୍ଜନ ସାମଲ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଶ୍ୱାଳଙ୍କ ଘୋଷଣା ନାମା ଫାରମ ଗ୍ରହଣ କରିବା ସହ ବିଶ୍ୱାଳଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଡାକ୍ତର ସାମଲ ଅଙ୍ଗଦାନ ଭଳି ମହତ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିବାରୁ ବିଶ୍ୱାଳ ନୂତନ ପିଢ଼ୀ ପାଇଁ ଏକ ବାର୍ତ୍ତା ଦେଇଥିବା ପ୍ରକାଶ କରିଥିଲେ। ସେହିପରି ଗତ ଦିନରେ ରକ୍ତଦାନ କରି ଦେବଗଡ଼ ଜିଲା ବିଜୁ ଜନତା ଦଳର କର୍ମକର୍ତ୍ତା ନିଜର ଶ୍ରେଷ୍ଠତା ଦର୍ଶାଇ ସାରିଥିବା ବେଳେ ଆଗାମୀ ଦିନରେ ଅଙ୍ଗ ଦାନରେ ମଧ୍ୟ ଦେବଗଡ଼ ଜିଲା ଏକ ନୂତନ କୀର୍ତ୍ତିମାନ ଯୋଡିବ ବୋଲି କହିଥିଲେ। ସେହିପରି ରାଜନୀତି ବାଟରେ ରାଜନୀତି ଏବଂ ସମାଜ ସେବା କାର୍ଯ୍ୟ ମଧ୍ୟ ଜାରି ରହିବ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି।

## ୨ ବର୍ଷ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ: ମରାମତି ଦାବି



**ଦେବଗଡ଼,୬।୫(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ କଣ୍ଡାପାଲି ଗ୍ରାମପଞ୍ଚାୟତର ଟୁସୁଲା ମୁଣ୍ଡା ସାହିରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ପ୍ରାୟ ୨ ବର୍ଷ ହେଲା ଅଚଳ ହୋଇପଡିଛି। ଫଳରେ ଗ୍ରାହକମାନେ ଅନ୍ଧକାରରେ ରହିବା ସହ ଗ୍ରୀଷ୍ମ ଦିନରେ ଅକତନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏ ନେଇ ଗ୍ରାହକମାନେ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଏହାର ମରାମତି କିମ୍ବା ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ସୋମବାର ବହୁ ଗ୍ରାହକ ଜିଲା କଂଗ୍ରେସ ସଭାପତି ତଥା କଂଗ୍ରେସ ବିଧାନସଭା ପ୍ରାର୍ଥୀ ସେମ ହେମ୍ବ୍ରମଙ୍କ ନେତୃତ୍ୱରରେ ଦେବଗଡସ୍ଥିତ ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀ ରାଜୁ ସାହୁଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଟ୍ରାନ୍ସଫର୍ମର ମରାମତି କିମ୍ବା ନୂତନ ଟ୍ରାନ୍ସଫର୍ମରର ଖଞ୍ଜି ସମସ୍ୟା ସମାଧାନ କରିବାକୁ ଦାବି ଜଣାଇଥିଲେ। ଆଲୋଚନା ସମୟରେ ହେମ୍ବ୍ରମଙ୍କ ସମେତ ଗ୍ରାହକ ବାସୁ ମୁଣ୍ଡା, କୁନା କୁମୁରା ଓ କଂଗ୍ରେସ ନେତା ଅଲେଖ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



**ମୁଁ ବଞ୍ଚିବାକୁ ଚାହେଁ :** ରାସ୍ତା ପ୍ରଶସ୍ତୀକରଣ ସକାଶେ ସମ୍ବଲପୁର ଫାଟକ- ଅଇଁଠାପାଲି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବିରାଟ ବୃକ୍ଷଗୁଡିକୁ କଟା ଯାଇଛି। କିନ୍ତୁ ବୃକ୍ଷଗୁଡିକ ବଞ୍ଚିବାକୁ ରାହା ଖୋଜୁଛନ୍ତି।

## ବିଜେଡିରେ ଯୋଗଦେଲେ ଶତାଧିକ ଯୁବତୀଯୁବକ

**ନୂଆପଡା,୬।୫ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖଡିଆଳଠାରେ ଆୟୋଜିତ ନିର୍ବାଚନୀ ସଭାରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଏମ୍‌ପି ପ୍ରାର୍ଥୀ ଲମ୍ୱୋଦର ନିଆଲ, ଖଡିଆଳ ବିଧାୟକ ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀ, ନୂଆପଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ଉପସ୍ଥିତିରେ ଖଡିଆଳ ବିଜ୍ଞାପିତ ଅଞ୍ଚଳର କାଉନସିଲରମାନଙ୍କ ସମେତ ଅଞ୍ଚଳର ଶତାଧିକ ଯୁବତୀ, ଯୁବକ ଅନ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ଶତାଧିକ ଯୁବତୀ ଯୁବକ ଓ ଅନ୍ୟମାନେ ବିଜେଡିରେ ଯୋଗଦେଇଛନ୍ତି।

## କଂଗ୍ରେସର ଘରକୁ ଘର ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମ

**ସମ୍ବଲପୁର,୬।୫(ବି.ଶଙ୍କର)**

କଂଗ୍ରେସ ଦଳ ପକ୍ଷରୁ ସମ୍ବଲପୁର ବିଧାୟକ ପ୍ରାର୍ଥୀଙ୍କୁ ଚଳିତ ନିର୍ବାଚନରେ ଭୋଟ ଦେବା ପାଇଁ ଘରକୁ ଘର ପ୍ରଚାର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ ଦଳୀୟ ନେତା ଓ କର୍ମୀମାନଙ୍କ ସହ ଭଙ୍ଗମୁଣ୍ଡା, ଟିଂକିରା ପଡ଼ାରେ ପଦ ଯାତ୍ରାରେ ଯାଇଥିଲେ । ରବି ରାଉତ, ବାଲିଆ ତ୍ରିପାଠୀ, ଗଣେଶ ପଳେଇ, ପ୍ରହଲ୍ଲାଦ ତାଣ୍ଡି, ରଶ୍ମି ସ୍ୱାଇଁ, ଫିଲିପ କୁମାର ସାମିଲ ଥିଲେ। ସେହିପରି ମାଳିପଡ଼ା, ନୂଆବଜାର ପଡ଼ା, କଦମପଡ଼ା, ପଥର ଲାଇନ, ହୀରାକୁଦ କଂଗ୍ରେସ ସଭାପତି ରବି ରାଉତ, ଜିଲା କଂଗ୍ରେସ ଉପସଭାପତି ବାଲିଆ ତ୍ରିପାଠୀ, ପିସିସି ସଭ୍ୟ ଗଣେଶ ପଳେଇ, ଜିଲା ଓବିସି ସଭାପତି ଶିବ ପ୍ରଧାନ, ବୁର୍ଲା କଂଗ୍ରେସ ସଭାପତି ଗିରିଜା ନାୟକ, ସମ୍ବଲପୁର ଜିଲା ସାଧାରଣ ସମ୍ପାଦକ ଜିତେନ ମହାନନ୍ଦ , ବିଶ୍ୱନାଥ ପାଢ଼ୀ, ଦିଲୀପ ପ୍ରଧାନ, ରଶ୍ମି ସ୍ୱାଇଁ, ଫିଲିପ କୁମାର, ପାପୁ ବେହେରା, ନମିସା ରାଉତ, ବବିତା କୁମ୍ଭାର, ସୁଜାତା ତାଣ୍ଡି, ବନିତା ନନ୍ଦ, ଶାନ୍ତି ପାଇକ, ଆଶା ବେହେରା, ରିକି ବେହେରା ସାମିଲ ହୋଇଥିଲେ ।

# ଜିଲା କଂଗ୍ରେସର ନିର୍ବାଚନ ପ୍ରସ୍ତୁତି ବୈଠକ

**ଦେବଗଡ଼,୬।୫(ଶଶାଙ୍କ ଶେଖର ଝାଙ୍କର)**

ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ତଥା କଂଗ୍ରେସ ବିଧାନସଭା ପ୍ରାର୍ଥୀ ସେମ ହେମ୍ବ୍ରମଙ୍କ ସବାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁ, ଆକାଶ ଦାଶ, ବିନୟ କୁମାର ଦେବତା, ଅଲେଖ ଧ୍ୱଶଳ, ସୁଶୀଳ ଗୁଡିଆ, ବୁଲୁ ଧଳ, କ୍ଷୀରୋଦ ଜାଲ, ନାଥକୃଷ୍ଣ ଜାଲ, ମନୋଜ ପାତ୍ର, ରୁପେଶ ଗୁରୁ ଓ ଚମ୍ପକ ଗୁରୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ନିର୍ବାଚନରେ ଉଭୟ ଲୋକ ସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ଓ ବିଧାନସଭା ପ୍ରାର୍ଥୀ ସେମ ହେମ୍ବ୍ରମଙ୍କ ସପକ୍ଷରେ ପ୍ରଚାର ଅଭିଯାନକୁ ଅଧିକ ବ୍ୟାପକ କରିବା ସହ ସେମାନଙ୍କୁ ବିଜୟୀ କରିବା ପାଇଁ ବିଭିନ୍ନ ଯୋଜନା ଓ ରଣକୌଶଳ ପ୍ରସ୍ତୁତ କରିଥିଲେ।



## ସମ୍ବଲପୁର ଲୋକ ସଭା: ୧୪ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ସମ୍ବଲପୁର,୬।୫(ପ୍ରମୋଦ ବହିଦାର)**

ଚଳିତ ନିର୍ବାଚନରେ ସମ୍ବଲପୁର ଲୋକସଭା ପାଇଁ ୧୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡି, ଭାଜପା, କଂଗ୍ରେସ ସହିତ ୪ ଜଣ ନିର୍ଦ୍ଦଳୀୟ ପ୍ରାର୍ଥୀ ରହିଛନ୍ତି। ସୋମବାର ଶେଷ ଦିନରେ ୩ ସ୍ୱାଧୀନ ପ୍ରାର୍ଥୀଙ୍କ ସମେତ ମୋଟ ୭ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଖବରଦାତା ଆତ୍ମାରାମ ସୁପକାର ନିର୍ଦ୍ଦଳୀୟ ପ୍ରାର୍ଥୀ ଭାବେ ଓ ବିଏସ୍‌ପିର ସଦାନନ୍ଦ ରଣବିଡ଼ା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସମ୍ବଲପୁର ଜିଲାର ୪ଟି ବିଧାନସଭା ଆସନରେ ମୋଟ ୩୧ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣ ନିର୍ଦ୍ଦଳୀୟ ପ୍ରାର୍ଥୀ। ସମ୍ବଲପୁର ବିଧାସନସଭା ଆସନରେ ମୋଟ୍ ୯ ଜଣଙ୍କ ମଧ୍ୟରୁ ୩ ନିର୍ଦ୍ଦଳୀୟ, ରେଙ୍ଗାଲି ବିଧାନସଭା ଆସନରେ ମୋଟ୍ ୧୦ ଜଣଙ୍କ ମଧ୍ୟରୁ ୩ ସ୍ୱାଧୀନଳ କୁଚିଣ୍ଡା ଓ ରେଙ୍ଗାଲିରେ ୨ ଜଣ ଲେଖାଏ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ସହିତ ୫ ଜଣ ୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶେଷ ଦିନରେ ସମ୍ବଲପୁର ବିଧାନସଭା ଆସନରେ ୨ ଜଣ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ସହ ମୋଟ ୪ ଜଣ ଓ ରେଙ୍ଗାଲି ବିଧାନସଭା ଆସନରେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ସହ ମୋଟ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖ ଲରଛନ୍ତି। ଶେଷଦିନରେ ଜ୍ଞାନେନ୍ଦ୍ର ବେହେରା ନାମକ ଜଣ ସ୍ୱାଧୀନ ପ୍ରାର୍ଥୀ ସମ୍ବଲପୁରର ଉଭୟ ଲୋକସଭା ଓ ବିଧାନସଭା ଆସନରେ ପ୍ରାର୍ଥୀ ପତ୍ର ଦାଖ କରିଛନ୍ତି। ସେ ଏହା ପୂର୍ବରୁ ବରଗଡ଼ ଲୋକ ସଭା ଓ ଝାରସୁଗୁଡ଼ା ବିଧାନସଭା ଆଦି ଏକକାଳୀନ ୪ଟି ଆସନରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ସୂଚନା ମିଳିଛି।



ନାମାଙ୍କନ ପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ବିଏସ୍‌ପି ପ୍ରାର୍ଥୀ ସଦାନନ୍ଦ ରଣବିଡ଼ା।

## ମୂଳ ପ୍ରସଙ୍ଗଂକୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରୁଛି ଭାଜପା

**ସମ୍ବଲପୁର,୬।୫(ପ୍ରମୋଦ ବହିଦାର)**

ଓଡ଼ିଆ ଅସ୍ମିତା କଥା କହୁଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆ ଲୋକଙ୍କ ପାଇଁ କ'ଣ କରିଛନ୍ତି। ଏ ନେଇ ଧର୍ମେନ୍ଦ୍ରଙ୍କୁ ଘେରିଛି ବିଜୁ ଜନତା ଦଳ। ସିଧାସଳଖ ଉତ୍ତର ନ ଦେଇ ନିଜ ବଚସ୍କରଙ୍କ ମାଧମରେ ସେ ଅବାନ୍ତର କଥା କହୁଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି। ସ୍ଥାନୀୟ ପାନ୍ଥନିବାସରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଲୋକ ସଭା କ୍ଷେତ୍ର ସଂଯୋଜକ ସିଦ୍ଧାର୍ଥ ଦାସଙ୍କ ଉପସ୍ଥିତିରେ ଡ. ମହାନ୍ତି କହିଛନ୍ତି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଥିବା ନେତାହିଁ ଲୋକଙ୍କ ଗ୍ରହଣଯୋଗ୍ୟ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ଓଡ଼ିଶାକୁ ସିଏସଆର ଫଣ୍ଡ ଦେବାତ ଦୂରକଥା ଓଡ଼ିଆ ଶିକ୍ଷିତ ଯୁବକ ଯୁବତୀଙ୍କୁ ମଧ୍ୟ ସେ ପାତର ଅନ୍ତର କରିଥିଲେ। ଏହି ଅବସରରେ ଡ. ମହାନ୍ତି କହିଛନ୍ତି ରେଢାଖୋଲରୁ ଗୋପାଳପୁର ଯାଏ ରେଳ ଲାଇନ ହେବ ବୋଲି ଧର୍ମେନ୍ଦ୍ର କହିଥିଲେ। ମାତ୍ର ଏହା ଧୂଆଁବାଣ ହୋଇଗଲା। ବିଗତ ନିର୍ବାଚନରେ ଦେବଗଡ଼ବାସୀଙ୍କୁ ଏଠାରେ ଲଜିଷ୍ଟିକ ହବ କରିବେ ବୋଲି ସ୍ୱପ୍ନ ଦେଖାଇଥିଲେ। ଯାହା ବର୍ତ୍ତମାନ ଦିବାସ୍ୱପ୍ନରେ ପରିଣତ ହୋଇଛି। ଯୁଯୁମୁରାରେ ସାଂସଦ ପାଣ୍ଠି ଦୁରପଯୋଗ ପାଇଁ ଦାୟୀ କିଏ ବୋଲି ସେ ପ୍ରଶ୍ନ କରିଥିଲେ। ସେହିଭଳି ଡ. ପ୍ରମୋଦ ରଥ ମିଶନ୍ ଶକ୍ତି ଯୋଜନକୁ କେନ୍ଦ୍ରୀୟ ଯୋଜନା ବୋଲି କହିଥିବା ବେଳେ ଏହାକୁ ରାଜ୍ୟର ଯୋଜନା ବୋଲି ଭାଜପା ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଜୟନାରାୟଣ ମିଶ୍ର କହୁଛନ୍ତି। ତେବେ ଏହା ରାଜ୍ୟ ନା କେନ୍ଦ୍ରୀୟ ଯୋଜନା ତାହା ପ୍ରଥମେ ସ୍ପଷ୍ଟ ହେବାକୁ ପରାମର୍ଶ ଦେଇଛନ୍ତି ଡ. ମହାନ୍ତି। ସେହିଭଳି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ ଉପରେ ସିଦ୍ଧାର୍ଥ ଦାସ କହିଲେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଆନ୍ଦୋଳନ ହୋଇଥିଲା, ମୁଖ୍ୟମନ୍ତ୍ରୀ ଏହା ଜାଣିବା ପରେ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ମାତ୍ର ସୁପ୍ରିମକୋର୍ଟ ଏହି ମାମଲା ଉପରେ ଟିପ୍ପଣୀ ଦେଇଥିବାରୁ ବିଜେଡି ମଧ୍ୟ ଟିପ୍ପଣୀର ସୀମା ମଧ୍ୟରେ ରହିବାକୁ ବାଧ୍ୟ ହୋଇଥିଲା। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବାକୁ ଆଗ୍ରହୀ। ଏଥିପାଇଁ ବିଜେଡି ପକ୍ଷରୁ କେନ୍ଦ୍ରକୁ ସହଯୋଗ ମଗାଯାଇଛି। କିନ୍ତୁ ବିରୋଧୀ ଏହାକୁ ନିର୍ବାଚନୀ ପ୍ରସଙ୍ଗ କରି ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଦାସ କହିଥିଲେ। ସେହିଭଳି ପ୍ରଣବ ପ୍ରକାଶଙ୍କ ଶିକ୍ଷାଗତ ଯୋଗ୍ୟତା ଉପରେ ଟିପ୍ପଣୀର ଉତ୍ତରରେ ପ୍ରଥମେ ଜୟନାରାୟଣ ବାବୁଙ୍କ ନକଲି ଏଫିଡେଭିଟରେ ତର୍ଜମା କରିବାକୁ ଭାଜପା ନେତାଙ୍କୁ ସେ ପରାମର୍ଶ ଦେଇଥିଲେ। ତେବେ ମୂଳ ପ୍ରସଙ୍ଗକୁ ବିଭ୍ରାନ୍ତ କରିବାକୁ ଭାଜପାର ଏହା ଏକ ହୀନ ଉଦ୍ୟମ ବୋଲି ସଦ୍ଧାର୍ଥ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଡ. ଲେନିନ ମହାନ୍ତି ଓ ସିଦ୍ଧାର୍ଥ ଦାସ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ: ଜଣେ କୋର୍ଟ ଚାଲାଣ

**କଣ୍ଟାବାଞ୍ଜି,୬।୫(ଗୁରୁ ଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ଥାନା ପକ୍ଷରୁ ସୋମବାର ସନ୍ଧ୍ୟାରେ ପାଟ୍ରୋଲିଂ ବେଳେ ଜଣେ ବ୍ୟକ୍ତିଙ୍କ ଠାରୁ ବେଆଇନ ଭାବେ ମହଜୁଦ ଥିବା ୪୬ ଲିଟର ବିୟର ଓ ୮.୫୯୫ ଲିଟର ବିଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ଧୁବାପଡାର ରଥ ସେଠଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ସ୍ଥାନୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ ନଂ ୨୩/୨୦୨୪ରେ ଏକ ମାମଲା ରୁଜୁ ହୋଇଛି । ଏହି ଚଢାଉରେ ଅବକାରୀ ଥାନା ଅଧିକାରୀ ପ୍ରବୀଣ କୁମାର ସାହୁ, ଏଏସଆଇ.ଆର୍ତ୍ତତ୍ରାଣ ବହିଦାର, କନଷ୍ଟେବଳ ରନ ମିଶ୍ର, ଆଶିଷ ପଟେଲ ଓ ମମତା ବେହେରା ସାମିଲ ଥିଲେ ।

### ୧୦ରେ ଭଗବାନ ପର୍ଶୁରାମ ଜନ୍ମୋତ୍ସବ

**ବଲାଙ୍ଗୀର, ୬।୫ (ବୀରେନ୍ଦ୍ର କୁମାର ଝାଙ୍କର):** ଆସନ୍ତା ୧୦ ତାରିଖରେ ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ କରାଯିବ । ଏ ସଂକ୍ରାନ୍ତରେ ସୋମବାର ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ସ୍ଥାନୀୟ ନୃସିଂହ ମନ୍ଦିର ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ୧୦ ତାରିଖ ପୂର୍ବାହ୍ନରେ ପୂଜାର୍ଚ୍ଚନା ହେବ । ସ୍ଥାନୀୟ ଆରଟିଓ ଅଫିସ ନିକଟରେ ପର୍ଶୁରାମ ଛକରେ ଧ୍ୱଜା ସ୍ଥାପିତ ହେବ ବୋଲି ସୂଚନା ଦିଆଯାଇଛି । ବୈଠକରେ ସଭାପତି ଧନଞ୍ଜୟ ମିଶ୍ର, ସମ୍ପାଦକ ଜୟରାମ ମିଶ୍ର, ସହର ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, କିଶୋର ପୁରୋହିତ, ସଂକୀର୍ତ୍ତନ ତ୍ରିପାଠୀ, ଦାମୋଦର ଓତା, ଶିବନାରାୟଣ ରଥ, ସୁବାସ ଶତପଥୀ, ଶ୍ୟାମସୁନ୍ଦର ଦାଶ, ସୁଧୀର ତ୍ରିପାଠୀ ଉପସ୍ଥିତ ଥିଲେ । ସେଦିନ ସନ୍ଧ୍ୟା ୬ଟା ସମୟରେ ନୃସିଂହ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବୋଲି ସୂଚନା ଦେଇଥିଲେ ।




ଦେଓଗାଁରେ ଆୟୋଜିତ କଂଗ୍ରେସ ନିର୍ବାଚନୀ ସଭାରେ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ନରସିଂହ ମିଶ୍ରଙ୍କ ସହ ଅନ୍ୟ ନେତୃବୃନ୍ଦ ।

# ଦେଓଗାଁ ବ୍ଲକରେ କଂଗ୍ରେସର ନିର୍ବାଚନୀ ପ୍ରଚାର

- **୨୪ ବର୍ଷର ସରକାର ଶିକ୍ଷକ, ଡାକ୍ତର, ରୋଜଗାର ଦେବାରେ ବିଫଳ: ସମରେନ୍ଦ୍ର**

**ବଲାଙ୍ଗୀର, ୬।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ବ୍ଲକର ଦେଷଣ୍ଟେ, ବ୍ରାହ୍ମଣୀଜୋର ଓ ବନ୍ଧପଡାଠାରେ ସୋମବାର କଂଗ୍ରେସର ଜନ ଆଶୀର୍ବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କଂଗ୍ରେସ ଦଳର ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଓ ବିଧାୟକ ନରସିଂହ ମିଶ୍ର ଯୋଗଦାନ କରି ୨୪ ବର୍ଷର ବିଜେଡି ସରକାର ଏବଂ ୧୦ ବର୍ଷର ଭାଜପା ସରକାରର ବିଫଳତା ଉପରେ ବର୍ଷିଥିଲେ । ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର କହିଥିଲେ ଯେ, ଏକ ଜନମଙ୍ଗଳ ରାଷ୍ଟ୍ରରେ ରାଜ୍ୟ ହେଉ କି କେନ୍ଦ୍ର ସରକାର ତାର କର୍ତ୍ତବ୍ୟ ହେଲା ସ୍କୁଲରେ ଶିକ୍ଷକ, ଡାକ୍ତରଖାନାରେ ଡାକ୍ତର, ଯୁବକଙ୍କୁ ରୋଜଗାର ନିଶ୍ଚିତ କରିବା ଆବଶ୍ୟକ । କିନ୍ତୁ ପରିତାପର ବିଷୟ ରାଜ୍ୟରେ ବିଜେଡି ଓ କେନ୍ଦ୍ରର ଭାଜପା ଶାସନ ଅମଳରେ ଶିକ୍ଷକ, ଡାକ୍ତର ଓ ରୋଜଗାରର ମରୁଡି ଦେଖାଯାଇଛି । ଏହି ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିକ୍ଷା କ୍ଷେତ୍ରରେ ଶିକ୍ଷକ, ଚିକିତ୍ସା ପାଇଁ ଡାକ୍ତର ଓ ଯୁବକଙ୍କୁ ରୋଜଗାରର ଆବଶ୍ୟକତା ଥିବା ବେଳେ ଉଭୟ ସରକାର ଏଥିରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସମରେନ୍ଦ୍ର କହିଥିଲେ । କୌଣସି ଗୋଟିଏ ରାଜ୍ୟ ସରକାର ପାଇଁ ୨୪ ବର୍ଷ ବହୁତ ଲମ୍ବା ସମୟ । ଏହି ସମୟରେ ରାଜ୍ୟବାସୀଙ୍କ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଉନ୍ନତି ପରିଲକ୍ଷିତ ହେବା କଥା । ମାତ୍ର ଆଜି ବି ରାଜ୍ୟରେ ବିଶେଷ କରି ବଲାଙ୍ଗୀର ଜିଲାରେ ଗରିବ ଲୋକ ସାମାଜିକ ସୁରକ୍ଷା ଭତ୍ତା, ପକ୍କାଘରଟିଏ ପାଇଁ ବାରଦୁଆର ଶୁଙ୍ଘିପିଙ୍ଘି ହେଉଛନ୍ତି । ଲୋକେ ଯୋଜନାର ସୁଫଳ ପାଇ ନ ଥିବା ବେଳେ ସରକାର କେବଳ ନିର୍ବାଚନ ସର୍ବସ୍ୱ ଯୋଜନାରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ସେ କହିଥିଲେ । ଏଣୁ ଏବେ ଏହି ଲୋକବିରୋଧୀ ସରକାରକୁ ବରଖାସ୍ତ କରିବାକୁ ସେ ଲୋକଙ୍କୁ ନିବେଦନ କରିଥିଲେ । କଂଗ୍ରେସର ବିଧାୟକ ପ୍ରାର୍ଥୀ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ସେ ନିବେଦନ କରିଥିଲେ । ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜନଆଶୀର୍ବାଦ ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି ଗତ ୧୦ ବର୍ଷରେ ବଲାଙ୍ଗୀରରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଓ ଲୋକ ସମ୍ପର୍କକୁ ଲୋକେ ଠିକ୍ ଭାବରେ ତର୍ଜମା କରନ୍ତୁ ଏବଂ କଂଗ୍ରେସର ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ । ଏହି ଅବସରରେ ସେ କଂଗ୍ରେସର ଗ୍ୟାରେଣ୍ଟି କାର୍ଡରେ ସବୁ ବର୍ଗର ଲୋକଙ୍କୁ କିଭଳି ଜନକଲ୍ୟାଣକାରୀ ଯୋଜନାରେ ସମ୍ପୃକ୍ତ କରାଯିବ ସେ ଉପରେ କହିଥିଲେ । ଏହି ନିର୍ବାଚନୀ ସଭାଗୁଡିକରେ ଅନ୍ୟମାନଙ୍କ ମଧ୍ୟରେ କାନ୍ତେଶ୍ୱର ପଧାନ, ସମିତି ସଭ୍ୟ ରୁଦନା ଧରୁଆ, ସ୍ୱୟମ୍ବର ମେହେର, କଳାକାର ବେହେରା, ନିତ୍ୟାନନ୍ଦ ବେହେରା ମଞ୍ଚାସୀନ ଥିଲେ ।

# ବୌଦ୍ଧରେ ୬, କନ୍ଧମାଳରେ ୬ ପ୍ରାର୍ଥୀ

**ବୌଦ୍ଧ,୬।୫ (ଅଜିତ କୁମାର ବାରିକ)**

**ସରିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାର**

ବୌଦ୍ଧ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବା ବେଳେ ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ବୌଦ୍ଧ ଓ କନ୍ଧମାଳ ପାଇଁ ସୋମବାର ଦିନ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସରିଛି । ବୌଦ୍ଧ ନିର୍ବାଚନମଣ୍ଡଳୀ ପାଇଁ ୬ ଜଣ ପ୍ରାର୍ଥୀ ଓ କନ୍ଧମାଳ ନିର୍ବାଚନମଣ୍ଡଳୀ ପାଇଁ ୬ ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି । ବୌଦ୍ଧ ଜିଲାରେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଛି । ବୌଦ୍ଧ ନିର୍ବାଚନମଣ୍ଡଳୀରେ କଂଗ୍ରେସରୁ ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର ଓ ବିଜେଡିରୁ ବୌଦ୍ଧ ନିର୍ବାଚନମଣ୍ଡଳୀରୁ ୫ ଥର ଜିତିଥିବା ବିଧାୟକ ପ୍ରଦୀପ କୁମାର ଅମାତ ଓ ଭାଜପାରୁ ଯୁବ ନେତା ତଥା ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି । ଏହାସହ ଇଣ୍ଡିଆନ ସିଟିଜେନ ପାର୍ଟିର ଷଷ୍ଠ କୁମାର ପୁରୋହିତ , ସ୍ୱାଧୀନ ପ୍ରାର୍ଥୀ ଭାବେ ସୋମନାଥ ପୁରୋହିତ ଓ ପ୍ରଦୀପ ସାହୁ ନିର୍ବାଚନ ମଇଦାନରେ ରହିଛନ୍ତି । ସେହିପରି କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଭାଜପାରୁ ବରିଷ୍ଠ ନେତା କହ୍ନାଇ ଚରଣ ଡାଙ୍ଗ, ବିଜେଡିରୁ ମହୀଧର ରଣା, କଂଗ୍ରେସରୁ ସରୋଜ ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି । ଏହାଛଡା ସ୍ୱାଧୀନ ପ୍ରାର୍ଥୀ ଭାବେ କୁଞ୍ଜବିହାରୀ ସିଂ, ସତ୍ୟବ୍ରତ ସାହୁ ଓ ସୁଧାଂଶୁ ଡାଙ୍ଗ ନିର୍ବାଚନ ମଇଦାନରେ ରହିଛନ୍ତି ଆସନ୍ତା ୨୦ ତାରିଖରେ ବୌଦ୍ଧ ଓ କନ୍ଧମାଳ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ଥିବା ବେଳେ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି । ପ୍ରାର୍ଥୀମାନେ ମଧ୍ୟ ବିଭିନ୍ନ ଗାଁରେ ସଭା କରିବା ସହ ଘରକୁ ଘର ଯାଇ ପ୍ରଚାର କରୁଛନ୍ତି ।

# କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ




ଡାକ୍ତରଖାନା ପରିସରରେ ଥିବା ପାନୀୟ ଜଳ ପ୍ରକଳ୍ପ ।

**ବାଉଁଶୁଣୀ,୬।୫ (ଦେବାଶିଷ ନେପାକ)**

**ବାଉଁଶୁଣୀ ଡାକ୍ତରଖାନା**

ବୌଦ୍ଧ ଜିଲା ବାଉଁଶୁଣୀ ଡାକ୍ତରଖାନା ପରିସରରେ ନିର୍ମାଣ ହୋଇଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ପାରିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ୮ ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ତାଲା ପଡିଛି । ଏହାକୁ କାମ କରିଥିବା ଠିକାଦାର ବିଭାଗକୁ ହସ୍ତାନ୍ତର କରୁ ନ ଥିବା ସୂଚନା ମିଳିଛି । ଏ ସମ୍ପର୍କରେ ବାଉଁଶୁଣୀ ମେଡିକାଲ ଅଫିସର ଡା. ଅନ୍ତର୍ଯାମୀ ବେହେରା ବାରମ୍ବାର ବୌଦ୍ଧ ବ୍ଲକ ପ୍ରଶାସନକୁ ଚିଠି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରା ଯାଉ ନ ଥିବା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଡ଼ାକ୍ତରଖାନାକୁ ପ୍ରତିଦିନ ବହୁ ସଂଖ୍ୟକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆସୁଛନ୍ତି । କିନ୍ତୁ ପାଣି ପାଇଁ ଡାକ୍ତରଖାନାକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏବେ ବୌଦ୍ଧ ଜିଲାରେ ଅଧିକାଂଶ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଏହାକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଏହି ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ବାଉଁଶୁଣୀ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପ୍ରତିବାଦ କଲେ କେଉଁଟିପାଲି ଗ୍ରାମବାସୀ



କେଉଁଟିପାଲି ଗ୍ରାମବାସୀଙ୍କ ରାସ୍ତା ଅବରୋଧ ।

**ଲୋଇସିଂହା,୬।୫(ସୁଶାନ୍ତ ବାରିକ)**

**ଜଳ ଯୋଗାଣରେ ଅନିୟମିତତା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଏବଂ କେଉଁଟିପାଲି ଗ୍ରାମରେ ପାଇପ ଜଳ ଯୋଗାଣରେ ଅନିୟମିତତା ଲାଗି ରହିଛି । ଏହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବୁର୍ଡା ପଞ୍ଚାୟତର ସଦର ଗାଁକୁ ଫାସଡ ସୁକତେଲ ନଦୀରୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି । ଜାତୀୟ ରାଜପଥ କଡ ମିଶନ ଶକ୍ତି ଭବନ ନିକଟସ୍ଥ ଓଭର ହେଡ ଟାଙ୍କିରୁ ଗ୍ରାମକୁ ପାଣି ଯୋଗାଣ ହୋଇଥାଏ । ହେଲେ ପ୍ରାୟ ସମୟରେ ପ୍ରକଳ୍ପରୁ ଜଳ ଯୋଗାଣରେ ଅନିୟମିତତା ହେଉଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ରହୁଛି । ଘରେ ଘରେ ପିଇବା ପାଣିର ଚାହିଦା ବଢିଛି । ଏଭଳି ସ୍ଥିତିରେ ନିୟମିତ ଭାବେ ପାଣି ଯୋଗାଣ ହେଉନାହିଁ । ସପ୍ତାହ ସପ୍ତାହ ଧରି ଯୋଗାଣ ହେଉ ନ ଥିବାରୁ ପିଇବା ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି । ସେହିପରି ଯୋଗୀସର୍ଡା ପଞ୍ଚାୟତ ଅଧୀନ କେଉଁଟିପାଲିରେ ମଧ୍ୟ ସମାନ ଅବସ୍ଥା ଲାଗି ରହିଛି । ପାଣି ଯୋଗାଣ ଲାଗି ହାଇସ୍କୁଲ ନିକଟରେ ଓଭରହେଡ ଟାଙ୍କି ନିର୍ମାଣ ସାଙ୍ଗକୁ ଘରକୁ ଘର ପାଇପ ସଂଯୋଗ ଦିଆଯାଇଛି । ହେଲେ ପାଣି ନିୟମିତ ଭାବେ ଆସୁନାହିଁ । ଏହାକୁ ନେଇ ସୋମବାର ସ୍ଥାନୀୟ ଅଧିବାସୀ ପ୍ରତିବାଦ ସ୍ୱରୂପ ଗଣେଶ ମଣ୍ଡପ ନିକଟରେ ଗରା,ବାଲଟି ରଖି ଗୁର୍ଜିଭଟା–ଗୋପାଳପୁର ରାସ୍ତା ଅବରୋଧ କରିଥିଲେ ।

# ବିଜେଡିର ମହିଳା ସମାବେଶ




ମହିଳା ସମାବେଶରେ ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ଓ ଅନ୍ୟମାନେ ।

**ବଲାଙ୍ଗୀର,୬।୫ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ମିର୍ଦ୍ଧାପାଲି ଗ୍ରାମ ପଞ୍ଚାୟତର କଅଗାଁ ଠାରେ ସୋମବାର ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ବିଜେଡି ବିଧାୟକ ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ଯୋଗଦାନ କରି ମହିଳା ସଶକ୍ତିକରଣ ଦିଗରେ ବିଜେଡି ସରକାରର ଯୋଜନା ଉପରେ କହିଥିଲେ । ସମାବେଶରେ ମହିଳାମାନଙ୍କ ସମସ୍ୟାକୁ ନେଇ କଲିକେଶ ଆଲୋଚନା କରିଥିଲେ । ମହିଳାମାନଙ୍କ ବିଭିନ୍ନ ଦାବି ଓ ସମସ୍ୟାର ସମାଧାନ ପାଇଁ ସେ ଦୃଢ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ତାଙ୍କୁ ଏବଂ ଲୋକସଭା ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ବିଜେଡିକୁ ସଶକ୍ତ କରିବାକୁ ମହିଳାମାନଙ୍କୁ ଅନୁରୋଧ କରିଥିଲେ । ଏହି ସମାବେଶରେ ସଦର ବ୍ଲକ ବିଜେଡି ମହିଳା ସଭାନେତ୍ରୀ ରୀନା ଭରାସାଗର ସଭାପତିତ୍ୱ କରିଥିଲେ । ସଭାରେ ଯୁବ ସଭାପତି ରାଜେନ୍ଦ୍ର ହୋତା, ଜିଲା ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି , ବିଧୁଭୂଷଣ ତ୍ରିପାଠୀ, ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ପ୍ରଦ୍ୟୁମ୍ନ ହୋତା, ବ୍ଲକ ସଭାପତି ନିହାର ରଞ୍ଜନ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୁଷ୍ପାଞ୍ଜଳି ହୋତା, ଅନାମିକା ହୋତା, ସୁରୁସୂତା ବାଗ ମଞ୍ଚାସୀନ ଥିଲେ ।

# ବିଜେଡିର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

**କଣ୍ଟାବାଞ୍ଜି,୬।୫(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ଅଧିନସ୍ଥ ବଙ୍ଗୋମୁଣ୍ଡା ଓ ସିନ୍ଧେକେଲାରେ ବିଜେଡିର ଦଳୀୟ କାର୍ଯ୍ୟାଳୟ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଦୁଇଟି କାର୍ଯ୍ୟାଳୟକୁ କଣ୍ଟାବାଞ୍ଜି ବିଧାନସଭା ବିଜେଡି ମୁଖ୍ୟ ସଂଯୋଜକ ଭୂପିନ୍ଦର ସିଂହ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅଜୟ ଦାସଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ଥିଲେ ।




ବଙ୍ଗୋମୁଣ୍ଡାଠାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଦଳୀୟ ନେତା ଓ କର୍ମୀ ।

# ଓଡ଼ିଶାକୁ ନିନ୍ଦିତ କରିବାକୁ ଦାଦନ ଶବ୍ଦର ବ୍ୟବହାର: ସୁବାସ ସିଂ

**ବଲାଙ୍ଗୀର/କଣ୍ଟାବାଞ୍ଜି ,୬।୫ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**

- କଣ୍ଟାବାଞ୍ଜିରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲାସ୍ତରୀୟ ସମ୍ମିଳନୀ
- ଶ୍ରମିକ ପରିବାରଙ୍କୁ ସୁରକ୍ଷା ପ୍ରଦାନ କରିଛି ବିଜୁ ଶ୍ରମିକ ସାମ୍ମୁଖ୍ୟ




କଣ୍ଟାବାଞ୍ଜି ଠାରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲାସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ଓ ବିଜେଡି ନେତା ।

ଓଡିଶାରେ ଦାଦନ ଶ୍ରମିକ ସମସ୍ୟା, ଅନାହାର ମୃତ୍ୟୁ ସମସ୍ୟା ଆଉ ନାହିଁ । ୮୦ ଓ ୯୦ ଦଶକରେ କଳାହାଣ୍ଡିର ଅନାହାର କଥା ଚର୍ଚ୍ଚାରେ ଥିଲା । ଏବେ କଳାହାଣ୍ଡି ଓଡିଶାର ଭାତହାଣ୍ଡି । ସମଗ୍ର ଦେଶରେ ଏକ କୃଷି ସମୃଦ୍ଧ ଜିଲା । ଗତ ୨୪ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାର ଚିତ୍ର ବଦଳାଇ ଦେଇଛନ୍ତି । ତାଙ୍କ ନେତୃତ୍ୱରେ ରାଜ୍ୟ ଆଜି ବିପର୍ଯ୍ୟୟ ପରିଚାଳନାରେ ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଛି । ଓଡିଆ ପୁଅ ସମ୍ମାନ ପାଉଛି । ଅଧିକ ଉପାର୍ଜନ ପାଇଁ ଓଡିଶାର ଲକ୍ଷାଧିକ ଲୋକ ରାଜ୍ୟ ଏପରିକି ଦେଶ ବାହାରକୁ ଯାଉଛନ୍ତି । ଓଡିଶାରେ ମଧ୍ୟ ବାହାର ରାଜ୍ୟର ପ୍ରାୟ ୯ ଲକ୍ଷ ଶ୍ରମିକ କାମ କରୁଛନ୍ତି । ଅଧିକ ରୋଜଗାର କରିବାକୁ ରାଜ୍ୟ ବାହାରକୁ ଯିବା ଦାଦନ ନୁହେଁ । ଓଡିଶାକୁ ନିନ୍ଦିତ କରିବାକୁ କେତେଜଣ ଲୋକ ଦାଦନ ଶବ୍ଦ ବ୍ୟବହାର କରୁଛନ୍ତି ବୋଲି ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟ ମହାସଚିବ ତଥା କଟକ ମେୟର ସୁବାସ ସିଂ ସୋମବାର କଣ୍ଟାବାଞ୍ଜି ଜିଆର ପେଲେସଠାରେ ଆୟୋଜିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲାସ୍ତରୀୟ ସମ୍ମିଳନୀରେ କହିଛନ୍ତି । ସାମ୍ମୁଖ୍ୟର ଜିଲା ସଭାପତି ଲୋଟସ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମହାସଚିବ ସିଂ ଆହୁରି କହିଥିଲେ ଯେ, ଗତ ୫୦ ବର୍ଷ ମଧ୍ୟରେ ଏକକାଳୀନ ଦୈନିକ ମଜୁରି ୧୦୦ ଟଙ୍କା ବୃଦ୍ଧି କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଦେଶରେ ଇତିହାସ ରଚିଛନ୍ତି । ସର୍ବନିମ୍ନ ଦୈନିକ ମଜୁରି ଓଡିଶାରେ ୩୪୬ ଟଙ୍କାରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହାଦ୍ୱାରା ରାଜ୍ୟର ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ଉଚ୍ଚକୁଶଳୀ ଶ୍ରମିକମାନେ ଲାଭବାନ ହେବେ । ରାଜ୍ୟର ସରକାରୀ, ଅର୍ଦ୍ଧ ସରକାରୀ, କମ୍ପାନୀ ଓ ଘରୋଇ ଶିଳ୍ପରେ କାର୍ଯ୍ୟରତ ଶ୍ରମିକମାନେ ଉପକୃତ ହେବେ । ବିଜେଡି ସରକାରର ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରୁଛନ୍ତି । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ପଞ୍ଜୀକୃତ ୪୨ ଲକ୍ଷ ୪୮ ହଜାର ଶ୍ରମିକ ଏହାଦ୍ୱାରା ଲାଭବାନ୍ ହେଉଛନ୍ତି । ଅଣ ସଙ୍ଗଠିତ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯାଇଛି । ରାଜ୍ୟ ବାହାରକୁ ଯାଉଥିବା ଶ୍ରମିକଙ୍କୁ ଦାଦନ ଶ୍ରମିକ କୁହାଯାଇପାରିବ ନାହିଁ । ସମସ୍ତଙ୍କୁ ରାଜ୍ୟ ସରକାରଙ୍କ ଯୋଜନାର ସୁଫଳ ମିଳୁଛି ବୋଲି ସିଂ କହିଥିଲେ । କଣ୍ଟାବାଞ୍ଜି ଆସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହେବାକୁ ଆସିବାର ଅର୍ଥ ହେଉଛି ଏଠାକାର ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା । କଣ୍ଟାବାଞ୍ଜି ସମେତ ବଲାଙ୍ଗୀର ଓ ପଶ୍ଚିମ ଓଡିଶାର ବିକାଶ କାର୍ଯ୍ୟକ୍ରମକୁ ଦ୍ରୁତତର କରିବାକୁ ମୁଖ୍ୟମନ୍ତ୍ରୀ ସଂକଳ୍ପବଦ୍ଧ ବୋଲି ସିଂ କହିଥିଲେ । ଏହି ସମ୍ମିଳନୀରେ ଫିରୋଜ ଖାଁ, ଦୁର୍ଗା ପ୍ରସାଦ ସାମନ୍ତରାୟ, ଗିରିରାଜ ମାଝି, ଅଜୟ ଦାସ ଉଦ୍‌ବୋଧନ ଦେଇଥିଲେ । ସଭାରେ ରାଜୀବ ମହାନ୍ତି, ମୌସମ ମିଶ୍ର, ମିଥିଳା ମାଝି, ସୁନୀଲ ଗୋୟଲ, ନିରୁପମା ମାଝି, ହଂସରାଜ ଜୈନ, ବିଷ୍ଣୁପ୍ରସାଦ କେଡିଆ ମଞ୍ଚାସୀନ ଥିଲେ । ଶେଷରେ ରାଜ୍ୟ ସମ୍ପାଦକ ଆକାଶ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

**ଲାଠୋର,୬।୫(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଲାଠୋର ଗ୍ରାମରେ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି । ଏଠାରେ ଥିବା ବସଷ୍ଟାଣ୍ଡ ଉପରେ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଅଧିବାସୀ ନିର୍ଭର କରିଥାନ୍ତି । ପ୍ରତିଦିନ ଲାଠୋର ଗ୍ରାମରୁ ୧୦ରୁ ଅଧିକ ସରକାରୀ ଏବଂ ଘରୋଇ ବସ ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଆଦି ଜିଲାର ବିଭିନ୍ନ ସ୍ଥାନକୁ ଯାତାୟତ କରୁଛି । ହେଲେ ବସ ରହଣି ପାଇଁ ଏକ ସ୍ଥାୟୀ ବସଷ୍ଟାଣ୍ଡ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇ ପାରିଲା ନାହିଁ । ଫଳରେ ବସଗୁଡ଼ିକ ରାତିରେ ରାସ୍ତା କଡ଼ରେ ଛିଡ଼ା ହୋଇ ରହୁଛି । ୫୦ ବର୍ଷ ପୂର୍ବେ ଗ୍ରାମର ସାପ୍ତାହିକ ହାଟ ପରିସରରେ ବାହାରୁ ଆସୁଥିବା ବସଗୁଡିକ ରାତ୍ରୀ ରହଣି କରି ସକାଳେ ଗନ୍ତବ୍ୟ ସ୍ଥଳକୁ ଯାତାୟତ କରୁଥିଲା । ସେଠାରେ ଜାଗା ଅଭାବ ହେବାରୁ ପ୍ରାୟ ୪୦ ବର୍ଷ ହେବ ରେଳ ଫାଟକ ନିକଟ ରେଳ ବିଭାଗର ଏକ ଖୋଲା ଜାଗାରେ ବସ ରହଣି କରୁଛି । ସେଠାରେ ଅନ୍ୟାନ୍ୟ ଗାଡ଼ି ମୋଟର ରହୁଥିବା ହେତୁ ବସ ରହଣି ପାଇଁ ଜାଗା ହେଉନାହିଁ । ଅସ୍ଥାୟୀ ବସଷ୍ଟାଣ୍ଡ ହୋଇଥିବାରୁ ସେଠାରେ ଯାତ୍ରୀମାନେ ବସିବା ପାଇଁ ବିଶ୍ରାମ ଗୃହ ଏବଂ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ । ବସକୁ ଅପେକ୍ଷା କରୁଥିବା ଯାତ୍ରୀମାନେ ବସିବା ଏବଂ ଶୌଚାଦି ପାଇଁ ଅସୁବିଧା ଭୋଗୁଛନ୍ତି । ବିଶେଷ କରି ମହିଳା ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାତ୍ରୀମାନେ କୌଣସି ଉପାୟ ନ ପାଇ ବାଧ୍ୟ ହୋଇ ବିଭିନ୍ନ ଦୋକାନର ବାରଣ୍ଡାରେ ବସକୁ ଅପେକ୍ଷା କରୁଥିବା ଦେଖାଯାଉଛି । ଏକା ସଙ୍ଗେ ଯଦି ଦୁଇ ଗୋଟି ବସ ଆସି ସେଠାରେ ପହଞ୍ଚିଲା, ରହିବା ପାଇଁ ଜାଗାର ଅଭାବ ହେତୁ ମୁଖ୍ୟରାସ୍ତାରେ ଗାଡ଼ି ଛିଡ଼ା ହୋଇ ରହୁଛି । ଫଳରେ ଅନ୍ୟାନ୍ୟ ଯାନବାହନ ଯାତାୟତ ପାଇଁ ସମସ୍ୟା ସୃଷ୍ଟି ହେଉଛି । ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

ସମ୍ବଲପୁର, ୬।୫
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଶିକ୍ଷା ବିଭାଗର ଅବସରପ୍ରାପ୍ତ ମୁଖ୍ୟ କିରାଣୀ ଜ୍ଞାନରଞ୍ଜନ ବାବୁଙ୍କ ୭୨ ବର୍ଷ ବୟସରେ ସୋମବାର ମହାବୀରପଡା ସ୍ଥିତ ବାସଭବନରେ ପରଲୋକ



ହୋଇଯାଇଛି। ସେ ପ୍ରାୟ ଅ ଦେ ଢ଼ ଇ ବର୍ଷ ହେବ ରୋଗରେ ପୀଡିତ ରହି ଚିକିତ୍ସିତ ହେଉଥିଲେ। ରୁଷଡା ଗ୍ରାମର ମୂଳ ନିବାସୀ ଜ୍ଞାନରଞ୍ଜନ ବାବୁ ୨୦୧୦ରେ ଅବସର ଗ୍ରହଣ ପରେ ମହାବୀର ପଡାରେ ରହିଆସୁଥିଲେ। ତ୍ରିଚିନାପଲ୍ଲୀ ଏନଆଇଟିରେ ପ୍ରଫେସର ଥିବା ପୁତ୍ର ପ୍ରଫେସର ବିଶେଶ୍ୱର ବାବୁ ମଙ୍ଗଳବାର ସମ୍ବଲପୁର ଫେରିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜ୍ଞାନରଞ୍ଜନଙ୍କ ଭାଇ ମନୋରଞ୍ଜନ ବାବୁ ସୂଚନା ଦେଇଛନ୍ତି।

# ସମ୍ବଲପୁର ହେବ ବିକାଶର ପ୍ରୟୋଗଶାଳା

ସମ୍ବଲପୁର,୬।୫(ପ୍ରମୋଦ ବହିଦାର)

ସମ୍ବଲପୁର ହେବ ବିକାଶର ପ୍ରୟୋଗଶାଳା। ମାତ୍ର କେତେକ କୁଚକ୍ରି ଏହାର ଗତିରୋଧ କରିବାକୁ ବିଫଳ ପ୍ରୟାସ ଜାରି ରଖିଛନ୍ତି ବୋଲି ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ସମ୍ବଲପୁରଠାରେ ମାରାଥନ ପ୍ରଚାର ସମୟରେ ବିଭିନ୍ନ ସମ୍ପ୍ରଦାୟଙ୍କୁ ଭେଟି ସେ ଏହା କହିଛନ୍ତି। ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନକୁ ଗସ୍ତ କରି କର୍ମୀ ସମ୍ମିଳନୀରେ ପୂର୍ବରୁ ପ୍ରସ୍ତୁତ ନିର୍ବାଚନ ରଣନୀତି ଅନୁସାରେ କାର୍ଯ୍ୟ କରିବାକୁ ବିଜେଡି କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଲୋକଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତାକୁ ପହଞ୍ଚାଇ ବିରୋଧୀଙ୍କ ଅଭିଯୋଗର କଡ଼ା ଜବାବ ଦେବାକୁ ସେ କର୍ମୀମାନଙ୍କୁ କହିଛନ୍ତି।

ସାକ୍ଷୀପଡ଼ାଠାରେ ଆୟୋଜିତ ଏକ ଜନସଭାରେ ଯୋଗଦେଇ ଆଗାମୀ ଦିନରେ ସମ୍ବଲପୁରକୁ ବିକାଶର ପ୍ରୟୋଗଶାଳା କରାଯିବ ବୋଲି ପ୍ରଣବ ପ୍ରକାଶ କହିଛନ୍ତି। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ମୁଖ୍ୟମନ୍ତ୍ରୀ ନବୀନ



ଗୋଶାଳାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରୁଛନ୍ତି ପ୍ରଣବ ପ୍ରକାଶ ଦାସ।

ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ବଲପୁରରେ ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରାଯିବ। ବିଗତ ୧୦ ବର୍ଷ ମଧ୍ୟରେ ସମ୍ବଲପୁର ବିକାଶରେ ବାଧକ ସାଜିଥିବା କୁଚକ୍ରୀ ଗୋଷ୍ଠୀଙ୍କୁ ଲୋକେ ଜାଣି ସାରିଛନ୍ତି। ତେଣୁ ସମୟ ଆସିଛି ସେମାନଙ୍କୁ ପ୍ରତ୍ୟାଖ୍ୟାନ କରି ଚଳିତ ନିର୍ବାଚନରେ ଯୋଡି ଶଙ୍ଖରେ ଭୋଟ ଦେଇ ବିଜେଡିକୁ ବଜୟୀ କରି ସମ୍ବଲପୁର ବିକାଶରେ ସହାୟକ ହେବାକୁ ସମବେତ ଜନତାଙ୍କୁ ସେ ଆହ୍ୱାନ ଦେଇଥିଲେ। ସେହିପରି କୁଲତାପଡ଼ାରେ ଏକ ଜନସଭାରେ ଯୋଗଦେଇ ସମାନକଥା ଦୋହରାଇଥିଲେ। ପରେ ସେ ଗୋଶାଳାରେ ବିଜେଡିର ଦଳୀୟ କାର୍ଯ୍ୟାଳୟ ଉଦଘାଟନ କରିବା ସହ ଧନୁପାଲିରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ସେହିପରି ସମ୍ବଲପୁର ଗଙ୍ଗାଧର ମଣ୍ଡପରେ ଆୟୋଜିତ ବିଜେଡିର ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ।

## ବିକାଶ ରୋକିବା ଚକ୍ରାନ୍ତକାରଙ୍କ ଉଦ୍ୟମ ସଫଳ ହେବେ ନାହିଁ: ପ୍ରଣବପ୍ରକାଶ

ଏହି ଅବସରରେ ସେ ବିଜେଡିରେ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ଘୁଂଘୁଟିପଡ଼ା ବାସୀନ୍ଦାଙ୍କୁ ସ୍ୱାଗତ ଜଣାଇଥିଲେ ପ୍ରଣବ ପ୍ରକାଶ। ସମଲେଇ ଯୋଜନାରେ ବିସ୍ଥାପିତ ହୋଇ ଉପଯୁକ୍ତ ଥଇଥାନ ଦାବିରେ ଦୀର୍ଘ ୯୨ ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ ମଧ୍ୟ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି କୌଣସି ରାଜନୈତିକ ଦଳ ସେମାନଙ୍କ ପାଖ ମାଡ଼ି ନ ଥିଲେ। ସେହି ସମୟରେ ପ୍ରଣବ ପ୍ରକାଶ ଓ ରୋହିତ ପୂଜାରୀ ସେମାନଙ୍କ ସହାୟତା କରିବାକୁ ଆଗାଇ ଆସିଥିଲେ। ତେଣୁ ସେମାନେ ଉଭୟ ନେତାଙ୍କୁ ସମର୍ଥନ ଜଣାଇ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ମିଶ୍ରଣ ପର୍ବ ସମୟରେ ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ ଓ ସ୍ଥାନୀୟ ବାସୀନ୍ଦା କହିଛନ୍ତି।

# ଭାରତ ବିକାଶ ପରିଷଦ ଶପଥ ଗ୍ରହଣ ସମାରୋହ



ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ନବ ନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରୁଛନ୍ତି।

ସମ୍ବଲପୁର,୬।୫(ବି.ଶଙ୍କର)

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖାର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶାଖା ଅଧ୍ୟକ୍ଷ ମକରଧ୍ୱଜ ଯୋଶୀ ସ୍ୱାଗତ ଭାଷଣ ଓ ବିଦାୟୀ ଶାଖା ସଚିବ ସୁକାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଞ୍ଜିନିୟର ତରୁଣବଲ୍ଲଭ ମିଶ୍ର ମୁଖ୍ୟ ଅତିଥି, ପରିଷଦର ପ୍ରାନ୍ତ ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ପ୍ରାନ୍ତ ପୃଷ୍ଠପୋଷକ ନନ୍ଦଲାଲ ଅଗ୍ରୱାଲ ଓ ପ୍ରାକ୍ତନ ରାଜ୍ୟ ସଭାପତି ଡାକ୍ତର ବିନୋଦ ବିହାରୀ ନାଏକ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ନବ ନିର୍ବାଚିତ ଶାଖା ସଭାପତି ମକରଧ୍ୱଜ, ସଚିବ ଡାକ୍ତର ନରେନ୍ଦ୍ର କୁମାର ବେହେରା, ବିତ୍ତ ସଚିବ ଜେ.ଗିରିଜା ଦେବୀ, ଉପସଭାପତି ପ୍ରଦ୍ୟୋତ କୁମାର ମିଶ୍ର, ସେବା ସଚିବ ବିଶାଲ ବଂଶଲ, ସଂଗଠନ ସଚିବ ଇଞ୍ଜିନିୟର ଶ୍ୟାମ ବିଶ୍ୱାଳ ଓ ସଂସ୍କାର ସଚିବ ଦୀନେଶ ଶର୍ମାଙ୍କୁ ପରିଷଦର କ୍ଷେତ୍ରୀୟ ସମ୍ପର୍କ ସଚିବ ଶ୍ୟାମ ସୁନ୍ଦର ଶର୍ମା ଶପଥ ପାଠ କରାଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଡ.ଗିରିଧାରୀ ହୋତା, ଚିକିତ୍ସକ ଡାକ୍ତର ସଞ୍ଜୀବ ମିଶ୍ର ଓ ଡାକ୍ତର ଗୀତାରାଣୀ ଚୌବେ, ନମ୍ରତା କୁନ୍ଦନାନୀଙ୍କୁ ପରିଷଦର ପ୍ରାନ୍ତ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ଅଗ୍ରୱାଲ ନୂତନ ସଦସ୍ୟତାର ସଂକଳ୍ପ ପାଠ କରାଇଥିଲେ। ସ୍ୱତଃ ପ୍ରବୃତ୍ତ ହୋଇ ପରିଷଦର ସଦସ୍ୟ ହେବା ପାଇଁ ଇଚ୍ଛା ପ୍ରକାଶ କରି ସଦସ୍ୟତା ସଂକଳ୍ପ ପାଠ କରିଥିଲେ। ସମସ୍ତ ନୂତନ ସଦସ୍ୟମାନଙ୍କର ପରିଷଦ ପରିବାରରେ ହାର୍ଦ୍ଦିକ ସ୍ୱାଗତ କରା ଯାଇଥିଲା।

# ପହିଲମାନ ବିଶ୍ୱମ୍ଭରଙ୍କ ସ୍ମୃତିରେ ରକ୍ତଦାନ ଶିବିର

ସମ୍ବଲପୁର,୬।୫(ବି.ଶଙ୍କର)

କ୍ରୀଡ଼ା ସଂଗଠକ ତଥା ପହିଲମାନ ବିଶ୍ୱମ୍ଭର ବହିଦାରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ବିଶାଳ ରକ୍ତଦାନ ଶିବିର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ଯେ, ବିଶ୍ୱମ୍ଭର ସମ୍ବଲପୁରର ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ। ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟରେ ସ୍ଥାନୀୟ ନାଗରିକ ବିଶେଷତଃ ଯୁବବର୍ଗଙ୍କ ନିଃସ୍ୱାର୍ଥପର ଯୋଗଦାନ ପ୍ରଶଂସନୀୟ। ମାନବ ସମାଜରେ ସ୍ୱାଭିମାନ ସହ ସେବା ମନୋଭାବ ତିଆରି କରିବାରେ ସ୍ୱାଭିମାନ ସମ୍ବଲପୁର ପ୍ରେରଣାର ସ୍ରୋତ ହେଉ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଦେଇ ଉତ୍ସାହିତ କରଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ଓ ବରିଷ୍ଠ ଆଇନଜୀବୀ ପ୍ରଦୀପ ବହିଦାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଫୁଲ୍ଲ ହୋତା, ରାଜୀବ ଶତପଥୀଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଲୋକପ୍ରିୟ ସମ୍ବଲପୁରୀ କଣ୍ଠଶିଳ୍ପୀ ଉମାକାନ୍ତ ବାରିକଙ୍କୁ ଏହି ଅବସରରେ ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ ସଭାକୁ ସୁଧୀର ବହିଦାର ପରିଚାଳନା କରିଥିଲେ। ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟକ୍ରମ ଶିଶିର ବହିଦାର, ସମୀର ହୋତା, ଦେବନ୍ତ ବେହେରା, କୁନାଲ ପ୍ରଧାନ, ଉପେନ୍ଦ୍ର ରାଉତ, ଆକାଶ ସାହୁ, ସଞ୍ଜୀବ କଂସାରି, ବିକାଶ ମେହେର ପରିଚାଳନା କରିଥିଲେ। ସମ୍ବଲପୁର ରକ୍ତଭଣ୍ଡାରର ଅଧିକାରୀ ଡାକ୍ତର କଲ୍ଲେଶ କକ୍କଡଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ବରିଷ୍ଠ ନାଗରିକ ସମାଜର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ଶମ୍ଭୁଭୂଷଣ ସେନ ଓ ଜେନାମଣି ସାହୁ ପଞ୍ଜୀକରଣରେ ସହଯୋଗ କରିଥିଲେ। ବିକାଶ ମେହେର, ସୁକଦେବ ପ୍ରଧାନ, କୁନ୍ଦନ ପ୍ରଧାନ, ସୁଶାନ୍ତ ରାଉତ, ମୁକେଶ ଜରିୱାଲ, ଆଦିତ୍ୟ ପୁରୋହିତ, ଶିବ ନାୟକ, ବିଶ୍ୱଜିତ ବାରିକ, ରବିକାନ୍ତ ଖର୍ସେଲ, ରାହୁଲ ଗୁପ୍ତା ରକ୍ତଦାନ ଶିବିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାର୍ଥିପତ୍ର ଦାଖଲ କଲେ ଭାଜପା ବିଧାୟକ ପ୍ରାର୍ଥୀ



ଭାଜପା ବିଧାୟକ ପ୍ରାର୍ଥୀ ରବି ନାଏକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

କୁଚିଣ୍ଡା, ୬।୫(ବିରଞ୍ଚି ଦର୍ଜା)

## ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କଲା ଭାଜପା

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ପାଇଁ ଭାଜପା ପ୍ରାର୍ଥୀ ରବିନାରାୟଣ ନାଏକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତିରେ ସୋମବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଧାୟକ ପ୍ରାର୍ଥୀ ନାଏକ ଓ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ପ୍ରଧାନ ସହସ୍ରାଧିକ କର୍ମୀ ଓ ସମର୍ଥକ ଗହଣରେ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ହେମସାଗର ଭୋଇଙ୍କ ନିକଟରେ ନାୟକ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ସମୟରେ ରମେଶ ସାହୁ, ଦୁଲାଲଚନ୍ଦ୍ର ପ୍ରଧାନ, ରଞ୍ଜନ ମହାପାତ୍ର, ଶୈଳେନ୍ଦ୍ର ନାଏକ, ସଚ୍ଚିଦାନନ୍ଦ ଶର୍ମା, ପିଙ୍କୁ ପାଣି, ଭାଜପା ଜିଲା ଉପସଭାପତି ବୀରେନ୍ଦ୍ର ଚୌଧୁରୀ, ମହେଶ ରାୟ, ରଞ୍ଜିତ ଶର୍ମା, ରାଣା ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ନାମାଙ୍କନ ଦାଖଲ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁରରେ ନର୍ବାଚନ ପ୍ରଚାର କରିଛନ୍ତି। ଓଡ଼ିଶାରେ ଭାଜପା ସରକାର ଗଠନ ପାଇଁ ସେ ଜନସଭାକୁ ସମ୍ବୋଧିତ କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ଯୋଜନାରେ ଓଡିଶାର ସର୍ବାଙ୍ଗୀନ ବିକାଶ ହେବ ଓ ୨୪ବର୍ଷ ପରେ ଓଡିଶାରେ ଭାଜପା ସରକାର ହେବ। ତେଣୁ କୁଚିଣ୍ଡା ବିଧାନସଭା ସହ ସମ୍ବଲପୁର ଲୋକ ସଭା ଆସନ ଭାଜପା ଜିତିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଚିଣ୍ଡା, ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସିର ହଜାର ହଜାର ସଂଖ୍ୟକ କର୍ମୀ ଓ ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ସମ୍ପାଦକ ବିଭୂତି କଲ୍ୟାଣ ପଟେଲ, ଅନୁପମା ନାୟକ, ବାମରା ବ୍ଲକ ଅଧ୍ୟକ୍ଷା ପିଙ୍କି ଧରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, କୁଚିଣ୍ଡା ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ନାଏକ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ଧରୁଆ, ପୂର୍ବତନ ଜିଲା ପରିଷଦ ସଭ୍ୟା ମମତା ପଟେଲ ଓ ଲିଲିମା କାଲୋ, ଏନଏସି ସଭାପତି କାହ୍ନୁଚରଣ ନାୟକ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ, ସୁନୀଲ ଦାସ, ନରେଶ ସିଂ ଠାକୁର, ଦୁଷ୍ମନ୍ତ ନାୟକ, ଆମୋଘ ପାଣିଗ୍ରାହୀ, ମହେଶ ରାୟଙ୍କ ସମେତ ବହୁ ସଂଖ୍ୟକ ସରପଞ୍ଚ, ସମିତି ସଭ୍ୟ ଭାଜପା କର୍ମୀ ଯୋଗଦେଇଥିଲେ।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କଲା ପୋଲିସ

ସମ୍ବଲପୁର, ୬।୫(ପ୍ରମୋଦ ବହିଦାର)

ସମ୍ବଲପୁର ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ମୋଟ ୧୭ ପୋଲିସ ଚେକପୋଷ୍ଟ ସ୍ଥାପନ କରାଯାଇ ସହର ମଧ୍ୟରେ ସୁରକ୍ଷା ନିଶ୍ଚିତ କରିବାକୁ ପ୍ରୟାସ କରାଯାଇଛି। ସେଥିମଧ୍ୟରେ ଅଇଁଠାପାଲି ଥାନା ଅଧିନରେ ଆଦର୍ଶମାର୍ଗଛକ, କ୍ଷେତରାଜପୁର ଥାନା ଅଧିନରେ ଲକ୍ଷ୍ମୀଡୁଙ୍ଗୁରୀ, କ୍ଷେତରାଜପୁର, ଧନୁପାଲି ଥାନା ଅଧିନରେ ମୋତିଝରଣ, ଜିଲାସ୍କୁଲ ଛକ, ସରଲାକାନୀ ଛକ, ଧନୁପାଲି ଛକ, ସିଟି ରେଳ ଷ୍ଟେଶନ, ସଦରଥାନା ଅଧିନରେ ମାନେଶ୍ୱର ଛକ, ଧନକଉଡ଼ା ଛକ, ଟାଉନ ଥାନା ଅଧିନରେ ପୀରବାବା ଛକ, ଫ୍ଲାଇଓଭର ଉପରେ, ବୁର୍ଲାଥାନା ଅଧିନରେ ଫଥରାଗେଟ୍ ବୁର୍ଲା, ଚାଉଁରପୁର, ପିସି ବ୍ରିଜ ତଥା ହୀରାକୁଦ ଥାନା ଅଧିନରେ ଦୁର୍ଗାମନ୍ଦିରଛକ ଓ ବିହାରୀ ପଡ଼ାରେ ପୋଲିସ ଚେକପୋଷ୍ଟ ସ୍ଥାପନ କରାଯାଇଛି। ଉକ୍ତ ଚେକପୋଷ୍ଟ ମାଧ୍ୟମରେ ମୋଟ ୩୮ ଲକ୍ଷ ୪୫ ହଜାର ୦୨୦ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ପୋଲିସ ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷକ ହରେଶ ଚନ୍ଦ୍ର ପାଣ୍ଡେଙ୍କଠାରୁ ମିଳିଥିବା ସୂଚନାରୁ ପ୍ରକାଶ।

ସେହିପରି ଚଳିତ ବର୍ଷ ୨୦୧୪

## ୧୭ ଚେକ୍‌ପୋଷ୍ଟ ମାଧ୍ୟମରେ ୩୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

ଜାନୁଆରୀ ୧ରୁ ମେ ୫ତାରିଖ ମଧ୍ୟରେ ସମ୍ବଲପୁରର ବିଭିନ୍ନ ଥାନାରେ ରହିଥିବା ୯୬୧ଟିମାମଲାରୁ ସମାଧାନ କରାଯାଇଛି। ସେଥିମଧ୍ୟରେ ୩୬୪ଟି ଜାମିନ ବିହୀନ ପରୱାନା ଓ ୫୯୭ଟି ରିକଲ୍ ମାମାଲା ରହିଛି। ଦଙ୍ଗା ବା ବିଶୃଙ୍ଖଳାକାରୀଙ୍କ ମଧ୍ୟରେ ଦଫା ୧୦୭ରେ ୨୮୦୮ ଜଣଙ୍କୁ ଓ ଦଫା ୧୧୦ରେ ୧୮୭ ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ାଯାଇଛି। ଏହି ଅବଧି ମଧ୍ୟରେ ବେଆଇନ ଗଚ୍ଛିତ ବା ଚୋର ଚାଲାଣ ହେଉଥିବା ୮୮୩.୨୯୫ କେଜି ଗଞ୍ଜେଇକୁ ଜବତ କରାଯାଇ ୩୬ ଲକ୍ଷ ୬୧ ହଜାର ୨୦୦ ଟଙ୍କା ଜରିମାନା କରାଯାଇ ୫୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହାବ୍ୟତୀତ ୩୯ଟି ମାରଣାସ୍ତ୍ର ଜବତ ସହିତ ୨୧ ଜଣଙ୍କୁ ଗିରଫ କରାଯାଇଛି। ବିଭିନ୍ନ ପ୍ରକାର ଅବକାରୀ ମାମଲାରେ ୨୫୬୬.୫୧୫ ଲିଟର ବିଦେଶୀ ମଦ ସହିତ ବିନା ଲାଇସେନ୍ସରେ ବେଆଇନ୍ ଭାବେ ବିକ୍ରୀ ହେଉଥିବା ୩୩୬୬ ଲିଟର ମଦ ଓ ୫୪୩୭ ଅପମିଶ୍ରିତ ମଦକୁ ଜବତ କରାଯବା ସହ ଏଥିରେ ସମ୍ପୃକ୍ତ ୪୫ ଜଣଙ୍କୁ ଗିରଫ କରି କୋର୍ଟ ଚଲାଣା କରାଯାଇଛି।

# ଅରୁନ୍ଧତୀଙ୍କୁ ରାଜ୍ୟ ବିଜେଡି ସାଧାରଣ ସମ୍ପାଦିକା ଦାୟିତ୍ୱ

ଦେବଗଡ଼,୬।୫
(ଶଶାଙ୍କ ଶେଖର ଝଙ୍କର)

ବିଜେଡିରେ ଯୋଗଦେବାର ମାତ୍ର ଦିନକ ପରେ ଦେବଗଡ ବିଧାନସଭା ନିମନ୍ତେ ବିଜେଡି ପ୍ରାର୍ଥୀ ଘୋଷଣା ପରେ ପ୍ରାର୍ଥୀତ୍ୱରୁ ବାଦ ଦେଇଥିବା ଅରୁନ୍ଧତୀ କୁମାରୀ ଦେବୀଙ୍କୁ ଦଳ ଥଇଥାନ କରିଥିବା ଜଣାପଡିଛି। ଅରୁନ୍ଧତୀ କୁମାରୀଙ୍କୁ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକେ ଦଳର ରାଜ୍ୟ ସାଧାରଣ ସମ୍ପାଦିକା ନିଯୁକ୍ତି ପ୍ରଦାନ କରିଛନ୍ତି। ଭାଜପାର ସମ୍ବଲପୁର ଲୋକ ସଭା ସଦସ୍ୟ ନିତେଶ ଗଙ୍ଗଦେବଙ୍କ ସହଧର୍ମୀଣି ଅରୁନ୍ଧତୀ କୁମାରୀ ବିଜେଡି ରାଜ୍ୟ ସମ୍ପାଦିକା ଭାବେ ନିଯୁକ୍ତ କରାଯାଇଛି।



ଅରୁନ୍ଧତୀ କୁମାରୀ ଦେବୀ

# କୁଚିଣ୍ଡା ବିଧାନସଭା ପାଇଁ ୫ଜଣଙ୍କ ନାମାଙ୍କନ

କୁଚିଣ୍ଡା, ୬।୫(ବିରଞ୍ଚି ଦର୍ଜା)

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ପାଇଁ ସୋମବାର ସୁଦ୍ଧା ମୋଟ ୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ହୋଇଛି। ଭାଜପାରୁ ରବି ନାରାୟଣ ନାଏକ, ବିଜେଡିରୁ ରାଜେନ୍ଦ୍ର ଛତ୍ରିଆ, କଂଗ୍ରେସରୁ କେଦାରନାଥ ବରିହା ନାମାଙ୍କନ ଦାଖଲ କରିଛନ୍ତି। ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ଓ ପୂର୍ବତନ ଗୋବିନ୍ଦପୁର ସରପଞ୍ଚ ମିନାକ୍ଷୀ ମାଝି ସ୍ୱାଧୀନ ପ୍ରାର୍ଥୀଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ହେମସାଗର ଭୋଇ ସୂଚନା ଦେଇଛନ୍ତି।

# ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା ପାଇଁ କର୍ମକର୍ତ୍ତା ନିର୍ବାଚନ

ସମ୍ବଲପୁର,୬।୫ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମୁଦିପଡା ଶୀତଳଷଷ୍ଠୀ ଯାତ୍ରାକୁ ନେଇ ସୋମବାର ଜାଗେଶ୍ୱର ବାବା ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଦିପଡା ଶୀତଳ ଷଷ୍ଠୀ ଯାତ୍ର କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତବର୍ଷର ଆୟବ୍ୟୟର ସମୀକ୍ଷା କରାଯିବା ସହ ଚଳିତବର୍ଷ ଯାତ୍ରାକୁ କିପରି ଆକର୍ଷଣୀୟ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏହା ସହିତ ଚଳିତବର୍ଷ ଯାତ୍ରା ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଜଗଦୀଶ ପଣ୍ଡା ପୁଣିଥରେ ସଭାପତି ମନୋନୀତ ହୋଇଥିବା ବେଳେ ଗତିକୃଷ୍ଣ ଷଡଙ୍ଗୀ, ବିନୋଦ ପଣ୍ଡା, ହିମାଂଶୁ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପଟେଲ ଉପସଭାପତି, ଦୁର୍ଗା ପ୍ରସାଦ ପଟ୍ଟନାୟକ ସାଧାରଣ ସମ୍ପାଦକ, ଦେବାଶିଷ ପଣ୍ଡା, ସୁଶାନ୍ତ ପଟେଲ, ଗଙ୍ଗାଧର ଭୋଇ ସହ ସମ୍ପାଦକ, ଖଡିରତ୍ନ ବେହେରା କୋଷାଧ୍ୟକ୍ଷ, କୃଷ୍ଣଚନ୍ଦ୍ର ପରିଡା ଓ ଅମୂଲ୍ୟ ପଟେଲ ସହ କୋଷାଧ୍ୟକ୍ଷ, ଜିତୁ କର୍ଣ୍ଣ ମୁଖ୍ୟ ସାଙ୍ଗଠନିକ ସମ୍ପାଦକ, ସତ୍ୟକାନ୍ତ ମହାପାତ୍ର, ସୁଦୀପ୍ତ କୁମାର ପଣ୍ଡା, ହିତେଶ ଟଙ୍କ ସାଙ୍ଗଠନିକ ସମ୍ପାଦକ, ରାକେଶ ମୁନସି, ସୁମନ କର୍ଣ୍ଣ, କୈଳାଶ ପ୍ରଧାନ ସହ ସାଙ୍ଗଠନିକ ସମ୍ପାଦକ, ବ୍ୟୋମକେଶ ପଣ୍ଡା ମିଡିଆ ପ୍ରଭାରୀ ମନୋନୀତ ହୋଇଛନ୍ତି। ସେହିପରି ନୃସିଂହ ଦାଶ, ବନମାଳୀ ପଟେଲ, ଆନନ୍ଦ ଜେନା, ଈଶ୍ୱର ନନ୍ଦ, ଅଶୋକ ପଟେଲ, ଶାନ୍ତନୁ ପାଣିଗ୍ରାହୀ, ଅଭିରାମ ପଟେଲ, ଗଣ୍ଡା ପାଣ୍ଡେ, ଅକ୍ଷୟ ପ୍ରଧାନ ଓ ସୁନୀଲ ସାହାଣୀ ଆୟୋଜନ କମିଟି ଉପଦେଷ୍ଟା ରହିଛନ୍ତି। ହିମାଂଶୁ ପାଣିଗ୍ରାହୀ ଓ ସଞ୍ଜୀବ ଷଡଙ୍ଗୀ ଆଇନ୍ ପରାମର୍ଶଦାତା ରହିଛନ୍ତି।

# ଶିକ୍ଷକ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଲା ଭାଜପା

ସମ୍ବଲପୁର, ୬।୫
(ଭବାନୀ ଶଙ୍କର ଭୋଇ)

ନିର୍ବାଚନ ଯେତିକି ପାଖକୁ ଆସୁଛି ସମ୍ବଲପୁରରେ ରାଜନୈତିକ ପାଣିପାଗ ସେତିକି ଉଷ୍ମ ହେବାକୁ ବସିଛି। ସୋମବାର ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଥିବା ନେଇ ଅଭିଯୋଗ କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି ଭାଜପା। ସମ୍ବଲପୁର ଜିଲାର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡିକରେ ଶିକ୍ଷକ ସମସ୍ୟା ଗୁରୁତର ଅବସ୍ଥାରେ ରହିଛି। ସମ୍ବଲପୁରର ବିଜେଡି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ସ୍ଥିତି ସୁଧାରିବା ପାଇଁ କ'ଣ ପଦକ୍ଷେପ ନେଇଥିଲେ ବୋଲି ପ୍ରଶ୍ନ କରିଛି ଭାଜପା।

ଏକ ଖବରଦାତା ସମ୍ମିଳନୀ କରି ଭାଜପା ନେତା ଡ. ପ୍ରମୋଦ ରଥ ଅଭିଯୋଗ କରିଛନ୍ତି ସମ୍ବଲପୁର ଜିଲାର ୧,୦୭୧ଟି ବିଦ୍ୟାଳୟ ମଧ୍ୟରୁ ୯୫୭ଟି ବିଦ୍ୟାଳୟରେ ପ୍ରତି ଶ୍ରେଣୀପିଛା ଜଣେ ଶିକ୍ଷକ ନାହାନ୍ତି। ଯୁଜୁମୁରା ଓ





ସୋମବାର ଖବରଦାତା ସମ୍ମିଳନୀରେ ଡ ପ୍ରମୋଦ ରଥ ଏବଂ ଅନ୍ୟ ଭାଜପା ନେତା।

ରେଢ଼ାଖୋଲ ବ୍ଲକରେ ବିଜ୍ଞାନ ଶିକ୍ଷା ସହ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାହିଁ। ଜିଲାର ୭ଟି ପଞ୍ଚାୟତରେ ହାଇସ୍କୁଲ ନାହିଁ। ୩୬ଟି ପ୍ରାଥମିକ ବିଦ୍ୟାଳୟ ଗୋଟିଏ ଶ୍ରେଣୀଗୃହ, ୩୫୯ଟି ବିଦ୍ୟାଳୟ ମାତ୍ର ଦୁଇଟି ଶ୍ରେଣୀଗୃହ ଓ ୧୬୫ଟି ବିଦ୍ୟାଳୟ ମାତ୍ର ୩ଟି ଶ୍ରେଣୀଗୃହରେ ଚାଲୁଛି। ସେହିପରି ୭୩.୬ ପ୍ରତିଶତ ସ୍କୁଲରେ କମ୍ପ୍ୟୁଟର, ୮୫ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ, ୬୧.୫ ପ୍ରତିଶତ ସ୍କୁଲରେ ମାଧ୍ୟମିକ ବିଭାଗରେ ବିଜ୍ଞାନ ପରୀକ୍ଷାଗାର ନାହିଁ। ବୈଷୟିକ ଶିକ୍ଷା ପାଇଁ ପ୍ରତିଷ୍ଠିତ ବୁର୍ଲାସ୍ଥିତ ଭିସୁଟରେ ୩୦ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି ପଡିରହିଥିବା ବେଳେ ଅଣ ଶିକ୍ଷକ ପଦବୀରେ ୨୧୭ ପଦବୀରୁ ୮୫ଟି ଖାଲି ରହିଛି। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୫୨.୭% ପଦବୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୪୭ପ୍ରତିଶତ ପଦବୀ ଏବଂ ୫୨୦ଟି ଅଣଶିକ୍ଷକ ପଦବୀ ମଧ୍ୟରୁ ୩୩୫ଟି ଖାଲି ପଡ଼ିପଡିଛି। ବୁର୍ଲା ମେଡ଼ିକାଲ କଲେଜରେ ୫୫ପ୍ରତିଶତ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିୟର ରେସିଡେଣ୍ଟ ଆଦି ମୋଟ ସ୍ୱୀକୃତ ୫୧୩ ପଦବୀରୁ ୨୮୦ଟି ପଦବୀ ଖାଲି ପଡ଼ିଥିବା ଭାଜପା ଅଭିଯୋଗ କରିଛି। ତେବେ ୯ ବର୍ଷ ପୂର୍ବରୁ ସମ୍ବଲପୁରରେ ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥପନା କରିଥିବା ବେଳେ ଏଯାଏ ନିୟମିତ ପ୍ରଫେସର୍ କିମ୍ବା ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତ ପାଇନାହାନ୍ତି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଆଦୌ ଶିକ୍ଷକ ପଦବୀ ପୂରଣ ନହେବା ଏବଂ ଅସ୍ଥାୟୀ ବିଲଡିଂରେ ବିଶ୍ୱବିଦ୍ୟାଳୟ ଚାଲିବା ଯୋଗୁ ପିଜି ନାମଲେଖା ବନ୍ଦ ହୋଇଯାଇଛି। ସମାନ ସମୟରେ କେନ୍ଦ୍ର ସରକାର ସମ୍ବଲପୁରରେ ସ୍ଥାପନ କରିଥିବା ଆଇଆଇଏମ୍ କେଉଁସ୍ତରରେ ପହଞ୍ଚିଛି ତାହା ତୁଳନା କଲେ ରାଜ୍ୟରେ ଶିକ୍ଷାର ସ୍ଥିତି ସ୍ପଷ୍ଟ ଜଣାପଡିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

## ଆଇଆଇଏମ୍ ଏବଂ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ତୁଳନା କରିବାକୁ ଆହ୍ୱାନ

ସେହିପରି ବିଜେଡି ପକ୍ଷରୁ ଉଜ୍ୱଳା ଯୋଜନାରେ ଗରିବ ପରିବାର ଗ୍ୟାସ ସଂଯୋଗ ପାଇ ନ ଥିବା ଅଭିଯୋଗକୁ ନେଇ କରାଯାଇଥିବା ପ୍ରଶ୍ନର ଉତ୍ତରରେ ଭାଜପା କହିଛି ଯେ, ଯେଉଁମାନଙ୍କୁ ରାଜ୍ୟ ସରକାର ରାଶନ କାର୍ଡ ଯୋଗାଇ ଦେଇ ପାରିନାହାନ୍ତି ସେମାନେ ଏହି ଯୋଜନାରେ ଗ୍ୟାସ ପାଇପାରି ନାହାନ୍ତି। ସେଥିପାଇଁ ରାଜ୍ୟ ସରକାର ଗରିବ ପରିବାରଗୁଡ଼ିକୁ ପ୍ରଥମେ ରାଶନକାର୍ଡ ପ୍ରଦାନ କଲେ ସେଥିରେ ସେମାନେ ଉଜ୍ୱଳା ଯୋଜନାରେ ଗ୍ୟାସ ସୁବିଧା ପାଇ ପାରିବେ। ଖବରତାତା ସମ୍ମିଳନୀରେ ରାଜ୍ୟ ପନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସକ୍ରିୟ କାର୍ଯ୍ୟକର୍ତ୍ତା ମୁକେଶ ଜରିୱାଲ ଓ ରଞ୍ଜିତ ରଥ ଏଥିରେ ସହଯୋଗ କରିଥିଲେ।

# ମେଟାଲିକ୍ ଜୁଏଲେରି କେୟାର

ସୁନା ଦର ଏବେ ଆକାଶ ଛୁଆଁ । ଏମିତିରେ ସୁନା ଭଳି ଦେଖାଯାଉଥିବା ମନଲାଖି ଡିଜାଇନ୍‌ର ଆର୍ଟିଫିସିଆଲ୍ ମେଟାଲିକ୍ ଜୁଏଲେରି ଅଳ୍ପ ବଜେଟରେ ମାର୍କେଟ୍‌ରେ ମିଳିଯାଉଥିବାରୁ ଏହାର ଡିମାଣ୍ଡ ବଢ଼ିବାରେ ଲାଗିଛି। ହେଲେ ଏଗୁଡ଼ିକ ପାଣି, ଝାଳ ଆଦି ସଂସ୍ପର୍ଶରେ ଆସିବା ଦ୍ୱାରା ଶୀଘ୍ର ଖରାପ ହୋଇଯାଏ। ତେଣୁ ଏହାର କିପରି ଯତ୍ନ ନେବେ ଜାଣିରଖନ୍ତୁ...



**ଅଧିକ ଗରମରେ ପିନ୍ଧନ୍ତୁ ନାହିଁ:** ଏଭଳି ଆର୍ଟିଫିସିଆଲ୍ ଜୁଏଲେରି ଦେଖିବାକୁ ଖୁବ୍ ଆକର୍ଷଣୀୟ। ହେଲେ ପାଣି କିମ୍ବା ଝାଳ ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଶୀଘ୍ର ଖରାପ ହୋଇଯାଏ। ତେଣୁ ଏହାକୁ ଓଦା ହେବାକୁ ନ ଦେବା ଭଲ। ଖରାରେ କେଉଁଆଡ଼େ ଯାଉଥିଲେ ଏହାକୁ ପିନ୍ଧିବା ଦ୍ୱାରା ଝାଳ ଲାଗି କଲର ଫେଡ୍ ହୋଇପାରେ କିମ୍ବା ଜଙ୍କ୍ ଲାଗିପାରେ। ତେଣୁ ଅଧିକ ଗରମ ବେଳେ ଏହାକୁ ପିନ୍ଧନ୍ତୁ ନାହିଁ।

**ମଇଶ୍ଚର ହେବାକୁ ଦିଅନ୍ତୁ ନାହିଁ:** ଏଭଳି ଅଳଙ୍କାରକୁ ଆର୍ଦ୍ର ଜଳବାୟୁଠାରୁ ଦୂରେଇ ରଖନ୍ତୁ। ଜିପ୍ ଲକ୍ ପ୍ଲାଷ୍ଟିକ୍ ପାଉଚ୍‌ରେ ଏହାକୁ ରଖନ୍ତୁ। ଧ୍ୟାନ ରଖନ୍ତୁ ପାଉଚ୍‌ରେ କୌଣସି ଜାଗା ଯେମିତି ଖୋଲା ନ ରହେ। ଏହି ଜଳବାୟୁରେ ମେଟାଲର ରଙ୍ଗ ଉଡ଼ିଯାଇଥାଏ। ଯଦି ପିନ୍ଧିବା ବେଳେ ଓଦା ହୋଇଯାଏ ତେବେ ତୁରନ୍ତ ଏହାକୁ ଶୁଖିଲା ସୂତା କପଡ଼ାରେ ପୋଛି ଦିଅନ୍ତୁ।

**ପରଫ୍ୟୁମଠୁ ଦୂରେଇ ରଖନ୍ତୁ:** ଆପଣ ଯେତେବେଳେ ମେଟାଲିକ୍ ଅର୍ନାମେଣ୍ଟ ପିନ୍ଧୁଛନ୍ତି ଧ୍ୟାନରଖନ୍ତୁ ସେଥିରେ ଯେମିତି ପରଫ୍ୟୁମ ବିଲ୍‌କୁଲ ବି ନ ଲାଗେ। ଏହା ପରଫ୍ୟୁମ ସଂସ୍ପର୍ଶରେ ଆସି ଖରାପ ହୋଇଯାଏ।

**ନରମ କପଡ଼ାରେ ପୋଛନ୍ତୁ :** ଅଳଙ୍କାରରେ କିଛି ଦାଗ ଲାଗିଗଲେ ଆପଣ ଟୁଥ୍‌ପେଷ୍ଟ ପାଉଡର ବ୍ୟବହାରକରି ବ୍ରଶ୍ ସାହାଯ୍ୟରେ ଧୀରେ ଧୀରେ ଘଷନ୍ତୁ। ପରେ ସଫା ନରମ କପଡ଼ାରେ ପୋଛି ଦିଅନ୍ତୁ।

**ଅଲଗା କରି ରଖନ୍ତୁ:** ଅଧିକ ମେଟାଲିକ୍ ଜୁଏଲେରିକୁ ଏକାଠି ରଖିବା ଦ୍ୱାରା ତାହା ପରସ୍ପର ସହ ଘଷିହୋଇ ରଙ୍ଗ ଛାଡ଼ିଯାଏ। ତେଣୁ ଏହାକୁ ଅଲଗା ଅଲଗା କରି ରଖନ୍ତୁ।

# ରେଟିଂ ଦେଖି ଜିନିଷ କିଣୁଥିଲେ




- କୌଣସି ପ୍ରଡକ୍ଟର ରେଟିଂ ୫ ଷ୍ଟାର୍ ଦେଖିବା ମାତ୍ରେ ଏହାହିଁ ସବୁଠୁ ଭଲ ହୋଇଥିବା ଭାବି କିଣି ନିଅନ୍ତୁ ନାହିଁ। କାରଣ ଅନେକ କମ୍ପାନୀ ବିଭିନ୍ନ ୱେବ୍‌ସାଇଟ୍‌ରେ ନିଜ ପ୍ରଡକ୍ଟଗୁଡ଼ିକର ପ୍ରମୋଶନ ସହ ଗ୍ରାହକଙ୍କୁ ଭ୍ରମରେ ପକାଇବା ପାଇଁ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ ଦେବା ସହ ୫ ଷ୍ଟାର ରେଟିଂ ଦେବାକୁ ରାଇଟରମାନଙ୍କୁ ଟଙ୍କା ଦେଇଥା'ନ୍ତି। କେବଳ ଏତିକି ନୁହେଁ, ଅନେକ କମ୍ପାନୀ ନିଜ ପ୍ରଡକ୍ଟ ବିଷୟରେ ଭଲ କମେଣ୍ଟ ଦେବା ବଦଳରେ ଗିଫ୍ଟ, ରିୱାର୍ଡ, ଫ୍ରି ପ୍ରଡକ୍ଟ ଆଦି ଅଫର ମଧ୍ୟ କରିଥା'ନ୍ତି। ତେଣୁ ରେଟିଂ ସହିତ କମେଣ୍ଟ ଦେଖନ୍ତୁ, ଯଦି କିଛି ନେଗେଟିଭ୍ କମେଣ୍ଟ ଅଛି, ତେବେ ପ୍ରଡକ୍ଟ ବିଷୟରେ ଗ୍ରାହକଙ୍କ ମତାମତ କ'ଣ ଭଲ ଭାବେ ପଢ଼ିବା ପରେ କିଣନ୍ତୁ। ତେଣୁ ଅନ୍‌ଲାଇନ ରିଭ୍ୟୁ ଚେକ୍ କରିବାର ବେଷ୍ଟ ଉପାୟ ହେଉଛି ସର୍ବଦା ଅତି କମ୍‌ରେ ୩୦ ୟୁଜର ରିଭ୍ୟୁ ଥିଲେ ହିଁ ଏହା ବିଶ୍ୱାସଯୋଗ୍ୟ।
- ବେଳେବେଳେ ବିରୋଧୀ କମ୍ପାନୀଗୁଡ଼ିକ ନିଜ ପ୍ରଡକ୍ଟ ବିକ୍ରି ପାଇଁ ଅନ୍ୟ ପ୍ରଡକ୍ଟ ଉପରେ ଖରାପ କମେଣ୍ଟ ଓ ରେଟିଂ ଦେବାକୁ ଲୋକଙ୍କୁ ଟଙ୍କା ଦେଇଥା'ନ୍ତି। ତା'ଛଡ଼ା ଅନେକ କଷ୍ଟମର ଏମିତି ବି ଅଛନ୍ତି, ଯେଉଁମାନେ ପ୍ରଡକ୍ଟ ଭଲ ହୋଇଥିଲେ ସୁଦ୍ଧା ନିଜକୁ ପସନ୍ଦ ନ ଆସିଲେ ଅଯଥାରେ ନେଗେଟିଭ୍ କମେଣ୍ଟ ମଧ୍ୟ ଦେଇଥା'ନ୍ତି। ଏମିତିକି ଲୋ କିମ୍ବା ରେଟିଂ ଆଦୌ ଦେଇ ବି ନ ଥା'ନ୍ତି। ତେଣୁ କୌଣସି ଜଣଙ୍କ କମେଣ୍ଟ ପଢ଼ି ଏହା ଖରାପ ହୋଇଥିବ ନ ଭାବି ଅନ୍ୟ କମେଣ୍ଟ ପଢ଼ନ୍ତୁ ଏବଂ ନିଷ୍ପତ୍ତି ନିଅନ୍ତୁ।
- ଯଦି ରିଭ୍ୟୁ, ରେଟିଂ ଦେଖି ଅନ୍‌ଲାଇନ ଶପିଂ କରୁଛନ୍ତି ତେବେ ବିଶ୍ୱସ୍ତ ଶପିଂ ସାଇଟ୍ ହିଁ ବ୍ୟବହାର କରନ୍ତୁ।

# ହ୍ୟାଣ୍ଡଲୁମ୍ ଫ୍ୟାଶନ

ଗୋଟେ ପଟେ ଅସହ୍ୟ ଗରମ ତ ଆଉ ଗୋଟେ ପଟେ ଫ୍ୟାଶନ । କେଉଁଭଳି ଆଉଟ୍‌ଫିଟ୍ ବାଛିଲେ କମ୍ଫର୍ଟେବଲ୍ ଲାଗିବା ସହ ଷ୍ଟାଇଲିଶ୍ ଲୁକ୍ ବି ମିଳିବ ତାକୁ ନେଇ ଚିନ୍ତାରେ ଅନେକେ। ଆଉ ଏମିତିରେ ହ୍ୟାଣ୍ଡଲୁମ୍‌ର ଭଳିକି ଭଳି ୱେଷ୍ଟର୍ନ ଫ୍ୟୁଜନ୍ ପାଲଟିଛି ସେମାନଙ୍କ ପାଇଁ ଲାଟେଷ୍ଟ ଫ୍ୟାଶନ ଟ୍ରେଣ୍ଡ...





ମହିଳାମାନେ ସାଧାରଣତଃ ଫ୍ୟାଶନ ପ୍ରିୟ। କେଉଁ ସମୟରେ ଏବଂ କେଉଁ ସ୍ଥାନକୁ କିଭଳି ପୋଷାକ ପିନ୍ଧିଲେ ଟ୍ରେଣ୍ଡି ଲାଗିବେ ସେଥିପାଇଁ ସେମାନେ ବେଶ୍ ସଜାଗ। ଆଉ ଏମିତିରେ କମ୍ଫର୍ଟ ସହ ଷ୍ଟାଇଲ୍ ପାଇଁ ସେମାନଙ୍କ ମଧ୍ୟରେ ଦେଖିବାକୁ ମିଳୁଛି ହ୍ୟାଣ୍ଡଲୁମ୍‌ର ୱେଷ୍ଟର୍ନ ଫ୍ୟୁଜନ୍ କ୍ରେଜ୍। ବର୍ତ୍ତମାନ ଅନେକ ବଡ଼ ବଡ଼ ଫ୍ୟାଶନ ଡିଜାଇନର ଏବଂ ଫ୍ୟାଶନ ବ୍ରାଣ୍ଡ ଇଣ୍ଡିଆନ୍ ଟ୍ରାଡିଶନାଲ୍ ଓ ୱେଷ୍ଟର୍ନ ପୋଷାକକୁ ନେଇ ପ୍ରସ୍ତୁତ କରୁଛନ୍ତି ଫ୍ୟୁଜନ୍। କେବଳ ଆମ ଦେଶରେ ନୁହେଁ, ବର୍ତ୍ତମାନ ବାହାର ଦେଶଗୁଡ଼ିକରେ ମଧ୍ୟ ଚିକେନ୍‌କରି, ଇକତ୍, ବ୍ଲକ୍ ପ୍ରିଣ୍ଟ, ଖଦି ଭଳି ଅନ୍ୟାନ୍ୟ ଇଣ୍ଡିଆନ୍ ଟେକ୍ସଟାଇଲ୍‌ର ଡିମାଣ୍ଡ ବେଶ୍ ବଢ଼ିବାରେ ଲାଗିଛି। ଏଥିରେ ପ୍ରସ୍ତୁତ ୱେଷ୍ଟର୍ନ ଡ୍ରେସ୍ ଅନେକଙ୍କୁ ବେଶି ଆକୃଷ୍ଟ କରୁଛି।

**ସ୍କିନ୍ ଫ୍ରେଣ୍ଡଲି ଏବଂ କମ୍ଫର୍ଟେବଲ୍:** ହ୍ୟାଣ୍ଡଲୁମ୍ ପୋଷାକ ପ୍ରାକୃତିକ ସାମଗ୍ରୀରୁ ପ୍ରସ୍ତୁତ ହୋଇଥିବାରୁ ଏହା ସମ୍ପୂର୍ଣ୍ଣ ସ୍କିନ୍ ଫ୍ରେଣ୍ଡଲି। ତା'ଛଡ଼ା ଏହାକୁ ପିନ୍ଧିବା ବେଶ୍ ଆରାମଦାୟକ ମଧ୍ୟ। ସେଥିପାଇଁ ଅନେକେ ଏହାକୁ ପସନ୍ଦ କରିଥାନ୍ତି।



**ବଢ଼ୁଛି ଡିମାଣ୍ଡ:** ବର୍ତ୍ତମାନ ଏହି ଫ୍ୟାଶନ ଫ୍ୟୁଜନ୍‌ର ଡିମାଣ୍ଡ ଏତେ ମାତ୍ରାରେ ବଢ଼ୁଛି ଯେ, ଦେଶର ପ୍ରତିଟି ବଡ଼ ବଡ଼ ସହରରେ ହ୍ୟାଣ୍ଡଲୁମ୍ ଏକ୍‌ଜିବିଶନ୍ ବା ହସ୍ତତନ୍ତ ପ୍ରଦର୍ଶନୀମାନ ଆୟୋଜନ କରାଯାଉଛି। ଏଥିରେ ପ୍ରତ୍ୟେକ ରାଜ୍ୟର ପାରମ୍ପରିକ ପୋଷାକ ଉପଲବ୍ଧ ହେଉଛି। ତା' ସହ ଏହାକୁ ବ୍ୟବହାରକରି ଫ୍ୟାଶନ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ୱେଷ୍ଟର୍ନ ଫ୍ୟୁଜନ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଏହାବ୍ୟତୀତ ବର୍ତ୍ତମାନ ଅଧିକାଂଶ ଶପିଂମଲ୍, ଗାମେଣ୍ଟ ଶୋ' ରୁମ୍, ଫ୍ୟାଶନ ହାଉସ୍, ବୁଟିକ୍ ଆଦିରେ ମଧ୍ୟ ଏଭଳି ପୋଷାକ ସହଜରେ ମିଳିପାରୁଛି।

**ବଦଳୁଛି ମାଇଣ୍ଡସେଟ୍:** ଦିନ ଥିଲା କଟନ୍ ଓ ଖଦିରେ କେବଳ କୁର୍ତ୍ତି, ପାଇଜାମା, ଶାଢ଼ି ଆଦି ପ୍ରସ୍ତୁତ ହେଉଥିଲା। ଏହାକୁ ଲୋକେ ଘରେ ପିନ୍ଧୁଥିବା ବେଳେ ବାହାରକୁ କୌଣସି ପାର୍ଟି, ଫଙ୍କ୍‌ସନ୍ ଯିବା ବେଳେ ସିନ୍ଥେଟିକ୍‌ର ଭଳିକି ଭଳି ଡ୍ରେସ୍ କଲେକ୍ସନ ବ୍ୟବହାର କରୁଥିଲେ। ହେଲେ ବର୍ତ୍ତମାନ ଏଭଳି ହ୍ୟାଣ୍ଡଲୁମ୍‌ରେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍, ୱେଷ୍ଟ କୋଟ୍, ଡିଜାଇନର ଟପ୍ସ, ସ୍କର୍ଟ, ପ୍ଲାଜୋ, ସେପାରେଟର୍ସ ପ୍ରସ୍ତୁତ କରାଯାଉଛି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁନାହିଁ, ପିନ୍ଧିବାକୁ ମଧ୍ୟ ବେଶ୍ ଆରାମଦାୟକ ଲାଗୁଛି। ଆମ ଦେଶ ବ୍ୟତୀତ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ବଡ଼ବଡ଼ ଫ୍ୟାଶନ ଡିଜାଇନରମାନେ ମଧ୍ୟ ବର୍ତ୍ତମାନ ଏହାକୁ ବିଭିନ୍ନ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଫ୍ୟୁଜନ୍ କରି ନୂଆ ନୂଆ ଡିଜାଇନ ପ୍ରସ୍ତୁତ କରୁଛନ୍ତି।



**ଟ୍ରେଣ୍ଡି ଲୁକ୍ ଦେଉଛି ସମ୍ବଲପୁରୀ ଶାଢ଼ି ଓ ପୋଷାକ:** କେବଳ ପର୍ବପର୍ବାଣି, ବିବାହ କିମ୍ବା କୌଣସି ଉତ୍ସବରେ ନୁହେଁ, ଏବେ ବଡ଼ ବଡ଼ ଫ୍ୟାଶନ ଶୋ'ରେ ବି ମଡେଲମାନେ ସମ୍ବଲପୁରୀ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି। ସମ୍ବଲପୁରୀ କଟନ ହେଉ ବା ପାଟ ଆଉ ଏବେ କେବଳ ଶାଢ଼ିରେ ସୀମିତ ନାହିଁ ଏହାକୁ ପାଇଜାମା, କୁର୍ତ୍ତି ଏବଂ ଡିଜାଇନର କୋଟ୍ ଆଦିରେ ଅଧିକ ବ୍ୟବହାର କରାଯାଉଛି ; ଯାହାକି ଅପେକ୍ଷାକୃତ ଟ୍ରେଣ୍ଡି ଲୁକ୍ ଦେଉଥିବାରୁ ସମସ୍ତେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଅନେକ ନାମୀ ଫ୍ୟାଶନ ଡିଜାଇନରମାନେ ଏଭଳି ଫ୍ୟାବ୍ରିକ୍‌କୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି।



**ମିକ୍ସ ମ୍ୟାଚ୍ ସାଜୁଛି ଲାଟେଷ୍ଟ ଟ୍ରେଣ୍ଡ:** ବର୍ତ୍ତମାନ ୱେଷ୍ଟର୍ନ ଆଉଟ୍‌ଫିଟ୍‌କୁ ଭାରତୀୟ ଝଲକ ଦେବା ଲାଗି କେହି କେହି ଶାଢ଼ି ସାଙ୍ଗକୁ ଲଙ୍ଗ୍ କୋଟ୍ କିମ୍ବା ଧୋତିପ୍ୟାଣ୍ଟ, ଚୁଡିଦାର କୁର୍ତ୍ତା ସାଙ୍ଗକୁ ଡିଜାଇନର ଜ୍ୟାକେଟ୍, ଷ୍ଟାଇଲିଶ୍ ଫୁଟ୍‌ୱେର ଆଦି ମିକ୍ସ ମ୍ୟାଚ୍ କରି ପିନ୍ଧିବା ବି ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି।



## ହ୍ୟାଣ୍ଡଲୁମ୍ ମୋର ଫେଭରେଟ୍

**ସୂର୍ଯ୍ୟମୟୀ**(ଅଭିନେତ୍ରୀ)– ହ୍ୟାଣ୍ଡଲୁମ୍ ବିଶେଷକରି ଆମ ଓଡ଼ିଶାର ଟ୍ରାଡିଶନାଲ୍ ପୋଷାକ ମୋର ଅଲ୍ ଟାଇମ୍ ଫେଭରେଟ୍। କାରଣ ଏହା ନା କେବଳ ପିନ୍ଧିବାକୁ କମ୍ଫର୍ଟେବଲ୍ ବରଂ ଏହାର ଲୁକ୍ ବି ରିଚ୍। ଏହା ଏକ ସଷ୍ଟେନେବଲ୍ ଫ୍ୟାଶନ ମଧ୍ୟ। କଟନ ହେଉ ବା ପାଟର ଏବେ ପିନ୍ଧିଥିବା ପ୍ରତ୍ୟେକ କଲେକ୍ସନକୁ ୧୦ବର୍ଷ ପରେ ପିନ୍ଧିଲେ ବି ଆଉଟ୍ ଡେଟେଡ୍ କେବେ ଲାଗେନି। ଏହାକୁ ନେଇ ବିଭିନ୍ନ ପ୍ରକାର ଆଇକ୍ୟାଚି ଫ୍ୟୁଜନ୍ ପ୍ରସ୍ତୁତ କରାଯାଉଛି, ଯାହାକୁ ପିନ୍ଧିବାର ଚାର୍ମ ଅଲଗା। ଶପିଂ ମଲ୍‌ଗୁଡ଼ିକରେ ମିଳୁଥିବା ଏକା ପ୍ରକାର କଲେକ୍ସନଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ବର୍ତ୍ତମାନ ଅନେକ ବଡ଼ ବଡ଼ ଫ୍ୟାଶନ ଡିଜାଇନର ଦେଶ ବିଦେଶରେ ଫ୍ୟାଶନ ଶୋ' ଆୟୋଜନକରି ଏହାକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ପ୍ରୟାସ କରୁଛନ୍ତି, ଯାହାକି ସ୍ୱାଗତଯୋଗ୍ୟ। ଏଥିପାଇଁ ବୁଣାକାରମାନଙ୍କୁ ମଧ୍ୟ ଭଲ ରୋଜଗାର ମିଳିପାରୁଛି।



ମୋ ମତରେ ଏହି ପୋଷାକକୁ କେବଳ ପିନ୍ଧିବାର ଖୁସି ନେବା ବଦଳରେ ଅଧିକରୁ ଅଧିକ ପ୍ରମୋଟ କରିବା ଦରକାର।

## ସୌନ୍ଦର୍ଯ୍ୟ



ବର୍ତ୍ତମାନ ସୂର୍ଯ୍ୟକିରଣ ପ୍ରଭାବରେ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଦେଖାଦେଉଛି। ଏହା ଦୂରକରିବାକୁ ଅନେକେ ବ୍ୟୁଟି ପାର୍ଲର ଯିବାଠୁ ଆରମ୍ଭକରି ଦାମୀ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର କରିବାକୁ ବି ପଛାଉନାହାନ୍ତି। ହେଲେ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ଦ୍ୱାରା ଆକର୍ଷଣୀୟ ତ୍ୱଚା ପାଇପାରିବେ...



# ହୋମ୍‌ମେଡ୍ ଫେସ୍‌ପ୍ୟାକ୍

**କଦଳୀ ଓ ଅମୃତଭଣ୍ଡା ପ୍ୟାକ୍:** ଏକ ୨ ବଡ଼ ଚାମଚ ପାଚିଲା ଅମୃତଭଣ୍ଡା ପେଷ୍ଟ, ୧ ଚାମଚ ପାଚିଲା କଦଳୀ ପେଷ୍ଟ, ୫–୭ଟି ବାଦାମର ପେଷ୍ଟ, ଅଧା ଚାମଚ ଆଲୋଭେରା ଜେଲ୍, ଅଳ୍ପ ମହୁକୁ ଭଲଭାବେ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୨୦–୨୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହି ପ୍ୟାକ୍‌କୁ ସପ୍ତାହରେ ଥରେ କିମ୍ବା ୨ଥର ଲଗାନ୍ତୁ, ଦେଖିବେ ଖରାରେ ସିଝିବା ଭଳି ଦେଖାଯାଉଥିବା ସ୍କିନ୍ ପୁଣି ଗ୍ଲୋ କରିବ। ତା'ଛଡ଼ା ଏହି ପ୍ୟାକ୍ ଲଗାଇଲେ ରିଙ୍କିଲ୍ ମାର୍କ, କଳାଦାଗ, ଛାଇ ପଡ଼ିବା ଭଳି ଦାଗ ଆଦି ଦୂରହୋଇଯିବ।

**କମଳା ଚୋପା ଓ ଆଲୋଭେରା ଜେଲ୍ ପ୍ୟାକ୍:** ଏକ ପାତ୍ରରେ ୧ ଚାମଚ କମଳା ଚୋପା ପାଉଡର, ଅଧା ଚାମଚ ଆଲୋଭେରା ଜେଲ୍ ଏବଂ ଅଳ୍ପ ମୁଲତାନୀ ମାଟି ନେଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୦–୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ସନ୍ ଟ୍ୟାନ୍ ଦୂରକରିବା ସହ ସ୍କିନ୍ ଟୋନ୍ ବଢ଼ାଇବାରେ ସାହାଯ୍ୟ କରିବ।

**ରୋଜ୍ ପ୍ୟାକ୍:** କିଛି ଗୋଲାପଫୁଲର ପାଖୁଡ଼ାକୁ ପେଷ୍ଟ କରିଦିଅନ୍ତୁ। ୧ ଚାମଚ ଏହି ପେଷ୍ଟ ସହ ୨–୩ ଚାମଚ କଞ୍ଚାକ୍ଷୀର, ୪–୫ ବୁନ୍ଦା ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫–୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବା ସହ ବ୍ରଣ ଦାଗ ଆଦି ସମସ୍ୟା ଦୂରକରିବ।

## ଖାଦ୍ୟରୁଚି

# ଚକ୍‌ଲେଟ୍ କପ୍‌କେକ୍

**ଆବଶ୍ୟକ ସାମଗ୍ରୀ:** ୧ କପ୍ ମଇଦା, ୩ ଚାମଚ କୋକୋ ପାଉଡର, ୧ ଛୋଟ ଚାମଚ ବେକିଂ ପାଉଡର, ୧/୩ କପ୍ ବଟର, ୧/୨ କପ୍ କଣ୍ଡେନ୍ସଡ ମିଲ୍କ, ୧ ବଡ଼ ଚାମଚ ଚିନି, ୧/୨ ଛୋଟ ଚାମଚ ଭାନିଲା ଏସେନ୍ସ, ଚିମୁଟାଏ ଲୁଣ, ୨ ବଡ଼ ଚାମଚ ଚକୋ ଚିପ୍ସ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ବଟର ନେଇ ସେଥିରେ ଚିନି ଏବଂ କଣ୍ଡେନ୍ସଡ ମିଲ୍କ ନେଇ ଭଲ ଭାବେ ଫେଣ୍ଟନ୍ତୁ। ଚିନି ସମ୍ପୂର୍ଣ୍ଣ ମିଶିଯିବା ପରେ ସେଥିରେ ଭାନିଲା ଏସେନ୍ସ ପକାଇ ପୁଣି ଫେଣ୍ଟନ୍ତୁ। ବର୍ତ୍ତମାନ ଅନ୍ୟ ଏକ ପାତ୍ରରେ ମଇଦା, କୋକୋ ପାଉଡର, ବେକିଂ ପାଉଡର ନେଇ ଛଣା ସାହାଯ୍ୟରେ ଚଲାଇ ଦିଅନ୍ତୁ। ଏହି ମିଶ୍ରଣକୁ ପୂର୍ବ ପ୍ରସ୍ତୁତ ମିଶ୍ରଣରେ ଧୀରେ ଧୀରେ ପକାଇ ଭଲ ଭାବେ ଗୋଳନ୍ତୁ। କପ୍ ଆକାରର କେକ୍ ପ୍ୟାନ୍ ନେଇ ତା' ଭିତରେ ଭଲ ଭାବେ ବଟର ଲଗାଇ ଦିଅନ୍ତୁ। ସେଥିରେ କେକ୍ ମିଶ୍ରଣକୁ ଢାଳନ୍ତୁ। ଏହାକୁ ମାଇକ୍ରୋ ଓଭେନ୍‌ରେ ରଖନ୍ତୁ। ପ୍ରସ୍ତୁତ ହୋଇଗଲା ଚକ୍‌ଲେଟ୍ କପ୍ କେକ୍। ଏହାକୁ ଖାଇବାର ମଜା ନିଅନ୍ତୁ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ